# ଧରିତ୍ରୀ
DHARITRI

ସୋମବାର, ଜୁନ୍ ୮/୨୦୨୦ (୨୦ ପୃଷ୍ଠା) | Monday, June 8/2020

୪୭ଶ ଭାଗ ୧୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ନନ୍ସଙ୍କୁ ୟୁଏଫସି ୨୫୦ ଫିଦରୱେଟ ଟାଇଟଲ

କାନାଡ଼ାର ଫେଲିସିଆ ସ୍ପେନ୍ସରଙ୍କୁ ହରାଇ ବ୍ରାଜିଲର ଆମଣ୍ଡା ନନ୍ସ ୟୁଏଫସି ୨୫୦ ଫିଦରୱେଟ ଟାଇଟଲ ହାସଲ କରିଛନ୍ତି।

୨୦ ୧୦

## ନିର୍ଦ୍ଦେଶନା ଦେବେ କଙ୍ଗନା

ମଣିକର୍ଣ୍ଣିକା ଫିଲ୍ମସ ପ୍ରାଇଭେଟ ଲିମିଟେଡ୍‌ର ବ୍ୟାନରରେ କଙ୍ଗନା ରାଣାୱତ୍‌ଙ୍କ ନିର୍ଦ୍ଦେଶନାରେ ରାମମନ୍ଦିର ପ୍ରସଙ୍ଗ ଉପରେ ଫିଲ୍ମ 'ଅପରାଜିତା ଅଯୋଧ୍ୟା' ନିର୍ମାଣ ହେବାକୁ ଯାଉଛି।



# 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ

### ରାଜ୍ୟ କ୍ୟାବିନେଟ ବୈଠକରେ ପ୍ରସ୍ତାବକୁ ମିଳିଲା ଅନୁମୋଦନ

- ସ୍ୱତନ୍ତ୍ର ପ୍ରଦେଶ ଗଠନର ୮୪ ବର୍ଷ ପରେ ସ୍ୱୀକୃତି
- ସ୍କୁଲ, କଲେଜ ପାଠ୍ୟକ୍ରମରେ ସାମିଲ କରିବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ
- ସଙ୍ଗୀତର ସ୍ୱର, ଶୈଳୀ ତଥା ରେକର୍ଡିଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସ୍ଥିର କରିବ
- ଗାନ ଅବଧି ସ୍ୱର ତଥା ଶୈଳୀ ରେକର୍ଡିଂ ଆଧାରରେ ନିର୍ଦ୍ଧାରିତ ହେବ
- ସରକାରୀ କାର୍ଯ୍ୟକ୍ରମ, ବିଧାନସଭା ଅଧିବେଶନରେ ବିନା ବାଦ୍ୟରେ ଗାନ କରାଯିବ
- ସ୍କୁଲ, କଲେଜ, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ବୋଲା ଯିବ
- ଉଦ୍‌ଘାଟନୀ, ଉଦ୍‌ଯାପନୀ, ଉଦ୍‌ବୋଧନୀ ସଙ୍ଗୀତ ଭାବେ ପରିବେଷଣ ହେବ
- ସମସ୍ତେ ସଙ୍ଗୀତ ଆରମ୍ଭରୁ ଶେଷ ଯାଏ ଦଣ୍ଡାୟମାନ ରହିବେ




**ଭୁବନେଶ୍ୱର,୭।୬(ବ୍ୟୁରୋ)**

ଦୀର୍ଘ ବର୍ଷ ପରେ ରାଜ୍ୟ ସରକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ସମ୍ପୂର୍ଣ୍ଣ ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେଇଛନ୍ତି। ରବିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ବୈଠକରେ କେବଳ ଗୋଟିଏ ପ୍ରସଙ୍ଗ ଭାବେ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାକୁ ସଂସ୍କୃତି, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯିବା ପରେ ଏହାର ଗାନକୁ ନେଇ କ୍ୟାବିନେଟ ବୈଠକରେ କେତେକ ନିଷ୍ପତ୍ତି ନିଆଯାଇଛି। ଏହି ସଙ୍ଗୀତ ଗାନର ଅନୁମୋଦିତ ସ୍ୱର, ଶୈଳୀ ତଥା ରେକର୍ଡିଂ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯିବ। ଏହାର ଗାନ ଅବଧି ସ୍ୱର ତଥା ଶୈଳୀ ଉକ୍ତ ରେକର୍ଡିଂ ଆଧାରରେ ନିର୍ଦ୍ଧାରିତ କରାଯିବ। ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ବିଧାନସଭା ଅଧିବେଶନ, ସ୍ୱତନ୍ତ୍ର ସରକାରୀ କାର୍ଯ୍ୟକ୍ରମରେ ଏହି ସଙ୍ଗୀତର ବିନା ବାଦ୍ୟରେ ପ୍ରସ୍ତୁତ ଅନୁମୋଦିତ ସଂସ୍କରଣକୁ ପରିବେଷଣ କରାଯିବ। ସ୍କୁଲ, କଲେଜ, ଅନ୍ୟାନ୍ୟ ସଭାସମିତି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୃଷ୍ଠସଙ୍ଗୀତ କିମ୍ବା ବାଦ୍ୟ ଯନ୍ତ୍ର ସହିତ ଏହାକୁ ଗାନ କରାଯିବ।

ଉଦ୍‌ଘାଟନୀ, ଉଦ୍‌ଯାପନୀ ଓ ଉଦ୍‌ବୋଧନୀ ସଙ୍ଗୀତ ଭାବେ ଏହା ଗାନ କରାଯିବା ସମୟରେ ଏଥିପ୍ରତି ସମ୍ମାନ ଜଣାଇ ଉପସ୍ଥିତ ସମସ୍ତେ ଆରମ୍ଭରୁ ଶେଷ ଯାଏ ଦଣ୍ଡାୟମାନ ହୋଇ ରହିବେ। ମାତ୍ର ଠିଆ ହେବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବୟସ୍କ, ଅସୁସ୍ଥ, ଭିନ୍ନକ୍ଷମ, ଗର୍ଭବତୀମାନେ ସଙ୍ଗୀତ ଗାନ ସମୟରେ ନିଜ ସ୍ଥାନରେ ବିନମ୍ର ଭାବେ ବସି ରହି ଏଥିପ୍ରତି ସମ୍ମାନ ପ୍ରଦର୍ଶନ କରିବେ। ଶିଶୁମାନଙ୍କୁ ସଙ୍ଗୀତ ପରିବେଷଣ ସମୟରେ ଦଣ୍ଡାୟମାନ ରହିବାରୁ ଅବ୍ୟାହତି ଦିଆଯାଇଛି। ଏହି ସଙ୍ଗୀତ ପୋଲିସ ବ୍ୟାଣ୍ଡ, ବଂଶୀ, ସୀତାର ଭଳି ବିଭିନ୍ନ ବାଦ୍ୟ ଯନ୍ତ୍ର ମାଧ୍ୟମରେ ମଧ୍ୟ ପରିବେଷଣ କରାଯିବ। ସଙ୍ଗୀତର ପ୍ରଚାର, ପ୍ରସାର ତଥା ଅଭିବୃଦ୍ଧି ନିମନ୍ତେ ☞ପୃଷ୍ଠା-୪

## ଅଗଷ୍ଟ ୧୫ ପରେ ଖୋଲିପାରେ ସ୍କୁଲ

**ନୂଆଦିଲ୍ଲୀ,୭।୬**

କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ମାର୍ଚ୍ଚ ମଧ୍ୟଭାଗରୁ ବନ୍ଦ ରହିଛି। ଫଳରେ ସାରାଦେଶର ପିଲା ଶିକ୍ଷାଗ୍ରହଣରୁ ବଞ୍ଚିତ ହୋଇଛନ୍ତି। ଏହା କେବେ ଖୋଲିବ ଜାଣିବା ପାଇଁ ପାଖାପାଖି ୩୩ କୋଟି ପିଲା ଅପେକ୍ଷା କରି ରହିଛନ୍ତି। ଅଗଷ୍ଟ ପରେ ସ୍କୁଲ, କଲେଜ ଖୋଲିବ ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି। ଜୁଲାଇରେ ଗ୍ରୀନ୍ ଓ ଅରେଞ୍ଜ୍ ଜୋନ୍‌ର ୩୦ ପ୍ରତିଶତ ପିଲାଙ୍କୁ ନେଇ ସ୍କୁଲ କଲେଜ ଖୋଲିବ ☞ପୃଷ୍ଠା-୪






## ପେଟ୍ରୋଲ, ଡିଜେଲ ଲିଟର ପିଛା ୬୦ ପଇସା ବଢ଼ିଲା

**ନୂଆଦିଲ୍ଲୀ,୭।୬**

କୋଭିଡ୍-୧୯ ଯୋଗୁ ଘୋଷଣା ହୋଇଥିବା ଲକ୍‌ଡାଉନ ଧୀରେ ଧୀରେ କୋହଳ ହେଉଥିବାରୁ ପେଟ୍ରୋଲ ଡିଜେଲ ଚାହିଦାରେ ପରିବର୍ତ୍ତନ ଦେଖାଯାଇଛି। ଅନ୍ତର୍ଜାତୀୟ ବଜାରରେ ରବିବାର ବ୍ରେଣ୍ଟ ଅଶୋଧିତ ତୈଳ ୪୦% ଡଲାରରୁ ଊର୍ଦ୍ଧ୍ୱକୁ ଟପିବାରୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟିଛି। ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୬୦ ପଇସା ଲେଖାଏ ବଢ଼ିଥିବା ଜଣାପଡ଼ିଛି। ପ୍ରାୟ ୮୦ ଦିନ ପରେ ତୈଳ ବିପଣନ କମ୍ପାନୀଗୁଡ଼ିକ ଇନ୍ଧନର ମୂଳ ମୂଲ୍ୟରେ ପରିବର୍ତ୍ତନ କରିଛନ୍ତି। ଶେଷ ଥର ଲାଗି ମାର୍ଚ୍ଚ ୧୬ରେ ପେଟ୍ରୋଲ ଓ ଡିଜେଲ ଦରରେ ପରିବର୍ତ୍ତନ ହୋଇଥିବା ଦେଖାଯାଇଥିଲା। ରାଜ୍ୟ ସରକାରଗୁଡ଼ିକ ଭାଟ୍ ଏବଂ ସେସ୍ ବଢାଇବା ଫଳରେ କିଛି ରାଜ୍ୟରେ ଇନ୍ଧନ ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ହୋଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବର୍ଜନ ଗର୍ଜନ

## ଖୋଲିବନି କି ଜଗନ୍ନାଥ ମନ୍ଦିର

**ନୂଆଦିଲ୍ଲୀ,୭।୬**

- ଆଜିଠୁ ଦେଶରେ ଖୋଲିବ ଧାର୍ମିକ ସ୍ଥଳ
- ୮୨୦ ଏଏସ୍‌ଆଇ ସ୍ମାରକୀ ଖୋଲିବାକୁ ସଂସ୍କୃତି ମନ୍ତ୍ରଣାଳୟର ଅନୁମତି
- ଜୁନ୍ ୩୦ ପୂର୍ବରୁ ଖୋଲିବନି ଓଡ଼ିଶାର ଏଏସ୍‌ଆଇ ସଂରକ୍ଷିତ ମନ୍ଦିର

ପଞ୍ଚମ ପର୍ଯ୍ୟାୟ ଲକ୍‌ଡାଉନରେ ଜୁନ୍ ୮ ଅର୍ଥାତ୍ ସୋମବାରଠାରୁ ଦେଶରେ ବିଭିନ୍ନ ଧାର୍ମିକ ତଥା ଉପାସନା ସ୍ଥଳ ଖୋଲିବାକୁ ଯାଉଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ରକ୍ଷଣାବେକ୍ଷଣରେ ଥିବା ୮୨୦ ସ୍ମାରକୀକୁ ଖୋଲିବା ଲାଗି ରବିବାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅନୁମୋଦନ କରିଛି। ତେବେ ଏଏସ୍‌ଆଇ ସଂରକ୍ଷିତ ଓଡ଼ିଶାର କୌଣସି କୀର୍ତ୍ତିରାଜି କିମ୍ବା ମନ୍ଦିର ସୋମବାର ସର୍ବସାଧାରଣଙ୍କ ପାଇଁ ଖୋଲିବ ନାହିଁ। ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଏବଂ ନିର୍ଦ୍ଦେଶକୁ ଏଏସ୍‌ଆଇ ଅନୁକରଣ କରିବ। ତେଣୁ ଜୁନ୍ ୩୦ ପୂର୍ବରୁ ରାଜ୍ୟରେ ଏଏସ୍‌ଆଇ ସଂରକ୍ଷିତ କୌଣସି ଧର୍ମାନୁଷ୍ଠାନ ଖୋଲିବ ନାହିଁ ବୋଲି କୁହାଯାଇଛି। ସେହି ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ, ରାଜାରାଣୀ, ମୁକ୍ତେଶ୍ୱର ସମେତ ଏଏସ୍‌ଆଇ ସଂରକ୍ଷିତ ରାଜ୍ୟର କୌଣସି ମନ୍ଦିର ଖୋଲିବ ନାହିଁ। ସେହିପରି ରାଜ୍ୟ ସରକାରଙ୍କ ସଂରକ୍ଷଣରେ ଥିବା କୌଣସି ଧର୍ମାନୁଷ୍ଠାନ କିମ୍ବା କୀର୍ତ୍ତିରାଜି ନ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି।

ଦେଶର ଯେଉଁସବୁ ସ୍ଥାନରେ ଧାର୍ମିକ ସ୍ଥଳ ଖୋଲିବ ସେଠାରେ ସାମାଜିକ ଦୂରତ୍ୱ ଯେପରି ବଜାୟ ରହେ ତାହା ଉପରେ ନଜର ରଖିବାକୁ ମନ୍ଦିର ପ୍ରଶାସନଗୁଡ଼ିକୁ କୁହାଯାଇଛି। ସେହି ଅନୁଯାୟୀ ଭକ୍ତମାନେ ମୂର୍ତ୍ତି କିମ୍ବା ପବିତ୍ର ଗ୍ରନ୍ଥ ଆଦିକୁ ଛୁଇଁପାରିବେ ନାହିଁ, ଭୋଗ ଲଗାଇପାରିବେ ନାହିଁ। ଶ୍ରଦ୍ଧାଳୁ ସେମାନଙ୍କ ଜୋତା ଗାଡ଼ିରେ ରଖି ଆସିବାକୁ କୁହାଯାଇଛି। ଏଏସ୍‌ଆଇ ଅଧୀନରେ ୩,୬୯୧ ସ୍ମାରକୀ ରହିଥିବାବେଳେ କେବଳ ଧର୍ମୀୟ ସ୍ମାରକୀକୁ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେଗୁଡ଼ିକ ମାର୍ଚ୍ଚ ୧୭ରୁ ବନ୍ଦ ରହିଥିଲା।






## ଓରେରା ଟ୍ରିବ୍ୟୁନାଲ ଅକାମୀ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ଘର ଓ ଜମି ବିକୁଥିବା ବେଆଇନ ପ୍ରମୋଟର ଏବଂ ରିୟଲ ଇଷ୍ଟେଟଗୁଡ଼ିକ ଉପରେ ଅଙ୍କୁଶ ଲଗାଇବାକୁ ଗଠନ କରାଯାଇଥିବା ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା) ମେରୁଦଣ୍ଡବିହୀନ ହୋଇଯାଇଛି। ନାମକୁ ମାତ୍ର ଗଠନ କରାଯାଇଥିବା ଏହି ସଂସ୍ଥା ଲୋକମାନଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଏକ ପ୍ରକାର ଥଇଥାନ କେନ୍ଦ୍ର ପାଲଟିଛି। ଏଥିରେ ବିଭିନ୍ନ ପଦବୀରେ ନିୟୋଜିତ ଅବସରପ୍ରାପ୍ତ ଅଧିକାରୀଙ୍କୁ ମୋଟା ଅଙ୍କର ଦରମା ଦେଇ ସରକାର ବହୁକୋଟି ଟଙ୍କା ବରବାଦ କରିଚାଲିଛନ୍ତି। ଓରେରା ଗଠନ ହେବାର ୨ବର୍ଷ ପରେ ମଧ୍ୟ ଓଡ଼ିଶା ରିୟଲ ଇଷ୍ଟେଟ୍ ଆପିଲେଟ ଟ୍ରିବ୍ୟୁନାଲ(ଓଆର୍‌ଇଏଟି) ଠିକ୍‌ଭାବେ କାର୍ଯ୍ୟକ୍ଷମ ନ ହେବା ଯୋଗୁ ଘର ଓ ଜମି କିଣୁଥିବା ଗ୍ରାହକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି।

ଘର କିମ୍ବା ଜମି କିଣୁଥିବା ଲୋକମାନେ ଅନେକ ସମୟରେ ଅସାଧୁ ପ୍ରମୋଟର ଓ ରିୟଲ ଇଷ୍ଟେଟ ମାଲିକଙ୍କ ଶୋଷଣର ଶିକାର ହେଉଥିଲେ। ଗ୍ରାହକଙ୍କୁ ସେମାନଙ୍କ ଠାରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ ଡେଭେଲପ୍‌ମେଣ୍ଟ) ଆଇନ-୨୦୧୬ କାର୍ଯ୍ୟକାରୀ କରିଛନ୍ତି। ଏହାର ବର୍ଷକ ପରେ ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ୍ (ରେଗୁଲେଶନ ଆଣ୍ଡ ଡେଭେଲପ୍‌ମେଣ୍ଟ) ରୁଲ୍‌ସ-୨୦୧୭ କାର୍ଯ୍ୟକାରୀ କରିବା ସହିତ ଓରେରା ଗଠନ କରିଥିଲେ। ଏଥିରେ ଅଧ୍ୟକ୍ଷଭାବେ ଅମୀୟ ମହାପାତ୍ରଙ୍କୁ ୨୦୧୭ ଅକ୍ଟୋବର ୭ରେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ସହ ଅନ୍ୟ ୨ସଦସ୍ୟ ନିରଞ୍ଜନ ସାହୁ ଓ ବିକାଶ ମହାପାତ୍ରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ଜମି ଓ ଘର କିଣୁଥିବା ଲୋକଙ୍କୁ ନ୍ୟାୟ ଦେବା ପାଇଁ ଓଆର୍‌ଇଏଟି ଗଠନ କରିବା ବ୍ୟବସ୍ଥା ରହିଛି। ହେଲେ ଏକ ଭିନ୍ନ ଟ୍ରିବ୍ୟୁନାଲ ଗଠନ କରିବା ପରିବର୍ତ୍ତେ ୨୦୧୭ ସେପ୍ଟେମ୍ବର ୧୬ରେ ରାଜ୍ୟ ସରକାର ପୂର୍ବରୁ ଥିବା ସେଲ୍ସଟ୍ୟାକ୍ସ ବା ବିକ୍ରିକର ଟ୍ରିବ୍ୟୁନାଲକୁ ଏହି ରିୟଲ୍ ଇଷ୍ଟେଟ ଆପିଲେଟ ଅଥରିଟିର ଦାୟିତ୍ୱ ଦେଇଥିଲେ। ତେବେ ଉକ୍ତ ଟ୍ରିବ୍ୟୁନାଲ୍‌କୁ ହଠାତ୍ ୨୦୧୯ ଫେବୃୟାରୀ ୨ ତାରିଖରେ ବନ୍ଦ କରି ଦିଆଗଲା। ଏନେଇ ପ୍ରଥମେ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍ ପରେ ରାଜ୍ୟ ସରକାର ଟ୍ରିବ୍ୟୁନାଲ୍ ଗଠନ ☞ପୃଷ୍ଠା-୪

**୫ ଆତଙ୍କବାଦୀ ନିହତ** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ଦକ୍ଷିଣ କଶ୍ମୀରର ରେବାନ ଗ୍ରାମରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ରବିବାର ସକାଳେ ଯବାନମାନେ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲେ। ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବା ପରେ ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା।



କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁ ପ୍ରତିବାଦରେ ସ୍ପେନ୍‌ର ବାର୍ସେଲୋନାରେ ବିକ୍ଷୋଭ।

# ଏଆର୍‌ଆଇଇଏସ୍ ସହ ଇସ୍ରୋର ଏମ୍‌ଓୟୁ

## ମହାକାଶ ସମ୍ପତ୍ତିର ସୁରକ୍ଷାରେ ସହାୟକ ହେବ



ବେଙ୍ଗାଲୁରୁ,୭।୬

ମହାକାଶରେ ବର୍ଜ୍ୟବସ୍ତୁକୁ ନେଇ ଚିନ୍ତା ବଢ଼ୁଥିବାବେଳେ ଆଷ୍ଟ୍ରୋଫିଜିକ୍ସ ଏବଂ ମହାକାଶ ସ୍ଥିତିଗତ ସଚେତନତା କ୍ଷେତ୍ରରେ ସହଯୋଗ ଲାଗି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଆର୍ଯ୍ୟଭଟ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଅବ୍‌ଜରଭେଶନାଲ ସାଇନ୍ସେସ୍ (ଏଆର୍‌ଆଇଇଏସ୍) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ମହାକାଶର ବର୍ଜ୍ୟ ସାମଗ୍ରୀଜନିତ ବିପଦଠାରୁ ଭାରତୀୟ ମହାକାଶ ସମ୍ପତ୍ତିର ସୁରକ୍ଷାରେ ଏହି ଏମ୍‌ଓୟୁ ଉପଯୋଗୀ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଏଆର୍‌ଆଇଇଏସ୍‌ରେ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଏବଂ ବାୟୁମଣ୍ଡଳ ବିଜ୍ଞାନରେ ଦୀର୍ଘବର୍ଷ ଗବେଷଣା କରିଥିବା ବିଶେଷଜ୍ଞମାନେ ରହିଛନ୍ତି। ଘରୋଇ ସଂସ୍ଥାଗୁଡ଼ିକ ବହୁସଂଖ୍ୟାରେ ମହାକାଶ ବିଜ୍ଞାନ କ୍ଷେତ୍ରକୁ ପ୍ରବେଶ କରିବା ଯୋଗୁ ବର୍ଜ୍ୟବସ୍ତୁ ପରିମାଣ ବଢ଼ିଚାଲିଛି। ମହାକାଶକୁ ଅଧିକ ସଂଖ୍ୟାରେ କ୍ଷୁଦ୍ର ସାଟେଲାଇଟ୍‌ର ପ୍ରବେଶ ସହିତ ଅକାମୀ ସାଟେଲାଇଟ ସଂଖ୍ୟା ବଢୁଛି ବୋଲି ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କିରନ କୁମାର କହିଥିଲେ। ଉକ୍ତ ବସ୍ତୁଗୁଡ଼ିକ କୌଣସି ମହାକାଶ ସଂସ୍ଥାର ନିୟନ୍ତ୍ରଣରେ ନ ଥିବାରୁ ଯେକୌଣସି ସମୟରେ ଅନ୍ୟ ସାଟେଲାଇଟ୍‌ର କକ୍ଷପଥ ମଧ୍ୟକୁ ଆସିଯାଇପାରେ। ଏଭଳି ଦୁର୍ଘଟଣାରୁ ବର୍ତ୍ତିବା ଲାଗି ମହାକାଶ ସଂସ୍ଥାଗୁଡ଼ିକୁ ସମ୍ପୃକ୍ତ ସାଟେଲାଇଟର କକ୍ଷପଥ ଏବଂ ଉଚ୍ଚତାରେ ପରିବର୍ତ୍ତନ କରିବାକୁ ପଡ଼ିଥାଏ। ଇସ୍ରୋ ମଧ୍ୟ ମହାକାଶରେ ଘୂରୁଥିବା ବର୍ଜ୍ୟ ସାମଗ୍ରୀରୁ ନିଜ ସାଟେଲାଇଟକୁ ସୁରକ୍ଷିତ ରଖିବା ପାଇଁ ସାର୍ବଜନିନ କ୍ଷେତ୍ରରୁ ତଥ୍ୟ ଉପଯୋଗ କରିଥାଏ। ଇସ୍ରୋ ଏବଂ ଏଆର୍‌ଆଇଇଏସ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିବାରୁ ଏହା ଭବିଷ୍ୟତରେ ମହାକାଶ ବସ୍ତୁଗୁଡ଼ିକୁ ଠାବ କରିବା ପାଇଁ ଅପ୍ଟିକାଲ ଟେଲିସ୍କୋପ୍ ଅବ୍‌ଜରଭେଶନ କେନ୍ଦ୍ର ସ୍ଥାପନ କରିବାରେ ସହାୟକ ହେବ।

# ଦୋଷ ଖସାଇବା ପାଇଁ ଶ୍ୱେତପତ୍ର

**ଚାଇନାର ଚାଲାକି**

- ଡିସେମ୍ବର ୨୭ରେ ଠାବ ହୋଇଥିଲା କରୋନା
- ମଣିଷ ଦେହରୁ ଅନ୍ୟକୁ ସଂକ୍ରମିତ ହେଉଥିବା ଜାନୁୟାରୀ ୧୯ରେ ଜଣାପଡ଼ିଥିଲା





ଜୁ ଲିନ୍

ବେଜିଂ,୭।୬

ଚାଇନାର ଉହାନ ସହରରୁ ସୃଷ୍ଟ କରୋନା ଭୂତାଣୁ ସାରା ବିଶ୍ୱରେ ୪ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇଥିବାବେଳେ ୬୮ ଲକ୍ଷରୁ ଅଧିକ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଚାଇନା ଆରମ୍ଭରୁ ଏହି ଭୂତାଣୁ ସମ୍ପର୍କରେ ଜାଣିଥିଲେ ହେଁ ଦୀର୍ଘଦିନ ଧରି ତଥ୍ୟ ଗୋପନ ରଖିବାରୁ ସାରା ବିଶ୍ୱର ୨୦୦ରୁ ଅଧିକ ଦେଶକୁ ବ୍ୟାପିବାରେ ସହାୟକ ହେଲା ବୋଲି ଅଭିଯୋଗ ହେଉଛି। ସମାଲୋଚନାରୁ ବର୍ତ୍ତିବା ଓ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ପାଇଁ ଚାଇନା ପକ୍ଷରୁ ରବିବାର ଏକ ଶ୍ୱେତପତ୍ର ପ୍ରକାଶ କରାଯାଇଛି। ଚାଇନା କମ୍ୟୁନିଷ୍ଟ ପାର୍ଟିର ପ୍ରଚାର ବିଭାଗ ମୁଖ୍ୟ ଜୁ ଲିନ୍ ଏହି ଶ୍ୱେତପତ୍ର ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରିଛନ୍ତି। ଏଥିରେ କୁହାଯାଇଛି ଡିସେମ୍ବର ୨୭ରେ ଉହାନ ସହରରେ ପ୍ରଥମେ ଭୂତାଣୁ ଲୋକଲୋଚନକୁ ଆସିଥିଲା, ଯାହାକୁ ସେତେବେଳେ ଭାଇରାଲ ନିମୋନିଆ କୁହାଯାଇଥିଲା। ଏହା ଉପରେ ଅନୁଧ୍ୟାନ କରିବା ଲାଗି ଚାଇନା ସରକାର ବିଶେଷଜ୍ଞମାନଙ୍କୁ ଡାକିଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଅଧ୍ୟୟନ ପରେ ଏହା ମଣିଷ ଶରୀରରୁ ଅନ୍ୟ ଜଣକୁ ସଂକ୍ରମିତ ହେଉଥିବା କଥା ଜାନୁୟାରୀ ୧୯ରେ ଉଚ୍ଚସ୍ତରୀୟ ବିଶେଷଜ୍ଞ ଟିମ୍ ଜାଣିବାକୁ ପାଇଥିଲା। ଏହା ପରେ ସଂକ୍ରମଣ ରୋକିବାକୁ ଚାଇନା ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇଥିଲା ବୋଲି ଶ୍ୱେତପତ୍ରରେ ଉଲ୍ଲେଖ ରହିଛି। ଜାନୁୟାରୀ ୧୯ ପୂର୍ବରୁ କରୋନା ସଂକ୍ରମଣ ମଣିଷ ଦେହରୁ ହେଉଥିବାର ପର୍ଯ୍ୟାପ୍ତ ପ୍ରମାଣ ନ ଥିଲା ବୋଲି ଚାଇନାର ରେସ୍ପିରେଟୋରି ବିଶେଷଜ୍ଞ ୱାଙ୍ଗ ଗୁଆଙ୍ଗ୍‌ଫା କହିଛନ୍ତି। ଜାନୁୟାରୀ ପ୍ରଥମ ଭାଗରେ ବିଶେଷଜ୍ଞ ଟିମ୍ ଉହାନରେ ପହଞ୍ଚିଲାବେଳେ ଜ୍ୱର ରୋଗୀଙ୍କ ସଂଖ୍ୟା ବଢୁଥିବା ଦେଖାଯାଇଥିଲା। ହୁନାନର ଆମିଷ ବଜାର କରୋନା ଭୂତାଣୁର ଉତ୍ପତ୍ତି ସ୍ଥଳ ବୋଲି କୁହାଯାଉଥିଲେ ହେଁ ଏହି ବଜାରର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବା କୌଣସି ରୋଗୀ ଚିହ୍ନଟ ହୋଇ ନ ଥିଲେ। ବାଦୁଡ଼ି ଓ ବଜ୍ରକାପ୍ତାକୁ ସଂକ୍ରମଣ ମାଧ୍ୟମ କୁହାଯାଉଥିଲେ ହେଁ ଏହା ପଛରେ ମଧ୍ୟ ପର୍ଯ୍ୟାପ୍ତ ପ୍ରମାଣ ମିଳି ନ ଥିଲା ବୋଲି ୱାଙ୍ଗ୍ କହିଛନ୍ତି।

ମାରାତ୍ମକ ମହାମାରୀ ସମ୍ପର୍କରେ ରିପୋର୍ଟିଂ କରିବାରେ ଚାଇନା ସ୍ୱଚ୍ଛତା ଅବଲମ୍ବନ କରି ନ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମେତ ଅନେକ ଦେଶର ନେତା ଅଭିଯୋଗ କରିଆସୁଛନ୍ତି। ଚାଇନାର ତଥ୍ୟ ଲୁଚାଇବା ଉଦ୍ୟମ ସାରା ବିଶ୍ୱ ପାଇଁ ମହଙ୍ଗା ପଡ଼ିଲା। ଏବେ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯିବା ସହ ଅର୍ଥନୀତି ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଛି। କେବଳ ଆମେରିକାରେ ପାଖାପାଖି ୨୦ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ୧ ଲକ୍ଷ ୯ ହଜାର ଲୋକଙ୍କ ଜୀବନ ଗଲାଣି। ଭାରତରେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ପାଖାପାଖି ୨.୫ ଲକ୍ଷ ହେଲାଣି। କରୋନା ଭୂତାଣୁର ଉତ୍ପତ୍ତି ସ୍ଥଳ କୁହାଯାଉଥିବା ଚାଇନାରେ ଏହି ସଂଖ୍ୟା ୮୪,୧୭୭ରେ ସୀମିତ ରହିଛି। କୋଭିଡ୍-୧୯ ପୂର୍ବରୁ ବିଶ୍ୱ ଅର୍ଥନୀତିରେ ସୁଧାର ଆସୁଥିବାବେଳେ ଏବେ ଏହା ଉତ୍କଟ ମାନ୍ଦାବସ୍ଥା ଆଡ଼କୁ ମୁହାଁଇଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ କୁହାଯାଇଛି। ମହାମାରୀରୁ ମୁକୁଳିବା ଓ ଅର୍ଥନୀତିରେ ଉନ୍ନତି ଆଣିବାକୁ ହେଲେ ସବୁ ଦେଶ ମିଳିତ ଉଦ୍ୟମ କରିବା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଏନ୍‌ଡିଏ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବ





**ବିହାରରେ ଅମିତ୍ ଶାହାଙ୍କ ଭର୍ଚୁଆଲ ରାଲି**

ନୂଆଦିଲ୍ଲୀ,୭।୬(ପି.ଟି.)

କରୋନା ଯୋଗୁ ଦେଶ ଲକ୍‌ଡାଉନରେ ରହିଥିବାବେଳେ ବିହାରରେ ବିଧାନସଭା ନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ ପକ୍ଷରୁ ରବିବାର ବିଗୁଲ ବାଜିଛି। ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଭିଡିଓ କନ୍‌ଫରେନ୍ସ ଜରିଆରେ (ଭର୍ଚୁଆଲ) ପାଟନାର ଏକ ରାଲିକୁ ସମ୍ବୋଧନ କରି ଏନ୍‌ଡିଏ ସରକାର ଅମଳରେ ବିହାର ଜଙ୍ଗଲ ରାଜ୍‌ରୁ ମୁକ୍ତ ହୋଇ ଜନତା ରାଜ୍‌ରେ ପରିଣତ ହୋଇଥିବା କହିଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ ଆଗାମୀ ନିର୍ବାଚନରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଦଳୀୟ କର୍ମୀ ଓ ବିହାର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଶାହା ବିରୋଧୀ ଆର୍‌ଜେଡି ଉପରେ ଜୋର୍‌ଦାର ବର୍ଷିଥିଲେ। ଆର୍‌ଜେଡି କ୍ଷମତାରେ ଥିବାବେଳେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ୩.୯ ପ୍ରତିଶତ ଥିବାବେଳେ ଏନ୍‌ଡିଏ ସରକାରରେ ଏହା ୧୧.୩%କୁ ବୃଦ୍ଧି ପାଇଥିବା ଶାହା କହିଥିଲେ। ଲଣ୍ଠନ ରାଜ୍‌ରୁ ରାଜ୍ୟ ଏଲ୍‌ଇଡି ରାଜ୍‌କୁ ଉନ୍ନୀତ ହୋଇଛି ବୋଲି ଆର୍‌ଜେଡି ଦଳୀୟ ଚିହ୍ନକୁ ଆକ୍ଷେପ କରିଥିଲେ ଶାହା।

## ଦିଲ୍ଲୀ ହସ୍ପିଟାଲ କେବଳ ରାଜଧାନୀବାସୀଙ୍କ ପାଇଁ



ନୂଆଦିଲ୍ଲୀ,୭।୬(ପି.ଟି.): କରୋନା ମହାମାରୀ ସମୟରେ ଦିଲ୍ଲୀ ସରକାରଙ୍କ ପରିଚାଳନାରେ ଥିବା ହସ୍ପିଟାଲ ଓ ଘରୋଇ ହସ୍ପିଟାଲଗୁଡ଼ିକ କେବଳ ଦିଲ୍ଲୀବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇବେ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ଘୋଷଣା କରିଛନ୍ତି। ତେବେ କେନ୍ଦ୍ରୀୟ ହସ୍ପିଟାଲ କ୍ଷେତ୍ରରେ ଏହି କଟକଣା ଲାଗୁ ହେବନାହିଁ। ବାହାର ରାଜ୍ୟରୁ ଅସ୍ତ୍ରୋପଚାର ପାଇଁ ଆସିଥିବା ଲୋକେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇପାରିବେ। ୫ ଜଣିଆ କମିଟିର ସୁପାରିସ କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ସୋମବାରଠାରୁ ଦିଲ୍ଲୀ ସୀମା ଖୋଲିବାକୁ ଯାଉଛି।

# ଚାଲିଛି ୟେଦ୍ଦୁରପ୍ପାଙ୍କ ଉତ୍ତରାଧିକାରୀ ଖୋଜା



ବି.ଏସ୍. ୟେଦ୍ଦୁରପ୍ପା

ବେଙ୍ଗାଲୁରୁ,୭।୬

ଭାଜପାର ବରିଷ୍ଠ ନେତାମାନଙ୍କ ପାଇଁ ଏକ କଠିନ ଦାୟିତ୍ୱ ରହିଛି। ତାହା ହେଉଛି ୭୮ ବର୍ଷୀୟ ଲିଙ୍ଗାୟତ ନେତା ତଥା କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପା ଅବସର ନେବାକୁ ଚାହିଁଲେ ଗ୍ରହଣୀୟ ହେବା ଭଳି ତାଙ୍କର ଜଣେ ଉତ୍ତରାଧିକାରୀ ଖୋଜିବା। ନୂଆଦିଲ୍ଲୀରେ ଦଳ ପାଇଁ ଏହା ଏକ ଚ୍ୟାଲେଞ୍ଜ। କାରଣ ୟେଦ୍ଦୁରପ୍ପାଙ୍କ ଅନୁସାରେ ଚଳିବା ଭଳି ଦ୍ୱିତୀୟ ଧାଡ଼ିର କୌଣସି ନେତା ଆଖିକୁ ଦେଖାଯାଉ ନାହାନ୍ତି।

ବର୍ତ୍ତମାନ ସ୍ଥିତିରେ ୟେଦ୍ଦୁରପ୍ପାଙ୍କୁ ବାଦ୍ ଦେଲେ କର୍ନାଟକରେ ଭାଜପାକୁ ଆଗକୁ ନେବା ଭଳି ବ୍ୟକ୍ତିତ୍ୱ ଦେଖାଯାଉନାହାନ୍ତି। କିନ୍ତୁ ସେ ସକ୍ରିୟ ରାଜନୀତିରୁ ଓହରିବା ପୂର୍ବରୁ ଦଳକୁ ଜଣେ ବିକଳ୍ପ ନେତା ଖୋଜିବା ଜରୁରୀ ହୋଇପଡ଼ିଛି। ତେବେ ୟେଦ୍ଦୁରପ୍ପାଙ୍କ ଉତ୍ତରାଧିକାରୀ ହେବେ ଲିଙ୍ଗାୟତ ସମ୍ପ୍ରଦାୟ ମଧ୍ୟରେ ତାଙ୍କର ଗ୍ରହଣୀୟତା ରହିବା ଉଚିତ ବୋଲି ଭାଜପାର ଜଣେ ବରିଷ୍ଠ ନେତା କହିଛନ୍ତି। ଗତବର୍ଷ ଜୁଲାଇରେ ଭାଜପା କ୍ଷମତାକୁ ଆସିବା ପରେ ଦଳୀୟ ନେତୃତ୍ୱ ଦ୍ୱିତୀୟ ଧାଡ଼ିର ୩ ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ। ସେମାନେ ହେଲେ ଲକ୍ଷ୍ମଣ ସଭାଦି(ଲିଙ୍ଗାୟତ), ଗୋବିନ୍ଦ କାରଜୋଲ (ଏସ୍‌ସି) ଏବଂ ସି.ଏନ୍. ଅଶ୍ୱଥ ନାରାୟଣ (ଭୋକାଲିଙ୍ଗା)। ଏହି ତିନିଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାବେଳେ ଦଳର ଅନେକ ବରିଷ୍ଠ ନେତାଙ୍କୁ ଅଣଦେଖା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ନେଇ ଦଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏହି ୩ ନେତା ୟେଦ୍ଦୁରପ୍ପାଙ୍କ ଛାୟାରୁ ମୁକ୍ତ ହୋଇ ପାରି ନାହାନ୍ତି। ପ୍ରାୟ ୧ ଦଶନ୍ଧି ତଳେ ଅନୁରୂପ ଉଦ୍ୟମ ହୋଇଥିବାବେଳେ ଭାଜପା ବିପର୍ଯ୍ୟୟକୁ ସାମ୍ନା କରିଥିଲା। ଭାଜପାର ମୂଳ ଭୋଟ ବ୍ୟାଙ୍କ ଲିଙ୍ଗାୟତ ହୋଇଥିବାରୁ ଏହି ସମୁଦାୟର ସମର୍ଥନ ହରାଇବା ଭୟ ମଧ୍ୟ ଦଳରେ ରହିଛି। ଭାଜପାର ଭିତିରି ସୂତ୍ରରୁ ମିଳିଥିବା ସୂଚନାନୁସାରେ କେନ୍ଦ୍ରୀୟ ନେତୃତ୍ୱ ୨୦୨୩ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ଉତ୍ତରାଧିକାରୀ ଖୋଜିବା ଯୋଜନା ଆରମ୍ଭ କରିଛନ୍ତି।

ଦକ୍ଷିଣ ଭାରତରେ କର୍ନାଟକ ଭାଜପାର ପ୍ରବେଶପଥ ହୋଇଥିବାରୁ ଦଳ କେତେଜଣ ନେତାଙ୍କ ନାମକ ନେଇ ଚିନ୍ତା କରୁଛି। ଜୁନ୍ ୨୧ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପରେ କିଛି ମାତ୍ରାରେ ସ୍ପଷ୍ଟ ଚିତ୍ର ଆସିପାରେ ବୋଲି କୁହାଯାଉଛି।



ଧର୍ମାନୁଷ୍ଠାନଗୁଡ଼ିକ ଖୋଲିବା ପୂର୍ବରୁ କୋଲ୍‌କାତାର ସେଣ୍ଟ ଟେରେସା ଚର୍ଚ୍ଚରେ ଯିଶୁଖ୍ରୀଷ୍ଟଙ୍କ ମୂର୍ତ୍ତିକୁ ସଫା କରୁଛନ୍ତି ଜଣେ ଶ୍ରମିକ।

# ସୀମା ବିବାଦର ସମାଧାନ ପାଇଁ ଭାରତ-ଚାଇନା ରାଜି

**ବହିର୍ବ୍ୟାପାର ମନ୍ତ୍ରଣାଳୟର ସୂଚନା**

ନୂଆଦିଲ୍ଲୀ,୭।୬

ପୂର୍ବ ଲଦାଖରେ ସୀମା ବିବାଦକୁ ନେଇ ମାସେ ହେଲା ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଏହାର ସମାଧାନ ଲାଗି ଉଭୟ ପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ଶନିବାର ଦୁଇପକ୍ଷ ମଧ୍ୟରେ କମାଣ୍ଡରସ୍ତରୀୟ ଆଲୋଚନା ହୋଇଥିଲା। ଦୁଇ ରାଷ୍ଟ୍ର ମଧ୍ୟରେ ହୋଇଥିବା ବିଭିନ୍ନ ଦ୍ୱିପାକ୍ଷିକ ରାଜିନାମା ଅନୁଯାୟୀ ଅଚଳାବସ୍ଥାର ସମାଧାନ ପାଇଁ ଉଭୟ ପକ୍ଷ ସହମତ ହୋଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସୀମା ସମସ୍ୟାର ସମାଧାନ ଲାଗି ଭାରତ ଓ ଚାଇନା କୂଟନୈତିକ ଓ ସାମରିକ ଚ୍ୟାନେଲ ଜରିଆରେ ଉଦ୍ୟମ ଜାରି ରଖିଛନ୍ତି। ଶନିବାର ଲେହସ୍ଥିତ କର୍ପସ କମାଣ୍ଡର ଏବଂ ଚାଇନା କମାଣ୍ଡରଙ୍କ ମଧ୍ୟରେ ବୈଠକ ହୋଇଥିଲା। ବିକାଶ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବାକୁ ହେଲେ ଦୁଇଦେଶର ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ରହିବା ଜରୁରୀ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ଚଳିତ ବର୍ଷ ୭୦ ବର୍ଷରେ ପଦାର୍ପଣ କରିଛି।

# ଗୁଜରାଟରେ ରିସର୍ଟ ରାଜନୀତି ସରଗରମ



ରାଜକୋଟର ନୀଲ୍ସ ସିଟି ରିସର୍ଟରେ କଂଗ୍ରେସ ବିଧାୟକମାନଙ୍କୁ ରଖାଯାଇଛି।

- ୪ ରାଜ୍ୟ ସଭା ଆସନ ପାଇଁ କସରତ
- ଲକ୍‌ଡାଉନ୍ ଉଲ୍ଲଂଘନ, ରିସର୍ଟ ବିରୋଧରେ ଏଫ୍‌ଆଇଆର୍
- ରାଜସ୍ଥାନ ଗଲେ କଂଗ୍ରେସର ୨୫ ବିଧାୟକ

ଅହମଦାବାଦ,୭।୬

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଗୁଜରାଟ ରାଜନୀତି ସରଗରମ ହୋଇଛି। ଶାସକ ଭାଜପା ପକ୍ଷରୁ ଘୋଡ଼ାବେପାର କରାଯିବା ଆଶଙ୍କାରେ କଂଗ୍ରେସ ବିଧାୟକମାନଙ୍କୁ ରାଜକୋଟ ଜିଲାସ୍ଥିତ ଏକ ହୋଟେଲରେ ରଖାଯାଇଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ କଂଗ୍ରେସ ବିଧାୟକମାନେ ଅବସ୍ଥାନ କରୁଥିବା ରିସର୍ଟ ବିରୋଧରେ ମାମଲା ଦାଏର ହୋଇଛି।

ଗୁଜରାଟର ୪ ରାଜ୍ୟ ସଭା ଆସନ ପାଇଁ ଆସନ୍ତା ୧୯ରେ ନିର୍ବାଚନ ହେବ। କଂଗ୍ରେସର ୩ ବିଧାୟକ ଅକ୍ଷୟ ପଟେଲ, ଜିତୁ ଚୌଧରୀ ଓ ବ୍ରଜେଶ ମେର୍ଜା ଇସ୍ତଫା ଦେବା ପରେ ୧୮୨ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଦଳର ସଦସ୍ୟଙ୍କ ସଂଖ୍ୟା ୬୫କୁ ଖସିଛି। ଏହି ବିଧାୟକମାନଙ୍କ ମଧ୍ୟରୁ ୫-୬ ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନେ ରାଜକୋଟର ନୀଲ୍ସ ସିଟି ରିସର୍ଟରେ ରହୁଛନ୍ତି। ପୋଲିସ ଉକ୍ତ ରିସର୍ଟ ମାଲିକ ଓ ମ୍ୟାନେଜରଙ୍କ ବିରୋଧରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଏଫ୍‌ଆଇଆର୍ କରିଛି। କାରଣ ସୋମବାର ପର୍ଯ୍ୟନ୍ତ ହୋଟେଲ ନ ଖୋଲିବା ପାଇଁ କଟକଣା ରହିଛି। ଦଳ ପକ୍ଷରୁ ଅନ୍ୟ ଏମ୍‌ଏଲ୍‌ଏମାନଙ୍କୁ ବନାସକାଣ୍ଠା ଜିଲାର ଅମ୍ବାଜୀ ଓ ଆନନ୍ଦରେ ଥିବା ଦୁଇଟି ରିସର୍ଟରେ ରଖାଯାଇଛି। ରାଜ୍ୟ ସଭା ନିର୍ବାଚନ ଶେଷ ହେବା ଯାଏ ବିଧାୟକମାନେ ହୋଟେଲରେ ରହିବେ ବୋଲି କଂଗ୍ରେସ ମୁଖପାତ୍ର ମନୀଷ ଦୋଷୀ କହିଛନ୍ତି। ଇତିମଧ୍ୟରେ କଂଗ୍ରେସ ପକ୍ଷରୁ ଉପରୋକ୍ତ ବିଧାୟକମାନଙ୍କ ମଧ୍ୟରୁ ୨୫ ଜଣଙ୍କୁ ଗୁଜରାଟରୁ ପଡ଼ୋଶୀ ରାଜସ୍ଥାନର ଏକ ରିସର୍ଟକୁ ସ୍ଥାନାନ୍ତର କରାଯାଇଛି। ଲକ୍‌ଡାଉନ୍ ନିୟମକୁ ଉଲ୍ଲଂଘନ କରି ସେମାନଙ୍କୁ ସିରୋହିସ୍ଥିତ ୱାଇଲ୍ଡ ୱିଙ୍ଗ୍‌ସ ରିସର୍ଟକୁ ନିଆଯାଇଥିବା ଭାଜପା ଅଭିଯୋଗ ଆଣିଛି।

ଗତ ମାର୍ଚ୍ଚ ୨୬ରେ ରାଜ୍ୟ ସଭା ନିର୍ବାଚନ ହେବାକୁ ଥିବା ବେଳେ ଏହା ପୂର୍ବରୁ କଂଗ୍ରେସର ୫ ବିଧାୟକ ଇସ୍ତଫା ଦେଇଥିଲେ। ଫଳରେ ବାକି ବିଧାୟକମାନଙ୍କୁ ଜୟପୁରସ୍ଥିତ ଏକ ହୋଟେଲରେ ରଖାଯାଇଥିଲା। ପରେ ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଏବେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୬୫କୁ ଖସିଥିବାରୁ ଦଳ ଦୁଇଟି ରାଜ୍ୟ ସଭା ଆସନରେ ବିଜୟୀ ହେବା ଆଶା ମଉଳିଯାଇଛି।

# ୨ଟି ମତରେ ଶ୍ୟାମ୍ ଷ୍ଟିଲ୍ ସାମଗ୍ରୀ

## ଆପତ୍ତି ଉଠାଇଥିଲା ପ୍ରକଳ୍ପର ଅଥରିଟି ଇଞ୍ଜିନିୟର୍ସ

**ଯାଜପୁର ଅଫିସ,୭।୬**

ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାରେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପରେ ନିମ୍ନମାନର ଶ୍ୟାମ୍ ଷ୍ଟିଲ ସାମଗ୍ରୀ ବ୍ୟବହାର ହୋଇଛି। ଏନେଇ ଗତ ଜୁଲାଇରେ ପ୍ରକଳ୍ପର ଅଥରିଟି ଇଞ୍ଜିନିୟର୍ସ 'ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ' ଆପତ୍ତି ଉଠାଇଥିଲେ ହେଁ କିଛି ସୁଫଳ ମିଳିନାହିଁ। ଏହି କ୍ଷେତ୍ରରେ ଉଭୟ ଶ୍ୟାମ୍ ଷ୍ଟିଲ କମ୍ପାନୀ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଅଧିକାରୀଙ୍କ ମଧ୍ୟରେ ବିପୁଳ ଅର୍ଥ କାରବାର ହୋଇଥିବା ସନ୍ଦେହ କରାଯାଇଛି। ଅନ୍ୟପକ୍ଷରେ ନିମ୍ନମାନର ଶ୍ୟାମ୍ ଷ୍ଟିଲ ସାମଗ୍ରୀ ବ୍ୟବହାର ହୋଇଥିବାରୁ ପ୍ରକଳ୍ପର ଦୀର୍ଘସ୍ଥାୟୀ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉପରୋକ୍ତ ୩ ଜିଲାର ଖଣି ପ୍ରଭାବିତ ଅଞ୍ଚଳର ୪ଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରିବାକୁ ହାଇଦ୍ରାବାଦ ସ୍ଥିତ ନାଗାର୍ଜ୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀ (ଏନ୍‌ସିସି)କୁ ଦାୟିତ୍ୱ ଦିଆଯାଇଛି। ଏନ୍‌ସିସି ଏହି ୪ ପ୍ରକଳ୍ପରେ ଶ୍ୟାମ୍ ଷ୍ଟିଲର ସାମଗ୍ରୀ ବ୍ୟବହାର କରୁଛି। ସେଥିମଧ୍ୟରୁ ଯାଜପୁର ଜିଲା ଖଣି ପ୍ରଭାବିତ ସୁକିନ୍ଦା ବ୍ଲକରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରିବାକୁ ଓଏମ୍‌ବିଏଡିସି ପାଣ୍ଠିରୁ ୭୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହିକ୍ରମରେ ଗତ ଜୁଲାଇରେ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ପକ୍ଷରୁ ସୁକିନ୍ଦା ମେଗା ପାଇପ ଜଳଯୋଗାଣ ପ୍ରକଳ୍ପର ନିରୀକ୍ଷଣ କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରମିକ ସୁରକ୍ଷା, ଖାତ(ଟେନ୍‌ଚ) ଖୋଳା, ଖାତର ଗଭୀରତା ପ୍ରଭୃତିରେ ଅନିୟମିତତା ସହ ଯାଜପୁର ଜିଲା ପାଟଣାଠାରେ ନିର୍ମାଣାଧୀନ ଇଏସ୍‌ଆର ସ୍ତମ୍ଭରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ହୋଇନାହିଁ ବୋଲି ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ଦେଖିବାକୁ ପାଇଥିଲା। ସେହିପରି ଏହି ପ୍ରକଳ୍ପର ବିଭିନ୍ନ କଂକ୍ରିଟ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ କିଣାଯାଇଥିବା ଶ୍ୟାମ୍ ଷ୍ଟିଲ ସାମଗ୍ରୀର ଗୁଣବତ୍ତା ଜାଣିବାକୁ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ପକ୍ଷରୁ ନିଜସ୍ୱ ପରୀକ୍ଷାଗାରରେ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ ଷ୍ଟିଲ ସାମଗ୍ରୀର ଗୁଣବତ୍ତା ଉପରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଏ ସମ୍ପର୍କିତ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲର ରିପୋର୍ଟ ଆଧାରରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର-୩ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ ଶ୍ୟାମ୍ ଷ୍ଟିଲ୍‌ରୁ କିଣାଯାଇଥିବା ସମସ୍ତ ଷ୍ଟିଲ୍ ସାମଗ୍ରୀ (ଶ୍ୟାମ୍ ଏଫଇ-୫୦୦ଡି)କୁ ହଟାଇ ଦେବାକୁ ଠିକାସଂସ୍ଥା ଏନ୍‌ସିସିର ସିନିୟର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଶ୍ୟାମ୍ ଷ୍ଟିଲ ସାମଗ୍ରୀ ବ୍ୟବହାର ହୋଇପାରିବ ନାହିଁ ବୋଲି ପତ୍ରରେ ପରାମର୍ଶ ଦିଆଯାଇଥିଲା। ଏହାପରେ କେମିତି ସେହି ନିମ୍ନମାନର ଷ୍ଟିଲ ସାମଗ୍ରୀକୁ ପୁଣି ବ୍ୟବହାର କରାଯାଇ ପାରିବ ସେ ନେଇ ବିପୁଳ ଅର୍ଥ କାରବାରରେ ଯୋଜନା ପ୍ରସ୍ତୁତ ହୋଇଥିବା ଚର୍ଚ୍ଚା ହେଉଛି। ଏଭଳି ଚର୍ଚ୍ଚା ହେବାର କାରଣ ହେଉଛି ଏନ୍‌ସିସି ଦ୍ୱାରା କିଣାଯାଇଥିବା ଶ୍ୟାମ୍ ଷ୍ଟିଲ ସାମଗ୍ରୀର ପରବର୍ତ୍ତୀ ପରୀକ୍ଷାରୁ, ଯାହା କଟକ ସେଣ୍ଟ୍ରାଲ ଲାବରେଟୋରି(ଆର ଆଣ୍ଡ ବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବରେଟୋରିରେ କରାଯାଇଥିଲା। ଏହି ଦୁଇ ଲାବରେଟୋରିର ରିପୋର୍ଟରେ ଉକ୍ତ ଷ୍ଟିଲ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଏହିକ୍ରମରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୮୪୨/୧୦।୯।୨୦୧୯ରେ ଠିକାସଂସ୍ଥା ଏନ୍‌ସିସିର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜରଙ୍କୁ ଶ୍ୟାମ୍ ଷ୍ଟିଲ ସାମଗ୍ରୀକୁ ପୁଣି ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରୁ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲର ରିପୋର୍ଟରେ ନା କଟକ ଓ ଭୁବନେଶ୍ୱର ଲାବରେଟୋରିର ରିପୋର୍ଟରେ ସତ୍ୟତା ରହିଛି ତାହା ତଦନ୍ତ ସାପେକ୍ଷ। ଏହି ଘଟଣାକୁ ପାଖାପାଖି ବର୍ଷେ ବିତିବାକୁ ଯାଉଛି। ଯଦି ପ୍ରକଳ୍ପର ଅଥରିଟି ଇଞ୍ଜିନିୟର୍ସ ଏମ୍‌ଏସ୍‌ଭି ଇଣ୍ଟରନ୍ୟାଶନାଲ ଭୁଲ ରିପୋର୍ଟ ଦେଇଥିଲା ତେବେ ତା' ବିରୋଧରେ କୌଣସି ଆଇନଗତ ଚ୍ୟାଲେଞ୍ଜ କରିବାକୁ ଆରଡବ୍ଲ୍ୟୁଏସ୍‌ଏସ୍ କାହିଁକି ପଛଘୁଞ୍ଚା ଦେଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ଅମିୟ ପରିଜା କିମ୍ବା ଶ୍ୟାମ ଷ୍ଟିଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।


GOVERMENT OF ODISHA
OFFICE OF THE ENGINEER-IN-CHIEF,
RURAL WATER SUPPLY AND SANITATION,
BHUBANESWAR

By Fax/E-Mail/Speed Post
Jala O Parimala Bhawan,
Unit-V, Bhubaneswar-751001,
Odisha
Tel: 0674-2395734
Fax: 0674-2394946
E-mail: cerwss@nic.in

No. RWSS (CE-III)-06/2019 6033 /Dated. 15. 07. 2019

To
The Senior Project Manager,
NCC Ltd.
(Email: sudhirbabu.a@nccltd.in)

Sub: Test report of steel (Shaym Fe-500 D) to be used in the project for "4 nos. of individual pipe water supply project pertaining to mining affected villages of Keonjhar, Jajpur and Sundergarh Districts"

Sir,

The steel procured by you for use in the above mentioned Projects (Shaym Fe-500D) is found to be unsatisfactory as per tests conducted by the Authority Engineers.

It is therefore requested to lift the whole lot of Shaym Fe-500 D steel from the site and further advise that ***shaym steel shall not be used in the Projects of RWSS.***

Yours faithfully,
Chief Engineer-III, RWSS.

Cc to:
- The Superintending Engineer, RWSS Circle, Cuttack/Balasore/Sambalpur for information and necessary action.
- The Executive Engineer, RWSS Division, Keonjhar/Anandapur/ Jajpur/ Rourkela for information and necessary action. They are requested to ensure that whole lot of Shyam Steel procured by M/s NCC Ltd is lifted out of the work site/stores by the agency.


GOVERMENT OF ODISHA
OFFICE OF THE ENGINEER-IN-CHIEF,
RURAL WATER SUPPLY AND SANITATION,
BHUBANESWAR

By Fax/E-Mail/Speed Post
Jala O Parimala Bhawan,
Unit-V, Bhubaneswar-751001,
Odisha
Tel: 0674-2395734
Fax: 0674-2394946
E-mail: cerwss@nic.in

No.OMBADC (CE-III)-05/2019 7842 /dt 10. 09. 2019

To
The Assistant General Manager
M/s NCC Ltd
(E mail: sudhirbabu.a@nccltd.in)

Sub: Test Report on steel (Shyam Fe-500D) to be used in the Project for Execution of 04 Nos of Individual PWS project pertaining to mining affected villages of Keonjhar/Jajpur/Sundergarh Districts"

Ref: This Office letter No: 6033 dated 15.07.2019

Sir,

With reference to above, the reinforcement steel (Shyam Fe-500D) procured by you for use in above mentioned project was found unsatisfactory as per test conducted by M/s MSV International, the authority Engineers for the Project, in their in-house laboratory and on the basis of the test report of authority Engineer, it was suggested not to use Shyam Steel in the projects of RWSS and lift whole lot of steel already procured from Shyam Steel, from the site.

But subsequent tests of the reinforcement steel (Shyam Fe-500D) from same stack carried out in **Central Laboratory (R&B), Cuttack** and **laboratory of IMMT, Bhubaneswar** yielded result which appear to be satisfactory as per recommendation of **IS: 1786 : 2008.**

Under the circumstances, the letter under reference may be considered withdrawn.

Yours faithfully
Engineer-in-Chief, RWSS

Cc to:
- Superintending Engineer, RWSS Circle, Cuttack/Balasore/Sambalpur for information & necessary action. with reference to T.O letter under reference.
- Executive Engineer, RWSS Division, Keonjhar/Anandpur/Jajpur/Rourkela for information & necessary action.

ଗୁଣବତ୍ତାକୁ ଆଧାର କରି ଶ୍ୟାମ୍ ଷ୍ଟିଲ ସାମଗ୍ରୀକୁ ବ୍ୟବହାର ନ କରିବା ଓ କରିବା ସମ୍ପର୍କିତ ୨ ସରକାରୀ ଚିଠି।

# ୧୧ ହଜାର ପାଇଁ ହସ୍ପିଟାଲ ବେଡ୍‌ରେ ବନ୍ଧା ହେଲେ ବୃଦ୍ଧ

**ଭୋପାଳ,୭।୬**



- ଭିଡିଓ ଶେୟାର କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଶିବରାଜ

ଚିକିତ୍ସା ବାବଦ ୧୧ ହଜାର ଟଙ୍କା ଦେଇ ନ ପାରିବା ଯୋଗୁ ଏକ ଘରୋଇ ହସ୍ପିଟାଲର ବେଡ୍‌ରେ ଜଣେ ୮୦ବର୍ଷର ବୃଦ୍ଧଙ୍କୁ ବାନ୍ଧି ରଖାଯିବା ଭଳି ଅମାନବୀୟ କାଣ୍ଡ ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶର ଶାଜାପୁର ଜିଲାରେ ଘଟିଛି ଏଭଳି ଲଜ୍ଜାଜନକ ଘଟଣା। ବୃଦ୍ଧଜଣକ ପେଟ ରୋଗରେ ଯନ୍ତ୍ରଣା ଭୋଗିବାରୁ ପରିବାର ଲୋକେ ତାଙ୍କୁ ଶାଜାପୁରସ୍ଥିତ 'ସିଟି ହସ୍ପିଟାଲ'ରେ ଭର୍ତ୍ତି କରିଥିଲେ। ବୃଦ୍ଧଙ୍କ ଝିଅ କହିଛନ୍ତି ଯେ, ତାଙ୍କ ବାପାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ସମୟରେ ୫ ହଜାର ଟଙ୍କା ଜମା କରିଥିଲେ। ହେଲେ ଚିକିତ୍ସା ୫ ଦିନ ଧରି ଚାଲିଲା ଏବଂ ଆଉ ୧୧ ହଜାର ଟଙ୍କା ଜମା କରିବାକୁ କୁହାଯାଇଥିଲା। ତାଙ୍କ ପାଖରେ ଟଙ୍କା ନ ଥିବାରୁ ଶୁକ୍ରବାର ସେ ତାହା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। କିନ୍ତୁ ହସ୍ପିଟାଲ ପ୍ରଶାସନ ପକ୍ଷରୁ ତାଙ୍କ ବାପାଙ୍କ ହାତଗୋଡ଼କୁ ବେଡ୍‌ରେ ବାନ୍ଧି ରଖାଯାଇଥିଲା। ଟଙ୍କା ପୈଠ କରାଯିବା ପରେ ତାଙ୍କୁ ମୁକ୍ତ କରାଯିବ ବୋଲି କୁହାଯାଇଥିବା ବୃଦ୍ଧଙ୍କ ଝିଅ ଅଭିଯୋଗ କରିଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନ ଉକ୍ତ ଡାକ୍ତରଖାନା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇ ଏକ ଟୁଇଟ୍ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା କମଲ ନାଥ ଟୁଇଟ୍ କରି କହିଛନ୍ତି ଯେ, ଘଟଣାଟି ଅମାନବୀୟ ଏବଂ ବର୍ବର। ଏପରି କି ବୃଦ୍ଧଙ୍କ ହାତଗୋଡ଼ ବେଡ୍‌ରେ ବନ୍ଧା ହେବାର ଏକ ଭିଡିଓ ଶେୟାର କରିଛନ୍ତି। ଶାଜାପୁର ଜିଲାପାଳ ଦୀନେଶ ଜୈନ କହିଛନ୍ତି ଯେ, ଘଟଣାର ତଦନ୍ତ ପାଇଁ ଏକ ଟିମ୍ ଉକ୍ତ ହସ୍ପିଟାଲକୁ ପଠାଯାଇଛି। ପୋଲିସ ତଦନ୍ତ ମଧ୍ୟ ଜାରି ରହିଛି। ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ହସ୍ପିଟାଲର ଜଣେ ଡାକ୍ତର କହିଛନ୍ତି ଯେ, ବୃଦ୍ଧଜଣକ 'ଇଲେକ୍ଟ୍ରୋଲାଇଟ୍ ଇନ୍‌ବାଲାନ୍ସ' ଯୋଗୁ ଅସ୍ଥିର ହୋଇ ହାତଗୋଡ଼ ଛଟପଟ କରୁଥିଲେ। ଏହାଦ୍ୱାରା ସେ ଯେଭଳି ନିଜକୁ ଆଘାତ ନ କରିବେ ସେଥିଲାଗି ତାଙ୍କୁ ବାନ୍ଧିରଖିଥିଲୁ। ସେହିପରି ମାନବିକତା ଦୃଷ୍ଟିରୁ ତାଙ୍କ ଚିକିତ୍ସା ବାବଦ ଦେୟ ହସ୍ପିଟାଲ ପକ୍ଷରୁ ଛାଡ଼ କରାଯାଇଥିବା ଡାକ୍ତର ଜଣକ କହିଛନ୍ତି।

# ଆଜିଠାରୁ ଖୋଲିବ ହୋଟେଲ ଶିଳ୍ପ

**ନୂଆଦିଲ୍ଲୀ,୭।୬:** କରୋନା ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ କେନ୍ଦ୍ର ସରକାର ଗତ ମାର୍ଚ୍ଚ ମାସରୁ ହୋଟେଲ ଶିଳ୍ପକୁ ବନ୍ଦ କରିଦେଇଥିଲେ। ଏହି ସଂକ୍ରମଣର ଭୟାବହତା କାରଣରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକଡାଉନ କଟକଣା ଜାରି କରିଥିଲେ। ୪ର୍ଥ ପର୍ଯ୍ୟାୟ ଲକଡାଉନ ଶେଷ ରେ ସରକାର ଅନଲକ-୧ ଘୋଷଣା କରିଥିଲେ। ଅନଲକ-୧ରେ ହୋଟେଲ ଶିଳ୍ପ ଖୋଲିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। କଟକଣା ଓ ସରକାରଙ୍କ ଗାଇଡଲାଇନକୁ ଅନୁସରଣ କରିବା ପାଇଁ ଉକ୍ତ ନିର୍ଦ୍ଦେଶାବଳୀରେ କୁହାଯାଇଥିବା ଫେଡ଼ରେସନ ଅଫ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ ଇଣ୍ଡିଆ(ଏଫ୍‌ଏଚ୍‌ଏଆର୍‌ଆଇ) ପକ୍ଷରୁ ସୂଚନା ରହିଛି। ଏହି ଆଧାରରେ ଜୁନ ୮ ରୁ ଦେଶର ହୋଟେଲ ଶିଳ୍ପ ପୂର୍ବଭଳି ସେବା ଯୋଗାଇବ। କଟକଣା ପାଇଁ ଦେଶର ବିଭିନ୍ନ ପ୍ରାନ୍ତରେ ହୋଟେଲଗୁଡିକ ବନ୍ଦ ରହିଥିଲା। ସୋମବାରରୁ ଦେଶରୁ ସମସ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିବ ବୋଲି ସଂଘ ପକ୍ଷରୁ ସୂଚନା ରହିଛି। ସରକାରଙ୍କ କଟକଣା ଓ ଗାଇଡଲାଇନ ଅନୁସାରେ ଗ୍ରାହକଙ୍କୁ ସେବା ଯୋଗାଇ ଦିଆଯିବ।

# ଆଉ ୨ ମୃତ, ରେକର୍ଡ ସଂଖ୍ୟକ ସୁସ୍ଥ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

- ରାଜ୍ୟରେ କରୋନା ମୃତ୍ୟୁ ୧୦କୁ ବୃଦ୍ଧି
- ଗୋଟିଏ ଦିନରେ ସୁସ୍ଥ ହେଲେ ୧୭୮
- ପୁଣି ୭୫ ନୂଆ ଆକ୍ରାନ୍ତ ଚିହ୍ନଟ
- ଆର୍‌ଜିଏଚ୍‌ର ୨ ଡାକ୍ତର ସଂକ୍ରମିତ

ରାଜ୍ୟରେ ଆଉ ୨ଜଣ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲାର ୫୫ ବର୍ଷୀୟ ଜଣେ ବୃଦ୍ଧଙ୍କ କରୋନା ଜନିତ ମୃତ୍ୟୁ ହୋଇଥିବା ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେ ଯକ୍ଷ୍ମା ଓ ଅନ୍ୟାନ୍ୟ ରୋଗରେ ମଧ୍ୟ ପୀଡ଼ିତ ଥିଲେ। ଏହାକୁ ମିଶାଇ ଗଞ୍ଜାମ ଜିଲାରେ କରୋନାରେ ୪ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆଉଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ଶିଖରଚଣ୍ଡୀ ନଗରରେ ରୁହନ୍ତି। ତାଙ୍କର ନମୁନା ପଜିଟିଭ୍ ଆସିବା ପରେ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବୋଲି ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି। ଫଳରେ ଏବେ ଖୋର୍ଦ୍ଧା ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୫ରେ ପହଞ୍ଚିଥିବାବେଳେ କେବଳ ଭୁବନେଶ୍ୱରରେ ୪ଜଣଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି।

ଅପରପକ୍ଷରେ ରାଜ୍ୟ ପାଇଁ ଖୁସି ଖବର ମିଳିଛି। ଗୋଟିଏ ଦିନରେ ୧୧ଜିଲାରୁ ସର୍ବାଧିକ ୧୭୮ଜଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। କୋଭିଡ୍ ଯୋଦ୍ଧାଙ୍କ ପାଇଁ ରାଜ୍ୟରେ ରେକର୍ଡ ସଂଖ୍ୟକ ରୋଗୀ ସୁସ୍ଥ ହୋଇପାରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୯ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଗଜପତିରୁ ୨୩, ନୂଆପଡ଼ାରୁ ୨୨, ଭଦ୍ରକରୁ ୧୭, ନୟାଗଡ଼ରୁ ୧୫, ଗଞ୍ଜାମରୁ ୧୪, କେନ୍ଦ୍ରାପଡ଼ାରୁ ୧୦, ଢେଙ୍କାନାଳ ଓ କନ୍ଧମାଳରୁ ୯ଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼ରୁ ୬ ଓ ବାଲେଶ୍ୱରରୁ ୪ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୮୯୪ରେ ପହଞ୍ଚିଛି।

ସେପଟେ ରାଜ୍ୟରେ ପୁଣି ୧୬ ଜିଲାରୁ ୭୫ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଓ ସୁନ୍ଦରଗଡ଼ରୁ ସର୍ବାଧିକ ୧୮ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ଯାଜପୁରରୁ ୭ଜଣ, ବଲାଙ୍ଗୀର ଓ କଟକରେ ୫ଜଣ ଲେଖାଏ, ନୟାଗଡ଼ରୁ ୪, ସୋନପୁର ଓ କେନ୍ଦ୍ରାପଡ଼ାରୁ ୩ଜଣ ଲେଖାଏ ରହିଛନ୍ତି। ସେହିପରି ଜଗତ୍‌ସିଂହପୁର, କୋରାପୁଟ, ଅନୁଗୋଳ ଓ ଢେଙ୍କାନାଳରୁ ୨ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ କେନ୍ଦୁଝର, ଗଞ୍ଜାମ, ପୁରୀ ଓ ନୂଆପଡ଼ାରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୭୨ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୩ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରୁ ଦୁଇଜଣ ରାଉରକେଲାସ୍ଥିତ ଆର୍‌ଜିଏଚ୍ କୋଭିଡ୍ ହସ୍ପିଟାଲର ଡାକ୍ତର ବୋଲି ଜଣାପଡ଼ିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮୫୬କୁ ବୃଦ୍ଧି ପାଇଛି। ସୁସ୍ଥ ହୋଇଥିବା ୧୮୯୪ଜଣ ଓ ମୃତ ୯ଜଣଙ୍କୁ ବାଦ୍‌ଦେଲେ ବର୍ତ୍ତମାନ ଆଉ ୯୫୧ଜଣ ସକ୍ରିୟ ରୋଗୀ ରହିଛନ୍ତି। ବାକି ୨ଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଛି।

# ଲକ୍‌ଡାଉନ୍ କୋହଳ ପରେ ଗାଡ଼ି ବିକ୍ରି ବଢ଼ିଛି

**କଟକ ଅଫିସ,୭।୬:** ଲକ୍‌ଡାଉନ୍ କଟକଣା କୋହଳ ହେବା ପରେ ଓଡ଼ିଶାରେ ଯାନବାହନ ବିକ୍ରି ବଢ଼ିଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଏହି ସୂଚନା ଦେଇଛି। ମାର୍ଚ୍ଚ ୨୨ରେ ରାଜ୍ୟ ସରକାର ପ୍ରଥମେ ଲକ୍‌ଡାଉନ୍ ଘୋଷଣା କରିବା ପରଠାରୁ ଏଯାବତ୍ ତାହା ଜାରି ରହିଛି। ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଓ ଗାଡ଼ି ଶୋ'ରୁମ୍ ମେ' ୩ ଯାଏ ବନ୍ଦ ଥିଲା। କଟକଣା କୋହଳ ହେବା ପରେ ମେ' ୪ରେ ଶୋ'ରୁମ୍ ସବୁ ଖୋଲିଥିଲା। ଦୀର୍ଘ ଦିନ ପରେ ଶୋ'ରୁମ୍ ଖୋଲିବାରୁ ଗାଡ଼ି ବିକ୍ରି ବଢ଼ିଛି। ମେ' ମାସରେ ମୋଟ ୧୫ ହଜାର ୧୯୩ଟି ଗାଡ଼ି ବିକ୍ରି ହୋଇଛି। ସେଥିରେ ୧୨ ହଜାର ଦୁଇଚକିଆ ଯାନ ରହିଛି। ହୋଣ୍ଡା ମୋଟର୍ ସାଇକେଲ ଓ ସ୍କୁଟର୍ ପକ୍ଷରୁ ୪ ହଜାର ୪୮୪, ହିରୋ ମୋଟର୍ କର୍ପ ପକ୍ଷରୁ ୪ ହଜାର ୧୯୬, ଟିଭିଏସ୍ ପକ୍ଷରୁ ୨ ହଜାର ୨୨୮, ରୋୟାଲ୍ ଏନଫିଲ୍ଡର ୫୭୬ଟି ଦୁଇଚକିଆ ଗାଡ଼ି ବିକ୍ରି ହୋଇଛି। ଏସ୍‌ଟିଏ କହିଛି ଯେ, ପ୍ରତି ମାସରେ ରାଜ୍ୟରେ ପ୍ରାୟ ୬୦ ହଜାର ଗାଡ଼ି ବିକ୍ରି ହୁଏ। କିନ୍ତୁ ଲକ୍‌ଡାଉନ୍ ସତ୍ତ୍ୱେ ୧୫ ହଜାରରୁ ଊର୍ଦ୍ଧ୍ୱ ଯାନବାହନ ବିକ୍ରି ହେବା ଉତ୍ସାହଜନକ।

# ଆଜି ଲଘୁଚାପ ସମ୍ଭାବନା, ୯ରୁ ପ୍ରବଳ ବର୍ଷା

## ୨ରୁ ୪ଦିନ ଭିତରେ ଓଡ଼ିଶା ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୭।୬(ବ୍ୟୁରୋ)**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପୂର୍ବ ଦକ୍ଷିଣ-ପଶ୍ଚିମ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ ପ୍ରବେଶ କରି ଧୀରେ ଧୀରେ ଆଗକୁ ଅଗ୍ରସର ହେଉଛି। ଏହି ପ୍ରକ୍ରିୟା ଜାରି ରହିଲେ ଆଉମାତ୍ର ୨ରୁ ୪ ଦିନ ଭିତରେ ମୌସୁମୀ ବାୟୁ ଓଡ଼ିଶାରେ ପହଞ୍ଚିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ହେଲେ ଏହା ପୂର୍ବରୁ ଅର୍ଥାତ୍ ସୋମବାର ବଙ୍ଗୋପସାଗରରେ ଆଉଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ଆସନ୍ତା ୯ ତାରିଖରୁ ପ୍ରବଳ ବର୍ଷା ହେବ। ବିଶେଷ କରି ଗଞ୍ଜାମ, ଗଜପତି, ପୁରୀ, ନବରଙ୍ଗପୁର, କୋରାପୁଟ ଏବଂ ଖୋର୍ଦ୍ଧା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହିଦିନ ପାଇଁ ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୦ ତାରିଖ ଦିନ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା ଓ ଜଗତ୍‌ସିଂହପୁର ଆଦି ୮ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୧ ତାରିଖ ଦିନ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ କେତେକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏଥିପାଇଁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ଗଞ୍ଜାମ, ପୁରୀ ଓ ବୌଦ୍ଧ ଆଦି ୧୦ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତେବେ ୮ ତାରିଖ ସୋମବାର ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁରରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏଥିସହ ବଜ୍ରପାତର ମଧ୍ୟ ଆଶଙ୍କା ରହିଛି। ଉତ୍ତର, ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର ଆଦି ୧୦ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏସବୁ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ବିନା ଇଞ୍ଜିନ୍‌ରେ ଗଡ଼ିଲା କୋଇଲା ବୋଝେଇ ବଗି

**ଝାରସୁଗୁଡ଼ା ଅଫିସ,୭।୬**

## ୧ କିମି ଯିବା ପରେ ୪ବଗି ଲାଇନ୍‌ଚ୍ୟୁତ

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଏମ୍‌ସିଏଲ୍ କୋଇଲା ଖଣିରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭୋର ସମୟରେ ଏକ ମାଲଗାଡିର କୋଇଲା ବୋଝେଇ ବଗିଗୁଡିକ ବିନା ଇଞ୍ଜିନରେ ପ୍ରାୟ ୧ କିମି ଗଡ଼ିଥିଲା। ଏହାର କିଛି ସମୟ ପରେ ୪ ବଗି ରେଳ ଧାରଣା ଉପରେ ଓଲଟି ପଡିଥିଲା।

ସୂଚନା ମୁତାବକ ରବିବାର ୬୦ ବଗିବିଶିଷ୍ଟ ଏହି ମାଲଗାଡିଟି କୋଇଲା ବୋଝେଇ ହେବା ପରେ ଠିଆ ହେଇଥିଲା। ସେଥିରେ ଇଞ୍ଜିନ ଲାଗି ନ ଥିଲା। ହେଲେ କୌଣସି କାରଣରୁ ଉକ୍ତ ବଗିଗୁଡିକ ଏମ୍‌ସିଏଲ କୋଇଲା ଖଣି ଅଞ୍ଚଳର ଲଜକୁରା କୋଲ ସାଇଡିଂରୁ ପ୍ରାୟ ୧ କିମି ଗଡିଯାଇଥିଲା। ଏହାପରେ ଇବ୍ ପିଟ୍ ନିକଟରେ ୪ଟି ବଗି ରେଳଧାରଣା ତଳକୁ ଓଲଟି ପଡିଥିଲା। ୪ ଦିନ ତଳେ ଏହି ମାଲଗାଡିର ବଗିରେ କୋଇଲା ବୋଝେଇ କରାଯାଇଥିଲା। ଏହି ଦୁର୍ଘଟଣା ଯୋଗୁ କୋଇଲା ପରିବହନରେ ସମସ୍ୟା ସୃଷ୍ଟି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।


ରେଳ ଧାରଣା ଉପରେ କୋଇଲା ବୋଝେଇ ବଗି ଓଲଟି ପଡ଼ିଛି।

# ମାସ୍କ କିଣାକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

## ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ମନ୍ତ୍ରୀ: କଂଗ୍ରେସ

ଓଡ଼ିଶା ଔଷଧ ନିଗମର ମାସ୍କ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିବା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଶନିବାର ଯାହା କହିଛନ୍ତି ତାହା ଅପରିପକ୍ୱତା ଓ ଅଜ୍ଞତାର ପରିଚୟ ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଅନ୍ୟପଟେ ଅନ୍ୟ ରାଜ୍ୟଗୁଡିକ ବହୁତ କମ୍ ଟଙ୍କାରେ ଟ୍ରିପଲ ଲେୟାର ମାସ୍କ କିଣୁଥିବା ବେଳେ ରାଜ୍ୟ ସରକାର ଉଚ୍ଚା ଦରରେ କ୍ରୟ କରିଥିବା କୁହାଯାଇଛି। ଏହି ପ୍ରସଙ୍ଗରେଲ ରବିବାର ଖବରଦାତା ସମ୍ମିଳନୀ ଜରିଆରେ କଂଗ୍ରେସ ନେତା ସୁଦର୍ଶନ ଦାସ କହିଛନ୍ତି ଯେ, ରାଜ୍ୟ ସରକାର ୧୬ ଟଙ୍କାରେ ମାକ୍ସ କିଣିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏହା କହିବା ତାଙ୍କ ଅପରିପକ୍ୱତାର ନିଦର୍ଶନ। କେନ୍ଦ୍ର ସରକାର ମାର୍ଚ୍ଚ ୨୧ରେ ୧୦ ଟଙ୍କା ଏବଂ ମାର୍ଚ୍ଚ ୨୪ରେ ୧୬ ଟଙ୍କା ମାସ୍କ ପିଛା ଖୁଚୁରା ଗ୍ରାହକଙ୍କ ପାଇଁ ଦର ଧାର୍ଯ୍ୟ କରିଥିଲେ। ଖୁଚୁରା ଦର ଏବଂ ପାଇକାରୀ ଦର ଭିତରେ ପ୍ରଭେଦକୁ ମନ୍ତ୍ରୀ ଯଦି ଜାଣି ନାହାନ୍ତି ଏହା ତାଙ୍କ ଅଜ୍ଞାନତା। ବାସ୍ତବରେ ସେ ଓଡ଼ିଶା ଔଷଧ ନିଗମର ଜିନିଷପତ୍ର କିଣାରେ ସମ୍ପୂର୍ଣ୍ଣ ଅଜ୍ଞ ଅଛନ୍ତି। ତାଙ୍କ ପାଖରେ ବୋଧହୁଏ ଖବର ନାହିଁ, କେନ୍ଦ୍ର ସରକାରଙ୍କ ଇ-ମାର୍କେଟିଂ ପୋର୍ଟାଲ ମାଧ୍ୟମରେ ଜିନିଷପତ୍ର କଣିବାପାଇଁ ଏକ ନିର୍ଦ୍ଦେଶାବଳୀ ଦିଆଯାଇଥିଲା। ତଦନୁସାରେ ଓଡ଼ିଶା ଔଷଧ ନିଗମ ମାର୍ଚ୍ଚ ୩ରେ ୩୦ ଲକ୍ଷ ମାସ୍କ କିଣିବା ପାଇଁ ବିଡିଂ ମଧ୍ୟ କରିଥିଲା। କିନ୍ତୁ ମାର୍ଚ୍ଚ ୧୮ରେ ଏହି ବିଡିଂରୁ ଓହରିଗଲା। ଦିଲ୍ଲୀ, ପୁଡୁଚେରୀ, ଆଣ୍ଡାମାନ ନିକୋବର, ଗୁଜରାଟ ଓ ତେଲଙ୍ଗାନା ଇତ୍ୟାଦି ରାଜ୍ୟ ଏବଂ କେନ୍ଦ୍ରଶାଶିତ ଅଞ୍ଚଳଗୁଡ଼ିକ ସରକାରଙ୍କ ଇ-ମାର୍କେଟିଂ ପୋର୍ଟାଲ ମାଧ୍ୟମରେ ମାସ୍କ ପିଛା ଯଥାକ୍ରମେ ୮.୪୭, ୭.୮୮, ୭.୫୦, ୨.୪୦ ଏବଂ ୧.୩୪ ଟଙ୍କାରେ କିଣିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ଏତେ ଟଙ୍କାରେ କିପରି ମାସ୍କ କିଣିଲା ବୋଲି ସୁଦର୍ଶନ ପ୍ରଶ୍ନ ଉଠାଇବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ରାଜ୍ୟ ସରକାର ମାସ୍କ କିଣାରେ ବ୍ୟାପକ ହେରଫେର କରିଛନ୍ତି। ସରକାର କୌଣସି ସ୍ଥାନରେ ଠିକ୍ ତଥ୍ୟ ଦେଉନାହାନ୍ତି। ସବୁ ପରିସ୍ଥିତିରେ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦେଇଚାଲିଥିବା ବେଳେ ରାଜ୍ୟ ସରକାର ମିଛ ବାହାବା ନେବାରେ ଲାଗିଛନ୍ତି। କଂଗ୍ରେସ ଏବଂ ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ରାଜ୍ୟ ସରକାର କରୋନା ମୁକାବିଲା ସହିତ ଯେଭଳି ଲୋକଙ୍କ ଜୀବନ ବଞ୍ଚାଉଛନ୍ତି ତାହା ଦେଖି ବିରୋଧୀ ନିଜର ଆତ୍ମବିଶ୍ୱାସ ହରାଇଲେଣି। ଭାଜପା ଶାସିତ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ଅନୁମୋଦିତ ଦରରେ ମାସ୍କ କିଣିଛନ୍ତି। ସେହିଭଳି ଓଡ଼ିଶା ସରକାର ମଧ୍ୟ କେନ୍ଦ୍ରୀୟ ଦର ଅନୁଯାୟୀ ମାସ୍କ କିଣି କୌଣସି ଭୁଲ୍ କରିନାହାନ୍ତି। କରୋନା ମୁକାବିଲା କରୁଥିବା ଯୋଦ୍ଧାମାନେ ବିନା ମାସ୍କରେ କାମ କରନ୍ତୁ ବୋଲି କଂଗ୍ରେସ ଓ ଭାଜପା ଚାହୁଁଛନ୍ତି କି ବୋଲି ସସ୍ମିତ ପ୍ରଶ୍ନ କରିଛନ୍ତି। ଲୋକଙ୍କ ଜୀବନ ବଞ୍ଚାଇବା ସବୁଠାରୁ ମୂଲ୍ୟବାନ ହୋଇଥିବା ବେଳେ ଏଥିରେ ଭାଜପା ଈର୍ଷାନ୍ୱିତ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

**ଆଜିର ମନ୍ତବ୍ୟ**

"କରୋନା ସମୟରେ ଦିଲ୍ଲୀର ହସ୍ପିଟାଲଗୁଡ଼ିକରେ କେବଳ ରାଜଧାନୀବାସୀ ଚିକିତ୍ସିତ ହେବେ।
– ଅରବିନ୍ଦ କେଜ୍ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାକେଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୀଳଚକ୍ରରେ ଉଡ଼ିଲା ଧଳାବାନା

**ପୁରୀ ଅଫିସ,୭।୬**

ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତିଦିନ ଧ୍ୱଜା ବା ବାନା ବନ୍ଧାଯାଏ। ଚୁନରା ସେବକମାନେ ଅପରାହ୍ଣରେ ଏହି ବାନା ବାନ୍ଧିଥାନ୍ତି। ନୀଳଚକ୍ର ଅଗ୍ରଭାଗରେ ଗୋଟିଏ ମୁଖ୍ୟ ବାନା ସହିତ ତଳେ ଏକାଧିକ ବାନା ବନ୍ଧାଯାଇଥାଏ। ଗୋଲାପି, ହଳଦିଆ, ନାଲି, ଧଳା ରଙ୍ଗର ବାନା ନୀଳଚକ୍ର ଉପରେ ଉଡୁଥାଏ। ତେବେ ମୁଖ୍ୟ ବାନାର ରଙ୍ଗ ଯେବେ ଧଳା ରହିଥାଏ ତାହା ବର୍ଷା, ପବନ ସୂଚକ ବୋଲି କହିଛନ୍ତି ଚୁନରା ସେବକ ଡ. ଶରତ ମହାନ୍ତି। ୩୮ ବର୍ଷର ବାନା ବନ୍ଧାର ଅନୁଭୂତିକୁ ନେଇ ଡ. ମହାନ୍ତି କହିଛନ୍ତି, ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଭକ୍ତ ବାନା ବାନ୍ଧିବା ପାଇଁ ଦିଅନ୍ତି। ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ଲଟେରି ହୁଏ। ଲଟେରି ଅନୁଯାୟୀ ମୁଖ୍ୟ ବାନା ବନ୍ଧାଯାଏ। ତେବେ ଯେଉଁଦିନ ଧଳା ବାନା ଲଟେରି ଉଠେ ତା ପରଦିନ ବା ପାଖାପାଖି ବର୍ଷା, ପବନ ହେବାର ସମ୍ଭାବନା ଅଧିକ ଥାଏ। ଏହି ବାନା ଏକପ୍ରକାର ସୂଚନା ଦିଏ ବୋଲି କହିଛନ୍ତି ଶରତ। ରବିବାର ସକାଳେ ନୀଳଚକ୍ରରେ ଧଳା ବାନା ଉଡୁଥିଲା। ସକାଳୁ ପରୀର ଆକାଶ ମେଘୁଆ ରହିଥିବାବେଳେ ସାମାନ୍ୟ ଝିପି ଝିପି ବର୍ଷା ପଡ଼ିଥିଲା। ଏପରି କି ଅଧିକାଂଶ ସମୟ ଆକାଶ ମେଘୁଆ ମଧ୍ୟ ରହିଥିଲା। କେବଳ ଏହିଦିନଟି ନୁହେଁ, ବାତ୍ୟା ଅମ୍ଫନ ପୂର୍ବରୁ ବି ନୀଳଚକ୍ରରେ ଧଳା ବାନା ଉଡ଼ିଥିଲା।

**ସ୍ୱାଭାବିକ ବର୍ଷା, ପବନର ସୂଚକ**

ସେହିପରି ଗତବର୍ଷ ଫନୀ ବାତ୍ୟାର ପୂର୍ବଦିନ ଅର୍ଥାତ୍ ମେ ୨ ତାରିଖ ଗୁରୁବାର ନୀଳାଚକ୍ରରୁ ଯେଉଁ ବାନାଟି ଉଡ଼ିଯାଇଥିଲା ତାହାର ରଙ୍ଗ ମଧ୍ୟ ଧଳା ରହିଥିଲା ବୋଲି କହିଛନ୍ତି ଶରତ। ସାଧାରଣତଃ ହଳଦିଆ ଏବଂ ନାଲି ରଙ୍ଗର ବାନା ଅଧିକ ସମୟ ଲଟେରିରେ ଉଠୁଥିବାବେଳେ ଧଳା ରଙ୍ଗର ବାନା ବହୁ କମ୍ ନୀଳଚକ୍ରରେ ବନ୍ଧା ଯାଇଥାଏ। ତେବେ ଏହା ତାଙ୍କର ନିଜସ୍ୱ ଅନୁଭୂତି ବୋଲି ଶରତ କହିଛନ୍ତି।



# ବାଘକୁ ଆଜୀବନ ଜେଲ

- ବାଘର ବୟସ ୫ ବର୍ଷ, ଓଜନ ୧୮୦ କେ.ଜି
- ବାରମ୍ବାର ଧରି ଜଙ୍ଗଲରେ ଛଡ଼ାଯାଉଛି
- ଜନବସତିକୁ ଧାଇଁ ଲୋକଙ୍କୁ ମାରୁଛି
- ୨୦୧୮ରେ ୩ ଜଣଙ୍କୁ ମାରିଥିଲା
- ଭୋପାଳର ବନବିହାର ଏନ୍‌କ୍ଲୋଜର ନୂଆ ଠିକଣା



**ଭୋପାଳ,୭।୬**

ଦୁଇବର୍ଷ ତଳେ ୩ ଜଣଙ୍କୁ ମାରି ଖାଇଥିଲା ଏହି ବାଘ। ସୁଧୁରିବା ପାଇଁ ଅନେକ ସୁଯୋଗ ଦିଆଗଲା। ଜଙ୍ଗଲରେ ଛଡ଼ାଗଲା। ହେଲେ ବାଘ ସୁଧୁରିଲା ନାହିଁ। ଲୋକଙ୍କୁ ବାରମ୍ବାର ଟାର୍ଗେଟ କଲା। ତେଣୁ ଏହାର ଏଠିସେଠି ବୁଲାବୁଲି କରିବା ଦିନ ଶେଷ ହୋଇଯାଇଛି। ଜନବସତିକୁ ଧାଇଁ ଲୋକଙ୍କୁ ଆକ୍ରମଣ କରିବା ପ୍ରବୃତ୍ତି ଯୋଗୁ ଏହାକୁ ସାରା ଜୀବନ ମଧ୍ୟପ୍ରଦେଶର ଭୋପାଳସ୍ଥିତ ବନବିହାର ଜାତୀୟ ଉଦ୍ୟାନ ଏନ୍‌କ୍ଲୋଜରରେ ନିଃସଙ୍ଗ ବିତାଇବାକୁ ପଡ଼ିବ। ଅର୍ଥାତ୍ ମଣିଷଖିଆ ବାଘକୁ ମିଳିଛି ଆଜୀବନ କାରାଦଣ୍ଡ।

ବୟସ ୫ ବର୍ଷ, ଓଜନ ୧୮୦ କିଲୋଗ୍ରାମ। କାହ୍ନା ନ୍ୟାଶନାଲ ପାର୍କରୁ ଟ୍ରାଙ୍କୁଲାଇଜ୍ କରି ଅଣାଯାଇଥିବା ଏହି ଅଣ୍ଡିରା ବାଘ ୨୦୧୮ରେ ୩ ଜଣଙ୍କୁ ମାରି ଗଣମାଧ୍ୟମର ଶିରୋନାମା ମଣ୍ଡନ କରିଥିଲା। ଏହାକୁ ଶନିବାର ଭୋପାଳସ୍ଥିତ ବନବିହାରକୁ ସ୍ଥାନାନ୍ତର କରାଯାଇଛି। ବାଘକୁ ଜଙ୍ଗଲରେ ରହିବା ପାଇଁ ଅନେକ ଥର ସୁଯୋଗ ଦିଆଯାଇଛି। କିନ୍ତୁ ବାଘ ସୁଧୁରିଲା ନାହିଁ। ଲଗାତର ଲୋକଙ୍କ ଉପରେ ଆକ୍ରମଣ କରିଚାଲିଛି। ତେଣୁ ୨୦୧୯ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଗାଇଡ୍‌ଲାଇନ୍ ଅନୁସାରେ ଏବେ ତାକୁ ଏନ୍‌କ୍ଲୋଜରରେ ଆବଦ୍ଧ କରି ରଖାଯିବ ବୋଲି ବନ ଅଧିକାରୀମାନେ କହିଛନ୍ତି। ଏହାସହ ବାଘକୁ ମାନବ ଜୀବନ ପ୍ରତି 'ବିପଜ୍ଜନକ' ଶ୍ରେଣୀର ବୋଲି ଘୋଷଣା କରାଯାଇଛି।

ଏହି ଘାତକ ବାଘ ମହାରାଷ୍ଟ୍ରର ଚନ୍ଦ୍ରପୁରରୁ ମଧ୍ୟପ୍ରଦେଶର ବେତୁଲସ୍ଥିତ ପଳାସପାନିକୁ ଧାଇଁ ଆସିଥିଲା। ନୂଆ ଭୂଖଣ୍ଡ ଅନ୍ୱେଷଣରେ ୨୦୧୮ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ୫୧୦ କି.ମି. ଅତିକ୍ରମ କରି ଆସିବାବେଳେ ବାଟରେ ୩ ମଣିଷଙ୍କୁ ମାରିଦେଇଥିଲା। ୨୦୧୮ ଡିସେମ୍ବର ୧୦ରେ ସର୍ନି ଅଞ୍ଚଳର ଏକ ଫ୍ଲାଏ-ଆଶ୍ ପଣ୍ଡ ନିକଟରୁ ଏହାକୁ ସାତପୁରା ବ୍ୟାଘ୍ର ସଂରକ୍ଷଣ ଅଧିକାରୀମାନେ ଧରିଥିଲେ। କାହ୍ନାକୁ ସ୍ଥାନାନ୍ତର କରାଯିବା ପରେ ଏନ୍‌କ୍ଲୋଜରରେ ୪୫ ଦିନ ରଖାଯାଇଥିଲା। ବନବିହାର ଏବେ ଏହାର ନୂଆ ଠିକଣା। ବନବିହାରରେ ବର୍ତ୍ତମାନ ୧୪ଟି ବାଘ ଅଛନ୍ତି। କିନ୍ତୁ ପରିଦର୍ଶକମାନଙ୍କୁ କେବଳ ୪ଟି ବାଘଙ୍କୁ ଦେଖିବାକୁ ସୁଯୋଗ ମିଳିଥାଏ। ଅବଶିଷ୍ଟ ୧୦ ବାଘ 'ବିପଜ୍ଜନକ' କିମ୍ବା ଅନାଥ ଭାବେ ଧରାଯାଇଥିବାରୁ ସେଗୁଡ଼ିକୁ ଦୂରରେ ଥିବା ପୃଥକ୍ ଯନ୍ତାରେ ରଖାଯାଇଛି। ବନବିହାର ନିର୍ଦ୍ଦେଶକ କମଲିକା ମହନ୍ତ କହିଛନ୍ତି, କାହ୍ନା ଟିମ୍ ପୂର୍ବାହ୍ଣ ୧୦ଟା ୩୦ରେ ଆସି ପହଞ୍ଚିଛନ୍ତି। ବାଘକୁ ଏଠାରେ ଖାପ ଖୁଆଇ ଚଳିବାକୁ ଓ ସ୍ୱାଭାବିକ ହେବାକୁ କିଛି ସମୟ ଲାଗିବ। ତାକୁ ଲୋକଙ୍କ ଦେଖିବା ପାଇଁ ରଖାଯିବ କି ନାହିଁ ତାହା ସେଣ୍ଟ୍ରାଲ ଜୁ ଅଥରିଟି (ସିଜେଡ୍‌ଏ) ସ୍ଥିର କରିବେ।

ବାଘ ପାଟିରେ ପ୍ରଥମେ ମଣିଷ ରକ୍ତ ଲାଗିଥିଲା ୨୦୧୮ ଅକ୍ଟୋବର ୧୯ରେ। ମହାରାଷ୍ଟ୍ରର ମଙ୍ଗଲୁର ଦସ୍ତାଗିରରେ ପ୍ରଥମ ଶିକାର ପରେ ସେହି ମାସ ୨୨ ତାରିଖରେ ଅଞ୍ଜନସିଙ୍ଗିରେ ଆଉ ଜଣଙ୍କୁ ମାରିଥିଲା। ବାଘ ହାବୁଡ଼ରେ ପଡ଼ି ପ୍ରାଣ ହରାଇଥିବା ଦୁଇଜଣ ଯାକ ବ୍ୟକ୍ତି ଅମରାବତୀ ଜିଲାର ବାସିନ୍ଦା। ପରେ ବାଘ ଜନବସତି ଆଡ଼କୁ ଧାଇଁବାରେ ଲାଗିଲା ଓ ଗୋରୁଙ୍କ ଉପରେ ଚଢ଼ଉ କଲା। ଶେଷରେ ଭୋପାଳରୁ ପ୍ରାୟ ୨୦୦ କି.ମି. ଦୂର ସତପୁରା ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର୍) ନିକଟରେ ଆଉ ଜଣଙ୍କୁ ମାରିଦେଲା। କାହ୍ନାର ଫିଲ୍ଡ ଡିରେକ୍ଟର ଏଲ୍. କ୍ରିଷ୍ଣାମୂର୍ତ୍ତି କହିଛନ୍ତି, ବେତୁଲରେ ଏହାକୁ ଦୁଇଥର ଧରାଯାଇଥିଲା। ପ୍ରଥମ ଓ ଦ୍ୱିତୀୟ ଥର ଧରାଯିବା ସ୍ଥାନ ମଧ୍ୟରେ ଦୂରତା ମାତ୍ର ୫୦୦ ମିଟର। ପ୍ରାକୃତିକ ପରିବେଶରେ ରହିବା ପାଇଁ ଆମେ ତାକୁ ସୁଯୋଗ ଦେଇଥିଲୁ। କିନ୍ତୁ ବାଘ ପୁଣି ଜନବସତିମୁହାଁ ହୋଇଥିଲା। ୨୦୧୯ ଜାନୁୟାରୀ ୩୧ରେ ଏହାକୁ ଏସ୍‌ଟିଆର୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତା'ର ରେଡିଓ-କୋଲାର କରାଯାଇ ଫେବୃୟାରୀ ୧ରେ ଜଙ୍ଗଲକୁ ଛାଡ଼ି ଦିଆଯାଇଥିଲା। ସେହିମାସ ୨୨ ତାରିଖରେ ବାଘ ପୁଣି ଲୋକେ ରହୁଥିବା ଅଞ୍ଚଳକୁ ଯାଇଥିଲା। ଫଳରେ ତାକୁ ପୁଣି ଧରାଯାଇ ଏସ୍‌ଟିଆର୍‌କୁ ନିଆଯାଇଥିଲା। କାହ୍ନାରେ ଶନିବାର ଅପରାହ୍ଣ ୫ଟାରେ ବାଘକୁ ଟ୍ରାଙ୍କୁଲାଇଜ୍ କରାଯାଇ ଭୋପାଳକୁ ନିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନକ୍ଷତ୍ରରେ ଚନ୍ଦ୍ର ଦ୍ୱିଜା ପାଇଁ ମନୋରଞ୍ଜନ, ନୂତନ ବନ୍ଧୁ ସମ୍ପର୍କ, ଶୁଭଖବର, ଖୁସି ଗପର ମଉକା ଜୁଟାଇବ। ଅଶ୍ୱିନୀ ନକ୍ଷତ୍ର ସ୍ୱାସ୍ଥ୍ୟ ସମସ୍ୟା, ଜମିଜମା କଥା, ପୂର୍ବ କଳହ, ସମ୍ପର୍କୀୟ ଆଲୋଚନା ମଧ୍ୟରେ ଚିନ୍ତିତ ରହିବେ। ଅଭାବ ଦୂରୀକରଣ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗ ଆର୍ଥିକ ସ୍ଥିତିରେ ସୁଧାର ଆଣିବ।

**ବୃଷ** କାମଗଡ଼ିକ ଅଟକି ରହିଯାଇଥିବାରୁ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ପୂର୍ବପରି କର୍ମକ୍ଷେତ୍ରରେ ସଦିଚ୍ଛା ଓ ସମ୍ମାନର ଅଭାବ ମନରେ ବହୁତ କ୍ଷୋଭ ଆଣିବ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** ଘାତବାର ହୋଇଥିବାରୁ ପାରିବାରିକ ଅଶାନ୍ତି ସାଙ୍ଗକୁ ସ୍ୱାସ୍ଥ୍ୟହାନି ମାନସିକ ଓ ଶାରୀରିକ ସୁସ୍ଥତାକୁ କ୍ଷୁଣ୍ଣ କରିବ। ମନର କଥାକୁ ଅନ୍ୟମାନଙ୍କୁ ଜଣାଇଲେ ମଧ୍ୟ ସହାନୁଭୂତି ପାଇବା ଦୁର୍ଲଭ ହୋଇପାରେ। ଯେଉଁ କାମରେ ହାତ ଦେଲେ ମଧ୍ୟ ସବୁ କିଛି ବିଗିଡ଼ି ଯାଉଥିବାରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ।

**କର୍କଟ** ଶୁକ୍ର ଅବସ୍ଥାନ କରିଥିବାରୁ ଅର୍ଥଲାଭ, ନଷ୍ଟଦ୍ରବ୍ୟ ପ୍ରାପ୍ତି ଓ ସହକର୍ମୀଙ୍କ ସହାନୁଭୂତି ପାଇବେ। ତଥାପି ବିଶ୍ରାମହୀନ କାର୍ଯ୍ୟ, ଅନିଦ୍ରା, କଠୋର ପରିଶ୍ରମ ଓ ଖାଦ୍ୟପେୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଆଶା ପୂରଣ ନ ହେଲେ ମଧ୍ୟ କେତେକାଂଶରେ ଉପକୃତ ହେବା କାରଣରୁ ମନକୁ ବୁଝାଇ ନେଇପାରିବେ।

**ସିଂହ** ପାପଗ୍ରହାକ୍ରାନ୍ତ ହୋଇ ପର୍ଯ୍ୟାପ୍ତ ଖର୍ଚ୍ଚ ସାଙ୍ଗକୁ ବନ୍ଧୁତ୍ୱରେ ଛିଟା ଲଗାଇପାରେ। ଏହିଭଳି କେତେକ କାମର ସମ୍ମୁଖୀନ ହେବାକୁ ପଡ଼ିବ, ଯାହା କି ନ କଲେ ଚଳିବନି କିମ୍ବା କରିବା ମଧ୍ୟ ସେତେଟା ସୁବିଧାଜନକ ନ ଥିବ। ଅନ୍ୟମାନଙ୍କୁ ବୁଝାଇ ଶୁଝାଇ କାମ ହାସଲ ପାଇଁ ଚେଷ୍ଟା କଲେ ହୁଏତ କେତେକାଂଶରେ ଉପକୃତ ହୋଇପାରିବେ।

**କନ୍ୟା** ମଙ୍ଗଳଙ୍କ ଦୃଷ୍ଟିରେ ଶୁକ୍ର ସୌଖ୍ୟପ୍ରଦ ସୁନ୍ଦର ପରିବେଶକୁ ଉତ୍ତେଜନାପୂର୍ଣ୍ଣ ବାତାବରଣରେ ପରିଣତ କରିଦେଇପାରେ। ହସ୍ତା ନକ୍ଷତ୍ର ପାଇଁ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୋଇ ଆଜିର କାମଗୁଡ଼ିକ ସମ୍ପନ୍ନ ହୋଇପାରିବ। ସହଜରେ ଅନ୍ୟମାନଙ୍କୁ ସରଳ ବିଶ୍ୱାସ କରି କାମ କଲେ ଅସୁବିଧାରେ ପଡ଼ିପାରନ୍ତି।

**ତୁଳା** ଭାଇ, ବନ୍ଧୁ ତଥା ପଡ଼ୋଶୀଙ୍କ ସହ ସାଧାରଣ କଥାକୁ ନେଇ କଳହ ଘଟିବାର ସୂଚନା ରହିଛି। ସାହାଯ୍ୟ, ସହଯୋଗ ନ ପାଇଲେ ମଧ୍ୟ ନିଜର ଆତ୍ମବଳ ଓ ଦକ୍ଷତା ମାଧ୍ୟମରେ ପ୍ରତ୍ୟେକ ପରିସ୍ଥିତିକୁ ସାମନା କରିପାରିବେ। ଦୀର୍ଘ କେତେଦିନ ହେଲା ଲାଗି ରହିଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ବେହିସାବୀ କାର୍ଯ୍ୟକଳାପ ମାଧ୍ୟମରେ ଅପବ୍ୟୟ ମାନସିକ ଦୁଶ୍ଚିନ୍ତାର କାରଣ ପାଲଟିଯିବ। ଯଦିଓ ଅନୁରାଧାର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ କିନ୍ତୁ ତରବରିଆ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ଆଦର, ଗୌରବରେ ନିଜର ଅତୀତ ଦୁଃଖକୁ ସାମୟିକ ଭାବରେ ପାସୋରି ଦେଇପାରନ୍ତି।

**ଧନୁ** ଯିଏ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କିଛି କରିପାରିବେ ନାହିଁ। ସମସ୍ୟା ସମାଧାନପୂର୍ବକ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ସାମୟିକ ଖୁସି ରହିବେ। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟରେ ଉନ୍ନତିଜନିତ ଆନନ୍ଦ ଅନୁଭବ କରିବେ।

**ମକର** ବକ୍ରୀ ବୃହସ୍ପତି ଅଷ୍ଟମାଧିପତିଙ୍କ ନକ୍ଷତ୍ରରେ ରହିଥିବାରୁ ବିଭିନ୍ନ ପ୍ରକାର ଅଭିଯୋଗ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶ୍ରବଣାର ପ୍ରିୟବନ୍ଧୁ କିମ୍ବା ସହକର୍ମୀଙ୍କ ସାହାଯ୍ୟ ନେଇ ସମସ୍ୟା ସମାଧାନ ହେବାରୁ ସାମୟିକ ମନ ପରିବର୍ତ୍ତନ ଘଟିବ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ସରଗରମ ଆଲୋଚନା କରିପାରନ୍ତି।

**କୁମ୍ଭ** ନିଜର ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଓ ବିରୋଧ ମନୋଭାବ ଯୋଗୁ ମାନସିକ ସ୍ତରରେ ବିଚଳିତବୋଧ କରିବେ। ନିର୍ମାଣ କ୍ଷେତ୍ରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାର୍ଯ୍ୟସକାଶେ ପୂର୍ବ ପ୍ରସ୍ତୁତିରେ ବ୍ୟସ୍ତ ରହିପାରନ୍ତି।

**ମୀନ** ରାହୁଯୁକ୍ତ ବୁଧଙ୍କ କୁପ୍ରଭାବରୁ ଯାହାକୁ ବିଶ୍ୱାସ କରି କିଛି ଗୋପନୀୟ କଥା କହିବେ ସେହି ବ୍ୟକ୍ତି ହିଁ ସବୁ ସମସ୍ୟା ସୃଷ୍ଟିର କେନ୍ଦ୍ରବିନ୍ଦୁ ପାଲଟି ଯିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

ଆଜି ଆଷାଢ଼ କୃଷ୍ଣ ତୃତୀୟା ସୋମବାର, ଜୁନ୍ ୮ ତାରିଖ, ରାଶିନକ୍ଷତ୍ର- ଦିବା ଘ.୦୧.୪୬ମି. ଗତେ, ଉତ୍ତରାଷାଢା /ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ. ୦୮.୪୧ମି. ଗତେ ଘ.୧୦.୨୭ମି. ମଧ୍ୟେ, ରାତ୍ରି ଘ.୦୯.୧୪ମି. ଗତେ ଘ.୧୨.୦୭ମି. ମଧ୍ୟେ, ଘ.୦୧.୩୪ମି. ଗତେ ଘ.୦୩.୦୦ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩.୪୪ମି. ଗତେ ଘ.୦୪.୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬.୫୦ମି. ଗତେ ଘ.୦୮.୨୮ମି. ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନଶିରି ଗୋଟା ସୁଦ୍ଧା ଯାଉଛି**
**ଏଣେ ଜିରାରୁ ଶିରା କଢ଼ା ଚାଲିଛି।**

ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବା ବେଳେ ସେଥିପ୍ରତି ଅନେକେ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷାହେବା ନିମନ୍ତେ ଅକ୍ଳାନ୍ତ ଚେଷ୍ଟା ଚଳାଇଥାନ୍ତି। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ଭାବ ପ୍ରଦର୍ଶନ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଇଁ ଫୁଲିଆ ନାଗର ବର**
**ଶିମୁଳି ଫୁଲରେ ବାଇ**
**ପୋକସୁଙ୍ଘା ଫୁଲ ଗୋଟିଏ ପାଇଲେ**
**ବୁଲୁଥାଇ ସାଇ ସାଇ।**

ରସିକ ପଣକୁ ଠିକ୍। ମାତ୍ର ତା'ର ଦୃଷ୍ଟିଭଙ୍ଗୀ ତଥା ଆଚରଣ ନିରସ ହୋଇଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday
0674-2580101, 2549302



real estate

**SALE**

4/5BHK Duplex with gated Community at Balianta. Construction- 2200 @ 60lakhs/ 2600 @ 70lakhs. Mplanets: 9938219397/ 9861022055. D-17445



healthcare

Full body massage with Gents and Ladies, Aaiginia Square. 9777167531. D-59950

Newly open full body massage SPA in Bhubaneswar. Contact: 7205058838. D-69277

Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Herbal full body massage by smart / expert therapist. Contact: 8338067247. D-69274


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### 'ବନ୍ଦେ ଉତ୍କଳ ଜନନୀ' ...

ଏହାର ସୃଜନାତ୍ମକ ପରିବେଷଣ ଉପରେ କୌଣସି କଟକଣା ରହିବ ନାହିଁ। ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ଏହି ସଙ୍ଗୀତକୁ ଅନ୍ତର୍ଭୁକ୍ତ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ଦେ ଉତ୍କଳ ଜନନୀ ହେଉଛି କୀର୍ତ୍ତିମାଳିନୀ ଉତ୍କଳ ଜନନୀଙ୍କର ପବିତ୍ର ଆବାହନୀ ସଙ୍ଗୀତ। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ସଙ୍ଗୀତ। ଏହି କାଳଜୟୀ ସଙ୍ଗୀତ କୋଟି କୋଟି ଓଡ଼ିଆକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି। ବିଶ୍ୱ ଦରବାରରେ ଓଡ଼ିଶାର ବୈଭବକୁ ଏହି ସଙ୍ଗୀତ ଏକ ସ୍ୱତନ୍ତ୍ର ସ୍ଥାନ ଦେଇ ଆସିଛି। ଦେଶାତ୍ମବୋଧ ଏବଂ ଜାତୀୟତାବୋଧ ହେଉଛି ଏହି ସଙ୍ଗୀତର ସାର ମର୍ମ। ଏହି ସଙ୍ଗୀତର ପ୍ରତିଟି ଶବ୍ଦରେ ରହିଛି ଦେଶ ଭକ୍ତିର ଅଫୁରନ୍ତ ଶକ୍ତି ଓ ଆଗକୁ ବଢ଼ିବା ପାଇଁ ଅଦମ୍ୟ ପ୍ରେରଣା। ଏହି କାଳଜୟୀ ସୃଷ୍ଟି 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ପାଇଁ ସ୍ୱାଭିମାନୀ ଓଡ଼ିଆମାନେ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। କାନ୍ତକବିଙ୍କ ଏହି ଅନବଦ୍ୟ ସୃଷ୍ଟିକୁ ୧୯୧୨ରୁ ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଗାନ କରାଯାଇ ଆସୁଥିଲା। ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ଦିନଠାରୁ 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ ଭାବେ ପ୍ରତି ଓଡ଼ିଆଙ୍କ ହୃଦୟରେ ଓ ଭାବନାରେ ରହିଆସିଛି। ୧୯୯୪ ନଭେମ୍ବର ୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ତତ୍କାଳୀନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଅଧ୍ୟକ୍ଷତାରେ 'ବନ୍ଦେ ଉତ୍କଳ ଜନନୀ'କୁ ପ୍ରତି ବିଧାନସଭା ଅଧିବେଶନର ଶେଷ ଦିବସରେ ଉଦ୍‌ଯାପନୀ ସଙ୍ଗୀତ ଭାବେ ଗାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା, ଯାହାକି ଆଜି ପର୍ଯ୍ୟନ୍ତ ପାଳନ କରାଯାଉଛି। କିନ୍ତୁ ଅଦ୍ୟାବଧି ଏହାକୁ ରାଜ୍ୟ ସଙ୍ଗୀତ ଭାବେ ମାନ୍ୟତା ମିଳି ନ ଥିଲା। ଏନେଇ ବହୁ ବିଚାର ବିମର୍ଷ ଚାଲିଥିଲା।

କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବାକୁ ୨୦୨୦ ମେ ୩୦ ତାରିଖ ସନ୍ଧ୍ୟା ୫ଟା ୩୦ରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିବାକୁ ରାଜ୍ୟ ସମେତ ଦେଶ ବିଦେଶରେ ରହୁଥିବା ଓଡ଼ିଆଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିବେଦନ କ୍ରମେ ବନ୍ଦେ ଉତ୍କଳ ଜନନୀକୁ ଓଡ଼ିଶା ସମେତ ଦେଶ ବିଦେଶରେ ଗାନ କରାଯାଇଥିଲା। ଏହି ବିରଳ ଅନୁଭବକୁ ସତେଜ ରଖିବା ପାଇଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଆ ରାଜ୍ୟ ସରକାରଙ୍କ ନିକଟକୁ ଭିଡିଓ ପଠାଇଥିଲେ। ସେଥିପାଇଁ ରାଜ୍ୟ କ୍ୟାବିନେଟ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହା ପରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଥିଲା। ଏହି ଐତିହାସିକ ମୁହୂର୍ତ୍ତକୁ ଚିରସ୍ଥାୟୀ କରିବା ସହ ସାଢେ ୪ କୋଟି ଓଡ଼ିଆଙ୍କ ଭାବାବେଗକୁ ସମ୍ମାନ ଜଣାଇ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ଭାବେ ମାନ୍ୟତା ଦେବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ଓଡ଼ିଆ ଭାଇଭଉଣୀମାନେ ଯେପରି ଏକତାନରେ ବନ୍ଦେ ଉତ୍କଳ ଜନନୀ ଗାନ କରି ଜାତିପ୍ରେମର ନିଦର୍ଶନ ଦେଖାଇଛନ୍ତି ତାହା ଅତୁଳନୀୟ। ବର୍ତ୍ତମାନର କଠିନ ପରିସ୍ଥିତିରେ ଏହି ସଙ୍ଗୀତ ଆମ ସଙ୍କଳ୍ପକୁ ଆହୁରି ଦୃଢ଼ କରିବା ସହିତ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବ। ସାରା ଓଡ଼ିଶା ଏହି ସଙ୍ଗୀତ ତାନରେ ଏକଜୁଟ ହୋଇଛି। ଏ ଜାତି ଏକ ମନ, ଏକ ପ୍ରାଣ ହୋଇ ଜାଗି ଉଠିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

### ଓରେରା ଟ୍ରିବ୍ୟୁନାଲ..

କରିବା ପ୍ରକ୍ରିୟା ଆରମ୍ଭ କଲେ। ୨୦୧୯ ସେପ୍ଟେମ୍ବର ୫ରେ ଓଆର୍‌ଇଏଟିର ଅଧ୍ୟକ୍ଷଭାବେ ଜଷ୍ଟିସ୍ ସୁବାସ ଚନ୍ଦ୍ର ପରିଜାଙ୍କୁ ନିଯୁକ୍ତି ଦିଆଗଲା। ଏହାପରେ ୨ଜଣ ସଦସ୍ୟ ଭାବେ ଈଶନ୍ ଦାସ ଓ ମଳୟ ଚାର୍ଟୀଙ୍କୁ ନିଯୁକ୍ତ କରାଗଲା। ଆପିଲେଟ ଟ୍ରିବ୍ୟୁନାଲର ଅସ୍ଥାୟୀ କାର୍ଯ୍ୟାଳୟ ଫର୍ଚ୍ଚୁନ୍ ଟାୱାର ଠାରେ ଖୋଲାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ୧୭ ଜଣ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଅଧିକାରୀ ଓ କର୍ମଚାରୀଙ୍କ ଦରମା ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦରେ ସରକାର ଇତିମଧ୍ୟରେ ପ୍ରାୟ ୧କୋଟି ଖର୍ଚ୍ଚ ହେଲାଣି। ମାତ୍ର ଏଯାବତ୍ ଉକ୍ତ ଟ୍ରିବ୍ୟୁନାଲରେ ଗୋଟିଏ ହେଲେ ମାମଲା ଫଇସଲା ହୋଇପାରି ନାହିଁ। ଯାହାକୁ ନେଇ ଘର କିଣିବାକୁ ଇଚ୍ଛୁକ ଥିବା ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଫାଉଣ୍ଡେଶନ ଅଫ ଓଡ଼ିଶା ଆପାର୍ଟମେଣ୍ଟ ଆସୋସିଏଶନର ସାଧାରଣ ସମ୍ପାଦକ ବିମଳେନ୍ଦୁ ପ୍ରଧାନ କହିଛନ୍ତି ଯେ, ଓଆର୍‌ଇଏଟି ଗଠନ ହେବା ଦିନଠୁ ଏଯାବତ୍ ଗୋଟିଏ ହେଲେ ମାମଲା ଫଇସଲା ହୋଇ ନ ଥିବା ବେଳେ ସରକାର କେଉଁ ଉଦ୍ଦେଶ୍ୟରେ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଓରେରା ଅଧ୍ୟକ୍ଷ ଅମିୟ ମହାପାତ୍ର ନିଜ ପଦବୀରୁ ୨୦୨୦ ଫେବୃୟାରୀ ୧୦ରେ ଇସ୍ତଫା ଦେଇଥିବାବେଳେ ମେ ୧୧ ତାରିଖରୁ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ତାଙ୍କ ସ୍ଥାନରେ ସଦସ୍ୟ ନିରଞ୍ଜନ ସାହୁ କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ କାର୍ଯ୍ୟ ହୋଇପାରୁ ନ ଥିବାରୁ ପ୍ରମୋଟରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ମାସକୁ ୩୦ରୁ ୪୦ ପ୍ରକଳ୍ପ ଅନୁମୋଦନ ପାଇଁ ଓରେରାକୁ ଆସୁଥିବାବେଳେ ସେଥିରୁ ମାତ୍ର ୪ରୁ ୫ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଉଥିବା ସୂଚନା ମିଳିଛି।

କ୍ରେଡାଇ ଓଡ଼ିଶାର ଚେୟାରମ୍ୟାନ ଡି.ଏସ୍. ତ୍ରିପାଠୀଙ୍କ କହିବା ହେଲା ଓରେରାରେ ପ୍ରକଳ୍ପ ଅନୁମୋଦନରେ ବିଳମ୍ବ ହେଉଛି। ନିୟମ ଅନୁସାରେ ୩୦ଦିନ ମଧ୍ୟରେ ପ୍ରକଳ୍ପ ଅନୁମୋଦନ ହେବା କଥା, ହେଲେ ୬ ରୁ ୮ମାସ ବିତିଯାଉଥିଲେ ବି ଅନୁମୋଦନ ମିଳୁନାହିଁ। ଏହାଦ୍ୱାରା ପ୍ରମୋଟର ଓ ବିଲ୍ଡରମାନେ ଆର୍ଥିକ କ୍ଷତି ସହିତ ଶ୍ରମିକ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପର ଅନୁମୋଦନ ପାଇଁ ଦୃଷ୍ଟି ଦେବାର ଆବଶ୍ୟକ ରହିଛି ବୋଲି ତ୍ରିପାଠୀ କହିଛନ୍ତି। ଏ ସମ୍ପର୍କରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଓରେରା ଅଧ୍ୟକ୍ଷ ଇସ୍ତଫା ଦେବା ପରେ ସଦସ୍ୟ ନିରଞ୍ଜନଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି। ସେ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି। ଅଧ୍ୟକ୍ଷ ନିଯୁକ୍ତି ନେଇ କମିଟି ଗଠନ କରାଯାଇଛି। ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ଟ୍ରିବ୍ୟୁନାଲ୍ ସମ୍ପର୍କରେ ମନ୍ତ୍ରୀ କହିଲେ ଯେ, ସେ ବିଷୟରେ ତାଙ୍କ ପାଖରେ କିଛି ଖବର ନାହିଁ।

### ପେଟ୍ରୋଲ, ଡିଜେଲ ଲିଟର ...

କରୋନା ଯୋଗୁ ରାଜ୍ୟଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁ ଥିବାରୁ ଇନ୍ଧନ ଉପରେ କିଛି ରାଜ୍ୟ ଟିକସ ବୃଦ୍ଧି କରିଥିବା ନଜରକୁ ଆସିଛି। ମୂଲ୍ୟ ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଓ ଡିଜେଲ ଯଥାକ୍ରମେ ୭୧.୮୬ ଏବଂ ୬୯.୯୯ ଟଙ୍କା ରହିଛି। ଗତ ମାସରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ଲିଟର ପିଛା ୧୦ ଟଙ୍କା ଓ ୧୩ ଟଙ୍କା ମୂଲ୍ୟ ବଢାଇଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ନିମ୍ନରେ ରହିଥିବାରୁ ଇନ୍ଧନର ମୂଳ ମୂଲ୍ୟରେ ବୃଦ୍ଧି ହୋଇ ନ ଥିଲା। ତେଲ କମ୍ପାନୀଗୁଡିକ ଟିକସ ବୃଦ୍ଧିକୁ ନିଜ ମଧ୍ୟରେ ବ୍ୟବସ୍ଥିତ କରିଥିଲେ। ଫଳରେ ଇନ୍ଧନର ରିଟେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇ ନ ଥିଲା। ବର୍ତ୍ତମାନ ଇନ୍ଧନ ଦରକୁ ପ୍ରତିଦିନ ରିଭ୍ୟୁ କରାଯାଉଛି। ଭାରତ ଏହାର ମୋଟ ଇନ୍ଧନ ଆବଶ୍ୟକତାର ୮୦% ଆମଦାନୀ ଦ୍ୱାରା ପୂରଣ କରୁଛି। ରବିବାର ବ୍ରେଣ୍ଟ କ୍ରୁଡ ୩ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଏହାର ବ୍ୟାରେଲ ପିଛା ଦର ୪୨%ରୁ ଊର୍ଦ୍ଧ୍ୱ ରହିଛି। ଏପ୍ରିଲ ମାସରେ ଏହା ୨୦ ଡଲାର ତଳକୁ ଖସି ଯାଇଥିଲା। ଲକଡାଉନ ପାଇଁ ଗାଡି ମୋଟର ଏବଂ କଳକାରଖାନା ବନ୍ଦ ରହିବା ଯୋଗୁ ଇନ୍ଧନ ଚାହିଦା ଖସି ଯାଇଛି। ଚଳିତ ବର୍ଷ ଏପ୍ରିଲରେ ପେଟ୍ରୋଲିୟମ ଚାହିଦା ୪୬% ନିମ୍ନରେ ରହିଛି। ଏହି ସମୟରେ ପେଟ୍ରୋଲ, ଡିଜେଲ ଏବଂ ବିମାନ ଇନ୍ଧନ ବା ଏଟିଏଫ୍ ବିକ୍ରି ଯଥାକ୍ରମେ ୬୧%, ୫୬.୭% ଏବଂ ୯୧.୫% ଖସିଛି ବୋଲି ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ରହିଛି। ମେ ମାସରେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡିକ କଟକଣା ଧୀରେ ଧୀରେ ହଟାଇବା ଯୋଗୁ ଇନ୍ଧନ ବିକ୍ରିରେ ପରିବର୍ତ୍ତନ ଆସୁଥିବା ନଜରକୁ ଆସିଛି। ଏପ୍ରିଲ ମାସ ତୁଳନାରେ ମେ ମାସରେ ଉନ୍ନତି ପରିଲକ୍ଷିତ ହୋଇଛି। ହେଲେ ୨୦୧୯ ମେ କଥା ବିଚାରକୁ ନେଲେ ଇନ୍ଧନ ବିକ୍ରି ୩୮.୯% ନିମ୍ନରେ ରହିଛି। ବର୍ତ୍ତମାନ ଅନ୍‌ଲକ ୧ ଘୋଷଣା ହୋଇଥିବାରୁ ସୋମବାରଠାରୁ ମଲ ଖୋଲିବ। ଏହା ହେଲେ ସ୍ଥିତିରେ ଆହୁରି ପରିବର୍ତ୍ତନ ଦେଖାଯିବ ବୋଲି ଶିଳ୍ପ ସୂତ୍ରରୁ ସୂଚନା ରହିଛି।

### ଅଗଷ୍ଟ ୧୫ ପରେ ...

ବୋଲି ମେ' ଶେଷ ଭାଗରେ ଖବର ପ୍ରକାଶ ପାଇଥିଲା। ଏଥିରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଘରେ ରହିବା ପାଇଁ କୁହାଯାଇଥିଲା। ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଦୁଇ ସିଫ୍ଟରେ ଶିକ୍ଷାନୁଷ୍ଠାନ ଖୋଲିବା ନେଇ ଖବର ପ୍ରକାଶ ପାଇଥିଲା। ତେବେ ଦିନକୁ ଦିନ ସଂକ୍ରମଣ ମାତ୍ରା ବଢ଼ିଚାଲିବା ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ କେବେ ସ୍କୁଲ ଖୋଲିବ ବୃତ୍ତାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ହୋଇନାହିଁ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ସପ୍ତାହେ ମଧ୍ୟରେ ଆନୁଷ୍ଠାନିକ ବିବୃତି ପ୍ରକାଶ ପାଇବ। ପିଲା, ଅଭିଭାବକ ଓ ଶିକ୍ଷକଙ୍କ ମନରୁ ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଅଗଷ୍ଟ ପରେ ସ୍କୁଲ ଖୋଲିବ ବୋଲି ଏଚ୍‌ଆର୍‌ଡି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏପରିକି ଅଗଷ୍ଟ ୧୫ ପରେ ସ୍କୁଲ୍ ଖୋଲିପାରେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସିକ୍ୟୁରିଟି ସୁପରଭାଇଜରଙ୍କୁ ଅପହରଣ
#### ବରମୁଣ୍ଡା ଓଭରବ୍ରିଜ୍‌ରୁ ଉଦ୍ଧାର କଲା ପୋଲିସ

**ପୁରୁଣା ଭୁବନେଶ୍ୱର,୭।୬(ଡି.ଏନ୍‌.ଏ.):** ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରାସ୍ତା ପାର୍ଶ୍ୱରେ ଥିବା ହାଇଟେକ୍ ପ୍ଲାଜାର ସୁକ୍ୟୁରିଟି ସୁପରଭାଇଜର କୈବଲ୍ୟନାଥ ପଟ୍ଟନାୟକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ହାଇଟେକ୍ ପ୍ଲାଜାରେ ରାଜେଶ ମଲ୍ଲିକ ନାମକ ଜଣେ ବ୍ୟକ୍ତି ଘର ନେଇ ରୁହନ୍ତି। ଶନିବାର ରାତିରେ ପ୍ଲାଜା ସମ୍ମୁଖରେ ରାଜେଶ କୌଣସି କାରଣକୁ ନେଇ ହୋହଲ୍ଲା କରୁଥିଲେ। ସେଠାରେ କାର୍ଯ୍ୟରତ କୈବଲ୍ୟ ଶଟ୍‌ଡାଉନ ସମୟରେ ଏଭଳି ହୋହଲ୍ଲା କରିବାକୁ ବାରଣ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ କୈବଲ୍ୟ ସିକ୍ୟୁରିଟି ସଂସ୍ଥାର ମାଲିକଙ୍କୁ ଡକାଇଥିଲେ। ମାଲିକ ପହଞ୍ଚି ଉଭୟଙ୍କ ମଧ୍ୟରେ ବୁଝାଶୁଝା କରିଥିଲେ। କିନ୍ତୁ ରବିବାର ଭୋର ସମୟରେ ହଠାତ୍ ୩ରୁ ଊର୍ଦ୍ଧ୍ୱ ଯୁବକ ଏକ କାର୍‌ରେ ଘଟଣାସ୍ଥଳରେ ପହଞ୍ଚି କୈବଲ୍ୟଙ୍କୁ ଖଣ୍ଡା ଦେଖାଇବା ସହ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଅପହରଣ କରିନେଇଥିଲେ। ଏହାପରେ ଯୁବକମାନେ ତାଙ୍କୁ ବରମୁଣ୍ଡା ଓଭରବ୍ରିଜରେ ଛାଡି ପଳାଇଥିଲେ। ମଧ୍ୟାହ୍ନ ୧୨ଟାରେ ପୋଲିସ ତାଙ୍କୁ ଗୁରୁତର ଅବସ୍ଥାରେ ବରମୁଣ୍ଡା ଓଭରବ୍ରିଜରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏ ନେଇ କୈବଲ୍ୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୯୩/୨୦) ରୁଜୁକରି ତଦନ୍ତ ଚଳାଇଛି।

# ଶିଖରଚଣ୍ଡୀ ବସ୍ତିରୁ ମୁଣ୍ଡ ନେଲା କରୋନା

**ଭୁବନେଶ୍ୱର, ୭।୬ (ବ୍ୟୁରୋ)**

- ଶିଖରଚଣ୍ଡୀ ନଗରରେ ଭୟର ବାତାବରଣ
- କ୍ୱାରାଣ୍ଟାଇନ୍‌ରେ ସାଲିଆ ସାହିର ୪୪ ପରିବାର
- ଆଉ ୨ ନୂଆ ଆକ୍ରାନ୍ତ ଚିହ୍ନଟ, ସୁସ୍ଥ ହେଲେ ୨

କିଛିଦିନର ଆଶ୍ୱସ୍ତି ପରେ କରୋନାକୁ ନେଇ ଭୁବନେଶ୍ୱରରେ ପୁଣି ଦେଖାଦେଇଛି ଭୟର ବାତାବରଣ। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏବେ ସହରର ବିଭିନ୍ନ ବସ୍ତିରୁ କୋଭିଡ୍-୧୯ ପଜିଟିଭ୍ ବାହାରିବା ଚିନ୍ତା ବଢ଼ାଇ ଦେଇଛି। ଏପରିସ୍ଥଳେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଥିବାବେଳେ ରବିବାର ଆଉଏକ ମୁଣ୍ଡ ନେଇଛି ମହାମାରୀ କରୋନା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡେପୁଟି କମିଶନର ଶୁଭେନ୍ଦୁ ସାହୁଙ୍କ ସୂଚନାନୁସାରେ, ମୃତକ ଜଣକ ଶିଖରଚଣ୍ଡୀ ନଗରର ଉପର ସାହିରେ ପରିବାର ସହ ରୁହନ୍ତି। ତାଙ୍କର କୌଣସି ଗସ୍ତ ବିବରଣୀ ନ ଥିଲା। କିନ୍ତୁ ତାଙ୍କ ଝିଅ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁରରୁ ଆସିଥିବାରୁ ଝିଅ ସହ ତାଙ୍କର ମଧ୍ୟ ନମୁନା ପରୀକ୍ଷଣ ହୋଇଥିଲା। ନମୁନା ପଜିଟିଭ୍ ବାହାରିବାରୁ ଗତ ୧ ତାରିଖ ଦିନ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଗତ କିଛିଦିନ ହେବ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରେ ଲାଗିଥିଲା। ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି ବୋଲି ସାହୁ କହିଛନ୍ତି। ପୂର୍ବରୁ ରାଜଧାନୀରେ ଅନ୍ୟ ୩ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିଲାବେଳେ ଏବେ ଏହି ସଂଖ୍ୟା ୪ ଛୁଇଁଛି।

ଶେଷ ୨୪ଘଣ୍ଟା ମଧ୍ୟରେ ୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଉଭୟ ଗୋଟିଏ ପରିବାରରୁ ହୋଇଥିବାବେଳେ ପଟିଆ କଲେଜ ନିକଟ ଘରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଉଭୟ ଦିଲ୍ଲୀରୁ ଫେରିଥିଲେ। ଜଣେ ୪୦ ବର୍ଷର ପୁରୁଷ ଓ ଅନ୍ୟଜଣେ ୮ ବର୍ଷର ନାବାଳିକା ଥିବା ଗସ୍ତ ବିବରଣୀରୁ ଜଣାପଡ଼ିଛି। ସେହିପରି ରବିବାର ଆଉ ୨ଜଣ ସୁସ୍ଥ ହୋଇଛନ୍ତି। ଜଣଙ୍କ ଘର ନୟାପଲ୍ଲୀ ହୋଇଥିବାବେଳେ ଅନ୍ୟଜଣେ ଶୈଳଶ୍ରୀବିହାରର। ଉଭୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ପଜିଟିଭ୍ ଚିହ୍ନଟ ହୋଇଥିବା ଡେପୁଟି କମିଶନର ସାହୁ କହିଛନ୍ତି। ଫଳରେ ରାଜଧାନୀରେ ମୋଟ ୮୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୫୩ଜଣ ସୁସ୍ଥ ହୋଇଛନ୍ତି ଓ ୩୧ ସକ୍ରିୟ ସଂକ୍ରମିତ ରହିଛନ୍ତି।

ଦୁଇଦିନ ତଳେ ସାଲିଆସାହି ବସ୍ତିରୁ ଚିହ୍ନଟ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କ୍ୱାରାଣ୍ଟାଇନ୍ ରହିବାକୁ କୁହାଯାଇଥିଲା। ୪୪ଜଣଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏଥିସହ ୧୪ଦିନ ଯାଏ ସାଲିଆସାହି ୱାର୍ଡ ନଂ.୧୬ ଅଞ୍ଚଳକୁ ଆକ୍ଟିଭ୍ ସର୍ଭିଲାନ୍ସରେ ରଖାଯିବ। ବିଏମ୍‌ସି ୩ଥର ଲେଖାଏ ଉକ୍ତ ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବାବେଳେ ଆଗକୁ ମଧ୍ୟ ଲୋକଙ୍କ ନମୁନା ପରୀକ୍ଷଣ ଉପରେ ଧ୍ୟାନ ରଖାଯିବ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ମିଳିଛି।

# ନିଶା ପାଇଁ ଗୋଷ୍ଠୀସଂଘର୍ଷ, ୮ ଆହତ





**ଭୁବନେଶ୍ୱର, ୭।୬ (ବ୍ୟୁରୋ)**

### ଭରତପୁର ରମ୍ଭା ବସ୍ତି ରଣକ୍ଷେତ୍ର

- ଦୁଇ ଗୋଷ୍ଠୀ ମୁହାଁମୁହିଁ, ଢେଲା ପଥର ମାଡ଼
- ବୁଝାଶୁଝା ବେଳେ ପୋଲିସକୁ ଆକ୍ରମଣ
- ୧୫ ଅଟକ, ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ

ନିଶା ପାଇଁ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁରରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଢେଲା ପଥର ମାଡ଼ରେ ଉଭୟ ଗୋଷ୍ଠୀର ୮ ଜଣ ଆହତ ହୋଇଛନ୍ତି। ଏଥିସହ ପୋଲିସ୍‌କୁ ମଧ୍ୟ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ୧୫ଜଣଙ୍କୁ ଅଟକ ରଖିଥିବାବେଳେ ସେହି ଅଞ୍ଚଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସର ଫ୍ଲାଗ୍‌ମାର୍ଚ୍ଚ ସହ ପାଟ୍ରୋଲିଂ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଥିବା ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ଗୋଟାଏ ସମୟରେ ଭରତପୁର ଦେଉଳି ସାହି ବସ୍ତିର ଜଣେ ଯୁବକ ନିଶାଦ୍ରବ୍ୟ କିଣିବା ପାଇଁ ସାଇକେଲରେ ରମ୍ଭା ବସ୍ତି ଦେଇ ଯାଉଥିଲେ। ଏହି ସମୟରେ ରମ୍ଭା ବସ୍ତିର କେତେଜଣ ଯୁବକ ତାଙ୍କୁ ଅଟକାଇ ଥଟ୍ଟା କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ରମ୍ଭା ବସ୍ତିର ଯୁବକମାନେ ଦେଉଳିସାହିର ଉକ୍ତ ଯୁବକଙ୍କୁ ସଂଘବଦ୍ଧ ଭାବେ ନିସ୍ତୁକ ମାଡ଼ ମାରିଥିଲେ। ମାଡ଼ ଖାଇ ଯୁବକ ଜଣକ ନିଜ ବସ୍ତିକୁ ଫେରି ଘଟଣା ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇଥିଲେ। ଏହାପରେ ଦେଉଳି ସାହିର ଏକାଧିକ ମହିଳା ଓ ପୁରୁଷ ଡକାଡକି ହୋଇ ରମ୍ଭା ବସ୍ତିକୁ ଯାଇଥିଲେ। ଫଳରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ପ୍ରଥମେ ଯୁକ୍ତିତର୍କ ଓ ପରେ ଟେକାପଥର ମାଡ଼ କରିଥିଲେ। ବହୁ ସମୟ ଧରି ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିଲା। ଟେକାପଥର ମାଡ଼ରେ ଉଭୟ ଗୋଷ୍ଠୀର ୮ଜଣ ଆହତ ହୋଇଥିଲେ। ଖବରପାଇ ଥାନାଧିକାରୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଗଣ୍ଡଗୋଳ ଭିତରେ ପୋଲିସ ଉପରକୁ ମଧ୍ୟ ଟେକାପଥର ମାଡ଼ ହୋଇଥିଲା। ଶେଷରେ ଥାନାଧିକାରୀ ୬ ପ୍ଲାଟୁନ ଫୋର୍ସ ମଗାଇ ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଆହତମାନଙ୍କୁ ସ୍ଥାନୀୟ ଏମ୍‌ସ ହସ୍ପିଟାଲ ପଠାଇଥିଲା। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ କେତେଜଣଙ୍କୁ ଥାନାକୁ ଉଠାଇ ନେଇ ପଚରାଉଚରା କରୁଥିଲା।

# ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶରୁ ବିମାନରେ ଫେରିଲେ ୩୧୦ ପ୍ରବାସୀ

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ଜମ୍ମୁ-କଶ୍ମୀର ଓ ହିମାଚଳ ପ୍ରଦେଶର ଅପହଞ୍ଚ ଇଲାକାରେ ଫସି ରହିଥିବା ଓଡ଼ିଆମାନଙ୍କୁ ରବିବାର ରାଜ୍ୟ ସରକାର ଫେରାଇ ଆଣିଛନ୍ତି। ଏୟାର ଏସିଆର ୩ଟି ବିମାନରେ ୩୧୦ଜଣ ପ୍ରବାସୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଭୁବନେଶ୍ୱରର ଥିବାବେଳେ ଅନ୍ୟମାନେ ରାଜ୍ୟର ବିଭିନ୍ନ ଜିଲାର ବୋଲି ଜଣାପଡ଼ିଛି। ଏହି ପ୍ରବାସୀମାନେ ଜମ୍ମୁ-କଶ୍ମୀରର ଅନନ୍ତନାଗ, ରାଜୌରା, ପୁଞ୍ଚ, ଜମ୍ମୁ ଓ ସାମ୍ବା ଜିଲା ଏବଂ ହିମାଚଳ ପ୍ରଦେଶର କାଙ୍ଗ୍ରା ଓ ଉନା ଜିଲାରେ ଅଟକି ରହିଥିଲେ। ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ଅଧିକାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବା ସହ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିଲେ।





### ଆଜି ଆଣ୍ଡାମାନରୁ ଆସିବ ସ୍ୱତନ୍ତ୍ର ବିମାନ

କୋଭିଡ-୧୯ ନିୟମାବଳୀ ଅନୁଯାୟୀ ଆବଶ୍ୟକ ଔପଚାରିକତା ପରେ ଜମ୍ମୁ-କାଶ୍ମୀର ଏବଂ ହିମାଚଳ ପ୍ରଦେଶ ବିମାନବନ୍ଦରରୁ ସେମାନଙ୍କୁ ଆଣିବାର ସମସ୍ତ ବନ୍ଦୋବସ୍ତ ହୋଇଥିଲା। ଅନ୍ୟପକ୍ଷରେ ସୋମବାର ଦିନ ୧୨ଟା ୩୦ରେ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ଫସି ରହିଥିବା ଓଡ଼ିଆଙ୍କୁ ନେଇ ଅନ୍ୟଏକ ସ୍ୱତନ୍ତ୍ର ବିମାନ ଭୁବନେଶ୍ୱରରେ ପହଞ୍ଚିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, କରୋନା ମହାମାରୀ ପରିପ୍ରେକ୍ଷୀରେ ସମଗ୍ର ଦେଶରେ ଲକ୍‌ଡାଉନ ଯୋଗୁ ରାଜ୍ୟ ସରକାର ଦେଶର ବିଭିନ୍ନ ପ୍ରାନ୍ତରେ ଫସି ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ନିରାପଦରେ ରାଜ୍ୟକୁ ଫେରାଇ ଆଣିବା ଅଭିଯାନ ହାତକୁ ନେଇଛନ୍ତି। ଯେଉଁଠାରେ ରେଳ ସେବା ଉପଲବ୍ଧ ନାହିଁ କିମ୍ବା ଅନ୍ୟ କୌଣସି ଗାଡ଼ିରେ ଆଣିବା ସମ୍ଭବ ହେଉନି, ସେଠାରୁ ବିମାନ ଦ୍ୱାରା ପ୍ରବାସୀଙ୍କୁ ଆଣିବାର ବ୍ୟବସ୍ଥା କରାଯାଉଛି।

# ରଥଯାତ୍ରା ନ ହେଲେ ବର୍ଷସାରା ଠାକୁର ଅଣସର ପିଣ୍ଡିରେ ରହିଯିବେ: ହଳଧର

**ପୁରୀ ଅଫିସ, ୭।୬:** କରୋନା ସ୍ଥିତିକୁ ଦେଖି ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ଧାର୍ମିକସ୍ଥଳକୁ ସର୍ବସାଧାରଣ ଯିବା ଓ ବାହାରେ କୌଣସି ଧାର୍ମିକ ସମାବେଶ ଆୟୋଜନ ଉପରେ କଟକଣା ଜାରି ହୋଇଛି। ଏସବୁ କଟକଣା ଭିତରେ ଚଳିତବର୍ଷ ରଥଯାତ୍ରା ଆୟୋଜନକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ଯଦିଓ ବିନା ଭକ୍ତରେ ମନ୍ଦିର ଭିତରେ ସ୍ନାନଯାତ୍ରା ସରିଛି କିନ୍ତୁ ରଥଯାତ୍ରା ଉପରୁ ସମ୍ପୂର୍ଣ୍ଣ ପରଦା ହଟିନାହିଁ। ତେବେ ରଥଯାତ୍ରାକୁ ନେଇ ରବିବାର ଗଣମାଧ୍ୟମ ସମ୍ମୁଖରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି ବଡଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର ଦାସମହାପାତ୍ର। ସେ କହିଛନ୍ତି, କରୋନା ଭୟରେ ଯଦି ରଥଯାତ୍ରା ନ ହୁଏ ତେବେ ବର୍ଷସାରା ଠାକୁର ଅଣସର ପିଣ୍ଡିରେ ହିଁ ରହିଯିବେ। ଅନ୍ୟପକ୍ଷରେ ପୂର୍ବରୁ ଶ୍ରୀମନ୍ଦିର ଭିତରେ ରଥଯାତ୍ରା ହୋଇଛି ବୋଲି ମତ ଦେଇଛନ୍ତି ଐତିହ୍ୟ ବିଶାରଦ।

ଆସନ୍ତା ୨୩ରେ ରଥଯାତ୍ରା। କରୋନା ପାଇଁ ଏଥର ରଥଯାତ୍ରା ହେବ ନା ନାହିଁ ସେ ନେଇ ଏବେ ସୁଦ୍ଧା କିଛି ସ୍ପଷ୍ଟ ହୋଇନାହିଁ। ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ କିଛି ସ୍ପଷ୍ଟ କରି ନ ଥିବାବେଳେ ରଥଯାତ୍ରାର ପ୍ରସ୍ତୁତି କିନ୍ତୁ ଜାରି ରହିଛି। ମହାପ୍ରଭୁ ଏବେ ଅଣସରରେ ରହିଛନ୍ତି। ତେବେ ରଥଯାତ୍ରାକୁ ନେଇ ଯେଉଁ ଆଶଙ୍କା ଲାଗିରହିଛି ସେ ସମ୍ପର୍କରେ ବଳଭଦ୍ରଙ୍କ ବାଡ଼ଗ୍ରାହୀ ହଳଧର କହିଛନ୍ତି, ଯଦି ରଥଯାତ୍ରା ବନ୍ଦ ହୋଇଯାଏ ତେବେ ମହାପ୍ରଭୁ ବର୍ଷେ ଯାଏ ରତ୍ନସିଂହାସନକୁ ଫେରିପାରିବେ ନାହିଁ, ଆସନ୍ତା ବର୍ଷ ରଥଯାତ୍ରା ପର୍ଯ୍ୟନ୍ତ ଅଣସର ପିଣ୍ଡିରେ ରହିବେ। ସେଠାରୁ ରଥକୁ ବିଜେ କରିବେ। ରଥଯାତ୍ରାର କିଛି ବିକଳ୍ପ ନାହିଁ କି ଏହା କାହା ହାତର କଥା ନୁହେଁ, ଘର ଭିତରେ କରିଦେବେ। ରଥଯାତ୍ରାର ସ୍ୱତନ୍ତ୍ର ପରମ୍ପରା ରହିଛି। ଠାକୁର ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କରିବେ। ସେଠାରେ ଅନ୍ନ ମହାପ୍ରସାଦ ପ୍ରସ୍ତୁତ ହେବ। ଯଦି ନୀଳାଦ୍ରିବିଜେ ନ ହେବ ତେବେ ମହାଲକ୍ଷ୍ମୀଙ୍କ ସହ ଗଇଣ୍ଠାଳ ଫିଟିବା ନାହିଁ ଭଳି ଅନେକ ନୀତିକାନ୍ତିରେ ବିଭ୍ରାଟ ଘଟିବ। ନୀଳାଦ୍ରିବିଜେ ପରେ ରତ୍ନସିଂହାସନରେ ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କର ଭେଟ ହୁଏ। ମହାପ୍ରଭୁ ମହାଲକ୍ଷ୍ମୀଙ୍କଠାରୁ ସମଗ୍ର ବିଶ୍ୱର ଭଲମନ୍ଦ ବୁଝିଥାନ୍ତି ବୋଲି ହଳଧର କହିଛନ୍ତି। ତେବେ ପ୍ରଶାସନ ନିଶ୍ଚିତ ରଥଯାତ୍ରା କରିବ ବୋଲି ସେ ଆଶା ରଖିଛନ୍ତି।

### ଐତିହ୍ୟ ବିଶାରଦଙ୍କ ମତ 'ଶ୍ରୀମନ୍ଦିର ଭିତରେ ହୋଇଛି ରଥଯାତ୍ରା'



ହଳଧର ଦାସମହାପାତ୍ର

ଅନ୍ୟପକ୍ଷରେ ଇତିହାସ ଏବଂ ମାଦଳା ପାଞ୍ଜିକୁ ଆଧାର କରି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ପ୍ରତିକୂଳ ପରିସ୍ଥିତିରେ ଶ୍ରୀମନ୍ଦିର ଭିତରେ ରଥଯାତ୍ରା ହୋଇଛି। ଡ. ମିଶ୍ରଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ଶ୍ରୀମନ୍ଦିର ଉପରେ ଆକ୍ରମଣଜନିତ ପ୍ରତିକୂଳ ପରିସ୍ଥିତିରେ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ରହିଥିବାବେଳେ ୧୫୫ ବର୍ଷ ଧରି ରଥଯାତ୍ରା ହୋଇପାରିନାହିଁ। ଇତିହାସରୁ ଜଣାପଡ଼େ ଯବନ ଓ ବିଧର୍ମୀମାନେ ୧୮ଥର ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ଏଥିଲାଗି ୨୨ଥର ମହାପ୍ରଭୁଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଥିଲା। ଶ୍ରୀକ୍ଷେତ୍ର ଛାଡ଼ି ୧୬୪ ବର୍ଷ ୪ ମାସ ବାହାରେ ରହିଥିଲେ ଦାରୁଦିଅଁ। ଏହି ସମୟ ମଧ୍ୟରେ ୮ଥର ଶ୍ରୀକ୍ଷେତ୍ର ବାହାରେ ଏବଂ ଥରେ ଶ୍ରୀମନ୍ଦିର ଭିତରେ ରଥଯାତ୍ରା ହୋଇଥିଲା। ୧୬୯୨ରେ ଶ୍ରୀମନ୍ଦିର ଭିତରେ ଗୁପ୍ତରେ ରଥଯାତ୍ରା କରାଯାଇଥିଲା।







### ଶଟ୍‌ଡାଉନ୍‌ରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**କଟକ ଅଫିସ,୭।୬:** ମଙ୍ଗଳାବାଗ ଥାନା ଶଗଡ଼ିଆସାହିରେ ଶନିବାର ରାତିରେ ଚୋରି ହୋଇଛି। କେତେକ ଦୁର୍ବୃତ୍ତ ଜଣଙ୍କ ଘରେ ପଶି ଠାକୁରଘରୁ ମୂର୍ତ୍ତି ଓ ବହୁ ସୁନା ଅଳଙ୍କାର ଲୁଟି ନେଇଥିବା ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ମନୋଜ କୁମାର ସାହୁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଘରର ଦ୍ୱିତୀୟ ମହଲାରେ ଠାକୁର ଘର ରହିଛି। ଠାକୁର ଘରେ ପିତ୍ତଳ ମୂର୍ତ୍ତି, ଚାନ୍ଦି ମୁକୁଟ, ସୁନା ହାର ଓ ଏକ ଟ୍ରଙ୍କରେ ତାଙ୍କ ମା'ଙ୍କର ବହୁ ଅଳଙ୍କାର ଥିଲା। କେହି ଦୁର୍ବୃତ୍ତ ଏହି ଅଳଙ୍କାର ସବୁ ଓ ଟ୍ରଙ୍କ ଚୋରି କରିନେଇଛନ୍ତି। ୭ ଭରିରୁ ଅଧିକ ଅଳଙ୍କାର ହେବ ବୋଲି ଏତଲାରେ ଦର୍ଶାଯାଇଛି। ମଙ୍ଗଳବାଗ ପୋଲିସ ଆଇପିସି ୩୮୦ ଅନୁଯାୟୀ କେସ୍ ନଂ ୧୪୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ିଲା ଲୋକକଳା ଡାଟାବେସ୍ ପ୍ରସ୍ତୁତି

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ରାଜ୍ୟରେ ଲୋକକଳାର ପ୍ରଚାରପ୍ରସାର ଏବଂ ଲୋକକଳା କଳାକାରଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଲୋକକଳା ସଂଘ ଗଠନ କରାଯାଇଛି। ବ୍ଲକ୍, ଜିଲା ଏବଂ ରାଜ୍ୟସ୍ତରରେ ଗଠିତ ଏହି ସଂଘଗୁଡ଼ିକ ପାରମ୍ପରିକ ଲୋକକଳାର ପ୍ରଚାରପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହି ସଂଘକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ କଳାକାରଙ୍କ ଡାଟାବେସ୍ ପ୍ରସ୍ତୁତ କରାଯାଉଛି। ଏହାକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। '୫-ଟି' କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏହି ପଦକ୍ଷେପ ଗ୍ରହଣ କରାଯିବ। ଏହାବ୍ୟତୀତ ବିଭିନ୍ନ ଜରୁରୀ ସମୟରେ ଏହି ଡାଟାବେସ୍‌କୁ କାମରେ ଲଗାଇବା ସରକାରଙ୍କ ଆଭିମୁଖ୍ୟ ବୋଲି ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ତେବେ ଏହି ଡାଟାବେସ୍ ପ୍ରସ୍ତୁତି ପାଇଁ ଗତ ମେ' ୩୧ ପର୍ଯ୍ୟନ୍ତ ତଥ୍ୟ ବା ଡାଟା ଗ୍ରହଣ କରିବାର ନିର୍ଦ୍ଦେଶ ରହିଥିଲା। କିନ୍ତୁ କୋଭିଡ୍-୧୯ ଯୋଗୁ ଏହା ସମ୍ଭବ ନ ହେବାରୁ ଏହାକୁ ଆହୁରି ଏକ ମାସ ବୃଦ୍ଧି କରାଯାଇ ଜୁନ୍ ୩୦ ପର୍ଯ୍ୟନ୍ତ ରଖାଯାଇଛି। କଳାକାରଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ଆମେ ଏବେ ଭର୍ଚୁଆଲ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଛୁ। ଆଗାମୀଦିନରେ ଲୋକକଳାର ବିଭିନ୍ନ କାର୍ଯ୍ୟକ୍ରମକୁ ସୋସିଆଲ୍ ମିଡ଼ିଆ ସହ ଟେଲିଭିଜନରେ ପ୍ରସାରଣ କରାଯିବ ବୋଲି ପ୍ରମୁଖ ସଚିବ ପାଣିଗ୍ରାହୀ କହିଛନ୍ତି।




ଧରିତ୍ରୀ
DHARITRI
ସୋମବାର, ୮ ଜୁନ୍, ୨୦୨୦

> କେତେକ କହନ୍ତି– ଯୀଶୁଖ୍ରୀଷ୍ଟଙ୍କ ମୁଖ– ନିଃସୃତବାଣୀ କୁଆଡେ ଜାଲିଆତି କଥା ଏବଂ ଶ୍ରୀକୃଷ୍ଣ ମଧ୍ୟ କୁଆଡେ କବିଙ୍କର କଳ୍ପନା। ଆମ୍ଭେମାନେ କିନ୍ତୁ ଏହି ଜାଲିଆତି ପାଇଁ ଭଗବାନଙ୍କୁ କୃତଜ୍ଞତା ଜଣାଉଛୁ ଏବଂ କବି– କଳ୍ପନାକୁ ପ୍ରଣତି ଜଣାଉଛୁ। –ଶ୍ରୀଅରବିନ୍ଦ



# ବର୍ଜନ ଗର୍ଜନ

କରୋନା ଭାଇରସ୍ ବ୍ୟାପିବା ଯୋଗୁ ଭାରତୀୟ ଅର୍ଥନୀତି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। କିନ୍ତୁ ଏହା ପୂର୍ବରୁ ଦେଶର ଅର୍ଥନୈତିକ ବ୍ୟବସ୍ଥା ଭାଙ୍ଗିପଡ଼ିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ଫାଇଦା ପାଇଁ ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଭଳି କଠୋର ଆର୍ଥିକ ଅସ୍ତ୍ର ପ୍ରୟୋଗ କରିବା ପରେ ଦେଶର ପ୍ରତ୍ୟେକ ବର୍ଗ ପ୍ରଭାବିତ ହୋଇଆସୁଛନ୍ତି। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ତାହାକୁ ନିୟନ୍ତ୍ରଣ କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ବ୍ୟୟ ହେଉଛି ବୋଲି କୁହାଯାଉଛି। କିନ୍ତୁ ତାହା କିଭଳି ଓ କ'ଣ ପାଇଁ ଖର୍ଚ୍ଚ ହେଉଛି ସାଧାରଣ ନାଗରିକ ଜାଣିପାରୁ ନାହାନ୍ତି। ଅନ୍ୟପଟେ ଖର୍ଚ୍ଚ କାଟ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବର୍ଷେ ପାଇଁ କୌଣସି ନୂଆ ଯୋଜନା ଆରମ୍ଭ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଏପରି କି ବଜେଟରେ ଅନୁମୋଦିତ ହୋଇଥିବା ଯୋଜନା ମଧ୍ୟ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି କୁହାଯାଇଛି। ସମ୍ଭବତଃ ସ୍ୱାଧୀନ ଭାରତ ଇତିହାସରେ ଏଭଳି ନିଷ୍ପତ୍ତି ନିଆଯାଇ ବଜେଟ୍‌କୁ ଅକାମୀ କରିଦିଆଯିବାର ଦୃଷ୍ଟାନ୍ତ କେବେହେଲେ ଦେଖାଯାଇ ନ ଥିଲା। କେବଳ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ ଏବଂ ଆତ୍ମନିର୍ଭର ଭାରତ ପ୍ୟାକେଜରେ ଘୋଷଣା ହୋଇଥିବା ଯୋଜନାରେ ଅର୍ଥ ବ୍ୟୟ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚାଇ ଦିଆଯାଇଛି।

କରୋନା ସଂକ୍ରମଣଜନିତ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଯୋଗୁ ନିର୍ମାଣ କାର୍ଯ୍ୟଠାରୁ ଆରମ୍ଭ କରି କଳକାରଖାନା ଦୀର୍ଘଦିନ ଧରି ବନ୍ଦ ରହିଆସିଛି। ନିୟମ କୋହଳ କରାଯାଇଥିବାରୁ କିଛି ଦିନ ହେବ ଅଳ୍ପ କେତୋଟି କ୍ଷେତ୍ର ଧୀରେସୁସ୍ଥେ କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ଶ୍ରମିକଙ୍କ ଅଭାବ ଉତ୍ପାଦ ବୃଦ୍ଧିରେ ପ୍ରତିବନ୍ଧକ ସାଜିଛି। ଲୋକଙ୍କ ହାତରେ ଅର୍ଥ ନ ଥିବାରୁ ବଜାର ବ୍ୟବସ୍ଥା ସ୍ଥାଣୁ ହୋଇଯାଇଛି। ଏହାଦ୍ୱାରା ଗରିବ ଓ ଦିନ ମଜୁରିଆ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଖଟିଖିଆଙ୍କୁ କାମ ଯୋଗାଇଥାଏ। ଏବେ ବିପଦ ଥିବା ବେଳେ ଏହିଭଳି ଅତ୍ୟାବଶ୍ୟକ ଯୋଜନାକୁ ଯଦି ବନ୍ଦ କରିଦିଆଯିବ ତା'ହେଲେ ସିଧାସଳଖ ଗରିବଙ୍କୁ ମୃତ୍ୟୁମୁଖକୁ ଠେଲି ଦିଆଯିବା ପରି ମନେହେବ। ଅନେକ ଯୋଜନା ମଧ୍ୟରେ ଏହା ଗୋଟିଏ ମାତ୍ର ଦୃଷ୍ଟାନ୍ତ। ୨୦୨୦ କରୋନା ଭାଇରସ୍ ମହାମାରୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ରିଲିଫ୍ ପ୍ୟାକେଜ ଦେଇଥିବା ବିଷୟ ସମସ୍ତଙ୍କୁ ଜଣାଅଛି। ସେହିପରି ଆତ୍ମନିର୍ଭର ଭାରତ ପ୍ୟାକେଜରେ ୨୦ ଲକ୍ଷ କୋଟି ଟଙ୍କା ବିଭିନ୍ନ କ୍ଷେତ୍ରକୁ ଦିଆଯିବା ପାଇଁ କୁହାଯାଇଛି। ଆଶ୍ଚର୍ଯ୍ୟର ବିଷୟ ଯେ, ଏହି ଦୁଇଟି ଆର୍ଥିକ ପ୍ୟାକେଜ ମଧ୍ୟରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୧୯ କୋଟି ୮୬ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫୦୦ ଟଙ୍କା ଲେଖାଏ ପଠାଇବାକୁ କୁହାଯାଇଛି। ଆସନ୍ତା ୩ ମାସ ପାଇଁ ୮ କୋଟି ପରିବାରକୁ ବିନାମୂଲ୍ୟରେ ଏଲ୍‌ପିଜି ଯୋଗାଣ ଏବଂ ୩୨ କୋଟି ହିତାଧିକାରୀଙ୍କୁ ୨୮ ହଜାର ୨୫୬ କୋଟି ଟଙ୍କା ଦିଆଯାଇଛି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ପରିସ୍ଥିତି ସମ୍ପର୍କରେ ଜାଣିବା ଅସମ୍ଭବ। ଅନୁରୂପ ଭାବେ ଆତ୍ମନିର୍ଭର ଭାରତରେ ବ୍ୟୟବରାଦ କରାଯାଇଥିବା ଅର୍ଥର ଆକାର ଦେଖିଲେ ସେତେଟା କମ୍ ନୁହେଁ ବୋଲି କୁହାଯାଇପାରେ। କିନ୍ତୁ ଅର୍ଥନୀତି ବିଶାରଦଙ୍କ ମତରେ ଏହି ଯୋଜନାରେ ସାଧାରଣ ବର୍ଗଙ୍କୁ ଲାଭ ପହଞ୍ଚାଇବାର କୌଣସି ସୁଯୋଗ ନାହିଁ। କାରଣ ସର୍ତ୍ତ ଅନୁଯାୟୀ ସଂସ୍କାର ଓ ଋଣ ବ୍ୟବସ୍ଥାକୁ ଏଥିରେ ଅଗ୍ରାଧିକାର ଦିଆଯାଇଛି। ଏହାଦ୍ୱାରା ସରକାରଙ୍କ ରାଜକୋଷରୁ ଅର୍ଥ ଖର୍ଚ୍ଚ କରାଯିବା ଅପେକ୍ଷା ଲୋକଙ୍କୁ ଋଣ ଆଣି ଆତ୍ମନିର୍ଭର ହେବା ପାଇଁ ପରାମର୍ଶ ଦିଆଯାଇଛି।

ଏଠାରେ 'ଆତ୍ମନିର୍ଭର' ଶବ୍ଦକୁ ତର୍ଜମା କଲେ ଆଜିର ବିଶ୍ୱାୟନ ଯୁଗରେ ଏକାକୀ ତିଷ୍ଠିବା ସମ୍ଭବ ନୁହେଁ। ପ୍ରତ୍ୟେକେ ପ୍ରତ୍ୟେକଙ୍କ ଉପରେ ନିର୍ଭର ରହିବାକୁ ବାଧ୍ୟ। ଚାଇନା ସାମଗ୍ରୀ ବର୍ଜନ ପାଇଁ ଦେଶର ମୁଷ୍ଟିମେୟ ଲୋକ ଅଭିଯାନ ଆରମ୍ଭ କରିଛନ୍ତି। ସ୍ୱଦେଶୀ ଦ୍ରବ୍ୟ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଦୁଃଖର ବିଷୟ ଯେ, ଭାରତରେ ପ୍ରସ୍ତୁତ ସାମଗ୍ରୀର କଞ୍ଚାମାଲ କିମ୍ବା ଉପାଦାନଗୁଡ଼ିକ ଚାଇନାରୁ ଆମଦାନୀ କରାଯାଉଛି। ଏହା ବ୍ୟତୀତ ବିଗତ ବର୍ଷଗୁଡ଼ିକରେ ଭାରତର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ସମ୍ପୂର୍ଣ୍ଣ ଭାବେ ପଙ୍ଗୁ କରିଦିଆଯାଇଛି। ସେହି ପ୍ରେକ୍ଷାପଟରୁ ଦେଖିଲେ ଭୋର୍ ହେବା ମାତ୍ରକେ ଚାଇନା ସାମଗ୍ରୀ ବନ୍ଦ କରିଦେବା ସମ୍ଭବପର ନୁହେଁ। ଏହା ବ୍ୟତୀତ ଚାଇନା ମଧ୍ୟ ଚୁପ୍ ବସିନାହିଁ। ତାହାର ସାମରିକ ଶକ୍ତିକୁ ବ୍ୟବହାର କରି ପୂର୍ବ ଲଦାଖରେ ଯେଉଁ କସରତ କରୁଛି ତାହା ଦ୍ୱାରା ଭାରତର ସମସ୍ୟା ବୃଦ୍ଧି ପାଉଛି। ହୁଏତ ଯୁଦ୍ଧ କରିବା ପାଇଁ ଚାଇନାର ଉଦ୍ଦେଶ୍ୟ ନ ଥାଇପାରେ। ତାହାର ଆଭ୍ୟନ୍ତରୀଣ ଅର୍ଥନୈତିକ ଦୁରବସ୍ଥା ଯୋଗୁ ଚାଇନା ଏବେ ନିଜର ମୁଦ୍ରା 'ୟୁଆନ୍'କୁ ଆମେରିକାର 'ଡଲାର' ଭଳି ପୃଥିବୀର ବ୍ୟବସାୟିକ ମୁଦ୍ରାରେ ପରିବର୍ତ୍ତନ କରିବାକୁ ଚାହୁଁଥାଇପାରେ। ସେଥିପାଇଁ ଭାରତକୁ ଧମକାଇ ଏହି ଦେଶରେ ତାହାର 'ବ୍ୟାଙ୍କ୍ ଅଫ୍ ଚାଇନା'କୁ ପ୍ରବେଶ କରାଇବାରେ ଚାପ ପ୍ରୟୋଗ କରିଛି। ସେହି ଚାପ ସମ୍ମୁଖରେ ମୋଦି ସରକାର ଭାଙ୍ଗିପଡ଼ିଲେ। ଏହା ଯୋଗୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତରଫରୁ ବ୍ୟାଙ୍କ୍ ଅଫ୍ ଚାଇନାକୁ ଭାରତ ମାଟିରେ ବ୍ୟବସାୟ କରିବାକୁ ଅନୁମତି ମିଳି ଗଲାଣି।

ଏଥିରୁ ବୁଝିବାକୁ ହେବ ଯେ ଚାଇନା ସାମଗ୍ରୀ ବର୍ଜନ କରିବାର ଗର୍ଜନ କେବଳ ମାତ୍ର ନାଗରିକଙ୍କ ଦୃଷ୍ଟି ହଟାଇବା ଉଦ୍ଦେଶ୍ୟରେ କରାଯାଉଛି। ମୋଦି ସରକାର ତାହାର ନୀତି ନିୟମରେ ଚାଇନା ସାମଗ୍ରୀ ଓ ସେବା ରୋକିବା ଲାଗି କୌଣସି ଉଦ୍ଦେଶ୍ୟ ରଖିଥିବା ଭଳି ମନେ ହେଉନାହିଁ।

# କରୋନା ମୁକାବିଲାରେ ଆଶାକର୍ମୀଙ୍କ ଅନନ୍ୟ ଭୂମିକା

ସୁଶ୍ରୀ ପ୍ରୀତି ସୁଦାନ
ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ

ଡକ୍ଟର ରଜନୀ ବେଦ
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଜାତୀୟ ସ୍ୱାସ୍ଥ୍ୟ ପ୍ରଣାଳୀ ସମ୍ବଳ କେନ୍ଦ୍ର

ପନ୍ଦରବର୍ଷ ପୂର୍ବେ, ୨୦୦୫ରେ ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ 'ଆଶା' କାର୍ଯ୍ୟକ୍ରମର ପ୍ରବର୍ତ୍ତନ କରାଯାଇଥିଲା। ଏହାକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍)ର ଅଂଶବିଶେଷ ଭାବେ ଗ୍ରହଣ କରାଯାଇଥିଲା। ଆରମ୍ଭରେ ଏହା କେବଳ ପରୀକ୍ଷାମୂଳକ କାର୍ଯ୍ୟକ୍ରମ ଥିଲା। 'ହାଇ ଫୋକସ ଷ୍ଟେଟ' ଭାବେ ବିବେଚିତ ତଥା ପୂର୍ବରୁ କ୍ଷମତାପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମୂହରେ ଆସୁଥିବା ରାଜ୍ୟଗୁଡ଼ିକ ହିଁ ଏହି କାର୍ଯ୍ୟକ୍ରମର ସୁବିଧା ପାଇବାକୁ ଯୋଗ୍ୟ ଥିଲେ। ଏହି ରାଜ୍ୟଗୁଡ଼ିକ ହେଲେ–ବିହାର, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ସମୂହ ଏବଂ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ–କଶ୍ମୀର ଭଳି ପାର୍ବତ୍ୟାଞ୍ଚଳ ରାଜ୍ୟ ଓ କେତେକ ଆଦିବାସୀ ଅଧ୍ୟୁଷିତ ରାଜ୍ୟ। ମାତ୍ର ଚାରିବର୍ଷ ପରେ, ୨୦୦୯ରେ ଦେଶର ଅବଶିଷ୍ଟ ରାଜ୍ୟ 'ଆଶା' କାର୍ଯ୍ୟକ୍ରମକୁ ଗ୍ରହଣ କରିବା ସକାଶେ ଆଗ୍ରହ ପ୍ରକଟ କରିଥିଲେ। ସେଥିମଧ୍ୟରେ କେରଳ ମଧ୍ୟ ସାମିଲ ଥିଲା, ଯେଉଁ ରାଜ୍ୟରେ ଏବେ କୋଭିଡ୍–୧୯ ମହାମାରୀ ମୁକାବିଲା ଦିଗରେ 'ଆଶା' କର୍ମୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଚଳିତବର୍ଷ ଜାନୁୟାରୀ ପରଠାରୁ ଏହି ବିଶ୍ୱ ମହାମାରୀ ମୁକାବିଲାରେ ଆଶାକର୍ମୀମାନଙ୍କ ପ୍ରେରଣାଦାୟୀ ଭୂମିକା ସର୍ବାଧିକ ଚର୍ଚ୍ଚାରେ ରହିଛି।

'ଆଶା' କହିଲେ ପ୍ରାୟ ୧୦ ଲକ୍ଷ ମହିଳାଙ୍କୁ ନେଇ ଗଠିତ ଏକ କ୍ୟାଡରକୁ ବୁଝାଏ। ସେମାନେ ସକ୍ରିୟ କର୍ମୀ/ ସାମାଜିକ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀ ତଥା ଲିଙ୍କ ୱାର୍କର ଭାବେ ଭୂମିକା ନିର୍ବାହ କରୁଛନ୍ତି। ଦେଶର ପ୍ରତ୍ୟେକ ଗ୍ରାମ/ପଲ୍ଲୀରେ ଏବେ ଏମାନଙ୍କୁ ଦେଖିବାକୁ ମିଳୁଛି। ଏପରି କି ସହରାଞ୍ଚଳ ବସ୍ତିରେ ମଧ୍ୟ ସେମାନଙ୍କ ଉପସ୍ଥିତି ଅନୁଭବ କରିହେବ। ଆଶା କାର୍ଯ୍ୟକ୍ରମ କହିଲେ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ରୂପାୟନ ମାତ୍ରାକୁ ବୁଝାଏ ; ଯାହା କି ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ସଂସ୍କାର ଭାବେ ବିବେଚିତ ହୋଇଥାଏ। ଆଶା କର୍ମୀଙ୍କ ସଫଳତା ଅନେକଗୁଡ଼ିଏ କାରଣ ଉପରେ ନିର୍ଭରଶୀଳ। ସେଗୁଡ଼ିକ ମଧ୍ୟରେ ରହିଛି– ଗୋଷ୍ଠୀ ନେତୃତ୍ୱ ଚୟନ, ସ୍ଥାନୀୟ ସ୍ୱୟଂଶାସିତ ଅନୁଷ୍ଠାନଗୁଡ଼ିକ ସହ ଜଡ଼ିତ ଗୋଷ୍ଠୀସ୍ତରୀୟ ଢାଞ୍ଚା ବିଷୟରେ ଗଭୀର ଧାରଣା, ସମର୍ପିତ ସହଯୋଗ ଓ ପ୍ରଶିକ୍ଷଣ ବ୍ୟବସ୍ଥା, ପରାମର୍ଶ ଦେବାର କାର୍ଯ୍ୟ ଏବଂ ଏକ ମିଶ୍ରିତ ବ୍ୟବସ୍ଥା ମାଧ୍ୟମରେ ପାରିଶ୍ରମିକ ପ୍ରଦାନ ସୁବିଧା ; ଯାହା ନିଶ୍ଚିତ ଓ ପ୍ରଦର୍ଶନ ଆଧାରିତ ପାରିଶ୍ରମିକ ପ୍ରଦାନର ଏକ ସମାହାର।

ଆଶା କର୍ମୀମାନଙ୍କ ଦୈନନ୍ଦିନ କାର୍ଯ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ନଟ୍ ଓ ବୋଲ୍ଟ ଭଳି କାମ କରିଥାଏ। ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାର ତୃଣମୂଳ ସ୍ତର ଅର୍ଥାତ୍ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ହିଁ ରହି ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। ସେହିସବୁ କେନ୍ଦ୍ରଗୁଡ଼ିକୁ ଏବେ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଭାବେ ପରିବର୍ତ୍ତିତ କରାଯାଉଛି। ଆଶାକର୍ମୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ସଂଯୋଗକାରୀର ଭୂମିକା ନିର୍ବାହ କରିଥାନ୍ତି। କାରଣ ସେମାନଙ୍କ ନିକଟରେ ନିଜ ଗୋଷ୍ଠୀ ସମ୍ପର୍କରେ ଗଭୀର ଜ୍ଞାନ ରହିଥାଏ, ଯାହା କି ଅନ୍ତିମ ପଙ୍କ୍ତି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଣରେ ସହାୟକ ହୋଇଥାଏ। ଏହି ବିଶେଷତ୍ୱ ହିଁ କୋଭିଡ୍ ସଂକ୍ରମଣ ହୋଇଥାଉ ଅବା ଅଣକୋଭିଡ୍ ଅସୁସ୍ଥତା, ସମସ୍ତ କାର୍ଯ୍ୟରେ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ଲାଗି ସକ୍ଷମ କରିଥାଏ।

ବର୍ଷ ପରେ ବର୍ଷ ଆଶାକର୍ମୀମାନେ ଏକ ସାମାଜିକ ପୁଞ୍ଜି ନିର୍ମାଣ କରିଛନ୍ତି ଏବଂ ସେମାନେ ନିଜର ଜନସମ୍ପର୍କକୁ ବିବିଧ କାର୍ଯ୍ୟରେ ବିନିଯୋଗ କରୁଛନ୍ତି। ଏହା ଏପରି ଏକ କାର୍ଯ୍ୟକ୍ରମ, ଯେଉଁଥିରେ ଆଶାକର୍ମୀଙ୍କ ନିଜସ୍ୱ ପ୍ରେରଣା ଏବଂ ଜନସମ୍ପର୍କ ମିଳିତ ଭାବେ ଏକ ମହାଶକ୍ତିରେ ପରିଣତ ହୋଇଛି ଏବଂ ତାହା ଏକ ସଚେତନ ସାମୂହିକ ଶକ୍ତି ସୃଷ୍ଟି କରିଛି। ସେମାନେ କୋଭିଡ–୧୯ ଭଳି ବୈଶ୍ୱିକ ମହାମାରୀର ମୁକାବିଲା କରିବା ନିମନ୍ତେ ନିଜର ବିପୁଳ ଅଭିଜ୍ଞତାର ପୂର୍ଣ୍ଣ ଉପଯୋଗ କରୁଛନ୍ତି।

ଏହା କହିବା ଅତିଶୟୋକ୍ତି ହେବନାହିଁ ଯେ ଦେଶରେ ସ୍ୱାସ୍ଥ୍ୟସେବାର ବ୍ୟାପକ ନେଟୱର୍କ କାର୍ଯ୍ୟ କରୁଥିଲେ ହେଁ ପ୍ରତ୍ୟେକ ଗ୍ରାମରେ ଜଣେ ଜଣେ ଆଶାକର୍ମୀଙ୍କ ଉପସ୍ଥିତି ହିଁ ସମସ୍ତଙ୍କ ନିକଟରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପହଞ୍ଚାଇ ପାରିଛି। ବିଗତ କିଛି ସପ୍ତାହ ହେବ ଆମେ ସମସ୍ତେ ଏହା ଦେଖୁଛୁ। ୨୦୧୩ ମସିହାରେ ଦେଶର ସହରାଞ୍ଚଳରେ ଆଶାକର୍ମୀ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହା ଥିଲା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ଅଂଶବିଶେଷ। ଏଥିରେ ଆଶାକର୍ମୀମାନଙ୍କୁ କେବଳ ସହରର ବସ୍ତି ଏବଂ ଏଭଳି ବସତି ଅଞ୍ଚଳରୁ ଚୟନ କରାଯିବାର ବାଧ୍ୟତାମୂଳକ ନିୟମ ରହିଛି, ଯାହାଦ୍ୱାରା ସେମାନେ ସହରାଞ୍ଚଳର ଗରିବ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇପାରିବେ। ଏବେ ଏହି ବ୍ୟବସ୍ଥା ଗ୍ରାମାଞ୍ଚଳ ଆଶା କାର୍ଯ୍ୟକ୍ରମ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି।

ଉତ୍ତରାଖଣ୍ଡର ଭୂମିକମ୍ପ ହେଉ ଅବା ଓଡ଼ିଶାର ଝଡ଼ବାତ୍ୟା କିମ୍ବା ବର୍ତ୍ତମାନର ବୈଶ୍ୱିକ ମହାମାରୀ କରୋନା, ଯାହା କି ସାରା ଦେଶରେ ମାଡ଼ି ଚାଲିଛି, ସେସବୁ ବିପତ୍ତିକୁ ଆଶାକର୍ମୀମାନେ ହିଁ ସର୍ବପ୍ରଥମେ ମୁକାବିଲା କରିବାକୁ ଆଗେଇ ଆସିଛନ୍ତି। କୋଭିଡ୍–୧୯ ଠାରୁ ସୁରକ୍ଷିତ ରହିବାର ପ୍ରସ୍ତୁତି ଏବଂ ଏହାର ସଂକ୍ରମଣ ନିୟନ୍ତ୍ରଣ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ମୁକାବିଲା କ୍ଷେତ୍ରରେ ଆଶାକର୍ମୀମାନେ ଅଙ୍ଗନୱାଡି କର୍ମୀ ଓ ଏଏନ୍‌ଏମ୍‌ମାନଙ୍କୁ ସାଙ୍ଗରେ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତେବେ ଦେଶରେ କରୋନା ମହାମାରୀ ମୁକାବିଲା କରିବାରେ ଅନ୍ୟ ଛାମୁଆ କର୍ମୀମାନଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରାଯିବା ଉଚିତ, କିନ୍ତୁ ଆଶାକର୍ମୀମାନେ ଗାଁରେ ହିଁ ରୁହନ୍ତି ଓ ବୟସ୍କ ହୁଅନ୍ତୁ ଅବା ନବଜାତ ଶିଶୁ ପ୍ରତ୍ୟେକ ଲୋକର ଘରକୁ ନିୟମିତ ଭାବେ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥାନ୍ତି।

ଘରକୁ ଘର ବୁଲି ସର୍ଭେ କରିବା, ଲୋକଙ୍କୁ ଭଲ ଭାବେ ହାତ ଧୋଇବା ସମ୍ପର୍କରେ ସଚେତନ କରିବା, ମାସ୍କ ସିଲେଇ କରି ଅନ୍ୟମାନଙ୍କୁ ବାଣ୍ଟିବା, ସଚେତନତା ସୃଷ୍ଟି କରିବା ଏବଂ ଗୋଷ୍ଠୀ ନିରୀକ୍ଷଣ ସହିତ ଆଶା ଫିଲ୍ଡ ଟିମ୍ ସହିତ ସଂକ୍ରମିତମାନଙ୍କୁ ଚିହ୍ନଟ କରିବାରେ ଅଗ୍ରଣୀ ରହିଛନ୍ତି ତଥା ନିଜ ସମୁଦାୟ ମଧ୍ୟରେ କୋଭିଡ୍ ମୁକାବିଲାରେ ସବୁଠୁ ଆଗରେ ରହିଛନ୍ତି।

କୋଭିଡ୍–୧୯ କାର୍ଯ୍ୟକ୍ରମ ବ୍ୟତୀତ, ଆଶାକର୍ମୀମାନେ ଅଣକୋଭିଡ୍ ସମ୍ପର୍କିତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ ମଧ୍ୟ ଗୁରୁଦାୟିତ୍ୱ ତୁଲାଇବାରେ ସଫଳ ହୋଇଛନ୍ତି। ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଯତ୍ନ, ଯକ୍ଷ୍ମା ରୋଗାକ୍ରାନ୍ତ ଏବଂ ଅନ୍ୟାନ୍ୟ ଘାତକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ନିକଟରେ ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଜାରି ରଖି ଆସିଛନ୍ତି। ଯେହେତୁ ସେମାନେ ନିଜ ଗୋଷ୍ଠୀ ସହ ଢେର ପୂର୍ବରୁ ଭଲ ରୂପେ ପରିଚିତ, ସେହି ଦୃଷ୍ଟିରୁ ସେମାନେ ପୀଡ଼ିତ ଲୋକମାନଙ୍କ ନିକଟରେ ଶୀଘ୍ର ପହଞ୍ଚିବା ସହଜସାଧ୍ୟ ହୋଇଥାଏ। ଏପରି କି ମହିଳାମାନଙ୍କୁ ନିରାପଦ ପ୍ରସବ ନିମନ୍ତେ ସବୁମତେ ପ୍ରବର୍ତ୍ତାଇବାରେ ଆଶାକର୍ମୀମାନେ ସକ୍ଷମ ହୋଇଥାନ୍ତି। ଏଥିସହ ଗର୍ଭବତୀ ମହିଳା ଓ ପ୍ରସବ ପରେ ନବଜାତକଙ୍କୁ ଟିକା ପ୍ରଦାନ ନିମନ୍ତେ ରାଜି କରାଇବା କାର୍ଯ୍ୟ ମଧ୍ୟ ସେମାନେ ନିୟମିତ ଭାବେ କରିଆସୁଛନ୍ତି। ଅନେକ ରାଜ୍ୟରେ ଆଶାକର୍ମୀମାନେ ଘର ଘର ବୁଲି ଅସୁସ୍ଥ ଓ ବୟୋବୃଦ୍ଧମାନଙ୍କୁ ଉପଶମକାରୀ ସେବା ପ୍ରଦାନ ମଧ୍ୟ ଜାରି ରଖିଛନ୍ତି। ଘରକୁ ଘର ବୁଲି ନବଜାତକଙ୍କ ଯତ୍ନ ନେବା ସହ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ଶିଶୁଯତ୍ନ ସଂକ୍ରାନ୍ତ ବିଭିନ୍ନ ପ୍ରକାର ପରାମର୍ଶ ଦେଉଛନ୍ତି।

ନିଜ ପ୍ରତି ଏବଂ ନିଜ ପରିବାର ପ୍ରତି ସଂକ୍ରମଣର ଭୟ ଥିବା ସତ୍ତ୍ୱେ ସେମାନେ କୋଭିଡ୍–୧୯ ମୁକାବିଲାର ଗୁରୁଦାୟିତ୍ୱ ମୁଣ୍ଡାଇଛନ୍ତି। ନିରବଚ୍ଛିନ୍ନ ଭାବେ କର୍ତ୍ତବ୍ୟ ସମ୍ପାଦନ ଜାରି ରଖିଛନ୍ତି। ମେଘାଳୟର ଦୁର୍ଗମ ଗ୍ରାମାଞ୍ଚଳରେ ସଙ୍ଗରୋଧରେ ଥିବା ଲୋକମାନଙ୍କୁ ପାନୀୟ ଜଳ ଯୋଗାଇବାଠାରୁ ଆରମ୍ଭ କରି ରାଜସ୍ଥାନରେ ଘରକୁ ଘର ବୁଲି ନବଜାତକଙ୍କ ଯତ୍ନ ଅଥବା ଆସାମରେ ଦୁରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଔଷଧ ପହଞ୍ଚାଇବା ସବୁପ୍ରକାରର କାର୍ଯ୍ୟରେ ଆଶାକର୍ମୀମାନେ ସାହସ ଓ ବିଶ୍ୱାସର ଏକ ନୂଆ ଭାବନା ପ୍ରଦର୍ଶିତ କରିଛନ୍ତି। ତେଣୁ ଜନସାଧାରଣଙ୍କ ମନରେ ଆଶାକର୍ମୀମାନେ ଏକ ନୂତନ ଆତ୍ମବିଶ୍ୱାସ ଏବଂ ଆସ୍ଥା ସୃଷ୍ଟି କରିପାରିଛନ୍ତି। ପୁଣି କେତେକ ରାଜ୍ୟରେ ଆଶାକର୍ମୀମାନେ ବ୍ଲକ ଓ ଜିଲାସ୍ତରୀୟ କୋଭିଡ୍ ନିରୋଧୀ ଟିମରେ ସାମିଲ ହୋଇ ଉଚ୍ଚ ମାନର ବିଶ୍ୱସନୀୟତା ତଥା ଦାୟିତ୍ୱବୋଧ ପ୍ରଦର୍ଶନ କରିଛନ୍ତି। କେତେକ ସ୍ତରରେ ମତ ପ୍ରକାଶ ପାଇଛି ଯେ, ଆଶାକର୍ମୀମାନଙ୍କୁ କୋଭିଡ୍–୧୯ ନିରୋଧୀ ପ୍ରୟାସରେ ସାମିଲ କରିବାରେ ଅନେକ ବିପଦ ରହିଛି, ତେଣୁ ସେମାନଙ୍କୁ କେବଳ ଗୋଷ୍ଠୀ ସଚେତନତା କାର୍ଯ୍ୟରେ ସୀମିତ ରଖାଯିବା ଉଚିତ। କେତେକ ସ୍ଥାନରେ ଆଶାକର୍ମୀ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଉପରକୁ ହିଂସାତ୍ମକ ଆକ୍ରମଣ ମଧ୍ୟ ହୋଇଥିବାର ନଜିର ରହିଛି। ଏଭଳି ହିଂସା ପଛରେ ଥିବା କାରଣଟି ହେଲା ଭୟ। କିନ୍ତୁ ରାଜ୍ୟଗୁଡ଼ିକ ଏଭଳି ଘଟଣାରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଆଶାକର୍ମୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିଛନ୍ତି।

ଯେ କୌଣସି ବର୍ଗର ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ପ୍ରଦର୍ଶିତ ହିଂସାତ୍ମକ ଆଚରଣ ବିରୋଧରେ ସରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିପାଇଁ ଏପ୍ରିଲ ୨୦୨୦ରେ ମହାମାରୀ ବ୍ୟାଧି ଆଇନ ୧୮୯୭ ଅନୁସାରେ ଏକ ଅଧ୍ୟାଦେଶ (ମହାମାରୀ ବ୍ୟାଧି ସଂଶୋଧନ ଅଧ୍ୟାଦେଶ) ଜାରି କରାଯାଇଛି। ଏଭଳି ହିଂସାତ୍ମକ କାଣ୍ଡ ଘିଆଉଥିବା ବ୍ୟକ୍ତିଙ୍କ ବିରୋଧରେ ଆର୍ଥିକ ଓ ଜେଲ ଦଣ୍ଡ ଭଳି ପ୍ରାବଧାନ କରାଯାଇଛି। ଏହା ଅତିରିକ୍ତ, ଛାମୁଆ କୋଭିଡ୍ ଯୋଦ୍ଧାମାନଙ୍କ ସ୍ୱାସ୍ଥ୍ୟ ନିରାପତ୍ତାକୁ ସୁନିଶ୍ଚିତ କରାଯିବା ସକାଶେ ରାଜ୍ୟମାନଙ୍କୁ ବାରମ୍ବାର ଚେତାଇ ଦିଆଯାଉଛି। ଆଶାକର୍ମୀମାନଙ୍କୁ ମାସ୍କ ବାନ୍ଧିବା ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏହାକୁ କାର୍ଯ୍ୟରେ ମଧ୍ୟ ପରିଣତ କରାଯିବା ସହ ଏଥିରୁ ଈପ୍ସିତ ସୁଫଳ ମିଳିଛି। ପ୍ରାଥମିକ ପର୍ଯ୍ୟାୟରେ, ଜିଲା ଓ ବ୍ଲକ ସ୍ତରରେ ପିପିଇ ବ୍ୟବସ୍ଥା ୟୁନିଫର୍ମ ଭାବେ ନ ଥିଲା। କିନ୍ତୁ ରାଜ୍ୟମାନେ ସେମାନଙ୍କର ସ୍ୱାସ୍ଥ୍ୟକର୍ମୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଦିଗରେ ଯତ୍ନବାନ ହୋଇଛନ୍ତି। ସେଥିପାଇଁ ଆଶାକର୍ମୀମାନଙ୍କୁ ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ମଧ୍ୟ ନିର୍ଦ୍ଧାରିତ ସମୟରେ ପ୍ରଦାନ କରାଯିବାକୁ ସୁନିଶ୍ଚିତ କରାଯାଇଛି।

ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ କୋଭିଡ୍–୧୯ ବିରୋଧୀ ସ୍ୱାସ୍ଥ୍ୟ କର୍ମୀ ବୀମା ଯୋଜନାରେ ସାମିଲ କରାଯାଇଛି ; ଯାହା କି ଦେଶପ୍ରତି ସେମାନଙ୍କର ଅମୂଲ୍ୟ ଯୋଗଦାନ ଓ ନିରବଚ୍ଛିନ୍ନ ପ୍ରତିବଦ୍ଧତା ପ୍ରତି ଏକ କ୍ଷୁଦ୍ର ସ୍ୱୀକୃତି ବୋଲି କୁହାଯାଇପାରେ।

ଏଭଳି ବୈଶ୍ୱିକ ମହାମାରୀ ସଂକ୍ରମଣର ଜଟିଳ ପରିସ୍ଥିତି ସମୟରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଆଶାକର୍ମୀମାନଙ୍କ ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯିବା ଜରୁରୀ। ଅନ୍ୟ ସମସ୍ତ ସଂସ୍କାର ଭଳି, ଆଶା କାର୍ଯ୍ୟକ୍ରମରେ ମଧ୍ୟ ବିଭିନ୍ନ ପ୍ରକାରର ଆହ୍ୱାନ ରହିଛି। ସାରା ଦେଶରେ ଏହାର ପରିବର୍ତ୍ତନଶୀଳ ଏବଂ ବିଷମ ପ୍ରଭାବ ଦେଖିବାକୁ ମିଳିଛି। ତଥାପି ଆଶା କାର୍ଯ୍ୟକ୍ରମକୁ ଦୀର୍ଘସ୍ଥାୟୀ ଓ ସୁଦୃଢ଼ କରିବା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦାୟିତ୍ୱ। ଆଶା କର୍ମୀମାନଙ୍କ ବିଶ୍ୱସନୀୟତା ଓ ଗରିମା ବୃଦ୍ଧି, ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ସୁନିଶ୍ଚିତ କରିବା ତଥା ସେମାନଙ୍କ କ୍ଷମତା ନିର୍ମାଣ କ୍ଷେତ୍ରରେ ନିଶ୍ଚିତ ଭାବେ ଧ୍ୟାନଦେବାର ଆବଶ୍ୟକତା ରହିଛି।

# କଇଁଛ କାଢ଼ିଛି ବେକ



ଦ୍ୱିତୀ ଚନ୍ଦ୍ର ସାହୁ

ବଲ ପରି ତାକୁ ଫିଙ୍ଗୁଥିଲେ ଉପରକୁ। ଖସି ଆସିଲାବେଳକୁ ଧରୁଥିଲେ ଶୂନ୍ୟରେ। ଖୁବ ମଜା ନେଉଥିଲେ ସେମାନେ। ତିନି ନାତି ଭିତରୁ ଜଣେ ତା' ପାଳି ବେଳକୁ ଠିକ ଭାବେ ଧରି ପାରିଲା ନାହିଁ। ସିଧା ଯାଇ ତଳେ କଚଡା ଖାଇ ପଡିଲା ସେ। ସମସ୍ତେ ଚୁପ ହୋଇଗଲେ। ଭାବିଲେ କଇଁଛଟି ମରିଗଲା। ଚୁପଚାପ ହୋଇ ଚାହିଁ ରହିଥାନ୍ତି ସେମାନେ। କିଛି ସମୟ ପରିବେଶ ଶାନ୍ତ ହେବାରୁ ଧୀର ଭାବେ ଖୋଳପା ଭିତରୁ ସେ ବେକ କାଢିଲା। ତିନି ଜଣ ହୋ ହୋ ହୋଇ ପାଟିକଲେ। ପୁଣି ଭିତରକୁ ମୁଣ୍ଡ ପୂରେଇଦେଇ ଚୁପ ହୋଇଗଲା କଇଁଛ। ବାଡ଼ି ଅଗଣାରେ ନାତିମାନଙ୍କ ପାଟି ଦେଖି ଜେଜେ ସେଠି ପହଞ୍ଚିଗଲେ। କଥାଟା ଜାଣିଗଲା ପରେ ସେମାନଙ୍କ କବଳରୁ ମୁକ୍ତି ଲାଗି କଇଁଛକୁ ପୋଖରୀ ହୁଡା ତଳେ ଛାଡିଦେବାକୁ କହିଲେ। ନାତିମାନେ ମନା କରିବାରୁ ତାଙ୍କୁ ମନେଇବା ଲାଗି ଏଥର ଜେଜେ କଇଁଛ ବିଷୟରେ ଗପିଲେ।

ଜେଜେ କହିଲେ କଇଁଛ ଖାଲି ଗୋଟେ ଅଜବ ପ୍ରାଣୀ ନୁହଁ। ସେ ଭଗବାନ ବିଷ୍ଣୁଙ୍କ ଅବତାର। ଦୈତ୍ୟରାଜ ବଳିର ଅତ୍ୟାଚାରରୁ ରକ୍ଷା ଓ ସଂହାର ଲାଗି ଭଗବାନ କଇଁଛ ରୂପ ନେଇ ମନ୍ଦର ପର୍ବତକୁ ନିଜ ପିଠିରେ ବୋହିଥିଲେ। ବାସୁକି ସାପ ସହାୟତାରେ ଦେବତା ଓ ଅସୁର ମିଶି ସମୁଦ୍ର ମନ୍ଥନ କରିଥିଲେ। ସେଥିରୁ ଅମୃତ, ଲକ୍ଷ୍ମୀ ସହ ୧୪ ରତ୍ନ ବାହାରିଥିଲା। ଦେବତାମାନେ ଅମରତ୍ୱ ଲାଗି ଅମୃତ ପାନ କରିଥିଲେ। ଯେତେବେଳେ ପୃଥିବୀ ରସାତଳକୁ ଯାଉଥିଲା ସେତେବେଳେ ବିଷ୍ଣୁ କଚ୍ଛପ ଅବତାର ଗ୍ରହଣ କରିଥିଲେ ଏବଂ ଏକ ଲକ୍ଷ ଯୋଜନ ପରିସରର ପିଠିରେ ପର୍ବତକୁ ବୋହିଥିଲେ। ଖାଲି ସେତିକି ନୁହେଁ କଇଁଛ ପ୍ରଭାବଶାଳୀର ପ୍ରତୀକ। କଇଁଛ ଘରେ ରଖିଲେ ଜୀବନରେ ହସଖୁସିରେ ଭରିଯାଏ। ସବୁ ଦୋଷ ନିବାରଣ ଲାଗି ଆକ୍ୱାରିମରେ ଛୋଟ ଛୋଟ କଇଁଛ ରଖନ୍ତି ଲୋକେ। କେହି କେହି କାଚର କଇଁଛ ପ୍ରତିମାକୁ ରଖି ସୁଖ ସମୃଦ୍ଧି କାମନା କରନ୍ତି। କଇଁଛ ସଂପର୍କିତ ଏତେ ସବୁ କଥା କହିବା ପରେ ବଡ ନାତି ଟୋକା ଚଟ୍ କରି କହିଲା – 'ଜେଜେ! ତେବେ କରୋନା ଭଳି ପରିସ୍ଥିତିରେ କଇଁଛ ଭଗବାନ କିଛି ଚମକ ଦେଖାଉନି କିଆଁ ! ଜେଜେ ହସିଲେ ଅଥଚ କିଛି କହିଲେନି। କିନ୍ତୁ ଏବେ ଲକ୍‌ଡାଉନ ସରିଲା ପରେ ଖୋଳପା ଭିତରେ ରହିଥିବା ମଣିଷମାନେ ଧୀରେ ଧୀରେ ପଦାକୁ ବାହାରିଲେଣି ଠିକ କଇଁଛ ବେକ ବାହାର କଲା ପରି।

ସୁବିଧା ସୁଯୋଗ ପାଇ ଧୀରେ ଧୀରେ କଇଁଛ ଆଗେଇ ଚାଲେ। ସେହିପରି ଏବେ ମଣିଷ ପୂରା ଚଳଚଞ୍ଚଳ ହୋଇପଡିଛି ଜୀବନଜୀବିକାକୁ ନେଇ। ରାସ୍ତାରେ ଏବେ ମଣିଷ ଚାଲୁଛି ଭିଟାମାଟି ଆଡକୁ। ଗାଡି ଦୌଡୁଛି ପୂର୍ବପରି। ଟ୍ରାକକୁ ଗଡିଲା ରେଳ। ଆକାଶରେ ଉଡାଜାହାଜ। ଦୋକାନ ବଜାର ଖୋଲିଲାଣି। ଖୁଲମ୍‌ଖୁଲା ଲୋକେ ବୁଲିଲେଣି। କରୋନାର ଡର ଆଉ କାହା ଭିତରେ ନାହିଁ ଯେମିତି। ଚାଷୀ କ୍ଷେତକୁ ଗଲାଣି। ଘର ତିଆରି କାମ ପୁଣି ଆରମ୍ଭ ହେଲାଣି। କମ୍ପାନୀରେ ଦ୍ରବ୍ୟ ଉତ୍ପାଦନ ବି ହେଲାଣି। ମଦର ସୁଅ ଛୁଟିଲାଣି। ରାଜନୀତି ବି ପୂର୍ବ ଧାରକୁ ଆସିଗଲା। ସରକାରୀ ଦଳ ଓ ବିରୋଧୀ ଦଳ ମଧ୍ୟରେ ବାକ୍ୟଯୁଦ୍ଧ ଆରମ୍ଭ ହେଲାଣି। ବେଶ୍ କିଛି ଦିନ ଧରି ଖୋଳପା ଭିତରେ ଥିବା ଜନନେତାମାନେ ବି ଆତ୍ମନିବାସରୁ ବାହାରିଲେଣି। ପିଲାଏ ପରୀକ୍ଷା ମନସ୍କ ହେଲେ। କାର୍ଯ୍ୟାଳୟଗୁଡିକରେ ଫାଇଲମ୍‌ଗୁଡାକ ଗତିଶୀଳ ହେଲା। ଶ୍ରମିକ ଓ ମଜଦୁରମାନେ ମୃତ୍ୟୁ ସହ ଲଢି ଲଢି ଫେରୁଛନ୍ତି ଭିଟାମାଟିକୁ। ଜୀବନଯୁଦ୍ଧରେ ଯେଉଁମାନେ ବଞ୍ଚିଗଲେ ଗାଁ ମାଟିରେ ଜୀବନଜୀବିକାକୁ ନେଇ ସଂଗ୍ରାମ ଆରମ୍ଭ କଲେଣି। ମଧ୍ୟବିତ୍ତ ପରିବାର ସଞ୍ଚିତ ଧନକୁ ଜୀବନ ରକ୍ଷା ଲାଗି ଲକ୍‌ଡାଉନରେ ଶେଷ କରି ସଂଘର୍ଷ ଆରମ୍ଭ କରିଛି ନିଜେ ଓ ନିଜ ପରିବାର ବଞ୍ଚାଇବା ଲାଗି। ଲାଭକ୍ଷତିର ହିସାବ କରୁଛନ୍ତି ବଡବଡିଆମାନେ। କ୍ଷତି ଭରଣା ଲାଗି ଗଳା ବାଟ ଖୋଜୁଛନ୍ତି। ମୋଟ ଉପରେ ଏବେ ଗତିଶୀଳ ଜୀବନ, ଜୀବିକା ଓ ପୃଥିବୀ। ନୂଆ ସ୍ୱପ୍ନରେ ଜଡସଡ ସବୁ ପ୍ରାଣ। ତଥାପି ଅସରନ୍ତି ଭୟ ଓ ଆଶଙ୍କା ଭିତରେ ସମସ୍ତେ। ବଞ୍ଚିବା ଓ ମରିବାର ଖେଳ ଖେଳୁଛନ୍ତି। ବାଉଁଶରାଣୀ ପରି ନିତି ବାଜି ଲଗାଇ ଜୀବିକାମୁଖୀ ହୋଇଛନ୍ତି କେବଳ ଜିଇବା ଲାଗି। ତା'ରି ଭିତରେ ଭୂମିକମ୍ପ, ବାତ୍ୟା, ବନ୍ୟା ଓ କୀଟ ଆତଙ୍କର ତାଣ୍ଡବ। ଅର୍ଥନୀତି ବାଟବଣା। ଏସବୁ ଦେଖିଲେ ଲାଗୁଛି ପୃଥିବୀ କୂର୍ମ ପାଲଟି ଯାଇଛି। ତା'ରି ଭିତରେ ସାମାନ୍ୟ ହୋଇ ଆସୁଥିବା ପରିବେଶକୁ ନିଘା କରି କଇଁଛ ବେକ କାଢିଲା ଭଳି ସେ ବି ନିଜକୁ ଧୀର ଭାବରେ ସକ୍ରିୟ ହେଉଛି। କିନ୍ତୁ କଇଁଛ ଜାଣେ ତା'ର ଖୋଳପା ହୁଏତ ଶକ୍ତ କିନ୍ତୁ ବେକ କାଢିଲା ବେଳେ ପ୍ରତି ମୁହୂର୍ତ୍ତରେ ରହିଛି ବିପଦ। ମଣିଷ ସିନା ଖୋଳପା ଭିତରୁ ବାହାରି ମୁକ୍ତିର ଆନନ୍ଦ ପାଇଛି। କିନ୍ତୁ ଖୋଳପା ଯେଉଁଠି ବିପଦ ସେଠି ଜୀବନ ନିଶ୍ଚିତ ସାଂଘାତିକ। ଏଇ ମର୍ମ କଥାକୁ ବୁଝିଥିବାରୁ ଜେଜେ ହିଡ ତଳେ ଛାଡ଼ିବାର ଢେର ସମୟ ପରେ ପରିସ୍ଥିତିକୁ ଅନୁଭବ କରି କଇଁଛ ବେକ କାଢ଼ିଲା ଏବଂ ତରତର ହୋଇ ପାଣି ଭିତରେ ପଶିଗଲା। ସୁତରାଂ ଏ କଥାକୁ ମନେରଖିବାକୁ ହେବ ଜୀବନ ଥିଲେ ଜୀବିକା ରହିବ। କିନ୍ତୁ ଜୀବନ ଲାଗି ଜୀବିକାକୁ ବି ବଞ୍ଚେଇ ରଖିବାକୁ ହେବ। ନିଜକୁ ସଜାଗ ରହିବାକୁ ହେବ।

ଇନ୍ଦିରାନଗର, ଚତୁର୍ଥ ଗଳି, ରାୟଗଡ଼ା,
ମୋ:୯୫୫୬୨୮୭୭୭୫

## ଏଇ ଭାରତରେ

ଗାଁର ନାଁ ବାଡ଼ମେର। ରାଜସ୍ଥାନର ଏହି ଗାଁଟି ଯାହା କରୁଛି ତାହା ଆଉ କେହି କରୁନାହାନ୍ତି। ପ୍ରଚଣ୍ଡ ତାତିରୁ ପକ୍ଷୀମାନଙ୍କୁ ସୁରକ୍ଷା ଦେବା ଲାଗି ଗାଁଲୋକେ ଲାଗିପଡିଛନ୍ତି। ସେମାନେ ଟଙ୍କା ଆଦାୟ କରି ତେଲଟିଣ କିଣି ସେଥିରେ ପକ୍ଷୀମାନଙ୍କ ଗାଧୋଇବା ଓ ଖାଇବା ଲାଗି ବ୍ୟବସ୍ଥା କରିଛନ୍ତି। ଟିଣର ଚାରିକଡ଼ରେ ମଝିରୁ କିଛି ଅଂଶ କାଟି ବାହାର ଆଡକୁ ରଖି ସେଥିରେ ଖାଦ୍ୟ ରଖୁଛନ୍ତି। ଟିଣର ତଳ ଅଂଶରେ ପାଣି ଭର୍ତ୍ତି କରିବା ପରେ ଏହାକୁ ବିଭିନ୍ନ ସ୍ଥାନରେ ଗଛରେ ଝୁଲାଇ ଦିଆଯାଉଛି। ପକ୍ଷୀମାନେ ଆସି ଟିଣ ଚାରିକଡ଼ରେ ବାହାରକୁ ବାହାରିଥିବା ଅଂଶରେ ବସି ଖାଦ୍ୟ ଖାଇବା ସହ ପାଣିରେ ଗାଧଉଛନ୍ତି। ଏବେ ବାଡ଼ମେର ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ୫୦ଡିଗ୍ରୀ ଛୁଉଁଛି। ଜଳାଭାବ ତଥା ତାତି ସହି ନ ପାରି ବହୁ ସଂଖ୍ୟାରେ ପକ୍ଷୀ ମରିଯାଉଛନ୍ତି। ଏହି ସ୍ଥିତିରେ ଗ୍ରାମବାସୀ ଏଭଳି ପାରମ୍ପରିକ ଉପାୟରେ ପକ୍ଷୀଙ୍କ ଜୀବନ ବଞ୍ଚାଉଥିବାରୁ ଏହାକୁ ସ୍ଥାନୀୟ ଆଇଏଫ୍‌ଏସ୍ ଅଧିକାରୀ ପ୍ରବୀଣ କସୱାନ ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଜୁନ୍ ୧୯୯୫

- ଚାଇନାର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ପ୍ରବଳ ବର୍ଷା ଫଳରେ ୧୦୦ ଜଣଙ୍କର ମୃତ୍ୟୁ।
- ବୋସନିଆର ସର୍ବୀୟ ସୈନ୍ୟମାନେ ପଣବନ୍ଦୀ କରି ରଖିଥିବା ଜାତିସଂଘ ସୁରକ୍ଷା ବାହିନୀର ୧୦୮ ଜଣ ସୈନ୍ୟଙ୍କୁ ଛାଡ଼ି ଦେଇଛନ୍ତି।
- ରାଜ୍ୟ ସରକାର ସମସ୍ତ ଔଷଧକୁ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ ପରିସରଭୁକ୍ତ କରିଛନ୍ତି।

## ସାପ୍ତାହିକ ପଞ୍ଜିକା

**ମେ' ୩୧:** ଜି ୧୧ରେ ସାମିଲ ହେବ ଭାରତ।
**ଜୁନ୍ ୧:** ରାଜ୍ୟରେ ଶନିବାର, ରବିବାର ଶଟ୍‌ଡାଉନ୍। ଜୁଲାଇ ୩୧ ଯାଏ ସ୍କୁଲ୍ ଓ କଲେଜ ବନ୍ଦ।
**ଜୁନ୍ ୨:** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ।
**ଜୁନ୍ ୩:** କେରଳରେ ହାତୀକୁ ବାଣଭର୍ତ୍ତି ସପୁରି ଖାଇବାକୁ ଦେଇ ହତ୍ୟା କରିଛନ୍ତି କେତେଜଣ ଦୁର୍ବୃତ୍ତ।
**ଜୁନ୍ ୪:** ଫିଲ୍ମ ନିର୍ମାତା ବାସୁ ଚାଟାର୍ଜୀଙ୍କ ଦେହାନ୍ତ।
**ଜୁନ୍ ୫:** ବିନା ଭକ୍ତରେ ସ୍ନାନଯାତ୍ରା। ଶ୍ରୀମନ୍ଦିର ଇତିହାସରେ ପ୍ରଥମ। ଛେରାପହଁରା କଲେ ମୁଦିରଥ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | B | 1 | | | D | 5 | | 9 | E |
| | E | | | D | | | | 0 | 3 | | 8 | C | A | |
| A | | | | | 9 | | 8 | 3 | | E | 1 | | | 7 |
| 5 | C | 4 | | | B | | | 9 | | 7 | | | | |
| 3 | | | | | 8 | | | A | B | | | | | 4 |
| | 8 | | | | D | 1 | | | 9 | | | 7 | 5 | |
| | | | | | C | D | | | | | 2 | A | 4 | B |
| 7 | 1 | | | 3 | E | | | B | | | | | | 9 |
| 0 | | | | 5 | | | 4 | | | | | | 8 | |
| 4 | | | | A | 1 | C | | | | 5 | | 0 | D | |
| | 9 | | | | | | A | C | | 6 | 0 | 2 | E | |
| | | | 9 | 7 | | | | 1 | | | A | 4 | | |
| | | | 6 | | | 5 | | | | | | | | 0 |
| | | | | | | | | 8 | 5 | 1 | | | | |
| | | | | 2 | | | B | | | | E | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 3 | D | 8 | 1 | 2 | 9 | C | 4 | A | 5 | 0 | E | 6 | B |
| 9 | E | 6 | 0 | A | 7 | 5 | 2 | B | C | 3 | 8 | D | 1 | 4 |
| 1 | 4 | C | B | D | 5 | E | 7 | A | 9 | 6 | 2 | 0 | 8 | 3 |
| A | 0 | 5 | 9 | 4 | E | 6 | 3 | 8 | 1 | B | D | 7 | C | 2 |
| 2 | 8 | B | 6 | 3 | C | 1 | D | 0 | E | 7 | 4 | 9 | A | 5 |
| 0 | 9 | 2 | D | C | 8 | 3 | 5 | 1 | 7 | E | 6 | 4 | B | A |
| 8 | 5 | 7 | 3 | B | 4 | 2 | E | C | 0 | D | A | 1 | 9 | 6 |
| E | 6 | 1 | A | 5 | 0 | 4 | B | 7 | 3 | C | 9 | 2 | D | 8 |
| 4 | D | 3 | E | 7 | 6 | 8 | A | 9 | 2 | 1 | B | 5 | 0 | C |
| C | B | A | 1 | 2 | 9 | D | 0 | 6 | 8 | 4 | 5 | 3 | E | 7 |
| 3 | 7 | 0 | C | 6 | 1 | A | 4 | 2 | D | 8 | E | B | 5 | 9 |
| B | C | 9 | 2 | E | A | 7 | 1 | 5 | 6 | 0 | 3 | 8 | 4 | D |
| D | 2 | E | 5 | 8 | B | 0 | 6 | 3 | 4 | 9 | C | A | 7 | 1 |
| 6 | A | 4 | 7 | 9 | D | B | 8 | E | 5 | 2 | 1 | C | 3 | 0 |
| 5 | 1 | 8 | 4 | 0 | 3 | C | 9 | D | B | A | 7 | 6 | 2 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗର ନିୟମ ପ୍ରତି ଧ୍ୟାନ ଦିଅନ୍ତୁ

ମହାଶୟ,

ଶରୀରକୁ ସୁସ୍ଥ ରଖିବାକୁ ହେଲେ ଯୋଗ ଜରୁରୀ। ଏଥିପାଇଁ ଲୋକେ ସକାଳେ ଯୋଗ କରନ୍ତି। କିନ୍ତୁ ଖୁବ୍ କମ୍ ଲୋକ ଏହାର ନିୟମ ପ୍ରତି ସଚେତନ। ଯୋଗର ନିୟମଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଯୋଗ କରିବାର ଅଧଘଣ୍ଟା ନ ହେଲେ ୧୫ରୁ ୨୦ ମିନିଟ୍ ପୂର୍ବରୁ କିମ୍ବା ପରେ କୌଣସି ପ୍ରକାର ପାନୀୟ ତଥା ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ। ସେହିଭଳି ଯୋଗ ସମୟରେ ହସିବା, ଗପିବା ମନା। ଯୋଗ ସ୍ଥିର ତଥା ଦୃଢ଼ ମନରେ କରିବା ଉଚିତ। ଯୋଗ ନିତ୍ୟ ଅଭ୍ୟାସରେ ପରିଣତ ହେବା ଆବଶ୍ୟକ। ଯୋଗର ଉପରୋକ୍ତ ନିୟମଗୁଡ଼ିକୁ ପାଳନ ନ କଲେ ତାହା ଯୋଗ କରୁଥିବା ବ୍ୟକ୍ତିର ଶରୀରକୁ ଲାଭ ବଦଳରେ ହାନି ପହଞ୍ଚାଇପାରେ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ତୁମରି ପ୍ରେମେ ଭୁବନ ଭଲ ଲାଗଇ
ଚେତନା ମମ ସକଳ ପଥେ ଜାଗଇ
ହତାଶେ ଆଉ ନୁହେଁ ମୁଁ ଜଡ଼
ମରଣ ଆଉ ନ ମଣେ ବଡ଼
ତୁମରି ଲାଗି ଶତ ଜୀବନ ଆଜି
ଗୋ ଏଥି ମାଗଇ। (ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ



ଜୟପୁର, ୭।୬ (ଡି.ଏନ.ଏ. ): ପଦ୍ମଶ୍ରୀ କମଳା ପୂଜାରୀ ଶନିବାର ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିଛି। ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ସୋମବାର ଡିସ୍‌ଚାର୍ଜ କରାଯିବ ବୋଲି ସୂଚନା ମିଳିଛି। ଜୟପୁର ବ୍ଲକ ପାତ୍ରପୁଟ ଗ୍ରାମର ନିଜ ବାସଗୃହରେ କମଳା ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଖବରପାଇ ଜୟପୁର ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ଯାଇଥିଲେ। ମାତ୍ର ତାଙ୍କ ଅବସ୍ଥା ଦେଖି ନିଜ ଗାଡ଼ିରେ ତାଙ୍କୁ ଆଣି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କର ରକ୍ତଚାପ ସହିତ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ବୋଲି ପୁଅ ଟଙ୍କଧର ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, କମଳା ପାରମ୍ପରିକ ଜୈବିକ ପ୍ରଣାଳୀରେ ଲୋପ ପାଇଯାଉଥିବା ବିଭିନ୍ନ କିସମର ଦେଶୀ ଧାନକୁ ସଂରକ୍ଷିତ ରଖିଥିଲେ। ଏହା ଜଣାପଡିବା ପରେ ସେ ସମଗ୍ର ଦେଶରେ ଚର୍ଚ୍ଚାକୁ ଆସିଥିଲେ। ପରେ ଏଥିପାଇଁ କମଳାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

### ହାତୀ ଆକ୍ରମଣରେ ବୃଦ୍ଧଙ୍କ ପ୍ରାଣଗଲା



ବାରିପଦା ଅଫିସ/ଚିତ୍ରଡ଼ା, ୭।୬ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ରଜାବସା ପଞ୍ଚାୟତ ଅନ୍ତର୍ଗତ କୁକୁଡ଼ାଯୋଡ଼ି ଗ୍ରାମରେ ରବିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ ସେହି ଗ୍ରାମର ଚତୁର୍ଭୁଜ ନାୟକ (୬୦)। ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ବନାଞ୍ଚଳ ଅନ୍ତର୍ଗତ କୁକୁଡ଼ାଯୋଡ଼ି ଜଙ୍ଗଲକୁ ଶନିବାର ରାତିରେ ୫ ହାତୀ ଥିବା ପଲ ଆସିଥିଲେ। ରାତିରେ ଜଙ୍ଗଲରେ ରହିବା ସହିତ ସକାଳେ ଖାଦ୍ୟ ସନ୍ଧାନରେ ଗାଁ ଭିତରକୁ ପଶି ଆସିଥିଲେ। ରବିବାର ସକାଳ ୬ଟା ୩୦ରେ ଚତୁର୍ଭୁଜ ଶୌଚ ପାଇଁ ନିକଟସ୍ଥ ପଡ଼ିଆକୁ ଯାଇଥିବା ବେଳେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ଦଳିଦେବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ରାସଗୋବିନ୍ଦପୁର ରେଞ୍ଜ୍ ବନ କର୍ମଚାରୀ ଓ ବାରିପଦା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାତୀପଲକୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ।

# ଜୀବନ ବଞ୍ଚାଇବାକୁ ଗାଁ ଛାଡ଼ିଲେ

ନୟାଗଡ଼ ଅଫିସ/ରଣପୁର,୭।୬(ସ୍ୱ.ପ୍ର.)

**ବଢ଼ି ଚାଲିଲା ମୃତ୍ୟୁର ଭୟ। କାରଣ ଜାଣିବା ପୂର୍ବରୁ ଗଡ଼ି ଚାଲିଲା ମୁଣ୍ଡ। ୬ ବର୍ଷରେ ଚାଲିଗଲା ୫ ଜୀବନ। ଧୀରେ ଧୀରେ ପୁରୁଷ ଶୂନ୍ୟ ହେବାକୁ ଲାଗିଥିଲା ଗୁଣ୍ଡୁରାବାରି ଗାଁର ଦଳିତସାହି। ଶେଷରେ ଘରଦ୍ୱାର ଛାଡ଼ି ଜୀବନ ବଞ୍ଚାଇବା ପାଇଁ ଗାଁ ଛାଡିଲେ ଦଳିତ ପରିବାର। ଗାଁ ଛାଡ଼ିବା ପରେ ଭୟରେ ଲାଗିଛି ରୋକ୍। ହେଲେ ଭୁଲି ପାରୁ ନାହାନ୍ତି ଆଖିଆଗରେ ଚାଲି ଯାଇଥିବା ନିଜ ଲୋକଙ୍କୁ। ଆଖିରୁ ଶୁଖୁନି ଲୁହ କି ମନରୁ ଲିଭୁନି କୋହ। ଗାଁ ଛାଡି ସେମାନେ ବର୍ତ୍ତି ଯାଇଛନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି।**



- ୬ ବର୍ଷରେ ଚାଲିଗଲା ୫ ଜୀବନ
- ପୁରୁଷ ଶୂନ୍ୟ ହେବାକୁ ଲାଗିଥିଲା ଗୁଣ୍ଡୁରାବାରି ଦଳିତସାହି

ଶ୍ମଶାନ ପରି ଲାଗୁଥିଲା ଗୁଣ୍ଡୁରାବାରି ଗାଁର ଦଳିତସାହି। ଗାଁରେ କାହାକୁ ଦେଖିବାକୁ ମିଳି ନ ଥିଲା। ଘରର କବାଟ ଝରକା ନ ଥିଲା। ଶୂନଶାନ ଯୋଗୁ ଗାଁରେ ପଶିଲା ବେଳକୁ ଭୟ ବି ଲାଗୁଥିଲା। ଲୋକମାନେ ନିଜକୁ ନିଜେ ଗାଁ ଛାଡିଛନ୍ତି ନା ତାଙ୍କୁ କେହି କାଢ଼ି ଦେଇଛନ୍ତି ତାହା ଜାଣି ହେଉ ନ ଥିଲା। ତେବେ ଆଖପାଖ ଗାଁର ଲୋକଙ୍କ ସୂଚନାରୁ ଜଣାପଡିଥିଲା ଦେବଦେବୀଙ୍କ କୋପ ବଦଳାଇ ଦେଇଛି ଗାଁର ଚିତ୍ର। ନୟାଗଡ଼ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁର ପଞ୍ଚାୟତରେ ଥିବା ଏହି ଗାଁରେ ୭ ଦଳିତ ପରିବାରର ୫୫ ଲୋକ ପ୍ରାୟ ଦେଢ଼ଶହ ବର୍ଷ ହେଲା ଏଠାରେ ବାସ କରିଆସୁଥିଲେ। ସବୁ କିଛି ଠିକ୍‌ଠାକ୍ ଥିଲା। ପୁରୁଷ ଲୋକମାନଙ୍କର ମୃତ୍ୟୁ ବିଭିନ୍ନ ସମୟରେ ଘଟୁଥିଲା। ହେଲେ କାରଣ ଜଣାପଡୁ ନ ଥିଲା। ୫୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ମୃତ୍ୟୁ ପରେ କେହି ବି କାରଣ ଖୋଜୁ ନ ଥିଲେ।

ତେବେ ଗତ ୬ ବର୍ଷ ତଳେ ଦୟାନିଧି ନାୟକ ନାମକ ଜଣେ ୪୦ ବର୍ଷର ଯୁବକ ପ୍ରାଣ ହରାଇଥିଲେ। ତାଙ୍କ ମୃତ୍ୟୁ ଆକସ୍ମିକ ଥିଲା। ରୋଗ କିଛି ନ ଥିଲା। ତାଙ୍କର ୧୦ ଓ ୯ ବର୍ଷର ଦୁଇ ପୁଅ ଅଛନ୍ତି। ପରେ ମାଗୁଣି ନାୟକ(୪୫)ଙ୍କର ବି ଆକସ୍ମିକ ମୃତ୍ୟୁ ହେଲା। ହେଲେ କିଛି ମାସ ପରେ ମାଗୁଣିଙ୍କ ପୁଅ ବାବୁଲା (୨୫)ଙ୍କ ମୃତ୍ୟୁ ଗାଁ ଲୋକଙ୍କୁ ଭୟଭୀତ କରିଥିଲା। ରୋଗର କାରଣ ଜାଣିବା ପୂର୍ବରୁ ଜଣକ ପରେ ଜଣେ ଆଖି ବୁଜୁଥିଲେ। କିଛି ମାସ ଅନ୍ତରରେ ପୁଣି ବଂଶୀଧର ନାୟକ(୪୫) ଓ ପୁଅ ପୂର୍ଣ୍ଣଚନ୍ଦ୍ର(୨୪)ଙ୍କ ମୃତ୍ୟୁ ହୋଇଥିଲା। ବାପ ପୁଅଙ୍କ ମୃତ୍ୟୁକୁ ଗାଁଲୋକେ ଆଉ ଭୁଲି ପାରିଲେ ନାହିଁ। ଗାଁରେ ବସିଲା ସଭା। ଆଉ ଗାଁ ଛାଡି ଯିବାକୁ ନିଷ୍ପତ୍ତି ହେଲା। କେହି ଯାଇ ଅନ୍ୟ ଗାଁରେ ଭଡ଼ାରେ ରହିଲେ ତ ଆଉ କିଏ ବନ୍ଧୁବାନ୍ଧବ ଘରେ। ପୁଣି ଆଉ କିଏ ଯାଯାବର ଜୀବନଯାପନ କଲେ। କାହା ଖବର କାହା ପାଖରେ ରହିଲା ନାହିଁ। ଏବେ ପ୍ରାୟ ୧୦ଦିନ ହେଲା ଗୁଣ୍ଡୁରାବାରି ଦଳିତସାହି ଶ୍ରୀହୀନ ହୋଇପଡିଛି। ବସବାସ ଅଭାବରୁ ଘରଗୁଡିକ ମଧ୍ୟ ପରିତ୍ୟକ୍ତ ହେବାରେ ଲାଗିଛି।

ଗାଁ ଛାଡିବା ଓ ଅକାଳ ମୃତ୍ୟୁର କାରଣ ଜାଣିବା ପାଇଁ ଭେଟିଥିଲୁ ମୃତକ ବଂଶୀଧରଙ୍କ ସ୍ତ୍ରୀ ବସନ୍ତଙ୍କୁ। ବସନ୍ତ କହିବା ସମୟରେ ଭୋଭୋ ହୋଇ କାନ୍ଦି ଗାଁ ଲୋକଙ୍କର ଅଭିଶପ୍ତ ଜୀବନକୁ ବଖାଣିଥିଲେ। ଗାଁର ମାଗୁଣି ଓ ପୁଅ ବାବୁଲାଙ୍କ ମୃତ୍ୟୁ ପରେ ମୃତ୍ୟୁର କାରଣ ଖୋଜାଗଲା। ବାବୁଲା ରକ୍ତବାନ୍ତି କରି ଚାଲିଗଲେ। ମୋ ସ୍ୱାମୀ ଯୁବାବସ୍ଥାରେ ପ୍ରାଣ ହରାଇଲେ। ପୁଅ ବି ରକ୍ତବାନ୍ତି କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଣ ହରାଇଲା। ରୋଗ କିଛି ନ ଥିଲା। ତଥାପି ସାଲାଇନ ଲଗାଇଥିଲେ। ପୁଅ ମରିଗଲା ପରେ ବୋହୂକୁ ବାପଘର ଲୋକ ନେଇଗଲେ। ମୁଁ ଏବେ ପୁଅ ଓ ସ୍ୱାମୀଙ୍କ ମୃତ୍ୟୁ ସମେତ ଗାଁଲୋକଙ୍କ ଦଶା ଦେଖି ରୋଗୀଣା ହୋଇଗଲିଣି। ସରକାରଙ୍କ ଭତ୍ତା ୫୦୦ ଟଙ୍କା ଓ ୫ କିଲେ ଚାଉଳ ମୋତେ ପାଉ ନାହିଁ। ଡାଇବେଟିସ୍, ଗ୍ୟାସ୍ଟ୍ରିକ୍ ଓ ଅନ୍ୟ ରୋଗ ଦାଉ ସାଧୁଛି। ତେବେ ଦଇବ ମୋତେ ବଞ୍ଚାଇ ରଖିଛି। ଦେବଦେବୀଙ୍କ କୋପ ଆମ ଗାଁ ପାଇଁ ଅଶୁଭ ସାବ୍ୟସ୍ତ ହୋଇଛି। ପୂର୍ବରୁ ଆମ ଗାଁରେ ଛାଞ୍ଚୁଣିଆ ପରିବାର ରହୁଥିଲେ। ସେମାନଙ୍କର ବଂଶ ଲୋପ ହୋଇଯିବା ଦେଖି ସେମାନେ ଗାଁ ଛାଡିଥିଲେ। ଛାଞ୍ଚୁଣିଆ ପରିବାର ପରେ ଦଳିତ ଲୋକଙ୍କ ପାଳି ପଡିଛି। ଏଭଳି ଦୁଃଖଦ ସମୟରେ ସରକାର ଓ ପ୍ରଶାସନ ଆମ ପାଇଁ କିଛି କାମରେ ଆସୁନାହାନ୍ତି। ଆମ ଦୁଃଖ କେହି ଶୁଣୁ ନାହାନ୍ତି। ଆମେ କେବଳ ନର୍କ ଯନ୍ତ୍ରଣା ଭୋଗୁଛୁ ବୋଲି ବସନ୍ତ କାନ୍ଦି କାନ୍ଦି କହିଥିଲେ।

**– ରିପୋର୍ଟ: ଲୋକନାଥ ମିଶ୍ର(ନୟାଗଡ ଅଫିସ), ସହାୟତା: ସୁକାନ୍ତ କିଶୋର ଡାକୁଆ(ରଣପୁର)**

# ଆଜି ଭାଜପା ଭର୍ଚୁଆଲ ରାଲିକୁ ସମ୍ବୋଧନ କରିବେ ଶାହା

ଭୁବନେଶ୍ୱର,୭।୬(ବ୍ୟୁରୋ)

**କଂଗ୍ରେସ କହିଲା ବେଆଇନ, ଯାଏ ଆସେ ନାହିଁ: ବିଜେଡି**

କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ପୂରଣ ଅବସରରେ ଭାଜପା ପକ୍ଷରୁ ସୋମବାର ଭର୍ଚୁଆଲ ରାଲି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗତବର୍ଷେ ମଧ୍ୟରେ କେନ୍ଦ୍ର ସରକାର ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ରାଜ୍ୟକୁ ମିଳିଥିବା ବିଭିନ୍ନ କ୍ଷେତ୍ର ବାବଦୀୟ ଅର୍ଥ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସମ୍ବୋଧନ କରିବେ। ଏଥିରେ ପ୍ରାୟ ଏକକୋଟି ଲୋକ ସାମିଲ ହେବେ ବୋଲି ରାଜ୍ୟ ଭାଜପା ପକ୍ଷରୁ କୁହାଯାଇଛି। ହେଲେ ଏହି ଭର୍ଚୁଆଲ ରାଲି କାର୍ଯ୍ୟକ୍ରମକୁ କଂଗ୍ରେସ ସମାଲୋଚନା କରିଥିବା ବେଳେ ବିଜେଡି ଏହା ସହ କିଛି ସମ୍ପର୍କ ନାହିଁ ବୋଲି କହିଛି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଭର୍ଚୁଆଲ ରାଲିର ଅର୍ଥ ବୁଝିବାକୁ କଂଗ୍ରେସକୁ ଆଉ ୫ବର୍ଷ ଲାଗିବ। ସେମାନେ ପ୍ରଥମେ ଏହାର ଅର୍ଥ ବୁଝନ୍ତୁ ତା'ପରେ ଏହା ଉପରେ କଥା କହିବେ। ଭର୍ଚୁଆଲ ରାଲିରେ କୋଟିଏ ଲୋକଙ୍କୁ ଯୋଡିବା ପାଇଁ ଯୋଜନା ହୋଇଛି। ସମସ୍ତେ ନିଜନିଜ ଘରେ ବସି ଏଥିରେ ଯୋଗଦାନ କରିବେ। ସେଥିରେ ସଫଳ ମଧ୍ୟ ହେବୁ। ଏଥିରେ ବିରାଟ ସଂଖ୍ୟାରେ ଲୋକ ଯୋଗଦେବେ। ୪ଟାରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆତ୍ମନିର୍ଭର ଭାରତ ବାବଦରେ କହିବେ। ଏହା ସହ କେନ୍ଦ୍ର ସରକାର ରାଜ୍ୟ ପାଇଁ ଆଣିଥିବା ଯୋଜନା, ଏପର୍ଯ୍ୟନ୍ତ ଓଡ଼ିଶାର ଅର୍ଥନୀତି ଓ ସାଧାରଣ ଲୋକଙ୍କ ବିକାଶ ବାବଦରେ କହିବେ। ମୁଖ୍ୟତଃ ଏହା ଓଡ଼ିଶା ପାଇଁ କରାଯିବ ବୋଲି ହରିଚନ୍ଦନ କହିଛନ୍ତି।

କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଭର୍ଚୁଆଲ ରାଲିକୁ ସମାଲୋଚନା କରି କହିଛନ୍ତି, ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଏପରି ରାଲି ଆୟୋଜନ କରାଯିବା ବେଆଇନ। ରାଜନୈତିକ କାର୍ଯ୍ୟକ୍ରମ ବାରଣ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ କିପରି ଭାଷଣ ଦେବେ ବୋଲି ସୁରେଶ ପ୍ରଶ୍ନ ଉଠାଇଛନ୍ତି। ବିଜେଡିନେତା ସଞ୍ଜୟ ଦାସବର୍ମା କହିଛନ୍ତି ଯେ, କିଏ କ'ଣ ରାଲି କଲା ସେଥିରେ କିଛି ଆମର ଯାଏ ଆସେ ନାହିଁ। ସେହି ପ୍ରସଙ୍ଗରେ ଆମର କୌଣସି ସମ୍ପର୍କ ମଧ୍ୟ ନାହିଁ। ବର୍ତ୍ତମାନ ଆମେ କୌଣସି ରାଜନୈତିକ କାର୍ଯ୍ୟକ୍ରମ କରିବୁ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆମେ ଏବେ କରୋନା ଲଢ଼େଇରେ ଲାଗିଛୁ ବୋଲି ସଞ୍ଜୟ କହିଛନ୍ତି।

# ଡେରିରେ ହେଲେ ବି ଧନ୍ୟବାଦ: ବିରୋଧୀ

ଭୁବନେଶ୍ୱର,୭।୬(ବ୍ୟୁରୋ)

ରାଜ୍ୟ କ୍ୟାବିନେଟ୍ ବୈଠକରେ ରବିବାର ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ ସମ୍ପର୍କିତ ପ୍ରସ୍ତାବ ଉପରେ ମୋହର ବାଜିଛି। ଏହି ପ୍ରସ୍ତାବକୁ ଦଳମତ ନିର୍ବିଶେଷରେ ସମସ୍ତେ ସ୍ୱାଗତ ଜଣାଇଛନ୍ତି। ବିରୋଧୀ ଏହି ନିଷ୍ପତ୍ତିରେ ବିଳମ୍ବ ହୋଇଥିଲେ ମଧ୍ୟ ଏହା ଠିକ୍ ବୋଲି କହିଛନ୍ତି। ହେଲେ କଂଗ୍ରେସ ପକ୍ଷରୁ ଏକ ନୂଆ ପ୍ରଶ୍ନ ଉଠାଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଆମେ ଏହି ପ୍ରସ୍ତାବକୁ ସମର୍ଥନ କରୁଛୁ। ବିଳମ୍ବ ହେଲେ ମଧ୍ୟ ଏହା ସାଢେ ୪ କୋଟି ଲୋକଙ୍କ ଗର୍ବର କଥା। ଦୀର୍ଘଦିନ ଧରି ଆମେ ଦାବି ଉପସ୍ଥାପନ କରିଥିଲୁ ଶେଷରେ ସରକାର ମାନିଛନ୍ତି ବୋଲି ସମୀର କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବହୁତ ଦିନ ପର୍ଯ୍ୟନ୍ତ ଶୋଇଥିଲେ ଆଜି ଏ ନିଷ୍ପତ୍ତି ନେଲେ, ସେଥିଲାଗି ଧନ୍ୟବାଦ। ଯେଉଁ ସ୍ଥାନଗୁଡ଼ିକରେ ଜନଗଣ ମନ ଅଧିନାୟକ ଗାନ କରାଯାଉଥିଲା ସେଠାରେ ବୋଲାଯିବ ନା ନାହିଁ। ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଯେଉଁ ଉତ୍ସବରେ ଯୋଗଦେବେ ସେଠାରେ କେବଳ ଜନଗଣ ମନ ଅଧିନାୟକ ଗାନ କରାଯିବ ସେଠାରେ ବୋଲାଯିବ ନା ନାହିଁ। କିମ୍ବା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବୋଲାଯିବ ତାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣାନ୍ତୁ ବୋଲି ସେ କହିଛନ୍ତି।

# ୧୦ ଗାଁ କଣ୍ଟେନ୍‌ମେଣ୍ଟ, ୨୨ ବଫର ଜୋନ୍



ଗାଁକୁ ସିଲ କରାଯାଇଛି।

**ଖଲ୍ଲିକୋଟର ୨ ପଞ୍ଚାୟତରେ ୧୫ ପଜିଟିଭ**

ଛତ୍ରପୁର/ଖଲ୍ଲିକୋଟ, ୭।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବାଦପଲି ପଞ୍ଚାୟତରେ ୧୨ ଓ ଆଇଟିପୁର ପଞ୍ଚାୟତରେ ୩ ସମୁଦାୟ ୧୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ସଂକ୍ରମଣ ଯେପରି ଆଉ ନ ବ୍ୟାପିବ ସେଥିପାଇଁ ଖଲ୍ଲିକୋଟ ବ୍ଲକ ୨ ପଞ୍ଚାୟତର ୧୦ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଏବଂ ୨୨ ଗାଁକୁ ବଫର ଜୋନ ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଘୋଷଣା କରିଛନ୍ତି। ଖଲ୍ଲିକୋଟ ବ୍ଲକ ବାଦପଲ୍ଲୀ ପଞ୍ଚାୟତର ଘୋଡାପଡା, ସିଆଳିଆପାଟ, କୁମାରିପାରି, ଗୁଣ୍ଡୁରିପଲ୍ଲୀ, ସାନବଳା, ବଡପଲ୍ଲୀ, ନୂଆପଲ୍ଲୀ, ଛକସିଂହ, ଦେବୀଝରେ ଏବଂ ଆଇଟିପୁର ପଞ୍ଚାୟତର ବିରିପୁର ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ଏଥିସହ ଉକ୍ତ ୨ ପଞ୍ଚାୟତ ସଂଲଗ୍ନ ୨୨ ଗାଁକୁ ମଧ୍ୟ ବଫର ଜୋନ୍ ଘୋଷଣା କରାଯାଇଛି। ସେଥିମଧ୍ୟରେ ମରେଇ ନୂଆଗାଁ, ନାଳାସିଂ, ଖାସୁଳା, ସୋରିଷପତଗଞ୍ଜାର, ବଡ଼ପାଳ, ବି ଭାଲିଆପଦର ପି ବଳରାମପୁର, ଖାରିପଲି, କିଆପଲି, କୁମାରସିଂ, ଉତ୍ପାପଡା, ଆଇଟିପୁର, ଖଜାପାଲି, ପାଳଧୁଆପଲି, ଭିକାପଡ଼ା, ରାଇପଦା, ରାମଚନ୍ଦ୍ରପୁର, କଇରାଶି, ଲଖମଣପୁର, ବାଗଲପୁର, ରତନପୁର ଓ ମାଳଖଜାପାଲି ଗାଁ ରହିଛି।

ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ କାର୍ଯ୍ୟରତ ୧୫ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲାପାଳ ଏହିଭଳି ପଦକ୍ଷେପ ନେଇଛନ୍ତି। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟ ଦାସଙ୍କୁ କଣ୍ଟେନ୍‌ମେଣ୍ଟ ଓ ବଫର ଜୋନ ନିର୍ବାହୀ ମାଜିଷ୍ଟ୍ରେଟ ଦାୟିତ୍ୱ ଦିଆଯାଇଛି। ସେଠାରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ଖଲ୍ଲିକୋଟ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ଘର ବୁଲି ସ୍କ୍ରିନିଂ ସହ ସ୍ୱାବ୍ ସଂଗ୍ରହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯିବ। ଚେକ୍‌ପୋଷ୍ଟ କରି ବ୍ୟାପକ ଫୋର୍ସ ମୁତୟନ ପାଇଁ ଗଞ୍ଜାମ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛତ୍ରପୁର ଉପଜିଲାପାଳ ଏହାର ମନିଟରିଂ କରିବେ ବୋଲି ଜଣାପଡିଛି।

# ଆଦାୟ ହେଲାଣି ୨୦ ଲକ୍ଷ ଜରିମାନା

ଅନୁଗୋଳ ଅଫିସ, ୭।୬

ଲକ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଠୋର ହୋଇଛି ଅନୁଗୋଳ ପୋଲିସ। ମାସ୍କ ବ୍ୟବହାର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ପୋଲିସ ଗତ ମାର୍ଚ୍ଚ ୧୭ରୁ ଜୁନ୍ ୬ ସୁଦ୍ଧା ୨୦ ଲକ୍ଷ ୨୮ ହଜାର ଟଙ୍କା ଜରିମାନା ଆଦାୟ କରିସାରିଲାଣି। ସେହିପରି କ୍ୱାରାଣ୍ଟାଇନ ନିୟମ ଭାଙ୍ଗିବା ଅଭିଯୋଗରେ ୨୪ ମାମଲା ରୁଜୁ କରାଯାଇଥିବାବେଳେ ୮୯ ଜଣ ଗିରଫ ହୋଇଛନ୍ତି। ଲକ୍‌ଡାଉନ୍ କଟକଣା ଅମାନ୍ୟ କରିଥିବା ନେଇ ୩୩୬ଟି ମାମଲା ରୁଜୁ ସହ ୧୧୮୫ ଜଣଙ୍କୁ ଗିରଫ କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନୁରୂପ ଭାବେ ଅମାନିଆ ହୋଇ ବାହାରେ ବୁଲୁଥିବା ଗାଡ଼ି ଚାଳକଙ୍କଠାରୁ ୪୮୮ଟି ବାଇକ୍ ଜବତ କରାଯାଇଛି। ନିୟମ ମାନି ନ ଥିବା ବ୍ୟବସାୟୀଙ୍କ ୭୫ଟି ଦୋକାନକୁ ସିଲ୍ କରାଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। କରୋନା ସମ୍ପର୍କିତ ଗୁଜବ ପ୍ରଚାର କରିଥିବା ୫ ଜଣଙ୍କ ନାମରେ ମାମଲା ରୁଜୁ ସହ ୪ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି।

**OFFICE OF THE MUNICIPAL COUNCIL, RAIRANGPUR**
Phone No.06794-222054, E-Mail ID: rairangpurn.hud@ori.nic.in/ rrpurnac@gmail.com
"e" PROCUREMENT NOTICE
TENDER CALL NOTICE NO.87/Dt.05.06.2020
BID IDENTIFICATION NO. T1RRP 2020-21

1. Name of the work : Civil works
2. Total No. works : 4 (four) nos.
3. Estimated cost : Rs.17 lacks to 37 lacks
4. Class of contractors : D&C, C&B (as per DTCN)
5. Period of completion : 4 month to 9 months (as per DTCN)
6. Availability of tender online for bidding : 6.6.2020 at 10.00 A.M. to 18.6.2020 upto 5.00 P.M.
7. Tender box dropping offline : 19.6.2020 upto 5.00 P.M.
8. Date & time of opening of tender : 20.6.2020 at 11.00 A.M.

Other detail can be seen from the website : www.tendersorissa.gov.in
Executive Officer, Rairangpur Municipality

**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**
**ବିଜ୍ଞାପନ**
ପତ୍ର ନଂ.୧୪୬୪/୨୦୨୦ ତା୦୬।୦୬।୨୦୨୦
ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର, ମୁଖ୍ୟ ବଜାର ପ୍ରାଙ୍ଗଣ ନବରଙ୍ଗପୁରରେ ଖାଲିଥିବା ୫୮ (ଅଠାବନ) ଗୋଟି ଦୋକାନଗୃହକୁ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଇଚ୍ଛୁକ ଦରଖାସ୍ତକାରୀ www.nabarangpur.nic.in ୱେବ୍‌ସାଇଟକୁ ଯାଇ ଆବଣ୍ଟନର ସର୍ତ୍ତାବଳୀ ଓ ଆବେଦନ ଫର୍ମ ତା୦୮।୦୬।୨୦୨୦ରିଖଠାରୁ ତା୩୦।୦୬।୨୦୨୦ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ) ପର୍ଯ୍ୟନ୍ତ ଡାଉନ୍‌ଲୋଡ କରିପାରିବେ ନଚେତ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର କାର୍ଯ୍ୟାଳୟରୁ ଉପରୋକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ୫୦୦/– (ପାଞ୍ଚ ଶହ) ଟଙ୍କା ଜମାକରି ତା୦୮।୦୬।୨୦୨୦ରିଖଠାରୁ ତା୩୦।୦୬।୨୦୨୦ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ) ପର୍ଯ୍ୟନ୍ତ ଅଫିସ କାର୍ଯ୍ୟଦିବସରେ ପାଇପାରିବେ । ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ଆବେଦନ ଫର୍ମ ସହିତ ଆବଶ୍ୟକୀୟ କାଗଜାଦି ସର୍ତ୍ତାବଳୀ ପ୍ରକାରେ ସଂଯୋଗକରି ତା୦୮।୦୬।୨୦୨୦ରିଖଠାରୁ ତା୧୦।୦୭।୨୦୨୦ରିଖ ଅପରାହ୍ନ ୫.୩୦ (ପାଞ୍ଚ ଘଣ୍ଟା ତିରିଶ ମିନିଟ) ପର୍ଯ୍ୟନ୍ତ କେବଳ ରେଜେଷ୍ଟ୍ରୀ ଡାକ କିମ୍ବା କ୍ଷୀପ୍ର ଡାକ ମାଧ୍ୟମରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ଠିକଣାରେ ଗ୍ରହଣ କରାଯିବ । ପ୍ରକାଶଥାଉ କି ଲଫାପା ଉପରେ 'ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନପତ୍ର' ଲେଖିବା ଅତ୍ୟନ୍ତ ଜରୁରୀ । ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡିକୁ ଗ୍ରହଣ କରାଯିବ ନାହିଁ। ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଫର୍ମଗୁଡିକୁ ତା୧୪।୦୭।୨୦୨୦ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଚୟନ କମିଟିଙ୍କ ଦ୍ୱାରା ଚୟନ କରାଯିବ।
ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

# ୬୦୦ ଟଙ୍କାରେ କରୋନା ଟେଷ୍ଟିଂ କିଟ୍

କଟକ ଅଫିସ,୭।୬

**ଓଡ଼ିଆ ଯୁବକଙ୍କ ସଫଳତା**

ଆଇଆଇଟି (ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି) ହାଇଦ୍ରାବାଦ ପକ୍ଷରୁ ଏକ କରୋନା ଟେଷ୍ଟିଂ କିଟ୍ ପ୍ରସ୍ତୁତ କରାଯାଇଛି। ଏହାର ମୂଲ୍ୟ ୬୦୦ ଟଙ୍କା ରହୁଥିବା ବେଳେ ୨୦ ମିନିଟ ମଧ୍ୟରେ ଏହା ଫଳାଫଳ ଦେଇପାରିବ ବୋଲି ଆଇଆଇଟି ହାଇଦ୍ରାବାଦ ପକ୍ଷରୁ ଟୁଇଟ୍ ମାଧ୍ୟମରେ ଦର୍ଶାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ମଧ୍ୟ ଟ୍ୟାଗ୍ କରାଯାଇଛି। ତେବେ ଏହି ସଫଳତା ପଛରେ ରହିଛନ୍ତି ଜଣେ ଓଡ଼ିଆ ଯୁବକ ଡ. ସୂର୍ଯ୍ୟସ୍ନାତ ତ୍ରିପାଠୀ। ପ୍ରଫେସର ଶିବ୍ ଗୋବିନ୍ଦ ସିଂଙ୍କ ତତ୍ତ୍ୱାବଧାନରେ ଡ. ସୂର୍ଯ୍ୟସ୍ନାତ ତ୍ରିପାଠୀ ଓ ପତ୍ତା ସୁପ୍ରଜା ଉକ୍ତ କିଟ୍ ପ୍ରସ୍ତୁତ କରିଛନ୍ତି। ଏତେ କମ୍ ମୂଲ୍ୟରେ କରୋନା ଟେଷ୍ଟିଂ କିଟ୍ ପ୍ରସ୍ତୁତ ହେବା ପରେ ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସୂର୍ଯ୍ୟସ୍ନାତଙ୍କ ଘର କଟକ ବୟାଳିଶମୌଜା ଅନ୍ତର୍ଗତ ଶିଶୁଆ ଗ୍ରାମରେ। ପିତା ସନ୍ତୋଷ କୁମାର ତ୍ରିପାଠୀ ଓ ମା ଜ୍ୟୋତିର୍ମୟୀ ଦେବୀଙ୍କ ପୁଅ ସୂର୍ଯ୍ୟସ୍ନାତ ଆଇଆଇଟି ହାଇଦ୍ରାବାଦରୁ ପିଏଚ୍‌ଡି ହାସଲ କରିବା ସହ ରିସର୍ଚ୍ଚ ସ୍କଲାର ଭାବେ କାର୍ଯ୍ୟ କରୁଛନ୍ତି। ସାହିତ୍ୟରେ ରୁଚି ରଖୁଥିବା ସୂର୍ଯ୍ୟସ୍ନାତ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ସାହିତ୍ୟ ପୁରସ୍କାର ମଧ୍ୟ ହାସଲ କରିଛନ୍ତି।

# ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ: ଛତ୍ରପୁରରେ ୯ ଦୋକାନ ସିଲ୍

ଛତ୍ରପୁର,୭।୬(ଡି.ଏନ୍.ଏ.)

କରୋନା ନେଇ ଗଞ୍ଜାମ ଜିଲାରେ ୬୦ ଘଣ୍ଟା ଶଟଡାଉନ ଜାରି ରହିଛି। ଏହି ନିର୍ଦ୍ଦେଶାବଳୀକୁ ଅମାନ୍ୟ କରିଥିବାରୁ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରରେ ୯ ଦୋକାନକୁ ରବିବାର ଏନ୍ଏସି କର୍ତ୍ତୃପକ୍ଷ ସିଲ କରିଛନ୍ତି। ଏଥିସହ ଏମାନଙ୍କଠାରୁ ୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିମଧ୍ୟରୁ ୩ ଦୋକାନୀଙ୍କ ନାଁରେ ସ୍ଥାନୀୟ ଥାନାରେ ଏତଲା ଦିଆଯିବ ବୋଲି ଜଣାପଡିଛି। ଏନ୍ଏସି ନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଛି। ଏଥିସହ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ପୂର୍ବରୁ ଏନ୍ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨ ଦୋକାନ ସିଲ ହୋଇଥିଲା।



ଦୋକାନ ସିଲ କରାଯାଉଛି।

**INTEGRATED TRIBAL DEVELOPMENT AGENCY, NABARANGPUR**
NO.1759/2020 Date: 06.06.2020
QUOTATION CALL NOTICE NO.01/2020-21
Sealed quotations in plain paper are invited from the authorized dealers/manufacturers/reputed suppliers/ specific manufacturer for the supply of '2 Nos. of Combine Harvester Machines' as per the specification given on website. The details of the Quotation Call Notice are available in the district website http://nabarangpur.nic.in from 10.00 A.M. of 07.06.2020 to 23.06.2020 upto 5.00 P.M. The bids shall be received in Regd. Post/ Speed Post only during office hours by 23.06.2020 and will be opened on 25.06.2020 at 11.00 A.M. in this office in presence of the bidders or their authorized agents.
Sd./- P.A., ITDA, Nabarangpur

**CLASSIFIED DISPLAY**
MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପଚିଶ ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

NATIONAL Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
7839626709

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ଶେଷରେ ସ୍ୱୀକୃତି

ଭୁବନେଶ୍ୱର,୭।୬(ବ୍ୟୁରୋ): ସମଗ୍ର ଓଡିଶା ପାଇଁ ରବିବାର ହେଉଛି ଏକ ଐତିହାସିକ ଦିବସ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅମର ରଚନା 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିବାପରେ ପ୍ରତି ଓଡ଼ିଆଙ୍କ ମନରେ ଖୁସି ଓ ଆନନ୍ଦର ଲହରି ଖେଳିଯାଇଛି। ଯେଉଁଦିନ ଜାତିର ପିତା ମହାତ୍ମା ଗାନ୍ଧୀ ଭଦ୍ରକ ଜିଲା ଗସ୍ତ କରିଥିଲେ ଓ ଭଦ୍ରକ ବାଲାଶ୍ରମରେ ଅବସ୍ଥାନ କରିଥିଲେ, ସେଭଳି ଏକ ଐତିହାସିକ ଦିନରେ ଭଦ୍ରକ ମାଟିର ସନ୍ତାନ କାନ୍ତକବିଙ୍କ ରଚନାକୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିବାପରେ ରାଜ୍ୟ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହୋଇଯାଇଛି।



## ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ,
ଜନନୀ, ଜନନୀ, ଜନନୀ ।

ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ - କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।

## ୨୫ବର୍ଷ ପରେ ମୋହର

- **୭ ନଭେମ୍ବର ୧୯୯୪**– ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବିଧାନସଭାରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନ କରିବା ପାଇଁ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ।
- **୧ ଡିସେମ୍ବର ୧୯୯୪**– ବିଧାନସଭାରେ ଏହି ସଙ୍ଗୀତ ଗାନ ପାଇଁ ବିଧାନସଭା ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି।
- **୨୧ ଡିସେମ୍ବର ୧୯୯୪**– ସପ୍ତଦଶ ବିଧାନସଭା ଅଧିବେଶନର ଶେଷଦିନରେ ପ୍ରଥମଥର ଲାଗି 'ବନ୍ଦେ ଉତ୍କଳ ଜନନୀ' ଗାନ କରାଗଲା।
- **୧୯ ଡିସେମ୍ବର ୨୦୦୨**– ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବିଧାନସଭାରେ ବିତର୍କ ହେବାପରେ ତତ୍କାଳୀନ ବାଚସ୍ପତି ଶରତ କୁମାର କର ସର୍କୁଲାର ଜାରି ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଦାମୋଦର ରାଉତଙ୍କୁ ବାଚସ୍ପତିଙ୍କ ପତ୍ର।
- **୧୦ ମେ' ୨୦୦୩**– ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ତତ୍କାଳୀନ ବାଚସ୍ପତି ଶରତ କୁମାର କରଙ୍କ ଅଧ୍ୟକ୍ଷତାରେ ବୈଠକ। ଏଥିରେ ପ୍ରଥମ, ଚତୁର୍ଥ ଓ ଶେଷ ପଦ ୭୦ ରୁ ୯୦ ସେକେଣ୍ଡ ମଧ୍ୟରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ମୂଳ କଣ୍ଠ ସ୍ୱରରେ ଗାନ ପାଇଁ ନିଷ୍ପତ୍ତି।
- **୭ ଡିସେମ୍ବର ୨୦୦୫**– ଏନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ କେନ୍ଦ୍ର ସରକାରଙ୍କୁ ପତ୍ର।
- **୧୨ ଜୁଲାଇ ୨୦୦୬**– ଆଇନ ପ୍ରଣୟନ ସମ୍ବିଧାନ ସମ୍ମତ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ।
- **୨୬ ଅଗଷ୍ଟ ୨୦୦୬**– ତତ୍କାଳୀନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ। ସଙ୍ଗୀତର ପ୍ରଥମ, ଚତୁର୍ଥ ଓ ଷଷ୍ଠ ପଦ ୯୮ ସେକେଣ୍ଡ ମଧ୍ୟରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ମୂଳ କଣ୍ଠସ୍ୱରରେ ଗାନ ପାଇଁ ନିଷ୍ପତ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପୋଲିସ ବ୍ୟାଣ୍ଡ୍ ସହାୟତାରେ ଧୁନ୍ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି।
- **ଜୁଲାଇ ୨୦୧୨**– ସଙ୍ଗୀତ ରେକର୍ଡିଂ ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟକୁ ଦାୟିତ୍ୱ।
- **୧୫ ଡିସେମ୍ବର ୨୦୧୨**– ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯାଇପାରିବ ନାହିଁ ବୋଲି ମନ୍ତବ୍ୟ ଦେବାପରେ ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତି ନିନ୍ଦିତ।
- **୧୭ ଡିସେମ୍ବର ୨୦୧୨**– ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ମହେଶ୍ୱର ମହାନ୍ତି ବିଧାନସଭାରେ ନିଜ ପ୍ରକୋଷ୍ଠରେ ବୈଠକ ଡାକି ଗୃହ ବିଭାଗକୁ ପତ୍ର ଦେବାପାଇଁ ନିଷ୍ପତ୍ତି ହେବାପରେ ଏନେଇ ବିଧାନସଭାରେ ଦେଲେ ସୂଚନା।
- **୨୨ ଜାନୁୟାରୀ ୨୦୧୩**– ରାଜ୍ୟ ସଂସ୍କୃତି ବିଭାଗ ୧୭ ଡିସେମ୍ବର ୨୦୧୨ ବୈଠକର ବିବରଣୀ ସହିତ ସଙ୍ଗୀତର ଦୁଇଟି ସିଡୀ ଗୃହ ବିଭାଗକୁ ପଠାଇଲେ।
- **୪ ଡିସେମ୍ବର ୨୦୧୪**– ଏକ ସୂଚନା ଅଧିକାର ଆଇନ ଆଧାରିତ ପ୍ରଶ୍ନର ଉତ୍ତରରେ ସଂସ୍କୃତି ବିଭାଗରୁ କୌଣସି ପତ୍ର ପାଇ ନ ଥିବା ଓ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ କରାଯାଇପାରିବ ନାହିଁ ବୋଲି ଗୃହ ବିଭାଗର ସୂଚନା।
- **୨ ଜୁନ୍ ୨୦୧୭**– ରାଜ୍ୟ ସଂସ୍କୃତି ବିଭାଗ ୨୨ ଜାନୁୟାରୀ ୨୦୧୩ରେ ଚିଠି ସଂଖ୍ୟା– ୧୨୫/ଟିସିରେ ଗୃହ ବିଭାଗକୁ ପତ୍ର ଦେଇଥିବା ଦାବି କଲା।
- **୨୫ ଜୁନ୍ ୨୦୧୮**– ରାଜ୍ୟ ସଙ୍ଗୀତ ମାନ୍ୟତା ଦାବି ଜୋର ଧରିବା ପରେ ମୁଖ୍ୟମନ୍ତ୍ରୀ ଏହାଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା।
- **୨୬ ଜୁନ୍ ୨୦୧୮**– ବନ୍ଦେ ଉତ୍କଳ ନୁହେଁ 'ଓଡ଼ିଶା ଜନନୀ' ହେଉ ବୋଲି ବିବାଦୀୟ ମନ୍ତବ୍ୟ ଦେଇ ତତ୍କାଳୀନ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ବିବାଦ ବଢାଇବା ସହ ନିନ୍ଦିତ ହେଲେ।
- **୧୪ ଜାନୁୟାରୀ ୨୦୧୯**– ୧ଲକ୍ଷରୁ ଅଧିକ ଛାତ୍ରୀଛାତ୍ରଙ୍କ ସମୂହ ବନ୍ଦେ ଉତ୍କଳ ଜନନୀ ଗାନ। ଏହି ସମୟରେ 'ବନ୍ଦେ ଉତ୍କଳ ଜନନୀ' ୪ କୋଟି ଓଡ଼ିଆଙ୍କ ଅସ୍ତିତ୍ୱର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଲେ।
- **୧୫ ଜାନୁୟାରୀ ୨୦୧୯**– ମୁଖ୍ୟମନ୍ତ୍ରୀଙ୍କ ବିଭାଗରେ ପଡ଼ିରହିଛି ଓଡ଼ିଆଙ୍କ 'ସ୍ୱାଭିମାନର ପ୍ରତୀକ' ସମ୍ପର୍କିତ ସ୍ୱତନ୍ତ୍ର ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଲା। 'ପ୍ରାଦେଶିକ ସଙ୍ଗୀତ' ମାନ୍ୟତା ପାଇଁ ଉତ୍କଳ ସମ୍ମିଳନୀ ଦାବି କଲା।
- **୧ ଅଗଷ୍ଟ ୨୦୧୯**– 'ବନ୍ଦେ ଉତ୍କଳ ଜନନୀ' ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ସଂସ୍କୃତି ମନ୍ତ୍ରୀଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ନିର୍ଦ୍ଦେଶ।
- **୩୦ ମେ' ୨୦୨୦**– ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଅପରାହ୍ନ ୫ଟା ୩୦ରେ ରାଜ୍ୟ, ଦେଶ ଓ ବିଦେଶରେ ଥିବା ସମସ୍ତ ଓଡ଼ିଆଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ।
- **୭ ଜୁନ୍ ୨୦୨୦**– 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନରେ କ୍ୟାବିନେଟ୍ ମୋହର।

### ଓଡ଼ିଆ ଭାବେ ଗର୍ବିତ



'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦିଆଯାଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛି। ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ଉଦ୍ୟମ ଆଜି ସଫଳ ହୋଇଛି। ଏଥିପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭାବେ ଏଥିରେ ମୋର ଯେଉଁ ଯୋଗଦାନ ଥିଲା ଆଜି ଓଡ଼ିଆ ହିସାବରେ ମୁଁ ଗର୍ବିତ। ଓଡ଼ିଶାବାସୀଙ୍କ ବହୁଦିନର ଆଶା ଆକାଂକ୍ଷା ଆଜି ପୂରଣ ହୋଇଛି।

**- ଅଶୋକ ପଣ୍ଡା, ବିଜ୍ଞାନ ଓ କାରିଗରି ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ**

### କାନ୍ତକବିଙ୍କ ପରିବାର ଆଜି ଗର୍ବିତ



ଯେଉଁ ସମୟରେ ଯାହା ହେବାକଥା ହୋଇଛି। ରାଜ୍ୟ ସରକାର ବିଶେଷକରି ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଧନ୍ୟବାଦ ଦେବି। କୋଭିଡ୍ ଯୋଦ୍ଧାଙ୍କ ପାଇଁ ସେ ଏହି ଗୀତଟିକୁ ଉତ୍ସର୍ଗ କରିଥିଲେ ଓ ସ୍ୱତଃପ୍ରବୃତ୍ତ ଭାବେ ଲୋକେ ଏହାକୁ ଗାଇଥିଲେ। ଏହାପରେ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ କରାଯିବା ଆବଶ୍ୟକ ବୋଲି ସମସ୍ତଙ୍କର ହୃଦୟଙ୍ଗମ ହୋଇଥିଲା। କାନ୍ତକବିଙ୍କ ପରିବାର ସଦସ୍ୟ ହିସାବରେ ଆମେ ବହୁତ ଖୁସି। ମୋର ପୂରା ପରିବାର ଆଜି ଗର୍ବିତ। କାନ୍ତକବିଙ୍କ ଦୁଇପୁଅ ନିତ୍ୟାନନ୍ଦ ମହାପାତ୍ର ଓ ଗୌରଚନ୍ଦ୍ର ମହାପାତ୍ର ବାପାଙ୍କ ଏହି ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାକୁ ବହୁ ଉଦ୍ୟମ କରିଥିଲେ। ହେଲେ ଦୁର୍ଭାଗ୍ୟ ଯେ ସେମାନେ ଆଜି ନାହାନ୍ତି। ମୋ ମା' ତଥା କାନ୍ତକବିଙ୍କ ପୁତ୍ରବଧୂ ମୀରାଦେବୀ ଆଜି ଶଯ୍ୟାଶାୟୀ ଥିଲେ ବି ଖବର ଶୁଣିବା ପରେ ସେ ବହୁତ ଖୁସି। କାନ୍ତକବିଙ୍କର ସେ ବହୁତ ନିକଟତର ଥିଲା ଓ ତାଙ୍କ ସେବା ସୁଶ୍ରୁଷା କରିଥିଲା। ସେଥିପାଇଁ ସବୁଠାରୁ ସେ ଅଧିକ ଆନନ୍ଦିତ। ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ କୋଭିଡ୍ ଯୋଦ୍ଧାଙ୍କ ପାଇଁ ଶଯ୍ୟାରେ ଥାଇ ମଧ ସେ ବନ୍ଦେ ଉତ୍କଳ ଜନନୀ ଗାଇଥିଲା।

**- ଗୁରୁକଲ୍ୟାଣ ମହାପାତ୍ର, କାନ୍ତକବିଙ୍କ ନାତି**

### ସ୍ୱତଃପ୍ରବୃତ୍ତଭାବେ ସମ୍ମାନ ଓ ଶ୍ରଦ୍ଧା ଦେବା ଆବଶ୍ୟକ



ରାଜ୍ୟ ସଙ୍ଗୀତର ମୋହର ଲାଗିବା ପରେ 'ବନ୍ଦେ ଉତ୍କଳ ଜନନୀ'କୁ ଆଜିଠାରୁ ସ୍କୁଲ୍, କଲେଜ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ପିଲାମାନେ ଏହାକୁ ଗାଇବେ ଏବଂ ପ୍ରତ୍ୟେକ ସରକାରୀ କାର୍ଯ୍ୟକ୍ରମରେ ଏହାକୁ ପରିବେଷଣ କରାଯିବ। ସମ୍ପୂର୍ଣ୍ଣ ଗୀତକୁ ସ୍ୱୀକୃତି ମିଳିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରସ୍ତୁତ କରିଥିବା ଗୀତର ସ୍ୱର ଓ ଶୈଳୀକୁ ମାନ୍ୟତା ଦିଆଯାଇଛି। ଏହାକୁ ଆଇନର ପରିସରଭୁକ୍ତ କରାଯାଇନାହିଁ। ରାଜ୍ୟବାସୀ ଏହାକୁ ସ୍ୱତଃପ୍ରବୃତଭାବେ ସମ୍ମାନ ଓ ଶ୍ରଦ୍ଧା ଦେବା ଆବଶ୍ୟକ। ୧୯୧୩ ଉତ୍କଳ ସମ୍ମିଳନୀ ଅଧିବେଶନରୁ ଆରମ୍ଭକରି ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରଠାରୁ ବିଭିନ୍ନ ସ୍ଥାନରେ ଏହାକୁ ଗାନ କରାଯାଉଛି। ବିଧାନସଭା ଓ ସରକାରୀ କାର୍ଯ୍ୟକ୍ରମରେ ମଧ ଗାନ କରାଯାଉଛି। ଆଶାକରୁଛୁ ଏବେଠାରୁ ସବୁଠାରେ ସବୁସ୍ତରରେ ଏହାକୁ ସମ୍ମାନ ମିଳିବ।

**- ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

### ଜାତୀୟ ସଙ୍ଗୀତ ଭଳି ସ୍ୱତନ୍ତ୍ର ନୀତି ପ୍ରଣୟନ ହେଉ



'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ରାଜ୍ୟ କ୍ୟାବିନେଟର ଯୁଗାନ୍ତକାରୀ ନିଷ୍ପତ୍ତିକୁ ଉତ୍କଳ ସମ୍ମିଳନୀ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ମୁଖ୍ୟମନ୍ତ୍ରୀ ପ୍ରଥମ ପାଳିରେ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଲିପିଶିକ୍ଷା କାର୍ଯ୍ୟକ୍ରମ, ଦ୍ୱିତୀୟ ପାଳିରେ ଓଡିଆ ଭାଷା ପ୍ରତିଷ୍ଠାନର ପ୍ରତିଷ୍ଠା, ତୃତୀୟ ପାଳିରେ 'ଓରିଶା'ରୁ 'ଓଡିଶା' ନାମକରଣ ସହିତ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଓ ଚତୁର୍ଥ ପାଳିରେ ସରକାରୀ ଭାଷା ଅଧିନିୟମ ୧୯୫୪ରେ ସଂଶୋଧନ କରିବାପରେ ୫ମ ପାଳିରେ ଆଉଏକ ଐତିହାସିକ ଘୋଷଣା କରିଛନ୍ତି। ଏଥିରେ କୌଣସି ଦଳର ଭୂମିକା ନାହିଁ। ଓଡ଼ିଶାବାସୀଙ୍କ ପାଇଁ ଆଜି ଏହି ବିଜୟ ହୋଇଛି। ହେଲେ ଜାତୀୟ ସଙ୍ଗୀତ ଭଳି 'ବନ୍ଦେ ଉତ୍କଳ ଜନନୀ' ଗାଇବା ପାଇଁ ମଧ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ ହେଉ।

**- ଦିଲୀପ ଦାଶଶର୍ମା, ମଞ୍ଚେଶ୍ୱର ଶାଖା ସଭାପତି, ଉତ୍କଳ ସମ୍ମିଳନୀ**

### ପ୍ରତି ଓଡ଼ିଆଙ୍କ ପ୍ରାଣରେ ଆନନ୍ଦର ସୁଅ



ଘର ଭିତରେ ଥାଇ ଆଜି ଏଭଳି ଏକ ଖୁସିର ଖବର ଶୁଣିବାକୁ ମିଳିଲା। ବହୁଦିନର ଆଶା ଆଜି ପୂରା ହେଲା। ଏଥିପାଇଁ ଦୁଇଜଣ ଧନ୍ୟବାଦର ପାତ୍ର। ଜଣେହେଲେ ଲେଖକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ଅନ୍ୟଜଣେ ହେଲେ ସ୍ୱରଦାନ କରିଥିବା ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ। ବ୍ୟକ୍ତିଗତଭାବେ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଧନ୍ୟବାଦ ଦେବି। ତାଙ୍କପାଇଁ ଆଜି ପ୍ରତ୍ୟେକଟି ଓଡ଼ିଆଙ୍କ ପ୍ରାଣରେ ଆନନ୍ଦର ସୁଅ ଛୁଟିଛି। ସମଗ୍ର ଓଡ଼ିଶାବାସୀ ଏହାକୁ ଆନନ୍ଦର ସହ ଗ୍ରହଣ କରିଛନ୍ତି। ତେବେ ଏହା କେମିତି ଗାନ ହେବ ତାହାର ସମୟ ଅବଧି ଠିକ୍‌ଭାବେ ନିଷ୍ପତ୍ତି ହେବା ଦରକାର।

**- ଲକ୍ଷ୍ମୀକାନ୍ତ ପାଲିତ୍, କଣ୍ଠଶିଳ୍ପୀ ଓ ସଙ୍ଗୀତଜ୍ଞ**

### 'ଷ୍ଟେଟ୍ ଆନ୍ଥେମ୍' ନା 'ଷ୍ଟେଟ୍ ସଙ୍ଗ୍' ସ୍ପଷ୍ଟ କରାଯାଉ



ଅଶା କରୁଛୁ କେବଳ ସରକାରୀ ନୁହେଁ, ବେସରକାରୀ କାର୍ଯ୍ୟକ୍ରମରେ ମଧ ଏଣିକି 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ ହେବ। ସ୍କୁଲ୍, କଲେଜ ଏବଂ ସମସ୍ତ ଶିକ୍ଷାନୁଷ୍ଠାନରେ ପିଲାମାନେ ପ୍ରତ୍ୟେକ ଦିନ ଏହାକୁ ଗାନ କରିବେ। ଏହା ଆମ ଓଡ଼ିଆତ୍ୱର ପ୍ରତୀକ। ହେଲେ ଏହା 'ଷ୍ଟେଟ୍ ଆନ୍ଥେମ୍' ନା 'ଷ୍ଟେଟ୍ ସଙ୍ଗ୍' ରାଜ୍ୟ ସରକାର ପ୍ରଥମେ ତାହା ସ୍ପଷ୍ଟ କରିବା ଆବଶ୍ୟକ। ଓଡ଼ିଆ ଏବଂ ଇଂଲିଶରେ ଲେଖିବା ସମୟରେ ସବୁଠାରେ ସମାନ ବନାନ ଲେଖିବା ଉଚିତ। ଏହାଦ୍ୱାରା ସୋସିଆଲ ମିଡ଼ିଆରେ ମଧ ଏହା ଟ୍ରେଣ୍ଡ୍ କରିପାରିବ ଓ ଦେଶ ବିଦେଶରେ ଥିବା ଓଡ଼ିଆଙ୍କ ପାଖରେ ପହଞ୍ଚିପାରିବ।

**- ଡ. ଅନୀତା ସାବତ, ମ୍ୟାନେଜିଂ ଟ୍ରଷ୍ଟି, ଓଡ଼ିତ ଟ୍ରଷ୍ଟ**

## କାନ୍ତକବିଙ୍କ ଶ୍ରେଷ୍ଠ କବିତା

ଓଡ଼ିଆ ସାହିତ୍ୟର ଜଣେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଏବଂ ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର। ଏକାଧାରରେ ଜଣେ ଶିଶୁ ସାହିତ୍ୟିକ, କବି ଓ ଲେଖକ ଭାବେ ତାଙ୍କ ରଚନାଗୁଡିକ ପାଠକଙ୍କ ମଧ୍ୟରେ ଆଜି ବି ଆଦୃତ। 'କଣାମାମୁ' ଉପନ୍ୟାସ ଓ 'ଜୀବନ ସଙ୍ଗୀତ' କବିତା ସଙ୍କଳନ ତାଙ୍କ ସଫଳ ସୃଷ୍ଟି ମଧ୍ୟରୁ ଅନ୍ୟତମ। ସେ ଲେଖିଥିବା 'ବନ୍ଦେ ଉତ୍କଳ ଜନନୀ' କବିତାକୁ ଆଜି ଓଡ଼ିଶାର ରାଜ୍ୟ ସଙ୍ଗୀତ ଭାବେ ଗ୍ରହଣ କରାଯାଇଥିବାବେଳେ ତାଙ୍କ 'ବୁଢା ଶଙ୍ଖାରୀ' ଗଳ୍ପ ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ପରିଚିତ। ତେବେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏହି ସଙ୍ଗୀତକୁ ଏତେ ଭଲ ପାଉଥିଲେ ଯେ ପ୍ରତ୍ୟେକ ସଭା ଶେଷରେ ସେ 'ବନ୍ଦେ ଉତ୍କଳ ଜନନୀ' କହୁଥିଲେ। ଯାହାକି ବର୍ତ୍ତମାନ ସମୟରେ ତାଙ୍କ ପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ମଧ ଶୁଣିବାକୁ ମିଳୁଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଯେଉଁ କେତୋଟି ଉଗ୍ର ଜାତୀୟତାବାଦ ଉଦ୍ରେକକାରୀ ଦେଶାତ୍ମବୋଧ ଗୀତ ରହିଛି ସେଥିମଧ୍ୟରେ 'କୋଟି କୋଟି କଣ୍ଠେ ଆଜି', 'ଉଠୁରେ ଗମ୍ଭୀର ବାଜି', 'ଉତ୍କଳର ଜୟଗୀତି', 'ଉନ୍ମାଦନା ଭରା', 'କମ୍ପି ଉଠୁ ଶୈଳରାଜି ସରାଗର ଧରା', 'ମୋର ଉତ୍କଳ ଜନନୀ' ଅନ୍ୟତମ।



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

## ଓଡ଼ିଆଙ୍କୁ ଏକାଠି କରିଥିଲା 'ବନ୍ଦେ ଉତ୍କଳ ଜନନୀ'

ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଆନ୍ଦୋଳନକୁ ଅଧିକ ତୀବ୍ର କରିବା ସହିତ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଉଗ୍ର ଉତ୍କଳୀୟ ଜାତୀୟତା ଭାବ ସୃଷ୍ଟି କରିବା ନିମନ୍ତେ କାନ୍ତକବିଙ୍କ 'ବନ୍ଦେ ଉତ୍କଳ ଜନନୀ' ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। କବି ବାଞ୍ଛାନିଧି ମହାନ୍ତି ଏହି ଗୀତକୁ ହାରମୋନିୟମ ସାହାଯ୍ୟରେ ଗାଁ ଗାଁରେ ବୁଲି ଗାଉଥିଲେ। ୧୯୨୦–୨୧ର ଅସହଯୋଗ ଆନ୍ଦୋଳନ ଏବଂ ୧୯୩୦ର ଲବଣ ସତ୍ୟାଗ୍ରହ କାନ୍ତକବିଙ୍କ ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା। କାନ୍ତକବିଙ୍କ ବାପା ଭାଗବତ ପ୍ରସାଦ, ଭଉଣୀ କୋକିଳା ଦେବୀ ଓ ଜାହ୍ନବି ଦେବୀ ଏବଂ ସାନଭାଇ କମଳାକାନ୍ତ ପ୍ରମୁଖ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଭାବରେ ସାମିଲ ହୋଇଥିଲେ। ଏପରି କି କାନ୍ତକବିଙ୍କ ବଡ଼ ପୁଅ ନିତ୍ୟାନନ୍ଦ ମହାପାତ୍ର ଏଥିରେ ପ୍ରମୁଖ ଭୂମିକା ନେଇଥିଲେ। ସେହି ସମୟରେ ସାଧାରଣ ଜନତାଙ୍କୁ ଆନ୍ଦୋଳନରେ ଯୋଗଦାନ ପାଇଁ ପ୍ରବର୍ତ୍ତେଇବା ଏବଂ ସେମାନଙ୍କୁ ଜାତୀୟତା ପ୍ରତି ଆକର୍ଷଣ କରିବା ପାଇଁ ଲକ୍ଷ୍ମୀକାନ୍ତ ନିଜ କଲମର ସାହାଯ୍ୟ ନେଇଥିଲେ। ଗଳ୍ପ, ଉପନ୍ୟାସ, ନାଟକ ଓ କବିତାମାନ ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଇଥିଲେ। ଏହାପରେ ସାଧାରଣ ଜନତାଙ୍କୁ ଇଂରେଜଙ୍କ ବିରୋଧରେ ଲଢ଼ି ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ଅସ୍ତ୍ର ଭାବରେ ବ୍ୟବହାର କଲେ। ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ନିଜ ଯୁବାବସ୍ଥାରେ କାନ୍ତକବିଙ୍କ ଅନେକ ଲେଖାରେ ଅନୁପ୍ରାଣିତ ହୋଇଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରାକେଶ ରାଉତ
ସ୍ୱର୍ଗତା ମିନାକ୍ଷୀ ରାଉତ
କୁମ୍ଭାରସାହି, ପୁରୁଣା ଭୁବନେଶ୍ୱର
ଆପଣମାନଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ଖବରକାଗଜ ବିତରକ ସଂଘ, ଓଲ୍ଡ ଟାଉନ୍।
ଧ-୧୭୪୫୪

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ମନୋରମା ମିଶ୍ର
ଏ.ଏଲ.୭୩ ଭି.ଏସ୍.ଏସ ନଗର, ଭୁବନେଶ୍ୱର-୭
ଆବିର୍ଭାବ: ୨୭।୦୮।୧୯୪୭
ତିରୋଧାନ:୧୧।୦୬।୨୦୧୭
(ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା)
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
:ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୪୨୫

**୨୧ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦେବ ଦାଶ
୨୦୨୫, ମହତାବ ରୋଡ,
ପୁରୁଣା ଭୁବନେଶ୍ୱର-୨
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯
୨୧ ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଲାନ ଆତ୍ମା ବିଭୁପାଦତଳେ ଚିର ଶାନ୍ତି ଲାଭ କରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଲିଙ୍ଗରାଜଙ୍କ ନିକଟରେ ବିନୀତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ହତଭାଗା ଭାଇ, ଭାଇବୋହୂ, ମା', ଆତ୍ମୀୟ ସ୍ୱଜନ, ପରିବାର ଓ ବନ୍ଧୁବର୍ଗ।
ଧ-୧୭୪୪୩

**ସଂକ୍ଷେପରେ**

## ବିଏସ୍ -୬ ଚାରିଚକିଆ ଯାନ ପାଇଁ ନୂଆ ନିୟମ

ନୂଆଦିଲ୍ଲୀ,୭।୬: କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ବିଏସ୍-୬ ଯାନ ଲାଗି ନୂଆ ନିୟମ ଘୋଷଣା କରାଯାଇଛି। ଏହି ଯାନଗୁଡିକୁ ସହଜରେ ଚିହ୍ନିବା ଲାଗି ନୂଆ ବ୍ୟବସ୍ଥା ହୋଇଛି। ଏହି ନୂଆ ନିୟମ ୨୦୨୦ ଅକ୍ଟୋବର ପରଠାରୁ ଲାଗୁ ହେବ। ବିଏସ୍-୬ ଯାନଗୁଡିକର ନମ୍ବର ପ୍ଲେଟରେ ସବୁଜ ପଟି ଲାଗିବ। ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି କରାଯାଇଥିବା ରିପୋର୍ଟ ମୁତାବକ ବିଏସ୍-୬ ଚାରିଚକିଆ ଯାନର ପଞ୍ଜୀକରଣ ଦସ୍ତାବିଜ କିମ୍ବା ନମ୍ବରପ୍ଲେଟ ଉପରେ ସବୁଜ ପ୍ୟାଚ୍ ଲଗାଯିବ। ଏହା ଦ୍ୱାରା ବାହନଗୁଡିକୁ ସହଜରେ ଚିହ୍ନିବା ସହଜ ହେବ। ନୂଆ ନିୟମ ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ୪ ଚକିଆ ଯାନ ଉପରେ ଲାଗୁ କରାଯିବ। ଏପ୍ରିଲ ପହିଲାରୁ ସାରା ଦେଶରେ ବିଏସ୍-୬ ଆଇନ ଲାଗୁ କରାଯାଇଛି। ବିଏସ୍-୬ ଯାନଗୁଡିକୁ ଚିହ୍ନିବା ଲାଗି ବିଦେଶରେ ମଧ୍ୟ ବିଭିନ୍ନ ସୁବିଧା କରାଯାଇଛି। ଏହାକୁ ଧ୍ୟାନରେ ରଖି ଭାରତରେ ମଧ୍ୟ ନୂଆ ନିୟମ ଲାଗୁ କରାଯାଇଛି। ନମ୍ବର ପ୍ଲେଟ ଉପରେ ଲାଗିଥିବା ଏହି ପଟି ୧ ସେମି ଚଉଡା ହେବ ବୋଲି କୁହାଯାଇଛି।

## ଜିଓରେ ୫,୬୮୩ କୋଟି ନିବେଶ କରିବ ଆଡିଆ

ନୂଆଦିଲ୍ଲୀ,୭।୬: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ଜିଓ ପ୍ଲାଟଫର୍ମରେ ଆଡିଆ ନାମକ କମ୍ପାନୀ ୫,୬୮୩ କୋଟି ଟଙ୍କା ନିବେଶ କରିବ। ଭାରତକୁ ଡିଜିଟାଲ ସୋସାଇଟି ଭାବେ ଗଢି ତୋଳିବାରେ ଏହି ନିବେଶ ସହାୟକ ହେବ ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ରହିଛି। ଗତ ସାତ ସପ୍ତାହ ମଧ୍ୟରେ ଜିଓରେ ବିଶ୍ୱ ସ୍ତରର ନିବେଶକମାନେ ପ୍ରାୟ ୯୭.୮୮ ଲକ୍ଷ କୋଟି ଟଙ୍କାର ନିବେଶ ନେଇ ଆଗେଇ ଆସିଛନ୍ତି। ବିଶ୍ୱ ସ୍ତରରେ ନିବେଶ କ୍ଷେତ୍ରରେ ଆଡିଆ ପ୍ରମୁଖ ସ୍ଥାନରେ ରହିଛି। ଜିଓରେ ନିବେଶ ନିଷ୍ପତ୍ତି କମ୍ପାନୀର ଉନ୍ନତି ଲାଗି କାର୍ଯ୍ୟ କରିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ କହିଛନ୍ତି।

# ଏମ୍‌ଏସ୍‌ଏମ୍‌ଇଙ୍କୁ ୮,୩୨୦କୋଟିର ଋଣ

ନୂଆଦିଲ୍ଲୀ,୭।୬




କରୋନା ଜନିତ ଲକ୍‌ଡାଉନ ଲାଗି ଦେଶର ଅଣୁ, କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଶିଳ୍ପଗୁଡିକୁ ୩ ଲକ୍ଷ କୋଟି ଟଙ୍କାର ପାଣ୍ଠି ଯୋଗାଣ ଲାଗି ସରକାର ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଣ୍ଟି ସ୍କିମ (ଇସିଏଲ୍‌ଜିଏସ୍) ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ଉକ୍ତ ଯୋଜନାରେ ଏମ୍‌ଏସ୍‌ଏମ୍‌ଇ ୮,୩୨୦ କୋଟି ଟଙ୍କାର ଋଣ ଲାଭ କରିଥିବା ଜଣାପଡିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଜୁନ ୫ ସୁଦ୍ଧା ଏହି ଋଣ ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜୁନ ପହିଲାରେ ୧୦୦% ଇସିଏଲ୍‌ଜିଏସ୍ ଲାଗି ବ୍ୟାଙ୍କଗୁଡିକ ୧୭,୭୦୫ କୋଟି ଟଙ୍କା ଋଣ ଯୋଗାଣ ଲାଗି ମଞ୍ଜୁରୀ ଦେଇଛନ୍ତି। ଆତ୍ମ ନିର୍ଭର ଭାରତ ଯୋଜନାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏମ୍‌ଏସ୍‌ଏମ୍‌ଇଗୁଡିକୁ ସହାୟତା କରିବା ଲାଗି ଏଭଳି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ବ୍ୟାଙ୍କଗୁଡିକର ଋଣ ପ୍ରଦାନ ସମ୍ପର୍କରେ ସୀତାରାମନ ରବିବାର ଟ୍ୱିଟ ଯୋଗେ ସୂଚନା ଦେଇଛନ୍ତି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ୧୧,୭୦୧ କୋଟି ଟଙ୍କା ଋଣ ପ୍ରଦାନ ଲାଗି ମଞ୍ଜୁରୀ ଦେଇଥିବା ବେଳେ ଜୁନ ୫ ସୁଦ୍ଧା ୬୦୮୪ କୋଟି ଟଙ୍କା ଋଣ ଦେଇ ସାରିଛି। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୧୯୯୫ କୋଟି ଟଙ୍କା ଋଣ ଦେବାକୁ ମଞ୍ଜୁରୀ ଦେଇଛି। ଏହା ମଧ୍ୟରୁ ୨୪୨.୯୨ କୋଟି ଟଙ୍କାର ଋଣ ଏହି ବ୍ୟାଙ୍କ ଯୋଗାଇ ଦେଇଛି।

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଇସିଏଲ୍‌ଜିଏସ୍ ଯୋଜନାରେ ୯.୨୫% ହାରରେ ୩ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରିବା ପ୍ରସ୍ତାବକୁ ମେ ୨୧ରେ କ୍ୟାବିନେଟ ଅନୁମୋଦନ ଦେଇଥିଲା। କୋଭିଡ୍ ୧୯ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଶିଳ୍ପଗୁଡିକୁ ସହାୟତା ଯୋଗାଇ ଦେବା ଲାଗି ଏଭଳି ବ୍ୟବସ୍ଥା ହୋଇଛି। ଏହି ଋଣର ୧୦୦% ଗ୍ୟାରେଣ୍ଟି ସରକାର ନେବେ ବୋଲି ଜଣାପଡିଛି।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୪.୯୨% କମିଲା

ନୂଆଦିଲ୍ଲୀ,୭।୬




ଆର୍ଥିକ ବର୍ଷ ୨୦୧୯-୨୦ରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୪.୯୨% ହ୍ରାସ ଘଟି ୧୨.୩୩ ଲକ୍ଷ କୋଟି ଟଙ୍କା ରହିଛି। କର୍ପୋରେଟ ଟିକସରେ ହ୍ରାସ, ଷ୍ଟାଣ୍ଡାର୍ଡ ଡିଡକସନ ଏବଂ ବ୍ୟକ୍ତିଗତ ଆୟକର ଛାଡ ସୀମା ବୃଦ୍ଧି ହେବା ଯୋଗୁ ଟିକସ ସଂଗ୍ରହ ଉପରେ ଏହାର ପ୍ରଭାବ ରହିଛି ବୋଲି ଆୟକର ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଟିକସ କ୍ଷେତ୍ରରେ ରିହାତି ନ ମିଳିଥିଲେ ମୋଟ ସଂଗ୍ରହ ୮% ବଢି ୧୪.୦୧ ଲକ୍ଷ କୋଟି ରହିବ ବୋଲି ଆକଳନ କରାଯାଇଥିଲା। ଆର୍ଥିକ ବର୍ଷ ୨୦୧୮-୧୯ରେ ମୋଟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୨.୯୭ ଲକ୍ଷ କୋଟି ଟଙ୍କା ରହିଥିଲା। କର୍ପୋରେଟ ଟିକସ ଏବଂ ବ୍ୟକ୍ତିଗତ ଆୟକର ସଂଗ୍ରହ ବାବଦ ଗତ ଆର୍ଥିକ ବର୍ଷରେ ସରକାର ଯଥାକ୍ରମେ ୬.୭୮ ଲକ୍ଷ କୋଟି ଟଙ୍କା ଏବଂ ୫.୫୫ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। କର୍ପୋରେଟ ଟିକସ ଛାଡରୁ ୧.୪୫ ଲକ୍ଷ କୋଟି ଏବଂ ବ୍ୟକ୍ତିଗତ ଆୟକର ରିହାତିରୁ ୨୩ ହଜାର କୋଟି ରାଜସ୍ୱ କମିବ ବୋଲି ପୂର୍ବରୁ କୁହାଯାଇଥିଲା। ସରକାର ଟିକସ ରିହାତି ନ ଦେଇଥିଲେ ଏହି ଦୁଇ ବାବଦରେ ଯଥାକ୍ରମେ ୮.୨୩ ଲକ୍ଷ କୋଟି ଏବଂ ୫.୭୮ ଲକ୍ଷ କୋଟି ଆଦାୟ କରିଥାନ୍ତେ। ୨୦୧୮-୨୯ରେ ମୋଟ ଟିକସ ସଂଗ୍ରହ ୧୪.୧୦ ଲକ୍ଷ କୋଟି ଟଙ୍କା ରହିଥିଲା।

# ଚିନ୍ତା ବଢାଇବ ଏନ୍‌ପିଏ ସମସ୍ୟା

ମୁମ୍ବାଇ,୭।୬




କରୋନା ପାଇଁ ଦେଶର ଅର୍ଥବ୍ୟବସ୍ଥା ଚାପରେ ରହିଛି। ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକର ମୋଟ ଅନାଦାୟ ଋଣ (ଏନ୍‌ପିଏ) ସମସ୍ୟା ଚିନ୍ତାକୁ ବଢାଇବ ବୋଲି ଆକଳନରେ କୁହାଯାଇଛି। ଏହି ସମୟରେ ଏନ୍‌ପିଏ ୧୧.୩ରୁ ୧୧.୬%କୁ ବଢିବା ନେଇ ଆଶଙ୍କା କରାଯାଇଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ଏହା ୮.୬% ରହିଥିଲା। ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ, ୨୦୨୦-୨୧ରେ ପ୍ରଦାନ କରାଯାଉଥିବା ଅଗ୍ରିମର ୫ରୁ ୫.୫% ଚାପଗ୍ରସ୍ତ ହେବ ବୋଲି କୁହାଯାଇଛି। ଫଳରେ ଏହା ବ୍ୟାଙ୍କଗୁଡିକର ଋଣ ଯୋଗାଣ ଏବଂ ଆୟ କ୍ଷେତ୍ରରେ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଋଣ ଯୋଗାଣ ଅଭିବୃଦ୍ଧି ଆଖିଦୃଶିଆ ହେଉ ନ ଥିବାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ୪୫,୦୦୦ ରୁ ୮୨,୫୦୦ କୋଟି ଟଙ୍କାର ପୁଞ୍ଜି ଆବଶ୍ୟକ କରିପାରନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ଅଗଷ୍ଟ ମାସ ଯାଏ ମୋରାଟୋରିୟମ ସୁବିଧା ଦେଇଛି। ଆସେଟ କ୍ୱାଲିଟିରେ ଚାପ ଚଳିତ ଆର୍ଥିକ ବର୍ଷର ତୃତୀୟ ଏବଂ ଚତୁର୍ଥ ତ୍ରୈମାସରେ ଦେଖାଯିବ ବୋଲି ଇକ୍ରାର ଫାଇନାନ୍ସିଆଲ ସେକ୍ଟର ରେଟିଂ ମୁଖ୍ୟ ଅନିଲ ଗୁପ୍ତା କହିଛନ୍ତି। ଏହି ସମୟରେ ଘରୋଇ ବ୍ୟାଙ୍କଗୁଡିକର ଆୟରେ ମଧ୍ୟ ପରିବର୍ତ୍ତନ ଦେଖାଯିବ। ବ୍ୟାଙ୍କଗୁଡିକର ଋଣ ଅଭିବୃଦ୍ଧି ୬ରୁ ୭% ରହିପାରେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷେତ୍ରରେ ଏହା ୩.୫ରୁ ୪.୩% ଏବଂ ଘରୋଇ ବ୍ୟାଙ୍କ କ୍ଷେତ୍ରରେ ୭ରୁ ୯% ରହିବା ନେଇ ଆକଳନ କରାଯାଇଛି।

## ଏଫ୍‌ଏମ୍‌ସିଜି କ୍ଷେତ୍ର ସାମ୍ନାରେ ଅନିଶ୍ଚିତତା

ନୂଆଦିଲ୍ଲୀ,୭।୬

କରୋନା ଦେଶର ବାଣିଜ୍ୟିକ ସ୍ଥିତିକୁ କ୍ଷତି ପହଞ୍ଚାଇଥିବା ବେଳେ ବର୍ତ୍ତମାନ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ବଡ ଅନିଶ୍ଚିତତା ଦେଇ ଗତି କରୁଥିବା ପ୍ରମୁଖ ଏଫ୍‌ଏମସିଜି କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର ସୂଚନା ଦେଇଛି। କରୋନା ଯୋଗୁ ବଜାରର ସ୍ଥିତି ବର୍ତ୍ତମାନ ଟ୍ରାକ୍‌କୁ ଫେରିପାରୁ ନାହିଁ। ବର୍ତ୍ତମାନର ସଙ୍କଟକୁ ଟାଳିବା ପାଇଁ ଏମ୍‌ଏମ୍‌ସିଜି କ୍ଷେତ୍ର ପ୍ରୟାସ ଜୋରଦାର କରିଛି। ଅର୍ଥନୈତିକ ସମସ୍ୟା ସହ ବଜାର ଝୁଣ୍ଟି ଥିବାବେଳେ ଢାଞ୍ଚାଗତ ଭାବେ ଗଭୀର ପରିମାଣର କ୍ଷତି ସହିଛି। ଏଭଳି ସ୍ଥିତିକୁ ନଜରରେ ରଖି କମ୍ପାନୀଗୁଡିକ ସେମାନଙ୍କ କୌଶଳରେ ପରିବର୍ତ୍ତନ ଆଣିଛନ୍ତି ବୋଲି ହିନ୍ଦୁସ୍ତାନ ୟୁନିଲିଭରର ଅଧ୍ୟକ୍ଷ ସଞ୍ଜୀବ ମେହେଟ୍ଟା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯୋଗାଣ ଏବଂ ଚାହିଦା ଏବେ ନାହିଁ। ଏହା ଶୀଘ୍ର ଫେରିବା ନେଇ ମଧ୍ୟ କିଛି ସ୍ପଷ୍ଟ ଭାବେ କହି ହେବ ନାହିଁ। ବ୍ରାଣ୍ଡଗୁଡିକ ତିଷ୍ଠି ରହିବା ଲାଗି ଉଦ୍ୟମ କରୁଛନ୍ତି।

# ଶିଳ୍ପ ୟୁନିଟ୍‌ଗୁଡିକରେ ଶ୍ରମିକ ଚିନ୍ତା

ନୂଆଦିଲ୍ଲୀ,୭।୬

କୋଭିଡ୍-୧୯ ସଂକ୍ରମଣର ଭୟାବହତା କାରଣରୁ ସରକାର ଦେଶରେ ଲକଡାଉନ କଟକଣା ଜାରି କରିଥିଲେ। ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ସରକାର ଲକଡାଉନ କଟକଣା କୋହଳ କରିଛନ୍ତି। ୩ୟ ଓ ୪ର୍ଥ ପର୍ଯ୍ୟାୟ ଲକଡାଉନ ଅବଧି ସମୟରେ ସରକାର କିଛି ସ୍ୱତନ୍ତ୍ର ଗାଇଡଲାଇନ ପାଳନ ସହ ଆର୍ଥିକ କାର୍ଯ୍ୟକଳାପକୁ ଅନୁମତି ପ୍ରଦାନ କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ବିଭିନ୍ନ ସଂସ୍ଥା, କଳକାରଖାନା, ନିର୍ମାଣକାରୀ ସଂସ୍ଥା, ଉତ୍ପାଦନ ୟୁନିଟ ଓ ଫ୍ୟାକ୍ଟ୍ରି ଗୁଡିକ ବର୍ତ୍ତମାନ ଖୋଲିଛି। ପ୍ରବାସୀ ଶ୍ରମିକ ଘରକୁ ଚାଲିଯାଇଥିବା କାରଣରୁ ବିଭିନ୍ନ ୟୁନିଟଗୁଡିକରେ କାମ କରିବାକୁ ଶ୍ରମିକ ମିଳୁନାହାନ୍ତି। ଫଳରେ କଳକାରଖାନା ଓ ନିର୍ମାଣ ସଂସ୍ଥା କାର୍ଯ୍ୟ କିଭଳି ଆଗକୁ ବଢାଇବେ ତାକୁ ନେଇ ଚିନ୍ତାରେ ଅଛନ୍ତି। ବିଭିନ୍ନ ରାଜ୍ୟର ରାଜ୍ୟ ସରକାର ଓ ବୃହତ ଶିଳ୍ପ, କଳକାରଖାନା ଓ ନିର୍ମାଣକାରୀ ସଂସ୍ଥାଗୁଡିକ କର୍ମଚାରୀଙ୍କୁ ଲୋଭନୀୟ ଅଫର ଦେଉଥିବା ଦେଖାଯାଉଛି। ଅଧିକ ବେତନ ଓ ବିମାନଭଡା ଏବଂ ରେଳ ଭଡା ପ୍ରଦାନ ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ପାଇଁ କହିଲେ ସୁଦ୍ଧା ଉକ୍ତ ଶ୍ରମିକମାନେ ବର୍ତ୍ତମାନ ପରିସ୍ଥିତିରେ ନିଜ ଘର ଛାଡି କାର୍ଯ୍ୟ କ୍ଷେତ୍ରକୁ ଯିବାକୁ ରାଜି ନଥିବା ବିଷୟରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହି ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟରେ ଉଲେଖ ରହିଛି ଯେ, ଗତ ଦୁଇ ମାସର କଷ୍ଟ ଓ ଭୟ ଶ୍ରମିକଙ୍କ ମନରୁ ବର୍ତ୍ତମାନ ସୁଦ୍ଧା ଲିଭିନାହିଁ । ଶ୍ରମିକଙ୍କ ଅସୁବିଧା ସମୟରେ ଏହିସବୁ ସଂସ୍ଥା କୁଆଡେ ଲୁଚି ରହିଥିଲେ ବୋଲି ବିଭିନ୍ନ ଶ୍ରମିକ ସଂଗଠନ ମତ ରଖିଛନ୍ତି। ଏହି ସଂକ୍ରମଣର ଭୟ ଶେଷ ନ ହେବା ପର୍ଯ୍ୟନ୍ତ ଘରେ ରହିବାକୁ ଅଧିକାଂଶ ଶ୍ରମିକ ଉଚିତ ମଣୁଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଶ୍ରମିକମାନଙ୍କୁ ପୁନର୍ବାର ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରନ୍ତୁ ନଚେତ କଳକାରଖାନାଗୁଡିକର କାମ ଠପ୍ ହୋଇ ରହିବ ବୋଲି ବିଭିନ୍ନ ରାଜ୍ୟର ଭିନ୍ନ ଭିନ୍ନ ସଂଘ ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି।

## ଇଞ୍ଜିନିୟରିଂ ଶେଷ ସେମିଷ୍ଟାର ପରୀକ୍ଷା କରିବାକୁ ଦାବି

ଭୁବନେଶ୍ୱର, ୭।୬(ବ୍ୟୁରୋ)

କୋଭିଡ-୧୯ର ଗାଇଡ଼ଲାଇନ୍‌କୁ ଅନୁସରଣ କରି ରାଜ୍ୟର ସମସ୍ତ ଡିଗ୍ରୀ ଇଞ୍ଜିନିୟରିଂ କଲେଜ, ଆଇ.ଆଇ.ଟି, ଡିପ୍ଲୋମା ସ୍କୁଲ, ଆଇ.ଟି.ଆଇ ଅନୁଷ୍ଠାନର ଶେଷ ବର୍ଷର ବିଶେଷ ସେମିଷ୍ଟାର ପରୀକ୍ଷା କରିବା ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦାବି ହୋଇଛି। ପରୀକ୍ଷାକୁ ଜୁଲାଇ ମାସ ମଧ୍ୟରେ ସମାପ୍ତ କରି ଫଳ ପ୍ରକାଶ କରିବାକୁ ଏ.ଆଇ.ଡି.ଏସ୍.ଓ ଓଡିଶା ରାଜ୍ୟ କମିଟି ତରଫରୁ ଦାବି କରାଯାଇଛି। ପରୀକ୍ଷା ପୂର୍ବରୁ ହଷ୍ଟେଲ ସାନିଟାଇଜ କରିବା ପାଇଁ ସଙ୍ଗଠନ ଦାବି କରିଛି। ଛାତ୍ରୀଛାତ୍ରଙ୍କ ଖାଦ୍ୟପେୟ ତଥା ରହିବାର ଅନ୍ୟାନ୍ୟ ଖର୍ଚ୍ଚ ସରକାର ଓ କର୍ତ୍ତୃପକ୍ଷ ବହନ କରିବାକୁ ମଧ୍ୟ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ଆଇ.ଆଇ.ଟି, ଭୁବନେଶ୍ୱର, ଭିସୁଟ ବୁର୍ଲା ସମେତ ରାଜ୍ୟର ସମସ୍ତ ଇଞ୍ଜିନିୟରିଂ ଶେଷବର୍ଷର ଶେଷ ସେମିଷ୍ଟାର ଛାତ୍ରୀଛାତ୍ର ପରୀକ୍ଷା ନେଇ ଦୁଶ୍ଚିନ୍ତା ମଧ୍ୟ ଦେଇ ଗତି କରୁଛନ୍ତି। ବହୁ ଛାତ୍ରୀଛାତ୍ର କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଥିବାରୁ ତୁରନ୍ତ ପରୀକ୍ଷା ଓ ଫଳ ପ୍ରକାଶନ ପାଇଁ ଦାବି କରୁଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୁରକ୍ଷା ଦୃଷ୍ଟିରୁ କୋଭିଡ-୧୯ ଗାଇଡ଼ଲାଇନ୍ ଅନୁସରଣ କରି ଜୁଲାଇ ମଧ୍ୟରେ ଶେଷ ସେମିଷ୍ଟାର ପରୀକ୍ଷା ସାରିବାକୁ ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସମ୍ପାଦକ ସୁବାସ ନାୟକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

## ଖୋର୍ଦ୍ଧା ଜିଲାରେ ବଢ଼ିଲା ୭ଦିନ କ୍ୱାରାଣ୍ଟାଇନ୍ ଅବଧି

ଖୋର୍ଦ୍ଧା ଅଫିସ,୭।୬ :

ଖୋର୍ଦ୍ଧା ଜିଲାରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବାସୀଙ୍କ ଅବଧିକୁ ୭ଦିନ ବୃଦ୍ଧି କରିଛନ୍ତି ଜିଲାପାଳ। ଏ ନେଇ ଜିଲାପାଳ ଶୀତାଂଶୁ କୁମାର ରାଉତ ଜିଲାର ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବଧି ୭ ଦିନ ରହିଥିଲା। ଏହି ଆଦେଶ କାର୍ଯ୍ୟକାରୀ ହେବା ପରେ ପ୍ରବାସୀ ଏଣିକି ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିବେ। ବାହାରୁ ଆସୁଥିବା ପ୍ରବାସୀମାନେ ସଙ୍ଗରୋଧ କେନ୍ଦ୍ରରେ ରହୁଛନ୍ତି। ଏଠାରୁ ଫେରିବା ପରେ ପୁଣି ସେମାନଙ୍କ ନିକଟରୁ କରୋନା ପଜିଟିଭ ଚିହ୍ନଟ ହେଉଥିବା ନଜରକୁ ଆସିବା ପରେ ଜିଲା ପ୍ରଶାସନ ଏହି ପଦକ୍ଷେପ ନେଇଛି ବୋଲି ଜିଲାପାଳ ରାଉତ କହିଛନ୍ତି।

# ଯୋଡ଼ିହେଲା ଦୁଇଜଣଙ୍କ କଟା ହାତ

କଟକ ଅଫିସ,୭।୬

- ଏସ୍‌ସିବିରେ ୨ ସଫଳ ଅସ୍ତ୍ରୋପଚାର
- ସାମିଲ ଥିଲେ ପ୍ଲାଷ୍ଟିକ୍ ସର୍ଜରି, ନିଶ୍ଚେତକ ବିଭାଗର ୨୧ ଜଣିଆ ଡାକ୍ତରୀ ଟିମ୍

ଦୁଇ ଜଣଙ୍କ କଟିଯାଇଥିବା ହାତକୁ ଯୋଡ଼ି ସେମାନଙ୍କ ଜୀବନରେ ବଞ୍ଚିବାର ନୂତନ ଆଶା ସଞ୍ଚାର କରିଛି ଏସ୍‌ସିବି ମେଡିକାଲ। ଏହାର ପ୍ଲାଷ୍ଟିକ୍ ସର୍ଜରି ବିଭାଗ ମୁଖ୍ୟ ତଥା ମେଡିକାଲ ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ ଓ ପ୍ରଫେସର ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ୨୧ ଜଣିଆ ଡାକ୍ତରୀ ଟିମ୍ ପୃଥକ୍ ଅସ୍ତ୍ରୋପଚାର କରି କଟିଯାଇଥିବା ହାତକୁ ଉଭୟଙ୍କ ଶରୀରରେ ସଫଳ ପ୍ରତିରୋପଣ କରିଛନ୍ତି।

ସୂଚନା ଅନୁଯାୟୀ, ପୃଥକ୍ ଜମିଜମା ଗଣ୍ଡଗୋଳ ବେଳେ ହଣାକଟା ଯୋଗୁ ଗତ ୨୨ ତାରିଖରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଦେବୀ ପ୍ରସାଦ ସ୍ୱାଇଁ ଓ ୨୮ରେ ଢେଙ୍କାନାଳର ମନୋଜ ମଲ୍ଲିକଙ୍କ ହାତ କଟିଯାଇଥିଲା । ସମ୍ପର୍କୀୟମାନେ କଟା ହାତ ସହ ଉଭୟଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରିଥିଲେ। ପ୍ରଥମେ ରକ୍ତସ୍ରାବ ନିୟନ୍ତ୍ରଣ କରିବା ପରେ ଏସ୍‌ସିବିର ପ୍ଲାଷ୍ଟିକ୍ ସର୍ଜରି ଓ ନିଶ୍ଚେତକ ବିଭାଗର ୨୧ ଜଣିଆ ଡାକ୍ତରୀ ଟିମ୍ ଉଭୟଙ୍କ ଅସ୍ତ୍ରୋପଚାର କରି ସେମାନଙ୍କ ଶରୀରରେ କଟିଯାଇଥିବା ହାତର ପ୍ରତିରୋପଣ କରିଥିଲେ। ଏବେ ଉଭୟ ସୁସ୍ଥ ଥିବା ସହ ସେମାନଙ୍କ ହାତ ମଧ୍ୟ ସାମାନ୍ୟ କାର୍ଯ୍ୟକ୍ଷମ ହେବା ଆରମ୍ଭ କରିଛି ବୋଲି ଡାକ୍ତରମାନେ କହିଛନ୍ତି।

### ଦୁର୍ଘଟଣାର ୬ ଘଣ୍ଟା ଭିତରେ କଟିଥିବା ଅଙ୍ଗର ପ୍ରତିରୋପଣ ସମ୍ଭବ

ଏହି ବିରଳ ଅସ୍ତ୍ରୋପଚାର ବାବଦରେ ଡା. ବିଭୂତି ଭୂଷଣ ନାୟକ କହିଛନ୍ତି ଯେ କୌଣସି ଦୁର୍ଘଟଣାର ୬ ଘଣ୍ଟା ମଧ୍ୟରେ କଟି ଛିଣ୍ଡି ପଡ଼ିଥିବା ଅଙ୍ଗପ୍ରତ୍ୟଙ୍ଗର ପ୍ରତିରୋପଣ ସମ୍ଭବ। ଏଭଳି ବିରଳ ଚିକିତ୍ସା ଏବେ ଏସ୍‌ସିବିର ଡାକ୍ତରମାନେ ଅତି ସଫଳତାର ସହ କରିପାରୁଛନ୍ତି । ତେଣୁ କୌଣସି ବି ଜଟିଳ ପରିସ୍ଥିତିରେ କାଳ ବିଳମ୍ବ ନ କରି ପୀଡ଼ିତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପହଞ୍ଚାଇଲେ ଏ ଧରଣର ରୋଗୀଙ୍କୁ ଉତ୍ତମ ଚିକିତ୍ସା ଦିଆଯାଇ ପାରିବ।

## କୋଭିଡ ହସ୍ପିଟାଲରେ ମୃତ୍ୟୁହାର ରୋକିବାକୁ ୱେବିନାର

କଟକ ଅଫିସ,୭।୬:

ରାଜ୍ୟରେ କୋଭିଡ ହସ୍ପିଟାଲଗୁଡ଼ିକରେ କରୋନା ସହ ରକ୍ତଚାପ ଓ ବ୍ଲଡ ସୁଗାର କାରଣରୁ ମୃତ୍ୟୁ ଅଧିକ ହେଉଛି। ତେଣୁ ଏହାକୁ ମାତ୍ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଏସ୍‌ସିବି ମେଡିକାଲ କଲେଜର ମିଳିତ ଆନୁକୂଲ୍ୟରେ ରବିବାର ଏକ ୱେବିନାର ଆୟୋଜନ କରାଯାଇଛି। ଏଥିରେ ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ୩୫ଟି କୋଭିଡ ହସ୍ପିଟାଲର ୩୦୦ ଡାକ୍ତର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସ୍‌ସିବିର ଭେଷଜ ବିଶେଷଜ୍ଞ ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ଜୟନ୍ତ ପଣ୍ଡା, ନିଶ୍ଚେତକ ବିଭାଗର ଡା. ନିବେଦିତା ପାଣି ଓ ଡା. ଦେବାଶିଷ ସ୍ୱାଇଁ ପରିଚାଳନା କରିଥିଲେ। ଏଥିସହ ଜୁନ୍‌ର ପ୍ରତ୍ୟେକ ସପ୍ତାହରେ କ୍ରିଟିକାଲ କେୟାର ଚିକିତ୍ସା ପଦ୍ଧତି ବିଷୟ ନେଇ ୱେବିନାର୍ ଆୟୋଜନ କରାଯିବ।

# ସୁନ୍ଦରଗଡ଼ : ଗୋଟିଏ ଦିନରେ ୧୮ କରୋନା ପଜିଟିଭ୍ ଚିହ୍ନଟ

ସୁନ୍ଦରଗଡ଼/ରାଉରକେଲା ଅଫିସ, ୭।୬(ଡି.ଏନ୍.ଏ.)

- ଆକ୍ରାନ୍ତଙ୍କ ମଧ୍ୟରେ ଆର୍‌ଜିଏଚ୍‌ର ୨ ଡାକ୍ତର
- ରାଉରକେଲା ସ୍ପେଶାଲ ଜେଲ ୬କଏଦୀ ବି ସଂକ୍ରମିତ

ସୁନ୍ଦରଗଡ଼ ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ୧୮କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ରାଉରକେଲା ଜେନେରାଲ ହସ୍ପିଟାଲ(ଆରଜିଏଚ୍)ର ୨ଜଣ ଡାକ୍ତର ଓ ସ୍ପେଶାଲ ଜେଲ କ୍ୱାରାଣ୍ଟାଇନ୍‌ର ୬ କଏଦୀ। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୫ ପୁରୁଷ ଓ ୩ ମହିଳା ଅଛନ୍ତି। ସଂକ୍ରମିତ ହୋଇଥିବା ଆରଜିଏଚ୍‌ର ୨ ଡାକ୍ତର କୋଭିଡ୍ ହସ୍ପିଟାଲ ଓ ପରେ ମେଡିକାଲ ଡ୍ୟୁଟିରେ ଥିଲେ। ରିପୋର୍ଟ ପଜିଟିଭ ଆସିବା ପରେ ଉଭୟଙ୍କୁ ୧୦ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ସଂକ୍ରମିତ ୬ କଏଦୀଙ୍କୁ ଜେଲ୍‌ର ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ଚିକିତ୍ସା କରାଯାଉଛି। ଏକ ମେଡିକାଲ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରୁଛନ୍ତି। ସଂକ୍ରମିତ ୨ଡାକ୍ତର ଓ ୬କଏଦୀଙ୍କ ସଂସ୍ପର୍ଶରେ ଆସିଥିବା ଜେଲ ଓ ପୋଲିସ କର୍ମଚାରୀଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏହି ଘଟଣା ପରେ ଆରଜିଏଚ୍ ଓ ରାଉରକେଲା ସ୍ପେଶାଲ ଜେଲକୁ ସାନିଟାଇଜ କରାଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ରବିବାର ମଧ୍ୟାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅନ୍ୟ ୧୦ଆକ୍ରାନ୍ତଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ କଲୁଙ୍ଗା କ୍ୱାରାଣ୍ଟାଇନ କେନ୍ଦ୍ରରୁ ଜଣେ, ବଡଗାଁ, ବୀରମିତ୍ରପୁର ଓ ବାଲିଶଙ୍କରା ଟିଏମ୍‌ସିର ଜଣେ ଲେଖାଏ ମହାରାଷ୍ଟ୍ର ଫେରନ୍ତା, ଲାଠିକଟା ଟିଏମସିର ୨ଜଣ, ନୂଆଗାଁ ହୋମ କ୍ୱାରାଣ୍ଟାଇନରେ ଥିବା ଜଣେ ସେନା କର୍ମଚାରୀ, ହାଇଟେକ ହସ୍ପିଟାଲରେ ଭଦ୍ରକ, ତାମିଲନାଡୁ ଓ ଯାଜପୁର ଫେରନ୍ତା ୩ଜଣ ରହିଛନ୍ତି।

## ସରିଲା କଳସ ପେଣ୍ଡି ନିର୍ମାଣ

ପୁରୀ ଅଫିସ, ୭।୬:

ଶ୍ରୀନଅର ସମ୍ମୁଖ ରଥଖଳାରେ ତିନିରଥ ନିର୍ମାଣ କାମ ଜାରି ରହିଛି। ରବିବାର ଦ୍ୱିତୀୟ ଭୂଇଁ ଚାରିନାହାକାରେ ଡମକ (ଗୟଳ ଓ ଚାରିନାହାକୁ ବାନ୍ଧି ରଖିବା ପାଇଁ)ଫିଟିଂ କରାଯାଇଛି। ଏହାପରେ ତିନିରଥରେ ତୃତୀୟ ଭୂଇଁ ଉଠିଛି। ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ମହାରଣା ସେବକଙ୍କୁ ଧ୍ୱଜବତା, ଭୂଇଁ ଖମ୍ବି, ଖଦିଓରା ଏବଂ ପୋଟଳ ପଟା ନିର୍ମାଣ ପାଇଁ କାଠ ଯୋଗାଇଦେଇଛନ୍ତି। ତିନିରଥର ବଡ଼ଥଳି ପୋଟଳ କାମ ସମେତ କଳସ ପେଣ୍ଡି ଏବଂ କନକ ମୁଣ୍ଡି କାମ ସରିଛି। ରୂପକାର ସେବକମାନେ ନାଟଗୋଡ଼ରେ ରାହୁ ରୂପ ଖୋଦେଇ ସହ ଚାର ପରଛା (ଘୋଡ଼ା ବନ୍ଧା ଯିବା ସ୍ଥାନ)ରେ ମଧ୍ୟ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି ପରିସର ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଜଂଘା କଣ୍ଟା, ଦ୍ୱାରକଣ୍ଟା, ତାଗ, କଇଁଚି କଣ୍ଟା ଏବଂ ଚାଳି କଣ୍ଟା ତିଆରିରେ ଲାଗିଛନ୍ତି।




# ଅଣସରରେ ଲାଗି ହୁଏନି ରନ୍ଧା ଭୋଗ

ପୁରୀ ଅଫିସ, ୭।୬:

- କେବଳ ବ୍ୟବହାର କରାଯାଏ ଧଳାଫୁଲ
- ଦଶମୀ ପର୍ଯ୍ୟନ୍ତ ଶବ୍ଦ ସୃଷ୍ଟି ମନା

ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି ଦଇତାପତି ସେବକ। ତେବେ ଏହି ଗୁପ୍ତ ଲୀଳାରେ ରହିଛି କେତୋଟି ନିଷିଦ୍ଧ ନିୟମ। ଏ ସମ୍ପର୍କରେ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ତଥା ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ସ୍ନାନ ନୀତି ପରେ ରତ୍ନବେଦି ସମ୍ମୁଖ ବାଉଁଶ ତାଟିରେ ଏକ ଅସ୍ଥାୟୀ ଗୃହ କରାଯାଏ। ସେଠାରେ ଦାରୁଦିଅଁମାନଙ୍କ ଗୁପ୍ତ ସେବା ହୁଏ। ଏହି ଅସ୍ଥାୟୀ ଗୃହକୁ ଅଣସର ଗୃହ ଏବଂ ଏହା ଚାଟିପଟେ ପରିବେଷ୍ଟିତ ତାଟିକୁ ଅଣସର ତାଟି କୁହାଯାଏ। ତାଟିରେ ଏକ ଦ୍ୱାର ଥାଏ। ଏହି ଦ୍ୱାର ଦେଇ ଦଇତାପତି ସେବକ ପ୍ରବେଶ କରନ୍ତି। ଅଣସର ଗୃହରେ ସମ୍ପାଦିତ ନୀତିକୁ ଅଣସର ନୀତି କୁହାଯାଏ। କେବଳ ଦଇତା ଓ ପତିମହାପାତ୍ର ସେବକମାନେ ଅଣସର ଗୃହକୁ ପ୍ରବେଶ କରିଥାନ୍ତି। ଅନ୍ୟ କେହି ପ୍ରବେଶ କରିପାରିବେ ନାହିଁ। ଅଣସର ଘରେ ରାଶି ତେଲ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଏ ନାହିଁ। ଅଣସର ପିଣ୍ଡିକୁ ଧଳା ଫୁଲ ବ୍ୟତୀତ ଅନ୍ୟ ଫୁଲ ନିଆଯାଇ ପାରିବ ନାହିଁ। ଅଣସର ସମୟରେ ବ୍ୟବହାର ହେଉଥିବା ଫଳ ଚୋପା ବାହାରକୁ ଆସେ ନାହିଁ। ଏପରି କି ବ୍ୟବହୃତ ପାତ୍ର ମଧ୍ୟ ପଦାକୁ ଆସେ ନାହିଁ। ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳଚୋପା, ବ୍ୟବହୃତ ପାତ୍ର ଆଦି ଗୃହର ଏକ କୋଣରେ ରଖାଯାଇଥାଏ। ଏହି ସମୟରେ ମହାପ୍ରଭୁଙ୍କୁ ରନ୍ଧା ଭୋଗ ଲାଗି ହୁଏ ନାହିଁ। ଅଣସର ସମୟରେ ପଣା ଓ ଚକଡ଼ା ଭୋଗ ଲାଗି କରାଯାଏ। ଏଥିସହ ଛେନା, ପଣସ, ଆମ୍ବ, ସପୁରି ଆଦି ଠାକୁରଙ୍କୁ ସମର୍ପଣ କରାଯିବାର ବିଧି ରହିଛି। ଅଣସର ସେବାକୁ ଯାଉଥିବା ଦଇତାପତିମାନେ ସମ୍ପୂର୍ଣ୍ଣ ଭାବେ ନୀତି ନିୟମରେ ରହିଥାନ୍ତି। ସେମାନେ କେବଳ ମହାପ୍ରଭୁଙ୍କୁ ସମର୍ପିତ ଭୋଗ ଗ୍ରହଣ କରିଥାନ୍ତି। ଏଥିପାଇଁ ଯେଉଁ ପତ୍ର ଓ ପାତ୍ର ବ୍ୟବହାର କରାଯାଏ ତାହା ମଧ୍ୟ ଅଣସର ଘରୁ ବାହାରକୁ ଆସି ନ ଥାଏ। ଅଣସର ପିଣ୍ଡିରେ ଭୋଗ ସମର୍ପଣ ବେଳେ ବିଶେଷ ନୀତି ନିୟମ ପ୍ରତି ଗୁରୁତ୍ୱ ଦିଆଯାଏ। କୌଣସି ଘଣ୍ଟି ଘଣ୍ଟ ବାଜି ନ ଥାଏ। ଦଶମୀ ପର୍ଯ୍ୟନ୍ତ କୌଣସି ଶବ୍ଦ କରାଯାଏ ନାହିଁ। ସେବା ସମୟରେ ପରସ୍ପର ମଧ୍ୟରେ କେହି କଥାବାର୍ତ୍ତା କରି ନ ଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଭିତରେ ନିର୍ମାଣ କାର୍ଯ୍ୟ କି ଶବ୍ଦ କରାଯାଇ ନ ଥାଏ ବୋଲି ଦାସମହାପାତ୍ର କହିଛନ୍ତି।



ଠାକୁରଙ୍କ ନିକଟରେ ଭୋଗ ପାଇଁ ଅଣସର ପଣା ପ୍ରସ୍ତୁତ କରାଯାଉଛି।



ବଲିଉଡ୍ ନାୟିକା ତାପସୀ ପନ୍ନୁଙ୍କ ପାଇଁ ୨୦୧୯ ଥିଲା ସଫଳତାର ବର୍ଷ। ତାଙ୍କ ଅଭିନୀତ ୫ ଫିଲ୍ମ ରିଲିଜ୍ ବକ୍ସ ଅଫିସରେ ସଫଳ ହୋଇଛି। ନାରୀ କୈନ୍ଦ୍ରିକ ଫିଲ୍ମରେ ତାପସୀଙ୍କ ଅଭିନୟକୁ ଦର୍ଶକ ପସନ୍ଦ କରୁଛନ୍ତି। ଏକ ରିପୋର୍ଟରୁ ଜଣାପଡିଛି, ତାପସୀଙ୍କ ୫ ଫିଲ୍ମ ୩୫୨ର ବ୍ୟବସାୟ କରିଛି। ଏହି ଫିଲ୍ମ ମଧ୍ୟରେ ରହିଛି ବଦଲା, ଗେମ୍ ଓଭର, ମିଶନ ମଙ୍ଗଲ, ଷାଣ୍ଢ କି ଆଁଖ ଓ ଥପ୍ପଡ। କେବଳ ମିଶନ ମଙ୍ଗଲର କଲେକ୍ସନ୍ ରହିଥିଲା ୨୦୨.୯୮କୋଟି। ଏହାସହ 'ବଦଲା' ମଧ୍ୟ ୮୮ କୋଟି ଟଙ୍କାର ବିଜନେସ୍ କରିଛି।

# ନିଜେ ଭୋକିଲା, ହାତୀଙ୍କୁ ଖାଦ୍ୟ



**ଜୟପୁର:** 'ହାତୀ ମଲେ ଲକ୍ଷେ, ଜିଇଲେ ଲକ୍ଷେ'। ଓଡ଼ିଆରେ ବହୁ ପ୍ରଚଳିତ ଏହି ଢଗ ହିଁ ବତାଇଦିଏ ହାତୀ କେତେ ମୂଲ୍ୟବାନ। ଭାରତୀୟଙ୍କ ଆଧ୍ୟାତ୍ମିକ, ସାମାଜିକ ଜୀବନ ସହିତ ଜଡ଼ିତ ଏହି ବିଶାଳକାୟ ସ୍ତନ୍ୟପାୟୀ ପ୍ରାଣୀ ଏବେ ବିପଦରେ। ଜଙ୍ଗଲ ସମ୍ପଦର ଅବକ୍ଷୟରେ ହାତୀ-ମଣିଷ ସଂଘର୍ଷ ଉଗ୍ରରୂପ ଧାରଣ କରିଥିବାବେଳେ ଦାନ୍ତ, ଚମଡ଼ା ଲୋଭରେ ଅବାଧ ଶିକାର ହାତୀବଂଶକୁ ବିପଦକୁ ଠେଲିଦେଇଛି। ନିକଟରେ କେରଳର ମଲ୍ଲାପୁରମ୍‌ରେ ବିସ୍ଫୋରକ ଭର୍ତ୍ତି ଫଳ ଦେଇ ଏକ ଗର୍ଭିଣୀ ହାତୀକୁ ହତ୍ୟା କରିବା ଘଟଣା ପ୍ରାଣୀପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ହେଲେ ମଲ୍ଲାପୁରମ୍‌ରୁ ୨୪୦୦ କିମି ଦୂର ରାଜସ୍ଥାନର ରାଜଧାନୀ ଜୟପୁର ନିକଟରେ ଥିବା ଦେଶର ପ୍ରଥମ ହାତୀ ଗାଁରେ ହସ୍ତୀ ଏବଂ ମାହୁନ୍ତଙ୍କ ମଧ୍ୟରେ ଦେଖିବାକୁ ମିଳିଛି ନିଆରା ସମ୍ପର୍କ। ଲକ୍‌ଡାଉନ୍ ଭିତରେ ଓଳିଏ ଖାଇ ମାହୁନ୍ତମାନେ ହାତୀଙ୍କ ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି।

ଜୟପୁର-ଦିଲ୍ଲୀ ହାଇୱେ ପାର୍ଶ୍ୱରେ ପର୍ଯ୍ୟଟନର ବିକାଶ ଲାଗି ୨୦୧୦ରେ ସ୍ଥାପନ କରାଯାଇଥିଲା ଦେଶର ପ୍ରଥମ ହାତୀ ଗାଁ । ୫୦ ଏକର ପରିମିତ ଅଞ୍ଚଳ ବ୍ୟାପିଥିବା ଏହି ଗ୍ରାମରେ ଏବେ ୧୦୩ ପୋଷା ହାତୀ ରହୁଛନ୍ତି। ହାତୀ ମାଲିକ, ମାହୁନ୍ତ ଏବଂ ସେମାନଙ୍କ ପରିବାରକୁ ମିଶାଇ ୮୦୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ହାତୀ ଏବଂ ମଣିଷଙ୍କ ଏକତ୍ର ସହାବସ୍ଥାନ ଦେଖିବାକୁ ପ୍ରତିବର୍ଷ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ହାତୀ ସଫାରିରୁ ହେଉଥିବା ଆଦାୟ ଅର୍ଥରୁ ମାଲିକମାନେ ହାତୀଙ୍କ ପାଇଁ ଖାଇବା ବ୍ୟବସ୍ଥା କରିବା ସହ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ଲକ୍‌ଡାଉନ୍ ଯୋଗୁ ହାତୀ ସଫାରି ବନ୍ଦ ହୋଇଯିବା ପରେ ମାହୁନ୍ତଙ୍କ କଷ୍ଟ ବଢ଼ିଛି।

ହାତୀଙ୍କ ରହିବା ଲାଗି ୬୩ଟି ଶେଡ୍ କରାଯାଇଛି। ୨୦ ଫୁଟ ଚଉଡ଼ା ଏବଂ ଉଚ୍ଚତା ବିଶିଷ୍ଟ ପ୍ରତି ଶେଡ୍‌ରେ ୩ଟି ଲେଖାଏ ହାତୀ ରହିପାରିବେ। ଏହା ନିକଟରେ ମାହୁନ୍ତଙ୍କ ପରିବାର ସଦସ୍ୟଙ୍କ ରହିବା ଲାଗି ଘର, ହାତୀଙ୍କ ବିଚରଣ ଲାଗି ପଡ଼ିଆ ଏବଂ ହାତୀଙ୍କ ଜଳକ୍ରୀଡ଼ା ଲାଗି ୩ଟି ବଡ଼ ପୋଖରୀ ରହିଛି। କ୍ୟାମ୍ପସରେ ରହୁଥିବା ପରିବାରର ପିଲାଙ୍କ ଲାଗି ସ୍କୁଲ ଏବଂ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତରଖାନା ରହିଛି। ଏହାକୁ ବାଦ୍ ଦେଲେ ଏତେସଂଖ୍ୟକ ହାତୀଙ୍କ ଖାଦ୍ୟ ରଖିବାକୁ ସ୍ୱତନ୍ତ୍ର ଗୋଦାମ ଘର ମଧ୍ୟ ରହିଛି। ହାତୀ ଗାଁ କଲ୍ୟାଣ ସମିତିର ଅଧ୍ୟକ୍ଷ ବଲ୍ଲୁ ଖାନ୍ କୁହନ୍ତି, ଦିନକୁ ଗୋଟିଏ ହାତୀ ପାଇଁ ପାଖାପାଖି ୩୫୦୦ ଟଙ୍କା ଖାଇବା ଖର୍ଚ୍ଚ ଆସିଥାଏ। ଲକ୍‌ଡାଉନ୍ ସମୟରେ ସମିତି ପକ୍ଷରୁ ପ୍ରତି ହାତୀ ପାଇଁ ୬୦୦ ଟଙ୍କା ପ୍ରଦାନ କରାଯାଉଛି। ଏତିକି ଅର୍ଥରେ ହାତୀଙ୍କ ଖାଇବା ଯୋଗାଡ଼ କରିବା ଏବଂ ମାହୁନ୍ତ ନିଜ ପରିବାର ଚଳାଇବା କଷ୍ଟକର କଥା। ତଥାପି ସେମାନେ କୌଣସି ପ୍ରକାରେ ହାତୀକୁ ପେଟପୂରା ଖାଇବା ବ୍ୟବସ୍ଥା କରୁଛନ୍ତି। ସେହିପରି ଆସିଫ୍ କୁହନ୍ତି, ପିଢ଼ି ପିଢ଼ି ଧରି ତାଙ୍କ ପରିବାର ହାତୀ ପାଳି ଆସୁଛନ୍ତି। ତାଙ୍କ ପିଲାଦିନ ହାତୀଙ୍କ ସହ କଟିଛି। ଗାଁ ଲୋକଙ୍କ ପାଇଁ ହାତୀ କେବଳ ଏକ ଜନ୍ତୁ ନୁହେଁ, ବରଂ ପରିବାରର ସଦସ୍ୟ।

## ମାହୁନ୍ତଙ୍କ ମହାନତା

କୌଣସି କାରଣରୁ ହାତୀଟିଏ ମରିଗଲେ ୩ଦିନ ଯାଏ ଶୋକ ପାଳନ କରାଯାଏ। ଘରେ ଚୁଲି ବି ଜଳେନାହିଁ। ଦୀର୍ଘ ୨ ମାସ ହେଲା ଲକ୍‌ଡାଉନ୍ ଭିତରେ ହାତୀଙ୍କ ପାଇଁ ଖାଇବା ଯୋଗାଡ଼ କରିବା କାଠିକର ପାଠ ହୋଇଛି। ତଥାପି କୌଣସି ପରିସ୍ଥିତିରେ ସେମାନଙ୍କୁ ଭୋକିଲା ରହିବାକୁ ଦିଆଯାଏ ନାହିଁ। ହାତୀଙ୍କୁ ନିଜର ସନ୍ତାନ ଭଳି ପ୍ରତି ମାହୁନ୍ତ ସ୍ନେହ କରିଥାନ୍ତି ବୋଲି ଆସିଫ୍ କହିଛନ୍ତି।

# କଙ୍ଗନା ହେବେ ନିର୍ଦ୍ଦେଶିକା


କଙ୍ଗନା ରାନାୱତ୍

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କଙ୍ଗନା ରାନାୱତ୍ ବର୍ତ୍ତମାନ ପରଦା ପଛରେ ରହି ଫୁଲ ଟାଇମ କାମ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେ ତାଙ୍କ ନିର୍ଦ୍ଦେଶନାରେ ରାମ ମନ୍ଦିର ପ୍ରସଙ୍ଗ ଉପରେ ଆଧାରିତ ଏକ ଫିଲ୍ମ 'ଅପରାଜିତା ଅଯୋଧ୍ୟା' ନିର୍ମାଣ କରିବାକୁ ଯାଉଛନ୍ତି। ଏହା ସହିତ ସେ ଫିଲ୍ମର ପ୍ରଡକ୍ସନ କାର୍ଯ୍ୟ ମଧ୍ୟ ତୁଲାଇବେ। ଏହି ଫିଲ୍ମ ମୁଖ୍ୟତଃ ରାମ ମନ୍ଦିର ଏବଂ ବାବରୀ ମସଜିଦ୍ କେସ୍‌କୁ ନେଇ ଆଧାରିତ। ଯାହାକୁ 'ବାହୁବଳୀ ସିରିଜ' ଏବଂ 'ମଣିକର୍ଣ୍ଣିକା ଦ କୁଇନ୍ ଅଫ୍ ଝାନ୍‌ସୀ'ଙ୍କ ସ୍କ୍ରିପ୍ଟ ଲେଖିଥିବା ଲେଖକ କେ.ଭି ବିଜୟେନ୍ଦ୍ର ପ୍ରସାଦ ଲେଖିଛନ୍ତି। ଏହି ଖବରକୁ ନେଇ କଙ୍ଗନା ସ୍ପଷ୍ଟ କରିଛନ୍ତି ଯେ, ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ପାଇଁ ମୋର କୌଣସି ଯୋଜନା ନ ଥିଲା। ମୁଁ କେବଳ ଏହି ଫିଲ୍ମ ନିର୍ମାଣ କରିବାକୁ ଚାହୁଁଥିଲି। ନିର୍ଦ୍ଦେଶନା ବିଷୟରେ ଚିନ୍ତା କରିବାକୁ ସେ ସମୟରେ ମୋ' ପାଖରେ ପର୍ଯ୍ୟାପ୍ତ ସମୟ ନ ଥିଲା। ଯେତେବେଳେ କେ.ଭି ବିଜୟେନ୍ଦ୍ର ପ୍ରସାଦ ମୋତେ ଫିଲ୍ମର ସ୍କ୍ରିପ୍ଟ ବିଷୟରେ କହିଥିଲେ, ସେତେବେଳେ ଏହି ଫିଲ୍ମକୁ ବଡ଼ ଭାବରେ କରିବା ପାଇଁ ପ୍ରସ୍ତୁତ ହେଉଥିଲେ। କଙ୍ଗନା ଆହୁରି କହିଛନ୍ତି, ମୋର ସହଯୋଗୀମାନେ ମଧ୍ୟ ଚାହୁଁଥିଲେ ମୁଁ ଫିଲ୍ମର ନିର୍ଦ୍ଦେଶନା ଦିଏ ବୋଲି। ତେଣୁ ମୁଁ ଏହାକୁ ଭଲ ବୋଲି ଗ୍ରହଣ କରିନେଲି। ମଣିକର୍ଣ୍ଣିକା ଫିଲ୍ମସ ପ୍ରାଇଭେଟ ଲିମିଟେଡ୍ ବ୍ୟାନରରେ କଙ୍ଗନା ଏହି ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଯାହାକି ଚଳିତବର୍ଷ ପ୍ରତିଷ୍ଠା ହୋଇଥିବା କଙ୍ଗନାଙ୍କର ପ୍ରଡକ୍ସନ ହାଉସ ଅଟେ।

# ସେଲୁନ ମାଲିକଙ୍କ ଝିଅ ୟୁଏନ୍ଏଡିଏପିର ଗୁଡ୍‌ୱିଲ୍ ଆମ୍ବାସଡର

**ଚେନ୍ନାଇ:** କରୋନା ଭାଇରସକୁ ନେଇ ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଗରିବଙ୍କ ସେବା କରିଥିବା ଜଣେ ସେଲୁନ ମାଲିକଙ୍କ ଝିଅ ଏବେ ୟୁନାଇଟେଡ ନେଶନ୍ସ ଆସୋସିଏଶନ ଫର୍ ଡେଭେଲପ୍‌ମେଣ୍ଟ ଆଣ୍ଡ ପିସ୍(ୟୁଏନ୍ଏଡିଏପି)ର 'ଗୁଡ୍‌ୱିଲ ଆମ୍ବାସଡର ଟୁ ଦି ପୁଅର୍' ଭାବେ ନିଯୁକ୍ତ ହୋଇଛନ୍ତି। ୧୩ ବର୍ଷର ବାଳିକା ଏମ୍. ନେତ୍ରାଙ୍କ ପିତା ତାମିଲନାଡୁରେ ଏକ ସେଲୁନ କରିଛନ୍ତି। ଲକ୍‌ଡାଉନ୍ ସମୟରେ ନେତ୍ରାଙ୍କ ପାଠପଢା ପାଇଁ ରଖିଥିବା ୫ ଲକ୍ଷ ଟଙ୍କାରେ ସେ ଗରିବଙ୍କୁ ସାହାଯ୍ୟ କରିଥିଲେ। ନେତ୍ରାଙ୍କ କହିବା ଅନୁଯାୟୀ ତାଙ୍କ ପିତା ମୋହନ ଗରିବଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ନେତ୍ରା ଓ ତାଙ୍କ ପିତାଙ୍କର ଏହି କାମ ପାଇଁ ଖୁବ୍ ପ୍ରଶଂସା କରିଥିଲେ। ୟୁଏନ୍ଏଡିଏପି ଦ୍ୱାରା ଜାରି କରାଯାଇଥିବା ଏକ ବୟାନରେ କୁହାଯାଇଛି, ଏହି ସ୍ଥିତି ନେତ୍ରାଙ୍କୁ ବିଶ୍ୱର ରାଜନେତା, ଶିକ୍ଷାବିତ୍ ଓ ସାଧାରଣ ଜନତାଙ୍କ ସହ କଥା ହେବାର ସୁଯୋଗ ସୃଷ୍ଟି କରିଛି ଓ ଗରିବଙ୍କୁ ସାହାଯ୍ୟ କରିବାକୁ ପ୍ରୋତ୍ସାହନ ଦେଇଛି। ଏହାସହ ନେତ୍ରାଙ୍କୁ ଜାତିସଂଘର ସମ୍ମିଳନୀ ଓ ସିଭିଲ ସୋସାଇଟି ମଞ୍ଚରେ କିଛି କହିବା ଓ ସମ୍ମିଳନୀକୁ ସମ୍ବୋଧନ କରିବାକୁ ଅବସର ଯୋଗଇ ଦିଆଯିବ।



# ୨୬ ବର୍ଷ ଧରି ପାଣିରେ ବୁଡ଼ିରହିଛି 'ଭୂତ ଗାଁ'

**ରୋମ୍:** ଇଟାଲୀର ଏକ ମଧ୍ୟଯୁଗୀୟ ଗାଁ। ଯାହା ୨୬ ବର୍ଷ ଧରି ପାଣି ଭିତରେ ବୁଡ଼ିରହିଛି। ଏହାକୁ 'ଭୂତ ଗାଁ' କୁହାଯାଏ। ଦୀର୍ଘଦିନ ଧରି ଏହି ଗାଁ ପାଣି ଭିତରେ ବୁଡ଼ି ରହିଥିଲା। ବର୍ତ୍ତମାନ ଏହା ବାହାରକୁ ଦେଖାଗଲାଣି। ଇଟାଲୀ ଗ୍ରାମ ଫେବ୍ରିଶ୍ ଡି କ୍ୟାରିନ୍ ୧୩୦୦ ଶତାବ୍ଦୀରେ ଲୁହା ଉତ୍ପାଦନ ପାଇଁ ପ୍ରସିଦ୍ଧ ଥିଲେ। ୧୯୪୭ ମସିହାରେ ଏକ ଜଳ ବିଦ୍ୟୁତ୍ ବନ୍ଧ ନିର୍ମାଣ କରାଯାଇଥିଲା। ଫଳରେ ସେହି ଗ୍ରାମବାସୀଙ୍କୁ ନିକଟସ୍ଥ ଭାଗ୍‌ଲି ଡି ସୋଟୋ ଗ୍ରାମକୁ ନିଆଯାଇଥିଲା। ଏହା ପରେ ଏହି ସୁନ୍ଦର ଗାଁଟି ସବୁଦିନ ପାଇଁ ପାଣି ଭିତରେ ରହିଗଲା। ଯାହାକି କୃତ୍ରିମ ରୂପରେ ତିଆରି ହୋଇଥିବା ହ୍ରଦ ଭିତରେ ବୁଡ଼ିଗଲା। ଯଦିଓ ଗାଁଟି ପାଣିରେ ବୁଡ଼ି ରହିଥିଲା, ଆଜି ବି ଏହି ଗାଁର କୋଠା, ଶ୍ମଶାନ, ବ୍ରିଜ୍ ଏବଂ ଚର୍ଚ୍ଚ ସବୁ ଠିକ୍ ରହିଛି। ଯାହା ଅବିଶ୍ୱସନୀୟ। କୁହାଯାଏ, ଏହି ଗାଁରେ ଅତୃପ୍ତ ଆତ୍ମା ଏବଂ ଭୂତ ଥିଲେ। ତେଣୁ ଏହାକୁ ହ୍ରଦରେ ବୁଡ଼ାଇଦେଲା। ଯେହେତୁ ଏହି ଡ୍ୟାମ ନିର୍ମାଣ ହୋଇଛି, ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଡ୍ୟାମ୍‌କୁ ୪ ଥର ଖାଲି କରାଯାଇଛି। ୧୯୫୮, ୧୯୭୪, ୧୯୮୩ ଏବଂ ୧୯୯୪ରେ ଉକ୍ତ ଡ୍ୟାମ୍‌କୁ ଖାଲି କରାଯାଇଥିଲା। ଫଳରେ ଲୋକେ ଗାଁଟିକୁ ଦେଖିବାକୁ ପାଇଥିଲେ। ଶେଷଥର ପାଇଁ ୧୯୯୪ରେ ଗାଁଟିକୁ ଦେଖିବା ପାଇଁ ହଜାର ହଜାର ଲୋକ ଆସିଥିଲେ। ସେହି ସମୟରେ ନିଆଯାଇଥିବା ଗାଁର ଫଟୋରୁ ସ୍ପଷ୍ଟ ଭାବେ ଜଣାପଡୁଛି ଘରର କାନ୍ଥଗୁଡ଼ିକ ଆଜି ବି ସୁରକ୍ଷିତ ଅବସ୍ଥାରେ ରହିଛି।

ଭାଗ୍‌ଲି ଡି ସୋଟୋର ପୂର୍ବତନ ମେୟରଙ୍କ ଝିଅ କୁହନ୍ତି, ପୁଣି ଥରେ ଏହି ଗାଁ ସମସ୍ତଙ୍କ ସାମ୍ନାକୁ ଆସିଛି। ଆସନ୍ତାବର୍ଷ ଏହି ହ୍ରଦ ଖାଲି ହେବ ବୋଲି ଫେସ୍‌ବୁକ ପୋଷ୍ଟରେ ଲୋରେଞ୍ଜା ଜିଓର୍ଗି ଦାବି କରିଛନ୍ତି। ସେ ତାଙ୍କ ଫେସ୍‌ବୁକ୍ ପୋଷ୍ଟରେ ଲେଖିଛନ୍ତି, 'ମୁଁ ସୂଚନା ଦେଉଛି ଯେ, ଆସନ୍ତା ବର୍ଷ ଅର୍ଥାତ ୨୦୨୧ ମସିହାରେ ୱାଗାଲି ହ୍ରଦକୁ ସ୍ଥାନାନ୍ତର କରାଯିବ। ସେ ଆହୁରି କହିଛନ୍ତି, ମୋ' ବାପା ମେୟର ଥିବା ବେଳେ ୧୯୯୪ରେ ଏହି ଗାଁକୁ ଲୋକେ ଦେଖିବାକୁ ପାଇଥିଲେ। ବାପା ମୋତେ କହିଥିଲେ ଏତେ ସଂଖ୍ୟକ ଲୋକଙ୍କୁ ଆକର୍ଷିତ କରିବା କଷ୍ଟସାଧ୍ୟ ଥିଲା। ପ୍ରଶାସନ ଉପରେ ବୋଝ ନ ହୋଇ ଏହିସବୁ କରାଯାଇଥିଲା। ମୁଁ ଆଶା କରୁଛି ଯେ, ଆସନ୍ତା ବର୍ଷ ସୋସିଆଲ ନେଟ୍‌ୱାର୍କ ସାହାଯ୍ୟରେ ଆମେ ଅତୀତର ସଫଳତା ହାସଲ କରିପାରିବା। ପୂର୍ବପରି ଗାଁରେ ପୁଣି ଜନବସତି ଗଢ଼ିଉଠିବ।



# ଇମ୍ୟୁନିଟି ସନ୍ଦେଶ




**କୋଲକାତା:** ମିଠା ଖାଇଲେ କରୋନା ଭାଇରସ୍ ସଂକ୍ରମଣ ହେବ ନାହିଁ। ଏକଥା ଶୁଣିଲେ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ଏ ମିଠା ସାଧାରଣ ମିଠା ଭଳି ନୁହେଁ। ଏହା ଭିନ୍ନ ପ୍ରକାରର। ସେଥିପାଇଁ ତ ଏହାକୁ ଇମ୍ୟୁନିଟି ସନ୍ଦେଶ କୁହାଯାଉଛି। ହଁ ଏଭଳି ମିଠା ଏବେ ମିଳୁଛି ପଶ୍ଚିମବଙ୍ଗର କୋଲକାତାରେ।

କୋଲକାତାର ବଳରାମ ମଲ୍ଲିକ ଆଣ୍ଡ ରାଧାରମଣ ମଲ୍ଲିକ ମିଠା ଦୋକାନରେ ଏହି ସନ୍ଦେଶକୁ ନେଇ ଚର୍ଚ୍ଚା। କିନ୍ତୁ ଦୋକାନୀଙ୍କର କହିବା ଅନୁସାରେ ଇମ୍ୟୁନିଟି ସନ୍ଦେଶରେ ରହିଛି ୧୧ ପ୍ରକାର ପ୍ରାକୃତିକ ତତ୍ତ୍ୱ ବା ହର୍ବାଲ ମେଡିସିନ୍ ଯାହାକି ମଣିଷର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇପାରିବ। ସନ୍ଦେଶରେ ତୁଳସୀପତ୍ର, ହଳଦୀ, ଗୁଜୁରାତି, ଜୁଆଣୀ, ଜାଇଫଳ, ଅଦା, ଗଙ୍ଗାଜଳ, ଗୋଲମରିଚ, କଳାଜିରା, ତେଜପତ୍ର ଆଦି ବିଭିନ୍ନ ଦ୍ରବ୍ୟ ମିଶାଯାଇଛି। ତା' ଛଡ଼ା ଏହି ମିଠାରେ ଚିନି କିମ୍ବା ଗୁଡ଼ ବଦଳରେ ମହୁ ମିଶାଯାଇଛି।

ମିଠା କାରିଗରଙ୍କ କହିବା ଅନୁସାରେ ଏତେ ସବୁ ପ୍ରାକୃତିକ ଜିନିଷ ମିଶାଯାଇଥିବାରୁ ଏହି ମିଠା ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିବ। ତେଣୁ ଏହି ସନ୍ଦେଶଟି କେବଳ ମିଠା ନୁହେଁ ଏହା ଏକ ପ୍ରକାରର ଆୟୁର୍ବେଦିକ୍ ଔଷଧ କହିଲେ ଭୁଲ୍ ହେବ ନାହିଁ। କରୋନା ସମୟରେ ଲୋକେ ବିଭିନ୍ନ ଦିଗପ୍ରତି ସଚେତନ ହେଉଛନ୍ତି। ଲୋକଙ୍କର ସଚେତନତାକୁ ଦୃଷ୍ଟିରେ ରଖି ଏଭଳି ଏକ ମିଠା ତିଆରି କରିବା ପାଇଁ ଦୋକାନୀ ଚିନ୍ତା କରିଥିଲେ। ଏହାପରେ କେତେଜଣ ଆୟୁର୍ବେଦିକ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ପରେ ଏଭଳି ଏକ ଇମ୍ୟୁନିଟି ସନ୍ଦେଶ ତିଆରି କରିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି।

# ରଙ୍ଗ ବଦଳାଉଥିବା ମାଛ



ସାଧାରଣତଃ ବହୁରୂପୀ ରଙ୍ଗ ବଦଳାଇଥାଏ ବୋଲି ସମସ୍ତେ ଜାଣନ୍ତି। ମାତ୍ର ଏମିତି ଏକ ମାଛ ଅଛି, ଯାହା ରଙ୍ଗ ବଦଳାଇଥାଏ। ଏହି ମାଛ ବିରଳ। ନିକଟରେ ଏହା ଭାରତରେ ଦେଖିବାକୁ ମିଳିଛି। ଜାଣି ଆଶ୍ଚର୍ଯ୍ୟ ହେବେ ଏହି ମାଛ ପ୍ରଥମ ଥର ପାଇଁ ଭାରତରେ ଦେଖିବାକୁ ମିଳିଛି। ସେଣ୍ଟ୍ରାଲ ମେରାଇନ ମତ୍ସ୍ୟ ପ୍ରତିଷ୍ଠାନର ବୈଜ୍ଞାନିକମାନେ ଏହାର ସନ୍ଧାନ ପାଇଛନ୍ତି।

ଏହି ବିରଳ ମାଛର ନାମ ହେଉଛି ସ୍କର୍ପିୟନ୍‌ଫିସ୍, ଯାହାର ବୈଜ୍ଞାନିକ ନାମ ହେଉଛି ସ୍କର୍ପିଓନୋପିସିସ୍ ନେଗ୍‌ଲେକ୍ଟା। ସେଣ୍ଟ୍ରାଲ ମେରାଇନ ମତ୍ସ୍ୟ ପ୍ରତିଷ୍ଠାନର ବୈଜ୍ଞାନିକ ଡକ୍ଟର ଜୟାଭାସ୍କରନ୍ କହିଛନ୍ତି, ଯେତେବେଳେ ଆମେ ଏହାକୁ ପ୍ରଥମଥର ପାଇଁ ଦେଖିଲୁ ସେତେବେଳେ ଏହା ଘାସରେ ଲୁଚି ରହିଥିଲା। ଏହା ଏକ ମାଛ ନା ଏକ ଛୋଟ ପଥର ଖଣ୍ଡ ତାହା ଜଣା ପଡ଼ି ନ ଥିଲା, କିନ୍ତୁ ମାତ୍ର ୪ ସେକେଣ୍ଡ ପରେ ଜଣାପଡ଼ିଥିଲା। ଏହି ମାଛ ବିଛା କିମ୍ବା ଅନ୍ୟ ଛୋଟ ଜୀବଜନ୍ତୁ ଶିକାର କରିବା ସମୟରେ ରଙ୍ଗ ପରିବର୍ତ୍ତନ କରିଥାଏ। ଏହି ମାଛ ମଧ୍ୟ ଅତ୍ୟଧିକ ବିଷାକ୍ତ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହାର ମେରୁଦଣ୍ଡ ହାଡ଼ ସମ୍ପୂର୍ଣ୍ଣ ବିଷରେ ପରିପୂର୍ଣ୍ଣ। ଏହାକୁ ଧରିବା ପାଇଁ ଅଧିକ ଯତ୍ନବାନ ହେବାକୁ ପଡ଼ିବ। ନଚେତ୍ ଏହା କ୍ଷଣକରେ ଜୀବନ ନେଇଯିବ।

ବୈଜ୍ଞାନିକଙ୍କ ଅନୁଯାୟୀ, ଏହି ବିରଳ ମାଛ ରାତିରେ ହିଁ ଶିକାର କରିଥାଏ। ଏହା ଗୋଟିଏ ସ୍ଥାନରେ ଶିକାର ପାଇଁ ଅପେକ୍ଷା କରେ। ଶିକାର ନିକଟରକୁ ଧୀରେ ଧୀରେ ଆସି ଆକ୍ରମଣ କରିଥାଏ। ଡକ୍ଟର ଜୟାଭାସ୍କରନ୍‌ଙ୍କ ଅନୁଯାୟୀ, ଏହି ବିରଳ ମାଛକୁ ଜାତୀୟ ସାମୁଦ୍ରିକ ଜୈବ ବିବିଧତା ସଂଗ୍ରାହାଳୟକୁ ପଠାଯାଇଛି। ଫଳରେ ଏହି ମାଛ ଉପରେ ଅଧିକ ଅଧ୍ୟୟନ କରାଯାଇପାରିବ।

# ଡିଜିଟାଲରେ ଡେବ୍ୟୁ କଲେ ଅନୁପମ୍

**ମୁମ୍ବାଇ:** ବଲିଉଡ ଅଭିନେତା ଅନୁପମ ଖେର ଡିଜିଟାଲ ପ୍ଲାଟଫର୍ମରେ ଡେବ୍ୟୁ କରିଛନ୍ତି। ଏବେ ଦର୍ଶକ ତାଙ୍କ ଜୀବନ ଉପରେ ଆଧାରିତ କାହାଣୀକୁ ୱେବ ଶୋ' ଜରିଆରେ ଦେଖିପାରିବେ। ଏହାକୁ ନେଇ ଅନୁପମ କହିଛନ୍ତି, 'ମୋ ଜୀବନ ସହିତ ଜଡ଼ିତ ଥିବା କାହାଣୀକୁ ଡିଜିଟାଲ ପ୍ଲାଟ୍‌ଫର୍ମରେ ଛାଡ଼ିବାକୁ ଯାଉଛି। ୨ବର୍ଷ ପୂର୍ବରୁ ମୋ ମନକୁ ଏକ ବିଚାର ଆସିଥିଲା ଯେ, ମୋ ଜୀବନ ନାଟକକୁ ରେକର୍ଡ କରିବା ଆବଶ୍ୟକ। ତେଣୁ ମୋ ଟିମ୍ ୧୦ରୁ ୧୨ କ୍ୟାମେରା ଧରି ଏହି ନାଟକକୁ ଶୁଟ୍ କରିଛନ୍ତି। ଗତ ୧୫ବର୍ଷ ଧରି ମୁଁ ମୋ ଜୀବନ ଉପରେ ଆଧାରିତ ଅଜଣା ଘଟଣାକୁ କାହାଣୀର ରୂପ ଦେଉଛି। ବର୍ତ୍ତମାନ ୪୫୦ରୁ ଅଧିକ ଶୋ କରିସାରିଥିବା ଅନୁପମ କହିଛନ୍ତି। ନ୍ୟୁୟର୍କରୁ ଭାରତ ଫେରିବା ପରେ ଭାରତରେ କରୋନା ଲକ୍‌ଡାଉନ୍ ଜାରି ରହିଥିଲା। ତେଣୁ ଏହି ସମୟରେ ମୁଁ ଅନୁଭବ କଲି ଯେ, ଏପରି ପରିସ୍ଥିତିରେ ମୋ କାହାଣୀ ଲୋକଙ୍କୁ ଉତ୍ସାହିତ କରିବ। ଏହି କାହାଣୀରେ ମୋ ସଫଳତା ବିଷୟରେ କମ୍ ଏବଂ ବିଫଳତା ବିଷୟରେ ଅଧିକ ଦେଖାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମୁଁ ଏହି କାହାଣୀକୁ ଓଟିଟି ପ୍ଲାଟଫର୍ମରେ ଛାଡୁନାହିଁ। ମୋ ଚ୍ୟାନେଲ ଓ 'ଦି ଅନୁପମ୍‌ଖେର.କମ୍' ୱେବସାଇଟ୍‌ରେ ଦର୍ଶକ ଏହାକୁ ଦେଖିପାରିବେ। ଜୁନ ୩ ତାରିଖରେ ଏହି ୱେବସାଇଟ୍ ଲଞ୍ଚ ହୋଇଛି। ମୁଁ ପ୍ରଥମ କଳାକାର ଯିଏ ନିଜର ବାୟୋଗ୍ରାଫି ଲେଖିଛି। ଏହାବ୍ୟତୀତ ଏହି କାହାଣୀକୁ ଅଲଗା ଅଲଗା ୯ଟି ଭାଷାରେ ଅନୁବାଦ କରିଛି। ମୁଁ ଆଶା କରିଛି ମୋ ଫ୍ୟାନମାନେ ଏହାକୁ ପସନ୍ଦ କରିବେ।



# ମଲାଇକା-ଅର୍ଜୁନଙ୍କ ବିବାହକୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ବଲିଉଡ୍ ନାୟିକା ମଲାଇକା ଆରୋରା ଓ ଅଭିନେତା ଅର୍ଜୁନ କପୁରଙ୍କ ବିବାହକୁ ନେଇ ଅନେକଥର ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳିଛି। ତେବେ ଏମାନଙ୍କ ରିଲେସନ୍‌ଶିପ୍‌କୁ ନେଇ ପ୍ରାୟ ସବୁ ସମୟରେ ଚର୍ଚ୍ଚା ଜୋର୍ ଧରିଥାଏ। ଏମିତିକି ଏମାନେ ରିଲେସନ୍‌ଶିପ୍‌ରେ ଥିବା ଖୋଲା ଖୋଲି କହିଥିଲେ ମଧ୍ୟ କେବେ ବିବାହ କରିବେ ସେ ସମ୍ପର୍କରେ କେବେ କିଛି କହିନାହାନ୍ତି। କରୋନା ଭାଇରସ୍‌କୁ ନେଇ ଦେଶରେ ଲକ୍‌ଡାଉନ ଚାଲିଥିବାରୁ ଉଭୟେ ଏବେ ଘରେ ରହି ସମୟ କାଟୁଛନ୍ତି। ଏହି ସମୟରେ ସେମାନଙ୍କ ବିବାହକୁ ନେଇ ସୋସିଆଲ ମିଡିଆରେ ଖବର ଆସୁଛି। କିନ୍ତୁ ଏହା କେତେ ଠିକ୍ ତାହା ଏପର୍ଯ୍ୟନ୍ତ କାହାକୁ ଜଣାନାହିଁ। ଏମିତିକି ଏହା ପୂର୍ବରୁ ମଧ୍ୟ ଶୁଣିବାକୁ ମିଳିଥିଲା ଯେ, ଏହି ଯୋଡ଼ି ଚଳିତବର୍ଷ ଏପ୍ରିଲରେ ବିବାହ କାରିବେ, ହେଲେ ଏହା ଭୁଲ୍ ପ୍ରମାଣିତ ହେଲା। ସେମିତି ଏବେ ଶୁଣିବାକୁ ମିଳିଛି କି ଏମାନେ ଜୁନ୍ ମାସରେ ବିବାହ କରିବେ। ନିକଟରେ ଏ ସମ୍ପର୍କରେ ଅର୍ଜୁନଙ୍କୁ ପଚରା ଯିବାରୁ ସେ କହିଥିଲେ ତାଙ୍କୁ ଏବେ ମାତ୍ର ୩୩ ବର୍ଷ, ତେଣୁ ଏବେ ତାଙ୍କର ବିବାହ କରିବାର ପ୍ରଶ୍ନ ଉଠୁନାହିଁ। ଅନ୍ୟପଟେ ସେ ତାଙ୍କ ପରିବାର ସଦସ୍ୟଙ୍କ ସହମତି ପରେ ବିବାହ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ମଲାଇକା-ଅର୍ଜୁନ ଯେ ଏବେ ବିବାହ କରୁନାହାନ୍ତି ତାହା ଅର୍ଜୁନ ଏକ ପ୍ରକାର ସ୍ପଷ୍ଟ କରିଛନ୍ତି। ସୋସିଆଲ ମିଡିଆରେ ଆସିଥିବା ଖବର ସମ୍ପୂର୍ଣ୍ଣ ମିଛ ବୋଲି ଏବେ ପୁଣିଥରେ ଆଲୋଚନା ହେଲାଣି।




# ବରୁଣଙ୍କ ପାଣିପାଗ ସୂଚନା

**ମୁମ୍ବାଇ:** ମାୟାନଗରୀ ମୁମ୍ବାଇରେ ବର୍ଷା ହୋଇଥିବା ବେଳେ ସାମାନ୍ୟ ପବନ ମଧ୍ୟ ବହିଥିଲା। ଏହି ସମୟରେ ବଲିଉଡ୍ ଅଭିନେତା ବରୁଣ ଧୱନଙ୍କର ଏକ ଭିନ୍ନ ଅନ୍ଦାଜ୍ ଦେଖିବାକୁ ମିଳିଛି। ବରୁଣ ସକାଳୁ ସକାଳୁ ରାସ୍ତା ଉପରକୁ ଚାଲିଆସି ଲୋକଙ୍କୁ ପାଣିପାଗ ସୂଚନା ଦେଇଛନ୍ତି। ଆଉ ଏହାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଛତାଧରି ଚାଲୁଥିବା ବେଳେ ସହରରେ ହେଉଥିବା ବର୍ଷା ସମ୍ପର୍କରେ ସୂଚନା ଦେଉଛନ୍ତି। ତେବେ ସେ ଜଣେ ପାଣିପାଗ ବିଶେଷଜ୍ଞଭାବେ ଏହି ସୂଚନା ଦେଇ ନ ଥିବା କହିଛନ୍ତି। ସେ ସକାଳୁ ଉଠି ଯାଇଥିବା ବେଳେ ରେନି ଡେ ଭଳି ଲାଗୁଛି ବୋଲି ସେ କହିବାକୁ ଚାହିଁଛନ୍ତି। ଏବେ ମୌସୁମୀ ଆସିଯାଇଛି ବନ୍ଧନରୁ ମୁକ୍ତ ହୁଅନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ବରୁଣ ସୂଚନା ଦେଇଛନ୍ତି। ତେବେ ବର୍ଷା ପବନ ଯୋଗୁ ଯେଉଁ ଗଛ ଉପୁଡି ପଡିଛି ତାକୁ ମଧ୍ୟ ସେ ଭିଡିଓରେ ଦେଖାଇଛନ୍ତି। ଯେଉଁମାନେ ବର୍ଷାରେ ଭିଜିବାକୁ ଚାହୁଁଛନ୍ତି ସେମାନେ ବାହାରକୁ ଆସିପାରନ୍ତି ବୋଲି ବରୁଣ କହିଛନ୍ତି। ବରୁଣ ଏହା ଟୁଇଟ୍ କରିଥିବା ବେଳେ ଏହା ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି।



## ସ୍ୱାସ୍ଥ୍ୟ ସୂଚନା



- ଅଧିକ ପରିଶ୍ରମ କଲେ ଶରୀରରେ ବିନ୍ଧା ଦରଜ ଅନୁଭୂତ ହୋଇଥାଏ। ପ୍ରଥମେ କେଉଁ କାମ କରିବା ଦ୍ୱାରା ଏପରି ସମସ୍ୟା ସୃଷ୍ଟି ହେଉଛି ତାହା ଜାଣି ନିଅନ୍ତୁ।
- ଏପରି ସମସ୍ୟାରୁ ରକ୍ଷା ପାଇବା ପାଇଁ ମ୍ୟାଗନେଟ୍ ଥେରାପି ଆପଣେଇ ପାରନ୍ତି।
- ଶରୀରରେ ଜଳୀୟ ଅଂଶ କମିଗଲେ ଏଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ସବୁବେଳେ ଶରୀରରେ ଜଳୀୟ ଅଂଶ କିପରି ସନ୍ତୁଳିତ ରହିବ ସେଥିପାଇଁ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।
- ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହନ୍ତୁ ନାହିଁ। କିଛି ସମୟ ଅନ୍ତରାଳରେ ଉଠି ଅଳ୍ପ ସମୟ ଚାଲବୁଲ କରନ୍ତୁ।
- ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।
- ନିଜକୁ ସୁସ୍ଥ ରଖିବା ପାଇଁ ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ।
- ଘରେ ସବୁବେଳେ ଫାଷ୍ଟ ଏଡ୍ ବକ୍ସ ରଖନ୍ତୁ। ଏଥିପାଇଁ ଆବଶ୍ୟକ ଉପକରଣ ଠିକ୍ ଅଛି ନାହିଁ ଦେଖିନିଅନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ ଯେପରି ଆବଶ୍ୟକ ସମୟରେ ଅଯଥାରେ ଖୋଜିବାରେ ସମୟ ନଷ୍ଟ ହେବ ନାହିଁ।
- ଯଦି ବ୍ୟାୟାମ ପାଇଁ ସମୟ ନାହିଁ, ତେବେ ଘରେ କିଛି ସମୟ ଯୋଗ, ପ୍ରାଣାୟମ କରିପାରନ୍ତି।

# ବୟସ୍କଙ୍କ ଯତ୍ନ ନେବ ରୋବୋ



**ଆ**ଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ଏପରି କି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାକୁ ନିୟୋଜିତ କରାଯାଇ ଅପରେସନ ପରି କାମକୁ ମଧ୍ୟ ସମ୍ପାଦନ କରାଯାଇପାରୁଛି। ତେବେ ନିକଟରେ ନ୍ୟୁଜିଲାଣ୍ଡର ବିଶେଷଜ୍ଞମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇପାରିବ। ଏହାକୁ 'ଏଲଡର କେୟାର ରୋବୋ' ନାମରେ ନାମିତ କରାଯାଇଛି। ଉକ୍ତ ରୋବୋ ବୟସ୍କ ବ୍ୟକ୍ତିଙ୍କ ନିକଟରେ ରହି ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ସମୟରେ ମେଡିସିନ୍ ଦେଇପାରିବ। ତା'ସହ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ମଧ୍ୟ ଯୋଗାଇପାରିବ। ଖାସ୍ କଥା ହେଲା, ଏହା ସାହାଯ୍ୟରେ ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ମନ ପସନ୍ଦର ଗୀତ ମଧ୍ୟ ଶୁଣିପାରିବେ। ତା' ସହ ସେମାନଙ୍କୁ ବ୍ୟାୟାମରେ କେତେକାଂଶରେ ସାହାଯ୍ୟ କରିପାରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି।

# ରତ୍ନଗର୍ଭା ସାଗର



''ପୃଥିବୀର ବାୟୁମଣ୍ଡଳରେ ଥିବା ଅମ୍ଳଜାନ ଅର୍ଦ୍ଧାଧିକ ସାଗର ଦେଇଥାଏ। ପୁନଶ୍ଚ ଆମେ ବାୟୁମଣ୍ଡଳକୁ ନିର୍ଗତ କରୁଥିବା ଅଧିକାଂଶ ଅଙ୍ଗାରକାମ୍ଳକୁ ଏହା ଶୋଷଣ କରିଥାଏ। ଫଳରେ ଏହା ପୃଥିବୀର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିଥାଏ, ଅବଶ୍ୟ ବିଗତ କେତେ ବର୍ଷରେ ଆମେ କଳକାରଖାନାରୁ ଏତେ ଅଧିକ ପରିମାଣରେ ଅଙ୍ଗାରକାମ୍ଳ ନିର୍ଗତ କରୁଛେ ଯେ ବାୟୁମଣ୍ଡଳରେ ଏହାର ପରିମାଣ ବୃଦ୍ଧି ପାଇ ପୃଥିବୀର ତାପମାତ୍ରା ବଢ଼ୁଛି।''



ଇଂ. ମାୟାଧର ସ୍ୱାଇଁ






ପ୍ରତିବର୍ଷ ଜୁନ୍ ୮ (ଆଜି)କୁ 'ବିଶ୍ୱ ମହାସାଗର ଦିବସ' ଭାବରେ ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

**ପୃ**ଥିବୀର ଜୀବଜଗତରେ ଉଦ୍ଭବ ବୃଦ୍ଧିରେ ସାଗର ଓ ମହାସାଗରଗୁଡ଼ିକର ଅନନ୍ୟ ଅବଦାନ ରହିଛି। ପୃଥିବୀ ବ୍ୟତୀତ ଅନ୍ୟ କେଉଁ ଗ୍ରହ କିମ୍ବା ଉପଗ୍ରହରେ ଜଳୀୟ ସାଗର ଆବିଷ୍କୃତ ହୋଇନାହିଁ। ମହାସାଗରରେ ପ୍ରଥମେ ଜୀବ ସୃଷ୍ଟି ହୋଇ ବିବର୍ତ୍ତନ ପ୍ରକ୍ରିୟାରେ ପୃଥିବୀରେ ଜୀବଜଗତ ଗଢ଼ି ଉଠିଛି। ଆମ ପୁରାଣରେ ସାଗରକୁ ରତ୍ନଗର୍ଭା କୁହାଯାଇଛି ଏବଂ ସାଗର ପୂଜା ହେଉଛି ହିନ୍ଦୁ ସଂସ୍କୃତିର ଏକ ଅଂଶ। ବିଷ୍ଣୁ ପୁରାଣ ଅନୁଯାୟୀ ଦେବତା ଓ ଦାନବମାନ ସମୁଦ୍ର ମନ୍ଥନ କରି ସେଥିରୁ ବିଷ୍ଣୁ, ଲକ୍ଷ୍ମୀ, ଐରାବତ ହସ୍ତୀ, ପାରିଜାତ ପୁଷ୍ପ, ଅମୃତ, ଚନ୍ଦ୍ର ସମେତ ଅନେକ ଧନରତ୍ନ ପାଇଥିଲେ। ପ୍ରାଚୀନ କାଳରେ ଦେଶାନ୍ତର ବାଣିଜ୍ୟ ଓ ଯାତ୍ରା ପାଇଁ ସମୁଦ୍ର ମୁଖ୍ୟ ମାଧ୍ୟମ ଥିଲା। ଓଡ଼ିଆ ବଣିକମାନେ ସମୁଦ୍ରରେ ବୋଇତ ନେଇ ସୁଦୂର ଜାଭା, ବାଲି, ସୁମାତ୍ରା ଆଦି ଦେଶ ସହ ବାଣିଜ୍ୟ କରୁଥିଲେ। ଆଜକୁ ପ୍ରାୟ ୧୫୦୦ ବର୍ଷ ତଳେ ଚାଇନା ପରିବ୍ରାଜକ ହୁଏନସାଂ ସ୍ଥଳପଥରେ ଚାଇନାରୁ ଭାରତ ଆସିଥିଲେ। କିନ୍ତୁ ଫେରିବା ବେଳେ ସେ ଦେଶର ପୂର୍ବଭାଗରେ ଥିବା ତାମ୍ରଲିପି ବନ୍ଦରରୁ ସିଂହଳ (ଆଧୁନିକ ଶ୍ରୀଲଙ୍କା) ଓ ସୁମାତ୍ରା ଦେଇ ବଡ ଜାହାଜରେ ଚାଇନା ଯାଇଥିବା ଲେଖିଛନ୍ତି। ଆଧୁନିକ ଯୁଗରେ ମଧ୍ୟ ସାଗର ଓ ମହାସାଗର ଅବଦାନ କିଛି କମ୍ ନୁହେଁ।

ପୃଥିବୀର ମୋଟ ଆୟତନର ପ୍ରାୟ ୭୧ ଭାଗ ହେଉଛି ସମୁଦ୍ର ଏବଂ ଏଥିରେ ପୃଥିବୀର ମୋଟ ଜଳର ୯୭ ପ୍ରତିଶତ ଅଛି। ମହାସାଗରଗୁଡିକ ପରସ୍ପର ସହ ସଂଯୁକ୍ତ ହୋଇଥିଲେ ସୁଦ୍ଧା ଏହାକୁ ୨୦୦୦ ମସିହା ପୂର୍ବରୁ ଚାରୋଟି ମହାସାଗର– ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ୍ ମହାସାଗର, ଭାରତୀୟ ମହାସାଗର ଓ ସୁମେରୁ ମହାସାଗରରେ ବିଭକ୍ତ କରାଯାଇଥିଲା। ୨୦୦୦ ମସିହାରେ ଅନ୍ତର୍ଜାତୀୟ ଜଳବିଜ୍ଞାନ ସଂସ୍ଥା ଗୋଟିଏ ନୂତନ ମହାସାଗର ସୀମା ନିର୍ଦ୍ଧାରଣ କଲା। ଏହା ହେଉଛି ଦକ୍ଷିଣ ମହାସାଗର। ଏହା ଆଣ୍ଟାର୍କଟିକା ମହାଦେଶକୁ ଘେରି ରହିଛି ଏବଂ ୬୦ ଡିଗ୍ରୀ ଅକ୍ଷାଂଶ ପର୍ଯ୍ୟନ୍ତ ବ୍ୟାପିଛି। ଆୟତନ ଓ ଗଭୀରତାରେ ପ୍ରଶାନ୍ତ ମହାସାଗର ହେଉଛି ବୃହତ୍ତମ। ଏହାବ୍ୟତୀତ ଅନେକଗୁଡ଼ିଏ ସାଗର ଓ ଉପସାଗରକୁ (ମହାସାଗରର ଛୋଟ ଛୋଟ ଶାଖା) ଚିହ୍ନଟ କରାଯାଇଛି। କେତୋଟି ବଡ ସାଗର ହେଉଛି ଦକ୍ଷିଣ ଚାଇନା ସାଗର, କାରବିୟାନ ସାଗର ଓ ଭୂମଧ୍ୟ ସାଗର।

ପୃଥିବୀର ବାୟୁମଣ୍ଡଳରେ ଥିବା ଅମ୍ଳଜାନ ଅର୍ଦ୍ଧାଧିକ ସାଗର ଦେଇଥାଏ। ପୁନଶ୍ଚ ଆମେ ବାୟୁମଣ୍ଡଳକୁ ନିର୍ଗତ କରୁଥିବା ଅଧିକାଂଶ ଅଙ୍ଗାରକାମ୍ଳକୁ ଏହା ଶୋଷଣ କରିଥାଏ। ଫଳରେ ଏହା ପୃଥିବୀର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିଥାଏ, ଅବଶ୍ୟ ବିଗତ କେତେ ବର୍ଷରେ ଆମେ କଳକାରଖାନାରୁ ଏତେ ଅଧିକ ପରିମାଣରେ ଅଙ୍ଗାରକାମ୍ଳ ନିର୍ଗତ କରୁଛେ ଯେ ବାୟୁମଣ୍ଡଳରେ ଏହାର ପରିମାଣ ବୃଦ୍ଧି ପାଇ ପୃଥିବୀର ତାପମାତ୍ରା ବଢ଼ୁଛି।

ପୃଥିବୀରେ ଜଳଚକ୍ରର ମୁଖ୍ୟ କାରକ ହେଉଛି ସମୁଦ୍ର ସମୁଦ୍ର ଜଳ ବାଷ୍ପୀଭୂତ ହୋଇ ବାୟୁମଣ୍ଡଳକୁ ଯାଏ ଏବଂ ବର୍ଷା ଆକାରରେ ପୃଥିବୀରେ ପଡେ। ଆମର ପାଣିପାଗକୁ ମଧ୍ୟ ଏହା ନିୟନ୍ତ୍ରଣ କରୁଛି। ମୌସୁମୀ ପ୍ରବାହ ସମୁଦ୍ର ଯୋଗୁ ହିଁ ହେଉଛି। ସୂର୍ଯ୍ୟରୁ ଆସୁଥିବା ଉତ୍ତାପରୁ ଅର୍ଦ୍ଧାଧିକ ସମୁଦ୍ର ଶୋଷଣ କରିଥାଏ। ଲୋକମାନଙ୍କର ଅର୍ଥନୈତିକ କ୍ଷେତ୍ରରେ ସମୁଦ୍ରର ମଧ୍ୟ ଅବଦାନ ଅଛି। ଏହା ଆମକୁ ବିଭିନ୍ନ ଜାତିର ମାଛ ପ୍ରଦାନ କରିଥାଏ। ବାଣିଜ୍ୟ କାରବାର ପାଇଁ ସମୁଦ୍ର ପଥ ହିଁ ସୁବିଧାଜନକ ଓ ସର୍ବୋତ୍କୃଷ୍ଟ। ସମୁଦ୍ର ଜଳରୁ ଖାଇବା ଲୁଣ ସମେତ ଅନେକ ପ୍ରକାର ଲବଣ ସଂଗ୍ରହ କରାଯାଏ। ସମୁଦ୍ରରେ ଅନେକ ପ୍ରଜାତିର ଜୀବ ବାସ କରିଥାଆନ୍ତି।

ସମୁଦ୍ରକୁ ଶକ୍ତିର ଭଣ୍ଡାର କୁହାଯାଏ। ସମୁଦ୍ର ଜୁଆରରୁ ବିଦ୍ୟୁତ ଉତ୍ପାଦନ କରାଯାଉଛି। ସର୍ବପୁରାତନ ଜୁଆରୀୟ ବିଦ୍ୟୁତ କେନ୍ଦ୍ର ଫ୍ରାନ୍ସର ଲା ରାନସ୍‌ଠାରେ ୧୯୬୬ରେ ସ୍ଥାପିତ ହୋଇଛି। ସେହିପରି ସମୁଦ୍ର ତରଙ୍ଗ ଓ ଜଳସ୍ରୋତରୁ ମଧ୍ୟ ବିଦ୍ୟୁତ ଉତ୍ପାଦନ ପାଇଁ ପରୀକ୍ଷା ଓ ଗବେଷଣା ଚାଲିଛି। ସମୁଦ୍ର କୂଳରେ ଓ ସମୁଦ୍ର ମଧ୍ୟରେ ଉଚ୍ଚ ଖୁଣ୍ଟ ନିର୍ମାଣ କରି ସେଥିରେ ପବନ ଟରବାଇନ୍ ଓ ଜେନେରେଟର ଖଞ୍ଜି ବିଦ୍ୟୁତ ଉତ୍ପାଦନ କରାଯାଉଛି। ସମୁଦ୍ର ଶଯ୍ୟା ତଳେ ପ୍ରଚୁର ପେଟ୍ରୋଲିୟମ ତୈଳ ଓ ପ୍ରାକୃତିକ ଗ୍ୟାସ୍ ରହିଛି। ଉଦାହରଣସ୍ୱରୂପ ବମ୍ବେ ନିକଟରେ ବମ୍ବେ ହାଏ ଠାରେ ସମୁଦ୍ର ଶଯ୍ୟାରୁ ପେଟ୍ରୋଲିୟମ ଉତ୍ପାଦନ କରୁଛି। ସମୁଦ୍ର ଶଯ୍ୟା ତଳେ ପ୍ରଚୁର ପରିମାଣରେ ମିଥେନ ହାଇଡ୍ରେଟ୍ ଠାବ କରାଯାଇଛି। ଏହାକୁ ସଂଗ୍ରହ କରି ଇନ୍ଧନ ଭାବରେ ବ୍ୟବହାର କରିବା ପାଇଁ ଗବେଷଣା ଚାଲିଛି। ଏହା ସଫଳ ହୋଇପାରିଲେ ଏହା ଶକ୍ତିର ଗୋଟିଏ ବଡ ଉତ୍ସ ଭାବରେ ପରିଗଣିତ ହେବ।

ସାଗର ଓ ମହାସାଗରରୁ ଆମେ ଅନେକ ଉପକାର ପାଉଥିଲେ ମଧ୍ୟ ମନୁଷ୍ୟକୃତ ପ୍ରଦୂଷଣରୁ ମୁକ୍ତ ହୋଇନାହିଁ। ସମୁଦ୍ର ବେଳାଭୂମି ଓ ଜାହାଜଗୁଡିରୁ ସମୁଦ୍ରକୁ ଫିଙ୍ଗା ଯାଉଥିବା ପ୍ଲାଷ୍ଟିକ ପଦାର୍ଥ ସାମୁଦ୍ରିକ ଜୀବଗୁଡିକ ପ୍ରତି ବିପଦ ସୃଷ୍ଟି କରିଛି। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ସାମୁଦ୍ରିକ ପକ୍ଷୀ ଓ ଏକ ଲକ୍ଷ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। ପୁନଶ୍ଚ ତୈଳବାହୀ ଦୁର୍ଘଟଣା ଯୋଗୁ ଅନେକ ପେଟ୍ରୋଲିୟ ପଦାର୍ଥ ସମୁଦ୍ର ଜଳରେ ମିଶି ସାମୁଦ୍ରିକ ଜୀବଗୁଡିକ ପାଇଁ ବିପଦର କାରଣ ହୋଇଛି।

ମନୁଷ୍ୟ ସମାଜ ପ୍ରତି ମହାସାଗରର ଅବଦାନ ଏବଂ ଏହାର ପ୍ରଦୂଷଣ ନିୟନ୍ତ୍ରଣ ନିମିତ୍ତ ଜନ ସଚେତନତା ସୃଷ୍ଟି କରିବା ପାଇଁ ମିଳିତ ଜାତିସଂଘ ଜୁନ୍ ମାସ ୮ ତାରିଖକୁ 'ବିଶ୍ୱ ମହାସାଗର ଦିବସ' ଭାବେ ପାଳନ କରୁଛି। ୨୦୦୯ରୁ ଏହା ପାଳନ କରାଯାଉଅଛି। ତା'ସହ ପ୍ରତ୍ୟେକ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ (ଥିମ୍) ନିର୍ବାଚନ କରାଯାଇ ତାହା ଉପରେ ଆଲୋଚନା ହେଉଛି। ଏହି ବର୍ଷର ଥିମ ହେଲା ''ପୋଷଣଶୀଳ ମହାସାଗର ପାଇଁ ନୂତନ ଉପାୟ''। ଅର୍ଥାତ୍, ମହାସାଗର କିପରି ସବୁଦିନ ପାଇଁ ଆମକୁ ନିର୍ବିଘ୍ନରେ ସେବା, ସେଥିପାଇଁ ନୂଆ ଉପାୟ ବାହାର କରାଯିବା ପାଇଁ ଏହା ହେଉଛି ଏକ ଆହ୍ୱାନ।

– ୭୦, ଲକ୍ଷ୍ମୀବିହାର,
ଫେଜ୍–୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# କ୍ୟାଲସିୟମ



**କ୍ୟା**ଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ। ବିଶେଷଭାବରେ ଏପରି ଖାଦ୍ୟ ଅସ୍ଥିକୁ ମଜଭୁତ କରିଥାଏ। ସବୁଜ ପନିପରିବା, କ୍ଷୀରଜାତୀୟ ଖାଦ୍ୟ, ମାଛ, ବ୍ରୋକୋଲି, ପୋଇ, କମଳା, ତଟକା ଫଳମୂଳ, ବିନ୍, ବାଦାମ ଆଦିରେ କ୍ୟାଲ୍‌ସିୟମ ଭରି ରହିଛି। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୧୦୦–୧୨୦ ଗ୍ରାମ୍ କ୍ୟାଲ୍‌ସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। କାରଣ ଆମ ଶରୀରରେ କ୍ୟାଲ୍‌ସିୟମ ପରିମାଣ ସନ୍ତୁଳିତ ରହିଲେ ତାହା କେବଳ ହାଡ଼ ନୁହେଁ ଦାନ୍ତକୁ ମଧ୍ୟ ମଜଭୁତ କରିଥାଏ। ଖାଦ୍ୟ ମାଧ୍ୟମରେ ଆମ ଶରୀରକୁ ଯେତିକି କ୍ୟାଲ୍‌ସିୟମ ଯାଇଥାଏ ତାହାର କିଛି ଅଂଶ ଝାଳ, ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ। ତେଣୁ ଏହି ପରିମାଣ କିପରି ଠିକ୍ ରହିବ ସେଥିପ୍ରତି ନଜର ଦେବା ଆବଶ୍ୟକ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ବିଶେଷଭାବରେ ବୟସ ବଢ଼ିବା ସହ ଶରୀରରେ ଯେପରି କ୍ୟାଲ୍‌ସିୟମ ପରିମାଣ ସନ୍ତୁଳିତ ରହେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଅନ୍ତୁ।

# ମାରାତ୍ମକ ଭୂତାଣୁ

ଡା. ଦୀପକ ଭଟ୍ଟାଚାର୍ଯ୍ୟ

**କ**ରୋନା ଏପରି ଏକ ରୋଗ ଯାହା କି ସାତରୁ ଦଶ ଦିନ ଭିତରେ ମୃତ୍ୟୁମୁଖ ବ୍ୟାଧିରେ ପାଲଟି ଯାଏ । ଚାଇନା ଦେଶରେ କୁଆଡେ ବହୁ ବୃହତ୍ ଯୁଗ୍ମ ପରିବାର ର ସବୁ ସଦସ୍ୟଙ୍କୁ କାଳ ଗ୍ରାସ କରିଅଛି । ଏହି କରୋନା ଭୂତାଣୁର ହଠାତ୍ ସଂକ୍ରମଣ ସମ୍ଭାବନା ସମ୍ପୂର୍ଣ୍ଣ ଅଧିକ । ଆପତତଃ କୌଣସି ଔଷଧ ନାହିଁ । ଲଣ୍ଡନସ୍ଥିତ ଅନ୍ତର୍ଜାତୀୟ କମିଟି ( Taxonomy of Viruses ) ଏହି ଭୂତାଣୁ ର ନାମ 'ଏସଏଆରଏସ–କୋଭ୍–୧୯' ଦେଇଛନ୍ତି, ଯାହା କି COVID–୧୯ ନାମକ ମାରକ ବ୍ୟାଧି ସୃଷ୍ଟିକାରକ । ଏସଏଆରଏସ–କୋଭ୍–୯ ଏକ ଆର୍ ଏନ୍ଏ (RNA) ଜାତୀୟ ଭୂତାଣୁ । ଏହି ଭୂତାଣୁର ଆକାର ଏକ ମିଟରର ଏକ ଶହ କୋଟି ଭାଗ । ଏହାର ସାରା ଦେହ ଏରିୟଲ ଆଚ୍ଛାଦିତ । ଏହା ଦ୍ୱାରା କୋଷ ସାଥିରେ ଯୁଗ୍ମ ହୁଏ ଭିତରକୁ ପଶେ – ଭିତରୁ ଖାଇ ଯାଏ, ନିଜ ବଂଶ ବୃଦ୍ଧି କରେ ଏବଂ ବାହାରକୁ ବାହାରି ଏକ ଘଣ୍ଟାରେ ମନୁଷ୍ୟ /ପ୍ରାଣୀ ଶରୀରରେ ଏକ ହଜାର କୋଟି ସଂଖ୍ୟାକୁ ବୃଦ୍ଧି ପାଇ ପାରେ ।

ଏସଏଆରଏସ–କୋଭ୍–୧୯ ଏକ ଲଗାମ୍‌ହୀନ ସଇତାନ୍, ଯାହା ହାତ ସ୍ପର୍ଶ ବା ସିଧା ସଳଖ ନାକ ବା ପାଟି ପଟେ ପ୍ରବେଶ କରି ଫୁସ୍‌ଫୁସ୍‌କୁ ଯାଇପାରିବ । ପେଟକୁ ଗଲେ ବା ଦେହରେ ଲାଗି ରହିଲେ କିଛି ହେବ ନାହିଁ । କରୋନା ଭୂତାଣୁ ମୁଖ ବା ନାକ ଦେଇ ପ୍ରବେଶ କରେ କିନ୍ତୁ ଗଳା ପାଖରେ ଥିବା ଘଣ୍ଟିକାରେ ଅଟକି ଯାଏ। ଏସଏଆରଏସ–କୋଭ୍–୧୯ ଭୂତାଣୁର ଜୀବନ ମିୟାଦ ୬–୨୪ ଘଣ୍ଟା ହୋଇଥିବାରୁ ପ୍ରାୟ ୫୦ ପ୍ରତିଶତ ପ୍ରବେଶ ସମ୍ଭବ ବୋଲି ବୈଜ୍ଞାନିକମାନଙ୍କ ମତ ।

ଭୂତାଣୁ ଗଳାର ଘଣ୍ଟିକା ପାର କରିଲା ପରେ ଫୁସ୍‌ଫୁସ୍‌ର ଗଭୀର ସ୍ଥଳକୁ ନିଜ ବାସସ୍ଥାନ କରେ । ସେଠାରେ ଅମ୍ଳଜାନ କମ୍ ଓ ନାଇଟ୍ରୋଜେନ ବେଶି ଥାଏ । କ୍ଲୋରାଇଡ୍ ଓ ଆୟୋଡିନ ବେଶି କିନ୍ତୁ ସୋଡିୟମ କମ୍ ଥାଏ । ଏହି ପରିବେଶ ଏସଏଆରଏସ–କୋଭ୍–୧୯ ପାଇଁ ଅତ୍ୟନ୍ତ ସହାୟ ହୁଏ । ଏହି ସମୟ ମଧ୍ୟରେ (ପ୍ରଥମ ସାତଦିନ) ନବ ଆଗନ୍ତୁକ ଭୂତାଣୁକୁ ନିଷ୍କ୍ରିୟ କରିବା ପାଇଁ ଶରୀର ମହା ଯୁଦ୍ଧ ଆରମ୍ଭ କରେ । ନିର୍ଗତ ହୁଏ ସହସ୍ର କୋଟି WBCs । କରୋନା ଭୂତାଣୁ କିନ୍ତୁ WBCକୁ ଅତି ସହଜରେ ଦମନ କରେ ଓ ପରିଣାମ ସ୍ୱରୂପ ଫୁସ୍‌ଫୁସ୍ ସୁତୁଲି ଜାଲ ରୂପ ନିଏ । ସାତ ଦିନ ମଧ୍ୟରେ ସମଗ୍ର ଛାତି ଏକ ପିଣ୍ଡୁଳା ପରି ହୋଇଯାଏ । ଅଥଚ ଯକ୍ଷ୍ମା ପରି ଫୁସ୍‌ଫୁସ୍‌କୁ କ୍ଷତି କରେ ନାହିଁ, କେବଳ ଫୁସ୍‌ଫୁସ୍ ଉପରେ ଏକ ସୁତୁଲି



ଚାଦର ମାଡି ଯାଏ । ତା'ପରେ ଆରମ୍ଭ ହୁଏ ୧୨–୨୪ ଘଣ୍ଟା ବିଶିଷ୍ଟ ମୃତ୍ୟୁମୁଖୀ ଝରଣା – ଯଥା ଫୁସ୍‌ଫୁସ୍ ଆଉ ଅମ୍ଳଜାନ ବିଶିଷ୍ଟ ରକ୍ତ ହୃତପିଣ୍ଡକୁ ପଠାଇ ପାରେ ନାହିଁ । ଏହା ଯୋଗୁ ହୃତପିଣ୍ଡର ମାଂସପେଶୀ ହୃଦ୍‌ଘାତ ଭଳି ଦୁର୍ବଳ ଅବସ୍ଥା ହୁଏ । ତତ୍ ସଙ୍ଗେ ବୃକକ୍ (କିଡନୀ)ର ବି ଅସୁବିଧା ହୋଇଥାଏ । ଫୁସ୍‌ଫୁସ୍ ପବନ ବଦଳରେ ପାଣିରେ ଭରିବା ଆରମ୍ଭ ହୁଏ । ଏହାପରେ ଅବସ୍ଥା ଗୁରୁତର ହୋଇଯାଏ । ରୋଗୀ ସଂସ୍ପର୍ଶରେ ଯିଏ ବି ଆସେ ତାକୁ ମଧ୍ୟ ଏହି ଭୂତାଣୁ ସଂକ୍ରମଣ ହୁଏ ଓ ସମସ୍ତଙ୍କର ସମାନ ଅବସ୍ଥା ମଧ୍ୟ ହୋଇପାରେ । ଏସଏଆରଏସ–କୋଭ୍–୧୯ ଆଣି ଦେଇଛି ଏକ ଅମଡ଼ା ବାଟ। ଉପାୟ ଦିଶୁନାହିଁ । ଅନେକ ଦେଶରେ ବୈଜ୍ଞାନିକମାନେ ଅନେକ ଚେଷ୍ଟା ଜାରି ରଖିଛନ୍ତି ଏହାର ଔଷଧ ଓ ଚିକିତ୍ସା ଖୋଜିବାରେ । ଘରୁ ବାହାରନ୍ତୁ ନାହିଁ ଓ ସାମାଜିକ ଦୂରତା ପାଳନ କରନ୍ତୁ । ଏହି ରୋଗକୁ ପ୍ରତିହତ କରିବା ପାଇଁ ଏହା ହିଁ ସବୁଠାରୁ ପ୍ରଯୁଜ୍ୟ ବିକଳ୍ପ । ଆମେ ଏହି ଯୁଦ୍ଧରେ ଜିତିବୁ–ଏପରି ଦୃଢ଼ ବିଶ୍ୱାସ ଆମ ଭିତରେ ରହିବା ନିହାତି ଦରକାର । କରୋନା ଭୂତାଣୁର କଥା ଅତି ଗୁରୁତ୍ୱପୂର୍ଣ୍ଣ ।

–ଭୁବନେଶ୍ୱର
ମୋ : ୮୭୫୮୨୪୮୬୦୬

# ମାତ୍ରାଧିକ ଫଳ ଖାଇଲେ...

**ତ**ଟକା ଫଳମୂଳ ଖାଇବା ଆମ ଶରୀର ପାଇଁ ବେଶ୍ ଉପକାରୀ। ହେଲେ ଏହାର ପରିମାଣ ଅଧିକ ହେଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିବାର ଆଶଙ୍କା ରହିଛି। ନିକଟରେ ବୋଷ୍ଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ରୋମାଞ୍ଚକର ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ଏକ ସର୍ଭେ ଦ୍ୱାରା ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଉକ୍ତ ସର୍ଭେ ସମୟରେ ସେମାନେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଗ୍ରୁପ୍‌ରେ ବିଭକ୍ତ କରିଥିଲେ। ସାଧାରଣ ଭାବରେ ଫଳମୂଳ ଖାଉଥିବା ବ୍ୟକ୍ତିମାନଙ୍କୁ ଗୋଟିଏ ଗ୍ରୁପ୍ ଏବଂ ଆବଶ୍ୟକତାଠାରୁ ଅଧିକ ଫଳମୂଳ ଖାଉଥିବା ବ୍ୟକ୍ତିମାନଙ୍କୁ ଆଉ ଏକ ଗ୍ରୁପ୍‌ରେ ରଖାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ଫଳମୂଳ ଖାଉଥିଲେ ସେମାନଙ୍କ ଠାରେ ଅବସାଦଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ସେମାନଙ୍କର ମାନସିକତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।



# ମାନସିକ ରୋଗୀ ଓ ଭିଟାମିନ୍ 'ଡି'



**ମା**ନସିକ ରୋଗୀଙ୍କ ପାଇଁ ଭିଟାମିନ୍ 'ଡି' ବେଶ୍ ଉପକାରୀ ସାବ୍ୟସ୍ତ ହୋଇପାରିବ। ଏଭଳି ବିଷୟକୁ ନେଇ ହୋଇଥିବା ଗବେଷଣାରୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସୂଚନା ପାଇଛନ୍ତି। ଉପରୋକ୍ତ ବିଷୟବସ୍ତୁକୁ ନେଇ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ମାନସିକ ରୋଗୀ ନିୟମିତ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ତାହା ତାଙ୍କ ମସ୍ତିଷ୍କର କାର୍ଯ୍ୟକୁ ଆହୁରି ସକ୍ରିୟ କରିଥାଏ। ଖାସ୍ କଥା ହେଲା, ଏପରି ଖାଦ୍ୟ ଖାଇବା ଦ୍ୱାରା ମସ୍ତିଷ୍କ ଭିତରେ ଥିବା 'ସେରୋଟୋନିନ୍' ନାମକ ରାସାୟନିକ ତତ୍ତ୍ୱ ଆହୁରି ସକ୍ରିୟ ହୋଇଥାଏ, ଯାହାଫଳରେ ମସ୍ତିଷ୍କ ଠିକ୍ ଭାବରେ କାମ କରିଥାଏ। ଏ ସମ୍ପର୍କରେ ସୂଚନା ଦେଇ ଉକ୍ତ ଗବେଷଣାର ମୁଖ୍ୟ ରୋଣ୍ଡା ପେଟ୍ରିକ୍ କହନ୍ତି, ''ମସ୍ତିଷ୍କରେ ସେରୋଟୋନିନ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସକ୍ରିୟ ରଖିବାରେ ଭିଟାମିନ୍ 'ଡି' ଏବଂ ବ୍ୟାୟାମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତା'ସହ ଓମେଗା–୩ଯୁକ୍ତ ଖାଦ୍ୟ ଖାଇବା ଦରକାର।''

## ଭୋଜି ଖାଇବାକୁ ଡାକି ମାଡ଼ମାରି ଫିଙ୍ଗିଦେଲେ

ଭୁବନେଶ୍ୱର, (ବ୍ୟୁରୋ): ଭୋଜି ଖାଇବାକୁ ଡାକି ଜଣେ ଯୁବକଙ୍କୁ ଅନ୍ୟକେତେଜଣ ଯୁବକ ମଦ ପିଆଇ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିସହ ଅଚେତ ଅବସ୍ଥାରେ ତାଙ୍କୁ ରାସ୍ତାରେ ଫିଙ୍ଗି ଦେଇଛନ୍ତି। ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ଚନ୍ଦ୍ରଶେଖରପୁର ଥାନା ପୋଲିସ ଡମଣା ଛକ ତାରିଣୀ ମନ୍ଦିର ନିକଟରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛି। ଯୁବକ ଜଣକ ହେଲେ ସୁଜିତ କୁମାର ସାହୁ। ତାଙ୍କୁ ସାଙ୍ଗମାନେ ଯୋଜନାବଦ୍ଧ ଭାବେ ଡାକି ହତ୍ୟା ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି।

**ସଂକ୍ଷେପରେ**

## ଖୋର୍ଦ୍ଧା ଉପଖଣ୍ଡରେ ୧୬ କରୋନା ପଜିଟିଭ୍

### ଟାଙ୍ଗୀର ସର୍ବାଧିକ ୧୧ ଚିହ୍ନଟ

ଖୋର୍ଦ୍ଧା ଅଫିସ,୭।୬ : ଖୋର୍ଦ୍ଧା ଉପଖଣ୍ଡରେ ରବିବାର ପୁଣି ୧୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଟାଙ୍ଗୀର ସର୍ବାଧିକ ୧୧ଜଣ ଚିହ୍ନଟ ହୋଇଥିବା ବେଳେ ବାଲୁଗାଁର ୨, ବେଗୁନିଆର ୩ଜଣ ଚିହ୍ନଟ ହୋଇଛନ୍ତି। ସମସ୍ତେ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ସମସ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି। ଅନ୍ୟପଟେ ରବିବାର ୧୨୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସେଥିମଧ୍ୟରୁ ଖୋର୍ଦ୍ଧାର ୧୫, ବାଲକାଟୀର ୧୬, ଟାଙ୍ଗୀର ୨୦, ବୋଲଗଡ଼ର ୮, ବେଗୁନିଆର ୧୬, ମେଣ୍ଢାଶାଳର ୧୦ ଏବଂ ବାଲୁଗାଁର ୪୨ଜଣ ରହିଛନ୍ତି।

## ପୁରୀ ଜିଲାରୁ ଜଣେ ସଂକ୍ରମିତ, ଜଣେ ସୁସ୍ଥ

ପୁରୀ ଅଫିସ, ୭।୬: ପୁରୀ ଜିଲାରୁ ରବିବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଜଣେ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୦୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ରବିବାର ସୁସ୍ଥ ହୋଇଥିବା ଜଣଙ୍କୁ ମିଶାଇ ମୋଟ ୮୫ଜଣ ଏହି ମହାମାରୀ କବଳରୁ ଆରୋଗ୍ୟ ହୋଇଥିବାବେଳେ ୧୬ଜଣ ଏବେ ବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି କିଛିଦିନ ପୂର୍ବରୁ ପୁରୀ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ୁଥିଲା। ମାତ୍ର ଗତ ମାସ ୨୪ ତାରିଖ ପରଠାରୁ ଯଦିଓ ସଂକ୍ରମିତ ଚିହ୍ନଟ ହେଉଛନ୍ତି ତେବେ ସଂଖ୍ୟା ବହୁତ କମ୍ ରହୁଛି। ଏହ ସମୟରେ ସୁସ୍ଥ ହାର ଅଧିକ ରହିଛି। ଗତ ୧୪ଦିନ ମଧ୍ୟରେ ୮୦ ଜଣ ସୁସ୍ଥ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ୧୯ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

## ଯାଜପୁର ଗ୍ରାମ ୭୨ ଘଣ୍ଟା ଶଟ୍‌ଡାଉନ

ନିରାକରପୁର,୭।୬(ଡି.ଏନ.ଏ.): ଖୋର୍ଦ୍ଧା ଉପଖଣ୍ଡ ଲେଣ୍ଡୋ ପଞ୍ଚାୟତ ଅଧୀନ ଯାଜପୁର ଗ୍ରାମରେ ଏବେସୁଦ୍ଧା ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମକୁ ରବିବାର ୭୨ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଟାଙ୍ଗୀ ଦମକଳ ବାହିନୀ ପକ୍ଷରୁ ସମ୍ପୂର୍ଣ୍ଣ ଗ୍ରାମକୁ ବିଶୋଧନ କରାଯାଇଛି। ଟାଙ୍ଗୀ ଓ ନିରାକାରପୁର ଅଞ୍ଚଳ ସ୍ୱାସ୍ଥ୍ୟକର୍ମୀମାନେ ଆକ୍ରାନ୍ତଙ୍କ ପରିବାର ସମେତ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଗ୍ରାମ ମୁଖ୍ୟ ରାସ୍ତାକୁ ସିଲ୍ କରି ଦିଆଯିବାରୁ ଏହା ଉପରେ ନିର୍ଭର କରୁଥିବା ଅନ୍ୟ ଗ୍ରାମବାସୀଙ୍କ ଗମନାଗମନରେ ବାଧା ସୃଷ୍ଟି ହୋଇଛି। ୭୨ଘଣ୍ଟା ପରେ ଶଟ୍‌ଡାଉନ ହଟାଯିବ ବୋଲି ଟାଙ୍ଗି ବିଡିଓ ଅକ୍ଷୟ କୁମାର ରାଉତ ସୂଚନା ଦେଇଛନ୍ତି। ଏଭଳି ପରିସ୍ଥିତିକୁ ନେଇ କେହି ଭୟଭୀତ ନ ହେବା ପାଇଁ ବିଡିଓ ରାଉତ ଲୋକଙ୍କୁ ନିବେଦନ କରିଛନ୍ତି।

## ମାଲୁଦ: ଶଟ୍‌ଡାଉନ ନିୟମ ଉଲ୍ଲଂଘନ

କୃଷ୍ଣପ୍ରସାଦ,୭।୬(ଡି.ଏନ୍.ଏ.): କରୋନା ମହାମାରୀ ସ୍ଥିତିକୁ ଦେଖି ରାଜ୍ୟ ସରକାର ୧୧ ଜିଲାରେ ଜୁନ୍ ମାସର ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛନ୍ତି। ହେଲେ କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଅଞ୍ଚଳର ଏହି ନିୟମକୁ କେତେକ ଲୋକେ ମାନି ନ ଥିବା ଦେଖିବାକୁ ମିଳିଛି। ଲୋକେ ରାସ୍ତାରେ ବାଇକ୍ ଚଳାଇବା ସହ କେତେକ ବ୍ୟବସାୟୀ ଦୋକାନ ଆଗପଟ ତାଲା ପକାଇ ପଛରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ସୂଚନାଥାଉ କି, ଲକ୍‌ଡାଉନ୍ ସମୟରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଲୋକଙ୍କୁ ତାଗିଦ କରିବା ସହ ଫାଇନ ଆଦାୟ କରୁଥିବା ଦେଖିବାକୁ ମିଳିଥିଲା।

## ଜଳ ଯୋଗାଣକୁ ନେଇ ଗଣ୍ଡଗୋଳ

ପୁରୀ ଅଫିସ,୭।୬: ପୁରୀ ସଦର ବ୍ଲକ ଅଧୀନ ବାଲିପଡ଼ା ଗାଁରେ ପାଇପ ଜଳଯୋଗାଣ ପ୍ରକଳ୍ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଜଳଯୋଗାଣ ବନ୍ଦ ରହିଛି। ଗ୍ରାମର ୱାର୍ଡ ସଭ୍ୟା ସୁମିତ୍ରା ସ୍ୱାଇଁଙ୍କ ସ୍ୱାମୀ ଏବଂ ଦିଅର ଆରଡବ୍ଲୁଏସ୍‌ଏସ୍ କାର୍ଯ୍ୟାଳୟରୁ ଟ୍ୟାଙ୍କର ପାଣି ଆଣି ଗ୍ରାମବାସୀଙ୍କୁ ଯୋଗାଉଥିଲେ। ରବିବାର ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କ ଘର ଆଗରେ ଗାଳିଗୁଲଜ କରିବା ସହ ତାଙ୍କ ଦିଅର ଏବଂ ତାଙ୍କୁ ମାଡ଼ ମାରିଛନ୍ତି ବୋଲି ଚନ୍ଦନପୁର ଥାନାରେ ସୁମିତ୍ରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ପ୍ରିୟରଞ୍ଜନ ନାୟକ କହିଛନ୍ତି, ଉଭୟ ପକ୍ଷଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଲୋକେ ସଚେତନ, ପଦାକୁ ଗୋଡ଼ କାଢ଼ିଲେନି


ଭୁବନେଶ୍ୱରସ୍ଥିତ ଏଜି ଛକ ଶୂନ୍‌ଶାନ୍।


ୟୁନିଟ୍-୧ ରାସ୍ତା ଖାଁ ଖାଁ।

ଭୁବନେଶ୍ୱର,୭।୬(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଯେପରି ବଢ଼ିଚାଲିଛି, ସେ ଦୃଷ୍ଟିରୁ ଜୁନ୍ ମାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ତାହା ଉପରେ ରୋକ୍ ଲଗାଇବା ପାଇଁ ଶନିବାର ଓ ରବିବାର ଜାରି ହୋଇଥିବା ଶଟ୍‌ଡାଉନ୍ ସଫଳ ହୋଇଛି। ଲୋକେ ସ୍ୱେଚ୍ଛାକୃତ ଭାବେ ଏହାକୁ ମାନିନେଇ ଘରୁ ଗୋଡ଼ କାଢ଼ିନାହାନ୍ତି। କିନ୍ତୁ ଶଟ୍‌ଡାଉନ୍ ବେଳେ ରାଜଧାନୀର ବସ୍ତିରେ ଲୋକେ ମାସ୍କ ନ ପିନ୍ଧି ଏକାଠି ବସି ତାସ୍ ଓ ଅନ୍ୟ ଖେଳରେ ମାତିଥିବା ଦେଖିବାକୁ ମିଳିଛି। ବସ୍ତି ଛକରେ ଖଟି ମଧ ଚାଲିଛି। ସନ୍ଧ୍ୟାରେ ବସ୍ତିର ଏକାଧିକ ଲୋକ ବାହାରେ ବୁଲୁଛନ୍ତି। ଏପରିକି ବସ୍ତିର କେତେକ ଦୋକାନ ମଧ୍ୟ ଖୋଲୁଥିବା ଦେଖିବାକୁ ମିଳୁଛି।

ଶଟ୍‌ଡାଉନ୍ ପାଇଁ ରାଜଧାନୀରେ ଏକ ପ୍ରକାର ଶୂନ୍ୟତା ରାଜୁତି କରୁଥିଲା। ରାସ୍ତାଘାଟ ଶୂନଶାନ ଥିବା ବେଳେ ଦୋକାନ ବଜାର ସବୁ ବନ୍ଦ ରହିଥିଲା। କେବଳ ଜରୁରିକାଳୀନ ସେବା ପ୍ରଦାନକାରୀ ସଂସ୍ଥାର କର୍ମଚାରୀଙ୍କୁ ଛାଡ଼ିଦେଲେ ରାସ୍ତାରେ ଆଉ କାହାରିକୁ ଦେଖିବାକୁ ମିଳି ନ ଥିଲା। କେବଳ ବାହାର ରାଜ୍ୟକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡ ଓ କେତେକ ଛକରେ ପ୍ରବାସୀ ଅପେକ୍ଷା କରିଥିଲେ। ଶନିବାର ପରି ରବିବାର ସକାଳୁ ପୋଲିସ ବିଭିନ୍ନ ସ୍ଥାନରେ ଚେକପୋଷ୍ଟ କରି ଜଗି ରହିଥିଲା। ଯେଉଁମାନେ ଯାଉଥିଲେ, ସେମାନେ ପୋଲିସକୁ ପାସ୍ ଦେଖାଇ ଯାଉଥିଲେ। ଲୋକେ ସଚେତନ ହୋଇ ଶଟ୍‌ଡାଉନ୍‌କୁ ସଫଳ କରିଥିବାରୁ ପ୍ରଶାସନ ଖୁସି ବ୍ୟକ୍ତ କରିବା ସହ ସହରବାସୀଙ୍କୁ ସାଧୁବାଦ ଜଣାଇଛି।

- ପ୍ରଥମ ସପ୍ତାହର ୨ଦିନିଆ ଶଟ୍‌ଡାଉନ୍ ସଫଳ
- ବସ୍ତିରେ ନିୟମ ବିରୁଦ୍ଧ କାର୍ଯ୍ୟକଳାପ

## ୩୦ବର୍ଷରୁ ଊର୍ଦ୍ଧ୍ୱ ଅପୂଜା ଥିଲେ ଅଲାରନାଥ

ବ୍ରହ୍ମଗିରି,୭।୬(ଡି.ଏନ୍.ଏ.): କରୋନା ଲାଗି ମହାପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ୧୪୪ ଧାରା ଜାରି ରହିଛି। ଆସନ୍ତା ୨୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଫଳରେ ମନ୍ଦିରର ସିଂହଦ୍ୱାରରେ ତାଲା ଝୁଲୁଛି। ମନ୍ଦିର ପରିସରକୁ ପଶି ପାରୁନାହାନ୍ତି ସାଧାରଣ ଭକ୍ତ। ଏପଟେ ମହାପ୍ରଭୁଙ୍କ ଅନବସର ଉତ୍ସବରେ ଲାଗିଛି ରୋକ। କେବଳ ପାଳିଆ ସେବାୟତଙ୍କ ଦ୍ୱାରା ଅନବସର ନୀତି ସମ୍ପାଦନା କରାଯାଉଛି। ଏହା ପୂର୍ବରୁ ସେବକଙ୍କ ଅଭାବରୁ ମହାପ୍ରଭୁ ଅଲାରନାଥ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ପୂଜା ପାଇ ନ ଥିବା ଅଲାରନାଥ ମନ୍ଦିରର ବରିଷ୍ଠ ପୂଜକ ତଥା ଗବେଷକ ନୀଳମଣି ସୁଆର କହିଛନ୍ତି।

ଗବେଷକ ନୀଳମଣିଙ୍କ କହିବା ଅନୁଯାୟୀ, ମହାପ୍ରଭୁ ଅଲାରନାଥଙ୍କୁ ୧୨ଶହ କମା ବ୍ରାହ୍ମଣମାନେ ସେବା କରୁଥିଲେ। ଯାହା ରାଜା କପିଳେନ୍ଦ୍ର ଦେବଙ୍କ ଶାସନ ସମୟର। ୧୪୩୫ ଖ୍ରୀଷ୍ଟାବ୍ଦରୁ ୧୪୬୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜା କପିଳେନ୍ଦ୍ର ଦେବଙ୍କ ଶାସନ ଥିଲା। ଏହି ସମୟରେ କପିଳେନ୍ଦ୍ର ଦେବ ତାଙ୍କ ଶାସନ କାଳର ପ୍ରାୟ ୧୦ ବର୍ଷ ପରେ ଦାକ୍ଷିଣାତ୍ୟ ଜୟ କରିଥିଲେ। ଫଳରେ ଏହି କମା ସମ୍ପ୍ରଦାୟର ବ୍ରାହ୍ମଣମାନେ ଉକ୍ତ ସ୍ଥାନ ଛାଡି ଅନ୍ୟତ୍ର ପଳାଇଥିଲେ। ଫଳରେ ମହାପ୍ରଭୁ ଅଲାରନାଥ ସେହି ଦିନ ଠାରୁ ଅପୂଜା ରହିଥିଲେ। ମନ୍ଦିର ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡିଥିଲା। ପରବର୍ତ୍ତୀ ସମୟରେ ଗଜପତି ପୁରୁଷୋତ୍ତମ ଦେବଙ୍କ ଶାସନ ସମୟ ଆରମ୍ଭ ହୋଇଥିଲା। ପୁରୁଷୋତ୍ତମ ଦେବଙ୍କ ଶାସନ କାଳ ୧୪୬୬ରୁ ୧୪୯୭ ଖ୍ରୀଷ୍ଟାବ୍ଦ ବୋଲି ଜଣାଯାଏ । ରାଜାଙ୍କ ଶାସନ କାଳରେ ପ୍ରାୟ ୧୪୭୭ ଖ୍ରୀଷ୍ଟାବ୍ଦ ସମୟରେ କାଞ୍ଚି ଅଭିଯାନ ହୋଇଥିଲା। ଏହି ସମୟରେ ପୁରୁଷୋତ୍ତମ ଦେବ କାଞ୍ଚି ଯିବା ସମୟରେ ଅଲାରନାଥ ମନ୍ଦିରକୁ ଦେଖିଥିଲେ। ରାଜା କାଞ୍ଚି ବିଜୟ ପରେ ଫେରି ଉକ୍ତ ମନ୍ଦିରକୁ ପୁନରୁଦ୍ଧାର କରିଥିଲେ। ଠାକୁରଙ୍କ ନୀତିକାନ୍ତି ପାଇଁ ୩ଜଣ ସେବାୟତ ନିୟୋଜିତ କରିଥିଲେ । ସେବେଠାରୁ ପୁରୀ ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି ସହିତ ଅଲାରନାଥ ମନ୍ଦିରର ସମସ୍ତ ନୀତିକାନ୍ତିରେ ପ୍ରାୟ ସାମଞ୍ଜସ୍ୟ ରହିଛି । ସେବେ ଠାରୁ ମହାପ୍ରଭୁଙ୍କ ଅନବସର ନୀତି ଚାଲୁଥିଲେ ମଧ୍ୟ ଏହା ଲୋକଲୋଚନକୁ ଆସି ପାରି ନ ଥିଲା। ରାଜା ପ୍ରତାପ ରୁଦ୍ରଦେବଙ୍କ ଶାସନ ସମୟ ଅର୍ଥାତ୍ ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ଅନବସର ଦର୍ଶନ କରିବା ପାଇଁ ଅଲାରନାଥ ପୀଠକୁ ଆସିବା ପରେ ଏହା ବିଭିନ୍ନ ସାଧୁସନ୍ଥ ଓ ବୈଷ୍ଣବମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର ହୋଇଥିଲା।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ: ୫ ଅଟକ

ପିପିଲି,୭।୬(ସ୍ୱ.ପ୍ର.)

ପୂର୍ବ ଶତ୍ରୁତାକୁ ନେଇ ଶନିବାର ରାତିରେ କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୭ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଆହତ ହୋଇଛନ୍ତି। ଏମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପିପିଲି ପୋଲିସ ଦୁଇଟି ମାମଲା (ନଂ.୧୩୮, ୧୩୯/୨୦)ରୁଜୁ କରିବା ସହ ୫ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ପିପିଲି ପୋଲିସ ୫ମାସ ପରେ ଅପହୃତାଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସମ୍ପୃକ୍ତ ଗୋଷ୍ଠୀ ସହିତ ଅପହୃତାଙ୍କ ପରିବାର ମଧ୍ୟରେ ଶନିବାର ରାତିରେ କୌଣସି କାରଣରୁ ବଚସା ହେବାରୁ ସଂଘର୍ଷ ଘଟିଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କୁହନ୍ତି, ରବିବାର ମୁଁ କାର୍ଯ୍ୟରେ ଯୋଗଦେଇଛି । ତେବେ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ।

## ପୋଖରୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୭।୬(ବ୍ୟୁରୋ)

ନୟାପଲୀ ଥାନା ମମ୍‌ତାଜ ଅଲ୍ଲୀ ହାଇସ୍କୁଲ ନିକଟସ୍ଥ ପୋଖରୀକୁ ଡେଇଁ ରବିବାର ଅପରାହ୍ନରେ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛନ୍ତି। ଯୁବତୀ ଜଣଙ୍କର ଘର ଖୋର୍ଦ୍ଧା ହୋଇଥିବା ବେଳେ ସେ ନୟାପଲ୍ଲୀରେ ଘରଭଡ଼ା ନେଇ ଭଉଣୀ ସହ ରହୁଥିଲେ। ଲକ୍‌ଡାଉନ୍ ପୂର୍ବରୁ ତାଙ୍କ ଭଉଣୀ ଗାଁକୁ ଚାଲିଯାଇଥିଲେ। ସେ ଏଠାରେ ଏକାକି ଥିଲେ। ବ୍ୟାଙ୍କରେ କାମ କରୁଥିବା ବେଳେ କିଛି ଦିନ ତଳେ ସେ ଚାକିରି ହରାଇ ମାନସିକ ଚିନ୍ତାରେ ଥିଲେ। ପୋଖରୀକୁ ଡେଇଁବା ପୂର୍ବରୁ ସେ ନିଶା ବଟିକା ଖାଇଥିବା ଜଣାପଡ଼ିଛି। କେଉଁ କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ, ନୟାପଲ୍ଲୀ ପୋଲିସ ତାହାର ଛାନଭିନ୍ କରୁଛି।

## ଉଚ୍ଛେଦ ପାଇଁ ଅଟକିଛି ଆନ୍ତଃରାଜ୍ୟ ବସ୍ ଟର୍ମିନାଲ

ଭୁବନେଶ୍ୱର, ୭।୬ (ବ୍ୟୁରୋ)




ଆଗେଇ ପାରୁନି ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ କାର୍ଯ୍ୟ। ଟେଣ୍ଡରକୁ ୯ ମାସ ବିତି ଯାଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାପୂର୍ବରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅସ୍ଥାୟୀ ଭାବେ ସ୍ଥାନାନ୍ତର ହେବାକୁ ଥିବା ସ୍ଥାନରୁ ଉଚ୍ଛେଦ କାର୍ଯ୍ୟ ମଧ୍ୟ ଶେଷ ହୋଇପାରିନାହିଁ। କିଛି କିଛି ସ୍ଥାନରେ ବିଡିଏ, ବିଏମ୍‌ସି ଓ କମିଶନରେଟ ପୋଲିସର ମିଳିତ ଟିମ୍ ଉଚ୍ଛେଦ କରିଛି ସତ ହେଲେ ସବୁ ଅଧା ଖଣ୍ଡିଆ ହୋଇ ପଡ଼ିରହିଛି। କେଉଁଠି ଜବରଦଖଲକାରୀ କୋର୍ଟରୁ ଷ୍ଟେ' ଅର୍ଡର ଆଣିଛନ୍ତି ତ ଆଉ କେଉଁଠି ମଠ ମନ୍ଦିର ନାଁରେ ଜବରଦଖଲ ରହିଛି। ମିଳିତ ଉଚ୍ଛେଦକାରୀ ବାହିନୀ ଉଚ୍ଛେଦ ପାଇଁ ପ୍ରୟାସ କରି ବିରୋଧର ସମ୍ମୁଖୀନ ହୋଇଛି। କାର୍ଯ୍ୟ ଆଗେଇ ପାରୁ ନ ଥିବାରୁ ସୌନ୍ଦର୍ଯ୍ୟକରଣ ଅଟକି ରହିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ତିଆରି ପାଇଁ ବରମୁଣ୍ଡା ବାରିଠାରେ ଚିହ୍ନଟ ସ୍ଥାନକୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଉଠି ଆସିବ। କିନ୍ତୁ ଉକ୍ତ ସ୍ଥାନ ଜବରଦଖଲରେ ରହିଥିବାରୁ ଶୁକ୍ରବାର ମିଳିତ ଉଚ୍ଛେଦକାରୀ ଟିମ୍ ଗୋଟିଏ ଅଙ୍ଗନୱାଡ଼ି ଘର, ଆଉକିଛି ପାଚେରି ସହ କିଛି ଝୁମ୍ପୁଡ଼ି ଘର ଭାଙ୍ଗି ଫେରିଆସିଲା। ହେଲେ ନିକଟରେ ସରକାରୀ ଜମିରେ ଗଢ଼ିଉଠିଥିବା କିଛି କୋଠାକୁ ଉଚ୍ଛେଦ ପାଇଁ ଯିବାବେଳେ ସେମାନେ କୋର୍ଟରୁ ଷ୍ଟାଟସ୍କୋ ଆଣି ଉଚ୍ଛେଦ ବନ୍ଦ କରିଥିବା ଉଚ୍ଛେଦକାରୀ ଟିମ୍ ସଦସ୍ୟ କହିଛନ୍ତି। ବିଡିଏ ମୁଖ୍ୟଯନ୍ତ୍ରୀ ପ୍ରଦୀପ ନାୟକ କହିଛନ୍ତି, ବିଡିଏ ଇଞ୍ଜିନିୟରିଂ ଦଳ ବସ୍ ଟର୍ମିନାଲ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବେ ପ୍ରୟାସ ଆରମ୍ଭ କରିଛି। କିଛି ସ୍ଥାନରେ ସମସ୍ୟା ଉପୁଜୁଛି, ସେଗୁଡ଼ିକୁ ସମାଧାନ କରିବାକୁ ଚେଷ୍ଟା କରାଯାଇଛି। ପ୍ରଥମେ ଅସ୍ଥାୟୀ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବ। ପରେ କିଛି ବସ୍‌କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଓ କିଛି ଖଣ୍ଡଗିରିସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ରଖାଯିବା ସହ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରାଯିବ। ଆସନ୍ତା ୭ଦିନ ମଧ୍ୟରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ୩୦ରୁ ୪୫ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ ଓ ୭ରୁ ୮ ମାସ ମଧ୍ୟରେ ତାହା ସରିବ। ଏ ସଂକ୍ରାନ୍ତରେ ସୋମବାର ଘରୋଇ ବସ୍ ମାଲିକ ସଂଘ ସହ ବୈଠକ ବସିବ ବୋଲି ସେ କହିଛନ୍ତି।

- ଟେଣ୍ଡରର ୯ ମାସ ପରେ ବି ଆରମ୍ଭ ହୋଇନି କାମ
- ଜବରଦଖଲରେ ରହିଛି ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ସ୍ଥାନ
- ଆଜି ଘରୋଇ ବସ୍ ମାଲିକ ସଂଘ ସହ ବୈଠକ

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକ ଅଫିସ,୭।୬

ମଙ୍ଗଳାବାଗ ଥାନା ଅନ୍ତର୍ଗତ ଥୋରିଆସାହିର ଏକ ଘରୁ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ସୁନୀଲ କୁମାର ଲେଙ୍କା (୨୩) । ସେ ସ୍ତ୍ରୀ ଓ ପୁଅ ସହ ଥୋରିଆସାହିରେ ଘର ଭଡ଼ା ନେଇ ରହିବା ସହ ସ୍ଥାନୀୟ ମେଡ଼ିସିନ ଦୋକାନରେ କର୍ମଚାରୀ ଥିଲେ। କିଛିଦିନ ପୂର୍ବରୁ ପୁଅକୁ ନେଇ ସ୍ତ୍ରୀ ତାଙ୍କ ବାପଘର ଯାଇଥିଲେ। ସୁନୀଲ ଘରେ ଏକୁଟିଆ ରହୁଥିଲେ। ରବିବାର ସକାଳୁ ତାଙ୍କ ଘର କବାଟ ଭିତରୁ ବନ୍ଦ ଥିବାରୁ ପଡ଼ୋଶୀ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ପରେ ଝୁଲନ୍ତା ଅବସ୍ଥାରେ ସୁନୀଲଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବଡ଼ଶଙ୍ଖ ବ୍ୟବସାୟୀ ସଂଘ କର୍ମକର୍ତ୍ତା ନିର୍ବାଚିତ

ପୁରୀ ଅଫିସ, ୭।୬

ସ୍ଥାନୀୟ ଶ୍ରୀ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବଡ଼ଶଙ୍ଖ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାବେ ନବ କିଶୋର ପୃଷ୍ଟି, ସମ୍ପାଦକ ପ୍ରମୋଦ ଶର୍ମା, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର, ଉପସଭାପତି ପ୍ରଦୀପ୍ତ ନାୟକ, କୋଷାଧ୍ୟକ୍ଷ ସୁଦର୍ଶନ ପାତ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପାତ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ବୃନ୍ଦାବନ ବେହେରା, ନାରାୟଣ ମହାନ୍ତି, ସତ୍ୟଜିତ ପଟ୍ଟନାୟକ, ଲକ୍ଷ୍ମୀଧର ପାତ୍ର ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ସଂଘ ପକ୍ଷରୁ ଜନହିତ କାର୍ଯ୍ୟକ୍ରମ ଏବଂ କରୋନା ଯୋଗୁ ବ୍ୟବସାୟରେ କ୍ଷତି ହୋଇଥିବା ସଦସ୍ୟଙ୍କୁ ସହାୟତା ନେଇ ଆଲୋଚନା ହୋଇଥିଲା।

## ସେବାୟତଙ୍କୁ ବଣ୍ଟାଯିବ ହୋମିଓପାଥି ଔଷଧ

ପୁରୀ ଅଫିସ, ୭।୬

**ପ୍ରତିରୋଧକ ଶକ୍ତି ବୃଦ୍ଧି ଯୋଜନା**

କୋଭିଡ-୧୯କୁ ନଜରରେ ରଖି ସେବାୟତଙ୍କ ମଧ୍ୟରେ ପ୍ରତିରୋଧକ ଶକ୍ତି ବୃଦ୍ଧି ଉଦ୍ଦେଶ୍ୟରେ ହୋମିଓପାଥି ଔଷଧ ବଣ୍ଟନ କରାଯିବ। ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ପୁରୀସ୍ଥିତ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ (ହୋମିଓପାଥି)ର ଭାରପ୍ରାପ୍ତ ଅଧିକାରୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ୯ରୁ ୧୩ ତାରିଖ ମଧ୍ୟରେ ପର୍ଯ୍ୟାୟକ୍ରମେ ବିଭିନ୍ନ ସେବାୟତ ନିଯୋଗ ମଧ୍ୟରେ ହୋମିଓପାଥି ଔଷଧ ବଣ୍ଟନ ପାଇଁ ନୀଳାଦ୍ରି ଭକ୍ତନିବାସରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିଲାଗି ପ୍ରତ୍ୟେକ ପରିବାରର ଜଣେ ବ୍ୟକ୍ତି ଶିବିରକୁ ଆସି ପୂରା ପରିବାର ପାଇଁ ଔଷଧ ନେଇପାରିବେ। ୯ରେ ଦଇତାପତି ନିଯୋଗ, ୧୦ରେ ପ୍ରତିହାରୀ ନିଯୋଗ, ୧୧ରେ ସୁଆର ମହାସୁଆର ନିଯୋଗ, ୧୨ରେ ପୂଜାପଣ୍ଡା ନିଯୋଗ ଏବଂ ୧୩ରେ ଗରାବଡୁ ନିଯୋଗ ମଧ୍ୟରେ ଔଷଧ ବଣ୍ଟନ ଲାଗି ଯୋଜନା ହୋଇଛି। ସବୁ ନିଯୋଗ ଏହାକୁ ସଫଳ କରିବା ଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର

କଟକ ଅଫିସ,୭।୬

**ଅଭିଯୁକ୍ତ ଗିରଫ**

ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ମାଲଦୋଗାମ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ବିଡ଼ାନାସୀ ଥାନା ଅନ୍ତର୍ଗତ ଗୋରାକବର ଅଞ୍ଚଳର କଉସର ଖାନ। ଶଟ୍‌ଡାଉନ୍‌ରେ ରବିବାର ମାଲଗୋଦାମ ଥାନା ପକ୍ଷରୁ ଚେକିଂ କଡ଼ାକଡ଼ି କରାଯାଇଥିଲା। ଯୋବ୍ରା ଆନିକଟ ଛକରେ ଅପରାହ୍ନରେ ଚେକିଂ ବେଳେ କଉସର ବାଇକରେ ଆସୁଥିଲେ। ପୋଲିସ ତାଙ୍କୁ ଅଟକାଇ ବାହାରେ ବୁଲିବାର କାରଣ ପଚାରିଥିଲା। କଉସର ଏଥିରେ ଉତ୍ତକ୍ଷିପ୍ତ ହୋଇ ଜଣେ ମହିଳା ପୋଲିସ ଅଧିକାରୀଙ୍କ ସହ ଯୁକ୍ତିତର୍କ ଓ ଗାଳିଗୁଲଜ କରିଥିଲେ। ମହିଳା ପୋଲିସ ଅଧିକାରୀଙ୍କ ଏତଲା କ୍ରମେ ଆଇପିସିର ୨୯୪, ୫୦୬, ୩୫୪, ୩୫୩, ୧୮୬, ୯୬-ଓୟୁପି ଓ ୫୧-ଡିଏମ ଆକ୍ଟରେ କେସ ନଂ ୧୧୨/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କଉସରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାମରେ କ୍ୟାଣ୍ଟନମେଣ୍ଟ ଥାନା ଓ ଗୁରୁଡ଼ିଝାଟିଆ ଥାନାରେ ପୂର୍ବରୁ ଦୁଇଟି ଆପରାଧିକ ମାମଲା ରହିଛି।

## ଅଗ୍ନିଶମ ଗାଡ଼ି ଭଙ୍ଗାରୁଜା, କର୍ମଚାରୀଙ୍କୁ ଆକ୍ରମଣ

ନିଶ୍ଚିନ୍ତକୋଇଲି,୭।୬(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଶୁକରପଡ଼ା ଗ୍ରାମରେ ଅଗ୍ନିଶମ ବିଭାଗ ଗାଡ଼ିକୁ ଭଙ୍ଗାରୁଜା କରାଯିବା ସହ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି। ଏହି ଅଭିଯୋଗରେ ଗ୍ରାମର ସେକ୍ ଇବ୍ରାହିମ୍‌ଙ୍କୁ ରବିବାର ଗିରଫ କରାଯାଇଛି। ଏନେଇ ଥାନାରେ ନିଶ୍ଚନ୍ତକୋଇଲି ଥାନାରେ ମାମଲା (ନଂ-୭୮/୨୦) ରୁଜୁ କରାଯାଇଛି। ପୋଲିସ ସୂଚନାଅନୁସାରେ, ଇବ୍ରାହିମ୍‌ଙ୍କ ବାଡିରେ ଥିବା ଏକ ପରିତ୍ୟକ୍ତ ପାଇଖାନା ଟାଙ୍କିରେ ଶନିବାର ଅପରାହ୍ନରେ ଏକ ଗାଈ ପଡ଼ି ବୋବାଉଥିଲା। ତାକୁ ଉଦ୍ଧାର କରିବା ନିମନ୍ତେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ । ବିଭାଗୀୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗାଈକୁ ପାଇଖାନା ଟାଙ୍କିରୁ ଉଦ୍ଧାର କରିଥିଲେ । ଏହା ଦେଖି ଇବ୍ରାହିମ ଘଟଣା ସ୍ଥଳକୁ ଦୌଡ଼ିଆସି ଅଗ୍ନିଶମ ବିଭାଗର କର୍ମଚାରୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ କେତେଜଣଙ୍କୁ ମାଡ଼ ମାରିଥିଲେ। ଏପରିକି ଅଗ୍ନିଶମ ବିଭାଗ ଗାଡ଼ିର କାଚକୁ ପଥର ମାରି ଭାଙ୍ଗିଦେଇଥିଲେ। ଏଥିସହ ଗାଡ଼ି ନ ଛାଡି ସେଠାରେ ଅଟକ ରଖିଥିଲେ। ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନାରେ ଖବର ଦିଆଯିବା ପରେ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଗାଡ଼ିକୁ ସେଠାରୁ ଛାଡ଼ କରିଥିଲେ। ଏନେଇ ଅଗ୍ନିଶମ ବିଭାଗ କର୍ମଚାରୀ ସର୍ବଶ୍ରୀ ପ୍ରସନ୍ନ କୁମାର ପରିଜା, ପ୍ରିୟବ୍ରତ ଦାସ ଓ ସମୀର କୁମାର ବେହେରା ପ୍ରମୁଖ ଥାନାରେ ମିଳିତ ଅଭିଯୋଗ କରିବା ପରେ ଇବ୍ରାହିମ୍‌ଙ୍କୁ ଗିରଫ କରାଯାଇଛି।

# କଞ୍ଚାମାଲ୍ ନାହିଁ, ବେପାର ଠପ୍

ଖୋର୍ଦ୍ଧା ଅଫିସ, ୭।୬


ରାଉତପଡ଼ାର ବୁଣାକାରମାନେ।



- ସଙ୍କଟରେ ବୁଣାକାର ପରିବାର
- ୧୦ ଲକ୍ଷ ଟଙ୍କାର ସାମଗ୍ରୀ ପଡ଼ିରହିଛି

କରୋନା ଯୋଗୁ ହାତ ବାନ୍ଧି ବସିଛନ୍ତି ବୁଣାକାର ପରିବାର। ଗୋଟିଏ ପଟେ କଞ୍ଚାମାଲ୍ ଅଭାବ, ଅନ୍ୟପଟେ କାରବାର ନାହିଁ। ଫଳରେ ଲକ୍‌ଡାଉନ ପରଠୁ ଅଢେଇ ମାସ ହେଲା ବୁଣାକାରଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି। ଖୋର୍ଦ୍ଧା ଜିଲା ବେଗୁନିଆ ଓ ବୋଲଗଡ଼ ବ୍ଲକର ବହୁ ବୁଣାକାର ପରିବାର ହାତ ଟେକି ବସିଛନ୍ତି। ସରକାର ସମସ୍ତଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରୁଥିବାବେଳେ ସେମାନଙ୍କ ଲାଗି କୌଣସି ଘୋଷଣା କରି ନ ଥିବା କହି ବହୁ ବୁଣାକାର ଅସନ୍ତୋଷ ପ୍ରକାଶ କରିଛନ୍ତି।

ବେଗୁନିଆ ବ୍ଲକର ରାଉତପଡ଼ାରେ ୨୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ରହିଛନ୍ତି। ବର୍ଷସାରା ସେମାନେ ତନ୍ତରେ ସୂତାଲୁଗା, ପାଟବସ୍ତ୍ର, ଗାମୁଛା, ଶାଢି ଆଦି ବୁଣି ଗୁଜରାଣ ମେଣ୍ଟାଇଥାନ୍ତି। ତେବେ କରୋନା ସମସ୍ତଙ୍କ ଜୀବନଜୀବିକାକୁ ପ୍ରଭାବିତ କରିଛି। ଏହି ଗ୍ରାମର ବରିଷ୍ଠ ବୁଣାକାର ଗୋପିନାଥ ଦାସ କହିଛନ୍ତି, ପୂର୍ବରୁ ଯାହା କଞ୍ଚାମାଲ୍ ଥିଲା ସରିଯାଇଛି। ଫଳରେ ବହୁ ବୁଣାକାର କାମ କରିପାରୁନାହାନ୍ତି। ସେହିପରି ନିମାଇଁ ଚରଣ କୁଣ୍ଟୁ କହିଛନ୍ତି, ଫନୀ ପରେ ଏହି ମହାମାରୀ ବୁଣାକାର ପରିବାରର ଦୁଃଖକୁ ଦ୍ୱିଗୁଣିତ କରିଛି। ଆମେ କିପରି ଚଳିବୁ, କ'ଣ ଖାଇବୁ ସେନେଇ ଚିନ୍ତା ବଢିଛି। ଗାଁରେ ହସ୍ତତନ୍ତ ବୁଣାକାର ସମିତି ରହିଛି। ମାତ୍ର ବୁଣାକାରଙ୍କୁ ସମିତି ମଜୁରି ଦେଇ ପାରୁନି। ଯାହା ବି ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। କୈଳାଶ ପାତ୍ର କହିଛନ୍ତି, ପୂର୍ବରୁ ବିଭିନ୍ନ ଡିଜାଇନର ଶାଢି ଅର୍ଡର ମିଳିଥିଲା। କାମ ସରିବା ବେଳକୁ ଲକ୍‌ଡାଉନ ହୋଇଗଲା। ଶାଢି ପ୍ରସ୍ତୁତ ହୋଇ ରହିଛି। ମାତ୍ର ବିକ୍ରି ହୋଇପାରୁନି। ରବୀନ୍ଦ୍ର ଦାସ କହିଛନ୍ତି, କଞ୍ଚାମାଲ୍ ଆସିପାରୁ ନ ଥିବାରୁ ପୂର୍ବରୁ ଅର୍ଡର ଥିବା ସାମଗ୍ରୀ ପ୍ରସ୍ତୁତ ହୋଇପାରୁନାହିଁ। ସେହିପରି ଅନ୍ୟଜଣେ ବୁଣାକାର ରମେଶ ଦାସ କହିଛନ୍ତି, କଞ୍ଚାମାଲ୍‌ର ଦର ବୃଦ୍ଧି ଘଟିଛି। ସରକାରୀ ସହାୟତା ନ ମିଳିଲେ, ଆଗକୁ ବଢିବା କଷ୍ଟକର। ଅଶୋକ ଦାସ କହିଛନ୍ତି, ୭୦ ପ୍ରତିଶତ ସାମଗ୍ରୀ ବିକ୍ରି ନ ହୋଇ ଘରେ ପଡ଼ିରହିଛି। ସମିତି ପକ୍ଷରୁ ମଧ୍ୟ କୌଣସି ସହଯୋଗ ମିଳୁନାହିଁ। ଏଣୁ ଆଗକୁ କେବଳ ମହାପ୍ରଭୁ ହିଁ ଭରସା। ଏ ନେଇ ରାଉତପଡ଼ା ହସ୍ତତନ୍ତ ବୁଣାକାର ସମିତିର ସମ୍ପାଦକ ମଧୁସୂଦନ ଦାସ କହିଛନ୍ତି, ଲକ୍‌ଡାଉନ ପରଠୁ ସମିତି ବନ୍ଦ ରହିଛି। ଏହି ସମିତି ଅଧୀନରେ ପ୍ରାୟ ୨୫୦ ବୁଣାକାର ରହିଛନ୍ତି। ପୂର୍ବରୁ ଯାହା କଞ୍ଚାମାଲ୍ ଥିଲା ତାହା ବୁଣାକାରମାନଙ୍କୁ ଦିଆଯାଇଥିଲା। ବୟନିକା ନିକଟରେ ଆମ ସମିତିର ୩ଲକ୍ଷ ଟଙ୍କା ବାକି ପଡ଼ିଛି। ସେହିପରି ଲକ୍‌ଡାଉନ ଯୋଗୁ ସମିତିରେ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାୟ ୭ ଲକ୍ଷ ଟଙ୍କାର ସାମଗ୍ରୀ ପଡ଼ିରହିଛି। ଏବେ ଲକ୍‌ଡାଉନ୍ କୋହଳ ହେଲାଣି। ତେଣୁ କିପରି ସମିତି ଚାଲିବ ଓ ବୁଣାକାରମାନେ କାମ ପାଇବେ ସେଥିପାଇଁ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ୩ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୭।୬:** କେନ୍ଦ୍ରାପଡ଼ା ଜିଲାରେ ୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬୬ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କୁ ଛତାସ୍ଥିତ କୋଭିଡ ଚିକିତ୍ସାଳୟକୁ ପଠାଯାଇଛି ବୋଲି ଜିଲାପାଳ ସମର୍ଥ ବର୍ମା ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂତନ ଆକ୍ରାନ୍ତମାନେ ପ୍ରବାସୀ ହୋଇଥିବା ବେଳେ ସେମାନଙ୍କୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ଏଥିପାଇଁ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନାହିଁ। ଅପରପକ୍ଷେ ଜିଲାରେ ଅଦ୍ୟାବଧି ୧୪୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଜିଲାପାଳ କହିଛନ୍ତି।

### ବିମାନରେ ଆସିଲେ ୯୩ ପ୍ରବାସୀ

**ନୟାଗଡ଼ ଅଫିସ/ନୂଆଗାଁ, ୭।୬(ଡି.ଏନ.ଏ.):** ଜମ୍ମୁ ଓ କଶ୍ମୀରରୁ ସ୍ୱତନ୍ତ୍ର ବିମାନ ଯୋଗେ ଫେରିଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ନୟାଗଡ଼ ଜିଲାର ୯୩ଜଣ ରହିଛନ୍ତି। ସେହିପରି ଟ୍ରେନ ଯୋଗେ ୧୮୦ ଜଣ ଫେରିଛନ୍ତି। ବିମାନ ଓ ଟ୍ରେନ ଯୋଗେ ଫେରିଥିବା ପ୍ରବାସୀମାନଙ୍କ ମଧ୍ୟରେ ଓଡ଼ଗାଁ ବ୍ଲକର ୧୦୯, ଦଶପଲ୍ଲା ବ୍ଲକର ୩୮ ଓ ଖଣ୍ଡପଡା ବ୍ଲକ ଅଞ୍ଚଳର ୩୩ ଅଛନ୍ତି। ନୟାଗଡ ଜିଲାପାଳ ପୋମା ଟୁଡୁଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲମ୍ବଜିତ ରାଉତ ପ୍ରମୁଖ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚି ସେମାନଙ୍କ ନୟାଗଡ ଫେରିବା ବ୍ୟବସ୍ଥା କରିଥିଲେ। ପ୍ରବାସୀମାନେ ନୟାଗଡକୁ ଆସିବା ପରେ ନିଜ ନିଜ ବ୍ଲକର କ୍ୱାରାଣ୍ଟାଇନ ସେଣ୍ଟରରେ ରହିଛନ୍ତି।

### ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

**ଧର୍ମଶାଳା, ୭।୬ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ଅଞ୍ଚଳଗୁଡିକରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନକୁ ୮ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକମାନେ ବହୁ ଅସୁବିଧା ଭୋଗୁଛନ୍ତି। ଲକ୍‌ଡାଉନ୍ ଯୋଗୁ ସମସ୍ତେ ଅଧିକାଂଶ ସମୟ ଘରେ ରହୁଥିବା ବେଳେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏହାଛଡ଼ା ସନ୍ଧ୍ୟାରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ହେବାରୁ ପିଲାଙ୍କ ପାଠ ପଢ଼ାରେ ବାଧା ସୃଷ୍ଟି ହେଉଛି। ଏହି ସେକ୍ସନ ଅଧୀନରେ ଦୁଇଟି ଟ୍ରାନ୍ସଫର୍ମର ଯୋଗେ ବିଦ୍ୟୁତ୍ ଯୋଗାଇ ଦିଆଯାଉଥିବା ବେଳେ ସେଥିରୁ ଗୋଟିଏ ୨ ମାସ ହେବ ପୋଡି ଯାଇଥିବାରୁ ଏଭଳି ସମସ୍ୟା ଲାଗି ରହିଛି। ଗତ ୮ ଦିନ ହେବ ବିଦ୍ୟୁତ୍ କାଟ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଏ ନେଇ ଜାରକା ବିଦ୍ୟୁତ୍ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଶ୍ରୀମତ ଦାସଙ୍କୁ ପଚାରିବାରେ ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର ବଦଳାଯାଇ ନୂତନ ଟ୍ରାନ୍ସଫର୍ମର ବସାଯାଇଛି। ଏହାକୁ କାର୍ଯ୍ୟକ୍ଷମ କରାଯାଇ ଦୁଇ ଦିନ ପରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ସୂଚନା ଦେଇଛନ୍ତି।

### ବାର୍‌ହା ମାଂସ ଜବତ, ୩ ଗିରଫ

**ଖଣ୍ଡପଡ଼ା,୭।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବନାଞ୍ଚଳ ଅଧୀନ କୋସକା ପଞ୍ଚାୟତ ଗୁରିଆବାରୀ ସଂରକ୍ଷଣ ଜଙ୍ଗଲରୁ ୩ ଶିକାରୀ ରବିବାର ବାର୍‌ହା ଶିକାର କରି ମାଂସ ଭାଗ ବାଣ୍ଟୁଥିବାବେଳେ ଗିରଫ ହୋଇଛନ୍ତି। ଅନ୍ୟ ୨ଜଣ ଶିକାରୀ ଏକ ବାଇକ ଯୋଗେ ଫେରାର ହୋଇଯାଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ କୋସକା ପଞ୍ଚାୟତ ରାଇମ୍ବା ଗ୍ରାମର ପ୍ରହ୍ଲାଦ ନାୟକ, କୋସକା ଗ୍ରାମର ପତିତ କୁମାର ପ୍ରଧାନ ଓ ଅଶୋକ ମହାନ୍ତି। ଶିକାରୀ ବାର୍‌ହା ଶିକାର କରି ମାସଂ ବାଣ୍ଟ କରୁଥିବା ନେଇ ବନ ବିଭାଗ ନିକଟରେ ଖବର ହୋଇଥିଲା। ଫଳରେ ବନ କର୍ମଚାରୀମାନେ ଚଢ଼ାଉ କରି ସମ୍ପୃକ୍ତ ୩ ବ୍ୟକ୍ତିଙ୍କୁ ଗିରଫ କରିବା ସହ ବାର୍‌ହାର କଟା ମୁଣ୍ଡ ଓ ମାଂସ ଜବତ କରିଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଚଢ଼ାଉରେ ସିଂଘାପଡ଼ା ବନପାଳ ପ୍ରଫୁଲ୍ଲ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ବାତ୍ୟା ପୂର୍ବରୁ ବାଜୁନି ଆଲର୍ଟ ସାଇରନ୍

- ୨୦ଟି ଆଲର୍ଟ ସାଇରନ କେନ୍ଦ୍ର ସ୍ଥାପନ ହୋଇଛି
- ଅଧା କେନ୍ଦ୍ରରେ ସିଷ୍ଟମ ଅଚଳ

**କେନ୍ଦ୍ରାପଡ଼ା ଅଫିସ, ୭।୬**

ବାତ୍ୟା ଅମ୍ଫନ୍ ସମୟରେ କେନ୍ଦ୍ରାପଡ଼ା ଜିଲାରେ ବହୁ କ୍ଷୟକ୍ଷତି ହୋଇଥିଲା। ଏନେଇ ଜିଲାବାସୀଙ୍କ ଆର୍ଥିକ ମେରୁଦଣ୍ଡ ସଳଖ ହୋଇ ନ ଥିବା ବେଳେ ବଙ୍ଗୋପସାଗରରେ ଆଉ ଏକ ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଛି। ଏହା ବାତ୍ୟା ରୂପ ନେବାର ଆଶଙ୍କା ରହିଛି। ଏନେଇ ଜିଲାରେ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜୋନରେ ଥିବାରୁ ସାମୁଦ୍ରିକ ଝଡ଼, ବନ୍ୟା ବ୍ୟତୀତ ସୁନାମିର ମଧ୍ୟ ଭୟ ରହିଛି। ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ସୂଚନା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାର ୨୦ ସ୍ଥାନରେ ଆଲର୍ଟ ସାଇରନ କେନ୍ଦ୍ର ସ୍ଥାପନ କରାଯାଇଛି। ୨୦୧୮ ଅକ୍ଟୋବରରେ ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଅଦ୍ୟାବଧି ଅଧା କେନ୍ଦ୍ରରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଲର୍ଟ ସାଇରନ ବାଜୁ ନ ଥିବା ସୂଚନା ମିଳିଛି। କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକରେ ୧୧ ଓ ମହାକାଳପଡ଼ାରେ ୯ଟି ଆଲର୍ଟ ସାଇରନ୍ କେନ୍ଦ୍ର ସ୍ଥାପନ କରାଯାଇଛି। ରାଜନଗର ବ୍ଲକର ରାଜପାଟଣା ପ୍ରାଥମିକ ବିଦ୍ୟାଳୟ, ଖାସମୁଣ୍ଡା ଉଚ୍ଚ ବିଦ୍ୟାଳୟ, ଅନନ୍ତ କେଶରୀ ପ୍ରାଥମିକ ବିଦ୍ୟାଳୟ, ପ୍ରଭାତି ପ୍ରାଥମିକ ବିଦ୍ୟାଳୟ, ଏଣ୍ଡୁଳାପୁର ଉଚ୍ଚ ବିଦ୍ୟାଳୟ, କଇଥା ଆଇଆରସିଏସ୍, ଚିଞ୍ଚିରି ଉଚ୍ଚ ବିଦ୍ୟାଳୟ, ପେଣ୍ଠ ଏମ୍‌ସିଏସ, ବ୍ରାହ୍ମଣୀସାହିସ୍ଥିତ ଶୈଳେନ୍ଦ୍ରସରାଇ ପ୍ରାଥମିକ ବିଦ୍ୟାଳୟ, ସୁନ୍ଦରିପାଳ ପ୍ରାଥମିକ ବିଦ୍ୟାଳୟ ଓ ବାନ୍ଧପୁର ପ୍ରାଥମିକ ବିଦ୍ୟାଳୟରେ ଏହି କେନ୍ଦ୍ର ସ୍ଥାପନ ହୋଇଛି। ସେହିପରି ମହାକାଳପଡା ବ୍ଲକର ବରକୋଳିଖଳା ଆଇଆରସିଏସ୍, ବଡ଼ତୁବି ଏମସିଏସ୍, କନ୍ଦରାପାଟିଆ ପ୍ରାଥମିକ ବିଦ୍ୟାଳୟ, ରଟପଙ୍ଗା ଏମସିଏସ୍, ତନ୍ତିଆପାଳ ଶାସନ ଏମସିଏସ୍, ନରସିଂହପୁର ପ୍ରାଥମିକ ବିଦ୍ୟାଳୟ, କଜଳପାଟିଆ ଏମସିଏସ୍, ଜମ୍ବୁ ଆଇଆରସିଏସ୍ ଓ ସୁନିତି ଏମସିଏସ୍‌ରେ ଏହି କେନ୍ଦ୍ର ରହିଛି। ଏହି ଦୁଇ ବ୍ଲକ ବ୍ୟତୀତ ଜିଲା ଜରୁରିକାଳୀନ କାର୍ଯ୍ୟାଳୟରେ ମଧ୍ୟ ଏହି ସାଇରନ ଆଲର୍ଟ ସିଷ୍ଟମ ରହିଛି। ମାତ୍ର ଅମ୍ଫନ୍ ବାତ୍ୟା ସମୟରେ ଜିଲାର ରଟପଙ୍ଗା, ନରସିଂହପୁର, ଜମ୍ବୁ, ତନ୍ତିଆପାଳ, ଏଣ୍ଡୁଳାପୁର, କଇଥା, ଚିଞ୍ଚିରି, ପେଣ୍ଠ, ବ୍ରାହ୍ମଣଶାସନ ଓ କନ୍ଦରାପାଟିଆ କେନ୍ଦ୍ରରେ ସାଇରନ ବାଜି ଥିଲା। ଅନ୍ୟ କେନ୍ଦ୍ରଗୁଡିକରେ ଦୀର୍ଘ ଦିନ ହେବ ସାଇରନ୍ ସିଷ୍ଟମ ଅଚଳ ରହିଥିବାରୁ ଏହା ବାଜି ନ ଥିବା ଜଣାପଡ଼ିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କେନ୍ଦ୍ରଗୁଡିକୁ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଥିଲେ ମଧ୍ୟ ଅନ୍ୟ ଏକ ଠିକା କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି।

ଏ ସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କୁହନ୍ତି, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଆଲର୍ଟ ସାଇରନ କେନ୍ଦ୍ରର ଗୁରୁତ୍ୱ ଅଧିକ। ଝଡ଼, ବାତ୍ୟା ଅବା ସୁନାମି ସମୟରେ ପୂର୍ବରୁ ଏସବୁ କେନ୍ଦ୍ରରେ ସାଇରନ ବାଜି ଉଠେ। ଶବ୍ଦ ଶୁଣି ସ୍ଥାନୀୟ ଦେଢ଼ କିଲୋମିଟର ପରିଧି ଅଞ୍ଚଳର ଲୋକେ ସତର୍କ ହୋଇଥାନ୍ତି। ଆବଶ୍ୟକ ପଡ଼ିଲେ ପ୍ରଶାସନ ପକ୍ଷରୁ ସେଠାକାର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଏ। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜିଲାର ୧୦ଟି କେନ୍ଦ୍ରରେ ସାଇରନ୍ ନ ବାଜିବା ଫଳରେ ଜିଲା ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏହି କେନ୍ଦ୍ରଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ମାଧ୍ୟମରେ ସମ୍ପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ଚିଠି ଦିଆଯାଇଛି।

# ଆଶାକର୍ମୀଙ୍କ ପୁଅକୁ ପିଟିଲେ ସରପଞ୍ଚ

**ଏରସମା,୭।୬(ସ୍ୱ.ପ୍ର.)**

ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ସରପଞ୍ଚ ଜଣେ ଆଶାକର୍ମୀଙ୍କ ପୁଅକୁ ପିଟିଥିବା ଶନିବାର ରାତିରେ ଏରସମା ଥାନାରେ ଅଭିଯୋଗ ହୋଇଥିଲା। ରବିବାର ଏରସମା ବିଡିଓ କୈଳସ ଚନ୍ଦ୍ର ବେହେରା, ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି ଏବଂ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମୀୟ ସ୍ୱାଇଁ ଗ୍ରାମକୁ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରିଛନ୍ତି।

ସୂଚନା ଅନୁସାରେ, ୮ଦିନ ତଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାମତରା ଗ୍ରାମ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲା। ତେବେ ଏହି କାର୍ଯ୍ୟ ନିୟମ ଅନୁସାରେ ହେଉ ନ ଥିବା ଦର୍ଶାଇ ଗ୍ରାମର ଆଶାକର୍ମୀ ବିନୋଦିନୀ ଗିରିଙ୍କ ପୁଅ ପବିତ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଥିସହିତ କାର୍ଯ୍ୟର ଭିଡିଓ ରେକର୍ଡିଂ ମଧ୍ୟ କରିଥିଲେ। ଏହାକୁ ନେଇ ସରପଞ୍ଚ କେଶବ ପାତ୍ର ଓ ପବିତ୍ରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଆଶାକର୍ମୀ ବିନୋଦିନୀ ଶନିବାର ସନ୍ଧ୍ୟାରେ ପୁଅ ପବିତ୍ରଙ୍କ ବାଇକ୍‌ରେ ବସି ସଙ୍ଗରୋଧ କେନ୍ଦ୍ରକୁ ଯାଉଥିଲେ। ଆଦିବାସୀ ପଡ଼ା ନିକଟରେ ସରପଞ୍ଚ କେଶବ ମା'ପୁଅଙ୍କୁ ଅଟକାଇ ଭିଡିଓ ରେକର୍ଡିଂ କାହିଁକି କରୁଥିଲୁ ବୋଲି ପବିତ୍ରଙ୍କୁ ପଚାରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କେଶବ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିବା ବିନୋଦିନୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିକି ବିନୋଦିନୀ ତାଙ୍କୁ ଅଟକାଇବାରୁ କେଶବ ତାଙ୍କ ହାତ ମୋଡି ଦେଇଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଆଶାକର୍ମୀଙ୍କ ପୁଅ ମଧ୍ୟ ଗାଳିଗୁଲଜ କରିଥିବା କେଶବ ପାଲଟା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସରପଞ୍ଚ ପାତ୍ର କହିଛନ୍ତି, ମୁଁ ଆକ୍ରମଣ କରିନାହିଁ। ମୋ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ ମାଝି କହିଛନ୍ତି, ଉଭୟଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନୟାଗଡ଼ରେ ଆଉ ୪ ଆକ୍ରାନ୍ତ, ସୁସ୍ଥ ହେଲେ ୧୫

**ମାନପୁର ହେଲା କଣ୍ଟେନମେଣ୍ଟ ଜୋନ୍**

**ନୟାଗଡ ଅଫିସ/ନୂଆଗାଁ, ୭।୬ (ଡି.ଏନ୍.ଏ.)**

ନୟାଗଡ଼ ଜିଲାରେ ରବିବାର ପୁଣି ୪ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୫ ସୁସ୍ଥ ହୋଇଛନ୍ତି। ଜିଲାରେ ରବିବାରର ଅକ୍ରାନ୍ତଙ୍କୁ ମିଶାଇ ସଂଖ୍ୟା ୯୦ରେ ପହଞ୍ଚିଥିବାବେଳେ ୬୫ଜଣ ସୁସ୍ଥ ହୋଇଛନ୍ତି। ୨୫ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ରବିବାର ଚିହ୍ନଟ ଅକ୍ରାନ୍ତଙ୍କ ମଧ୍ୟରେ ୩ ନୂଆଗାଁ ଓ ଜଣେ ନୟାଗଡ ବ୍ଲକର। ନୟାଗଡ଼ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ମାନପୁର ଗାଁର ୨୦ ବର୍ଷର ଛାତ୍ର ବାହ୍ୟ କରୋନା ଆକ୍ରାନ୍ତ ଚିନ୍ତାର କାରଣ ପାଲଟିଛନ୍ତି। ଏହା ଜଣାପଡିବା ପରେ ଜିଲାପାଳ ପୋମା ଟୁଡୁ ମାନପୁର ଗାଁକୁ କଣ୍ଟେନମେଣ୍ଟ ଜୋନ ଓ କାଳିକାପ୍ରସାଦକୁ ବଫର ଜୋନ ଭାବେ ଘୋଷଣା କରିଛନ୍ତି। କିଛି ଦିନ ହେବ ଛାତ୍ରଙ୍କୁ ଥଣ୍ଡା ଜ୍ୱର ଲାଗି ରହିଥିଲା। ତାଙ୍କୁ ଏମସରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ପରେ କରୋନା ପଜିଟିଭ ଆସିଥିଲା। ଅନ୍ୟପକ୍ଷେ ନୂଆଗାଁ ବ୍ଲକ କୃଷ୍ଣପ୍ରସାଦ କ୍ୱାରେଣ୍ଟାଇନ ସେଣ୍ଟରରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ବୟସ ୩୧ ଓ ୨୨। ଅନ୍ୟପକ୍ଷେ ସୋରଡା କ୍ୱାରେଣ୍ଟାଇନ ସେଣ୍ଟରର ଜଣେ ୧୮ ବର୍ଷର ଯୁବକଙ୍କୁ ଚିହ୍ନଟ କରାଯାଇଥିଲା। ୩ ଆକ୍ରାନ୍ତ ସୁରଟ ଫେରନ୍ତା ବୋଲି ଜଣାପଡିଛି। ୧୫ ଆକ୍ରାନ୍ତରୁ ନୂଆଗାଁ ବ୍ଲକ ୬, ରଣପୁର ବ୍ଲକ ୬, ଭାପୁର, ଗଣିଆ, ଓ ଖଣ୍ଡପଡା ବ୍ଲକରୁ ଜଣେ ଲେଖାଏ ଏପରି ମୋଟରେ ୧୫ ସୁସ୍ଥ ହୋଇଥିବା ସିଡିଏମଓ କାର୍ଯ୍ୟାଳୟ ଓ ଜିଲା ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ଶିଳ୍ପ ଜମିରୁ ମୋରମ ଚୋରାଚାଲାଣ

- ବ୍ୟାହତ ହେଉଛି ଜମି ସମତୁଳନ ପ୍ରକ୍ରିୟା
- ନିରୀକ୍ଷଣ ପରେ ପଦକ୍ଷେପ ନିଆଯିବ: ତହସିଲଦାର

**କଳିଙ୍ଗନଗର, ୭।୬(ଡି.ଏନ.ଏ.)**



ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେଆଇନ ମୋରମ କାରବାର ଅଣାୟତ୍ତ ହେବାରେ ଲାଗିଛି। ବିଜୁ ପଟ୍ଟନାୟକ ମାର୍ଗ କଡ଼ ଇଡ୍‌କୋ ଜମିରୁ ଶନିବାର ରାତିରେ ଶଟ୍‌ଡାଉନ ସୁଯୋଗରେ ହାଇୱା ଗାଡ଼ିରେ ପାଖାପାଖି ୨୦୦ ଟ୍ରିପ୍ ମୋରମ ଚୋରାଚାଲାଣ ହୋଇଛି। ଏନେଇ ଅଞ୍ଚଳବାସୀ ଦାନଗଦି ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ମୋରମ ବ୍ୟବସାୟୀ ଯଖପୁରା ରେଳଷ୍ଟେଶନ ନିକଟରେ ବେଆଇନ ଭାବେ ପାହାଡ ଭଳି ମୋରମ ଗଦା କରି ରଖିଛନ୍ତି।

ଦାନଗଦି ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାରୁ ଏବେ ଲଘୁ ଖଣିଜ ଦ୍ରବ୍ୟ ମୋରମ ହରିଲୁଟ୍‌ର ମାତ୍ରା ବଢ଼ିଯାଇଛି। ଉପରୋକ୍ତ ମୋରମ୍ ଚାଲାଣ ଦ୍ୱାରା ଇଡ୍‌କୋ ଜମିର ଏକ ବିରାଟ ଅଂଶ ଖାଲରେ ପରିଣତ ହୋଇଛି। ଭବିଷ୍ୟତରେ ଏହି ଜମିକୁ ବିଭିନ୍ନ ଶିଳ୍ପସଂସ୍ଥାକୁ ଦିଆଯାଇ ପାରିଥାନ୍ତା। କିନ୍ତୁ ମୋରମ ଖନନ କଳିଙ୍ଗନଗର ଶିଳ୍ପାଞ୍ଚଳର ଜମି ସମତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି, ଶିଳ୍ପ ପ୍ରତିଷ୍ଠାରେ ବାଧା ସୃଷ୍ଟି କରିପାରେ। ଏକର ଏକର ସରକାରୀ ଜମିରୁ ମୋରମ ହରିଲୁଟ ହେଉଥିବାବେଳେ ରାଜସ୍ୱ ବିଭାଗ ନୀରବ ରହିଛି। ଏଥିଯୋଗୁ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି। ବେଆଇନ ଚୋରାଚାଲାଣକୁ ଦମନ କରିବାକୁ ରାଜସ୍ୱ ସଚିବ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ପ୍ରତି ଜିଲାରେ ଜିଲାପାଳ ଓ ଏସ୍‌ପିଙ୍କୁ ନେଇ ଟାସ୍କଫୋର୍ସ ଗଠନ କରି ଏହା ଉପରେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ତେବେ ବର୍ତ୍ତମାନ ଲକଡାଉନ ସମୟରେ ଏହି ଟାସ୍କଫୋର୍ସ ଶିଥିଳ ହୋଇଯାଇଥିବା ଭଳି ମନେ ହେଉଛି। ଏ ସଂକ୍ରାନ୍ତରେ ଦାନଗଦି ତହସିଲଦାର ନମ୍ରତା ମୋଦିଙ୍କୁ ପଚାରିବାରୁ ସେ କହିଛନ୍ତି, ମାନତିରା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ସହିତ ଘଟଣାସ୍ଥଳ ନିରୀକ୍ଷଣ କରିବେ। ଏହାପରେ ଆବଶ୍ୟକ ପଦକ୍ଷେପ ନିଶ୍ଚିତ ଭାବେ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମରାମତି ହେଉନି ନଦୀବନ୍ଧ: ଆତଙ୍କିତ ତଳିଆ ଅଞ୍ଚଳବାସୀ

**ରତ୍ନଗିରି, ୭।୬ (ଡି.ଏନ୍.ଏ.)**



ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଆସନ୍ତା ଜୁନ୍ ୧୦ ତାରିଖରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହେଲେ ଚଳିତବର୍ଷ ବରୀ ବ୍ଲକ ଅଞ୍ଚଳର କୌଣସି ନଦୀବନ୍ଧ ମରାମତି କରାଯାଇ ନ ଥିବାରୁ ତଳିଆ ଅଞ୍ଚଳବାସୀ ଆଶାଆଶଙ୍କାରେ କାଳ କାଟୁଛନ୍ତି। ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ବାଇଁଶିରିଆ କଡ଼ିକମା, ରଜାପୁର ଟିଆରଇ, ଚନ୍ଦ୍ରଶେଖରପୁର–ଅନ୍ୟାସୀପୁର ନଦୀବନ୍ଧ, ଖରିପଡିଆ ସେତୁଠାରୁ ମାଟିଆପଡା ପର୍ଯ୍ୟନ୍ତ ନଦୀବନ୍ଧ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ସାମାନ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ଆଖପାଖ ଅଞ୍ଚଳବାସୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଉକ୍ତ ନଦୀ ବନ୍ଧଗୁଡିକର ମରାମତି ଲାଗି ବିଗତ ବର୍ଷଗୁଡ଼ିକରେ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇଥିଲେ ବି ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅସାଧୁ ମେଣ୍ଟ ଯୋଗୁ କାର୍ଯ୍ୟ ଠିକ ଭାବେ ହୋଇପାରିନାହିଁ। ଏଥିଲାଗି ଚଳିତବର୍ଷ ସ୍ଥାନୀୟ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାମୁଦ୍ରିକ ଝଡ଼ 'ଅମ୍ଫନ' ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ନଦୀବନ୍ଧରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ବନ୍ଧ ଦେଇ ଯା'ଆସ କରୁଥିବା ଲୋକମାନେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଉକ୍ତ ରାସ୍ତା ଦେଇ ଆମ୍ବୁଲାନ୍ସ ଯା'ଆସ କରିପାରୁ ନ ଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ବହୁ ଅସୁବିଧା ଭୋଗୁଥିବା ନଜିର ରହିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ସରକାର ପୂର୍ବ ପ୍ରସ୍ତୁତି କରୁଥିବା ବେଳେ ବରୀ ଜଳ ସମ୍ପଦ ବିଭାଗ ନଦୀବନ୍ଧଗୁଡିକର ମରାମତି କରାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରେ ନଦୀ ବନ୍ଧଗୁଡ଼ିକରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡିକୁ ସମ୍ଭାବ୍ୟ ବନ୍ୟା ପୂର୍ବରୁ ମରାମତି କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅର୍ଥ ମଞ୍ଜୁର ହେଲେ ଖୁବ୍ ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ଯାଜପୁର ଜିଲାରେ ୭ ନୂଆ କରୋନା ସଂକ୍ରମିତ

**୩୧୯ ଛୁଇଁଲା ସଂକ୍ରମିତ ସଂଖ୍ୟା: ସୁସ୍ଥ ହେଲେଣି ୨୫୩**

**ଯାଜପୁର ଅଫିସ, ୭।୬**

ଯାଜପୁର ଜିଲାରେ ରବିବାର ୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୩୧୯ରେ ପହଞ୍ଚିଛି। ନୂଆ କରୋନା ସଂକ୍ରମିତ ସମସ୍ତେ ଦଶରଥପୁର ବ୍ଲକ ଅଞ୍ଚଳର। ସେମାନଙ୍କ ମଧ୍ୟରୁ ଦିଲ୍ଲୀରୁ ୩ଜଣ ଫେରିଥିବା ବେଳେ ୨ ଜଣ ସୁରଟ ଓ ୨ଜଣ କୋଲକାତାରୁ ଫେରନ୍ତା ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏହାସହ ରବିବାର ୧୧ ଜଣ ସୁସ୍ଥ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ଜିଲାର ମୋଟ ୨୫୩ ଜଣ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି। ଅନ୍ୟପଟେ ବାହାର ରାଜ୍ୟରେ ଫସି ରହିଥିବା ୧୭,୨୯୯ଜଣ ପ୍ରବାସୀ ଇତିମଧ୍ୟରେ ଜିଲାକୁ ଫେରିଛନ୍ତି।

# ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ବହୁ ପଦବୀ ଖାଲି

**ଖଣ୍ଡପଡ଼ା,୭।୬(ସ୍ୱ.ପ୍ର.)**

ଦୀର୍ଘ ଦିନ ହେଲା ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ପଦବୀ ଖାଲିପଡ଼ିଛି। ଯଦ୍ୱାରା ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏପରି କି ଏଠାକୁ ସେବା ପାଇଁ ଆସୁଥିବା ବ୍ଲକବାସୀ ନିରାଶରେ ଫେରୁଛନ୍ତି। ତେଣୁ ତୁରନ୍ତ ଖାଲି ପଦବୀ ପୂରଣ କରିବାକୁ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁସାରେ, ୩ ମାସ ହେଲା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀ ଖାଲିପଡିଛି। ସେହିପରି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଅନ, ରାତ୍ର ଜଗୁଆଳି ଆଦି ପଦବୀଗୁଡିକ ଖାଲିପଡିଛି। ଏଠାରୁ ଅଧିକାରୀଙ୍କ ଅନ୍ୟ ବ୍ଲକକୁ ବଦଳି ହେଉଥିଲେ ହେଁ ତାଙ୍କ ସ୍ଥାନରେ ଅନ୍ୟ କେହି ଅଧିକାରୀ ଆସୁ ନାହାନ୍ତି। ଯୋଗାଣ ନିରୀକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ ଭାପୁର ଓ ଖଣ୍ଡପଡା ବ୍ଲକ ଦାୟିତ୍ୱ ତୁଲାଉଥିବାବେଳେ ବ୍ଲକ ସାମାଜିକ ଶିକ୍ଷା ସଂଗଠକ ସର୍ବେଶ୍ୱର ପାଣିଗ୍ରାହୀ ଏକସଙ୍ଗରେ ଖଣ୍ଡପଡା ଓ ଭାପୁର ବ୍ଲକର ଯୁଗ୍ମ ଦାୟିତ୍ୱରେ ଥିବା ଜଣାପଡିଛି। କନିଷ୍ଠଯନ୍ତ୍ରୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିବା ଯୋଗୁ ଜଣେ ଜଣେ କନିଷ୍ଠଯନ୍ତ୍ରୀ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି।

ବ୍ଲକର ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାମଚଳା ଅଧିକାରୀଙ୍କୁ ନେଇ କାର୍ଯ୍ୟ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପଞ୍ଚାୟତ ସମିତି ବୈଠକରେ କର୍ମଚାରୀ ଅଭାବ ନେଇ ବ୍ଲକ ଅଧକ୍ଷଙ୍କଠାରୁ ଆରମ୍ଭ କରି ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଦାବି ଉପସ୍ଥାପନ କରିବା ସହ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ବ୍ଲକ କାର୍ଯ୍ୟାଳୟରେ ଦେଖା ଦେଇଥିବା ପ୍ରଶାସନିକ ଅବ୍ୟବସ୍ଥା ସମ୍ପର୍କରେ ବ୍ଲକ ଅଧକ୍ଷ ମନୋଜ ପ୍ରଧାନ ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ତେବେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ଖଣ୍ଡପଡା ବ୍ଲକ ପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରମୋଦ ନାୟକ କହିଛନ୍ତି, କର୍ମଚାରୀ ଅଭାବ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାପାଳ ଯାହାକିଛି ପଦକ୍ଷେପ ନେବେ।

# ନକଲି ବିଦ୍ୟାର୍ଥୀଙ୍କ ନାଁରେ ମଧ୍ୟାହ୍ନ ଭୋଜନ ରାଶନ ହଡ଼ପ

**ରସୁଲପୁର, ୭।୬ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗାଁର ସଂଖ୍ୟାଲଘୁ ବସ୍ତିରେ ଥିବା ମଦ୍ରାସା ତାଲିମୁଲ ଇସଲାମ୍‌ରେ ନକଲି ଛାତ୍ରୀଛାତ୍ରଙ୍କ ନାଁରେ ମଧ୍ୟାହ୍ନ ଭୋଜନ ରାଶନ ହଡ଼ପ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲ ଶିକ୍ଷା କମିଟିର କର୍ମକର୍ତ୍ତା ଓ ଶିକ୍ଷକଙ୍କ ବୁଝାବଣା ମଧ୍ୟରେ ଏଭଳି ଜାଲିଆତି କରାଯାଉଛି। ଉପସ୍ଥାନ ଖାତାରେ ବାହାର ବିଦ୍ୟାଳୟରେ ପଢୁଥିବା ସ୍ୱଚ୍ଛଳ ବର୍ଗର ପିଲାଙ୍କ ନାଁ ଉଲ୍ଲେଖ କରାଯାଇ ରାଶନ ସାମଗ୍ରୀ ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। କରୋନା ପାଇଁ ପିଲାଙ୍କୁ ମଧ୍ୟାହ୍ନଭୋଜନ ବାବଦ ଚାଉଳ ସ୍ଥାନୀୟ ରିଟେଲର ଦେବେ ବୋଲି ସରକାରୀସ୍ତରରେ ନିଷ୍ପତ୍ତି ହୋଇଥିଲା। ଉକ୍ତ ମଦ୍ରାସାରେ ପଢୁ ନ ଥିବା ପିଲାଙ୍କ ଅଭିଭାବକମାନଙ୍କୁ ଟୋକନ ମିଳିଥିବା ଜଣାପଡ଼ିବା ପରେ ସ୍କୁଲରେ କରାଯାଉଥିବା ଚଞ୍ଚକତା ସମ୍ପର୍କରେ ଜଣାପଡ଼ିଛି। ଏ ନେଇ ଗ୍ରାମବାସୀ ପୂର୍ବରୁ ବିଇଓଙ୍କୁ ଜଣାଇଥିଲେ ବି ଟୋକନ ପାଇଥିବା ସମସ୍ତ ଅଭିଭାବକ ଚାଉଳ ପାଇଛନ୍ତି। ହେଲେ ଘଟଣାର ତଦନ୍ତ କରିବା ପାଇଁ ଗ୍ରାମବାସୀ ବିଇଓଙ୍କୁ ପୁଣି ଥରେ ଚିଠି ଲେଖିଥିବା ଜଣାଯାଇଛି। ତୁରନ୍ତ ଏହାର ତଦନ୍ତ କରା ନ ଗଲେ ମଧ୍ୟାହ୍ନଭୋଜନ ବାବଦ ଆସୁଥିବା ଟଙ୍କା ମଧ୍ୟ ନକଲି ବିଦ୍ୟାର୍ଥୀଙ୍କ ଖାତାକୁ ଯିବ ବୋଲି ଚିଠିରେ ଦର୍ଶାଯାଇଛି। ଏହାଛଡ଼ା ଜାଲିଆତିରେ ସମ୍ପୃକ୍ତ ଶିକ୍ଷକ ଓ କମିଟି ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏ ନେଇ ବିଇଓ ଶାନ୍ତନୁ କରଙ୍କୁ ପଚାରିବାରେ ଅଭିଯୋଗ ମିଳିବା ପରେ ସହକାରୀ ବିଇଓ ଭିକାରୀ ଚରଣ କବିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସ୍କୁଲ ଖୋଲିଲେ ତଦନ୍ତ କରାଯାଇ ଅଭିଯୋଗର ସତ୍ୟାସତ୍ୟ ସମ୍ପର୍କରେ ତର୍ଜମା କରାଯିବ ବୋଲି କହିଛନ୍ତି।

# 'ଘର ଦେବେ କହି ୨୨ ହଜାର ନେଇଗଲେ'

- କଲଣ ସରପଞ୍ଚଙ୍କ ନାଁରେ ଥାନାରେ ଅଭିଯୋଗ
- ଘର ଦେଲେନି କି ଟଙ୍କା ଫେରେଇଲେନି

**ରସୁଲପୁର, ୭।୬ (ଡି.ଏନ୍.ଏ.)**

ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଯୋଜନା ଆରମ୍ଭ କରିଛନ୍ତି। ହେଲେ ଏ ସବୁ ଯୋଜନାର ସୁଫଳ ଅନେକ ହିତାଧିକାରୀ ପାଇପାରୁ ନ ଥିବା ଦେଖାଯାଉଛି। କେତେକ ସ୍ଥାନରେ ଲୋକ ପ୍ରତିନିଧି ଘର ଯୋଗାଇ ଦେବେ କହି ଗରିବ ଲୋକଙ୍କଠାରୁ ଟଙ୍କା ଖାଉଥିବା ବେଳେ ଆଉ କେତେକ ସ୍ଥାନରେ ଘର ଖଣ୍ଡେ ପାଇଁ ହିତାଧିକାରୀ ବାରମ୍ବାର ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଦୌଡ଼ି ହତାଶ ହେଉଛନ୍ତି। ଏଭଳି ଅଭିଯୋଗ ଆସିଛି ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳରୁ।

ସ୍ଥାନୀୟ ସରପଞ୍ଚ ଘର ଦେବେ କହି୨୨ ହଜାର ଟଙ୍କା ନେଇଥିବା ନେଇ କଲଣ ପଞ୍ଚାୟତ ଅଧୀନ ପାଇକରାପୁର ଗ୍ରାମର ସ୍ୱର୍ଗତ ନକୁଳ ସାହୁଙ୍କ ସ୍ତ୍ରୀ ବାସନ୍ତୀ (ହିତାଧିକାରୀ) କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୦୧୮–୧୯ ଆର୍ଥିକ ବର୍ଷରେ ନକୁଳ ସାହୁଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର (କାର୍ଯ୍ୟାଦେଶ ନଂ.–୧୧୬୮) ମିଳିଥିଲା। ଏ ନେଇ ତାଙ୍କ ବ୍ୟାଙ୍କ ଜମାଖାତାକୁ ଅଗ୍ରିମ ୨୨ହଜାର ଟଙ୍କା ଆସିଥିଲା। ଘର କାର୍ଯ୍ୟ ଆରମ୍ଭ ହେବାର କିଛିଦିନ ପରେ ନକୁଳଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଘର କାମ ଆଗକୁ ବଢ଼ାଇବା ବାସନ୍ତୀଙ୍କ ପକ୍ଷେ ସମ୍ଭବ ହେଉ ନ ଥିବା ବେଳେ ସ୍ଥାନୀୟ ସରପଞ୍ଚ ସଙ୍ଗିତାରଣୀ ସାହୁ ଓ ତାଙ୍କ ସ୍ୱାମୀ ଧୀରେନ୍ଦ୍ର କୁମାର ବାସନ୍ତୀଙ୍କ ଘରେ ପହଞ୍ଚି ପୂର୍ବରୁ ମିଳିଥିବା ୨୨ହଜାର ଟଙ୍କା ଫେରସ୍ତ କରିଦେଲେ, ନୂତନ ଘର ପାଇଁ କାର୍ଯ୍ୟାଦେଶ ମିଳିବା ସହ ଦୁଇଗୁଣ ଅର୍ଥ ମିଳିବ ବୋଲି କହିଥିଲେ। ତେବେ ତାଙ୍କ କଥାରେ ବିଶ୍ୱାସ କରି ବାସନ୍ତୀ ସରପଞ୍ଚଙ୍କ ସ୍ୱାମୀଙ୍କୁ ଜମାଖାତରୁ



ଅଭିଯୋଗକାରୀ ବାସନ୍ତୀ।

ଉଠାଇ ୨୨ହଜାର ଟଙ୍କା ଦେଇଥିଲେ। ଇତିମଧ୍ୟରେ ଘଟଣାକୁ ୨ ବର୍ଷ ପୂରିବାକୁ ବସିଥିବା ବେଳେ ସରପଞ୍ଚ ନୂଆ ଘର ଯୋଗାଇ ଦେଉନାହାନ୍ତି କି ନେଇଥିବା ଟଙ୍କା ବି ଫେରାଉ ନାହାନ୍ତି। ଏହାଛଡ଼ା ସରପଞ୍ଚ ନେଇଥିବା ଟଙ୍କା ବ୍ଲକରେ ଜମା ଦେଇଥିବା ସେ ଜାଣିବାକୁ ପାଇଛନ୍ତି ବୋଲି ବାସନ୍ତୀ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ସରପଞ୍ଚ ସାହୁଙ୍କୁ ପଚାରିବାରେ, ସମ୍ପୃକ୍ତ ହିତାଧିକାରୀ ତାଙ୍କ କଥା ନ ମାନି ଘର କାର୍ଯ୍ୟ ଶେଷ କରିଦେବାରୁ ତାଙ୍କୁ ନୂତନ ଘର ମିଳିବା ସମ୍ଭବ ନୁହେଁ। ଅନ୍ୟପଟେ ତାଙ୍କୁ ଟଙ୍କା ଫେରାଇବା କଥା କହିଲେ, ସେ ଘର ଦରକାର ବୋଲି କହୁଥିବା ସରପଞ୍ଚ କହିଛନ୍ତି। ବାସନ୍ତୀଙ୍କୁ ନ୍ୟାୟ ଦେବାକୁ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ଓ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ାଙ୍କ ସହ କଥା ହୋଇଥିବା କହିଛନ୍ତି।

## ସଂକ୍ଷେପରେ

### ବରିପଦା ପଞ୍ଚାୟତ ୨ ଦିନିଆ ଶଟ୍‌ଡାଉନ

ବାହାନଗା, ୭।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକର ବରିପଦା ପଞ୍ଚାୟତକୁ ସରପଞ୍ଚ ୨ ଦିନିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବରିପଦା ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଜଣେ ଦିଲ୍ଲୀ ଫେରନ୍ତା ସଂଗରୋଧ କେନ୍ଦ୍ରରେ ଥିବା ବେଳେ ତାଙ୍କଠାରେ ଲକ୍ଷଣ ଦେଖାଦେବାରୁ ସ୍ୱାବ ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ସ୍ୱାବ ରିପୋର୍ଟ ଶନିବାର ପଜିଟିଭ ଆସିଛି। ଫଳରେ ସଂଗରୋଧ କେନ୍ଦ୍ରରେ ତାଙ୍କ ସହ ଗୋଟିଏ ରୁମ୍‌ରେ ଥିବା ଅନ୍ୟ ଯୁବକମାନଙ୍କ ସ୍ୱାବ ପରୀକ୍ଷା କରାଯାଇନାହିଁ। ଫଳରେ ୭ଦିନ ରହିଥିବା ସଂଗରୋଧ କେନ୍ଦ୍ରର ଯୁବକମାନେ ଘରକୁ ନ ଯାଇ ସେହି ସଂଗରୋଧ କେନ୍ଦ୍ରରେ ରହୁଛନ୍ତି। ସେମାନଙ୍କ ସ୍ୱାବ ପରୀକ୍ଷା କରାଯିବା ଲାଗି ଦାବି କରାଯାଇଛି। ମାତ୍ର ସଂଗରୋଧ କେନ୍ଦ୍ରରେ ଥିବା ଯୁବକମାନଙ୍କର କୌଣସି ଲକ୍ଷଣ ଦେଖାଯାଉ ନ ଥିବାରୁ ସେମାନଙ୍କର କୌଣସି ପରୀକ୍ଷା କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯିବାରୁ ବରିପଦା ପଞ୍ଚାୟତର ଜିଲାପାଳ କ୍ଷମତାପ୍ରାପ୍ତ ସରପଞ୍ଚ ନିବେଦିତା ନାୟକ ୨ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେ ଏ ସମ୍ପର୍କରେ ଜିଲାପାଳ, ବିଡିଓ, ବାହାନଗା ତହସିଲଦାରଙ୍କ ସମେତ ଖନ୍ତାପଡା ଥାନାଧିକାରୀଙ୍କୁ ଜଣାଇଛନ୍ତି। ତେବେ ସରକାରୀ ଲକ୍‌ଡାଉନ୍ ଶନିବାର ଓ ରବିବାର ଦୁଇଦିନ ଥିବାରୁ ସୋମବାର ପୂର୍ବାହ୍ନ ୧୦ଟାଠାରୁ ବୁଧବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ମୋଟ୍ ୪୮ଘଣ୍ଟା ପଞ୍ଚାୟତକୁ ଶଟଡାଉନ୍ ଘୋଷଣା କରାଯାଇଛି।

### ଖଣ୍ଡାଧାରରେ ବୁଡ଼ି ଯୁବକଙ୍କ ଜୀବନ ଗଲା

କେନ୍ଦୁଝର,୭।୬(ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ଖଣ୍ଡାଧାର ଜଳ ପ୍ରପାତରେ ବୁଡ଼ି ରବିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସୌରଭ ମିଶ୍ର। ତାଙ୍କ ଘର କେନ୍ଦୁଝର ଟାଉନ ଥାନା ଚର୍ଚ୍ଚ ଛକ ଅଞ୍ଚଳରେ। କେତେଜଣ ସାଙ୍ଗଙ୍କ ସହିତ ପୂର୍ବାହ୍ନରେ ସେ ଖଣ୍ଡାଧାର ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଦମକଳ ବାହିନୀ ପହଞ୍ଚି ଉଦ୍ଧାର କରିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିଲା। ନୟାକଟ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

### କେନ୍ଦୁଝରରେ ଆଉ ଜଣେ ପଜିଟିଭ୍

କେନ୍ଦୁଝର, ୭।୬( ସ୍ୱ.ପ୍ର./ଡି.ଏନ୍.ଏ.): କେନ୍ଦୁଝର ଜିଲାରେ ରବିବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସମୁଦାୟ ରୋଗୀଙ୍କ ସଂଖ୍ୟା ୩୩ରେ ପହଞ୍ଚିଛି। ସେ ମହାରାଷ୍ଟ୍ରରୁ ଫେରି ଘଟଗାଁ ବ୍ଲକର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ସୂଚନା ମିଳିଛି। ସେମାନେଙ୍କ ମଧ୍ୟରୁ ୧୮ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୫ଜଣ ବିଭିନ୍ନ କୋଭିଡ ୧୯ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

### ବଜ୍ରପାତରେ ମହିଳାଙ୍କ ଜୀବନ ଗଲା

ଭଦ୍ରକ ଅଫିସ, ୭।୬: ଭଦ୍ରକ ବ୍ଲକ ଗେଲଟୁଆ ବଇଁଚସାହିର ପ୍ରାଣକୃଷ୍ଣ ଜେନାଙ୍କ ପତ୍ନୀ ବୀଣାପାଣିଙ୍କ ରବିବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତ ମହିଳା ସେ ଘର ସମ୍ମୁଖ ନଳକୂଅରୁ ପାଣି ଆଣୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ବୀଣାପାଣିଙ୍କ ମୁଣ୍ଡ ଚୁଟି ପୋଡ଼ି ଯାଇଥିଲା ଓ ତାଙ୍କ ଶରୀର କଳା ପଡ଼ିଯାଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

### ଚିକିତ୍ସାଧୀନ ଶିଶୁର ମୃତ୍ୟୁ

କେନ୍ଦୁଝର,୭।୬ (ସ୍ୱ.ପ୍ର.): କେନ୍ଦୁଝର ସଦର ବ୍ଲକ ଶଙ୍କିରୀ ପଞ୍ଚାୟତ ପୋଟଳ ଗ୍ରାମ ନିକଟ ଇଉକାଲିପଟାଶ ଜଙ୍ଗଲରୁ ଶନିବାର ଉଦ୍ଧାର ହୋଇଥିବା ଶିଶୁପୁତ୍ରର ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସକାଳେ ସ୍ଥାନୀୟ ଲୋକେ ଶିଶୁର କାନ୍ଦ ଶୁଣିବାକୁ ପାଇ ସେଠାରୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ ଭର୍ତ୍ତିକରିଥିଲେ। ରାତି ସାରା ଖୋଲା ଆକାଶ ତଳେ ପଡ଼ି ରହିଥିବାରୁ ଶିଶୁର ମୁଣ୍ଡ ଏବଂ କାନରେ ପିମ୍ପୁଡ଼ି ପଶିଯାଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ଚାଲିଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି।

# ‘କାନ୍ତକବିଙ୍କ ପାଇଁ ଆମେ ଗର୍ବିତ’

- ବନ୍ଦେ ଉତ୍କଳ ଜନନୀକୁ ମିଳିଲା ରାଜ୍ୟ ସଙ୍ଗୀତ ମାନ୍ୟତା
- ଭଦ୍ରକବାସୀଙ୍କ ସ୍ୱାଗତ

ଭଦ୍ରକ ଅଫିସ, ୭।୬

ଭଦ୍ରକ ଜିଲାବାସୀଙ୍କ ଦୀର୍ଘଦିନର ଦାବି ରବିବାର ରାଜ୍ୟ ସରକାର ଶୁଣିଛନ୍ତି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିଛି। ଏନେଇ ଭଦ୍ରକର ସବୁଠି ଆନନ୍ଦର ଲହରି। ଜିଲାବାସୀ ବେଶ୍ ଖୁସିବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଣିକି ବିଧାନସଭା ଠାରୁ ଆରମ୍ଭ କରି ସମସ୍ତ ସରକାରୀ କାର୍ଯ୍ୟକ୍ରମ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଏହା ଗାନ କରାଯିବ। ପୋଲିସ ବ୍ୟାଣ୍ଡ, ବଂଶୀ, ସିତାର, ବାଦ୍ୟଯନ୍ତ୍ରରେ ପରିବେଷଣ କରାଯିବ। ସ୍କୁଲ, କଲେଜ ପାଠ୍ୟକ୍ରମରେ ଏହି ସଙ୍ଗୀତକୁ ସ୍ଥାନିତ କରାଯିବ। ଏହା ଗର୍ବର କଥା ବୋଲି ବିଭିନ୍ନ ବର୍ଗର ଜନସାଧାରଣ ମତବ୍ୟକ୍ତ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ନେଇ ଭଦ୍ରକ ମାଟି ଆଜି ଗର୍ବ ଅନୁଭବ କରୁଛି। କାନ୍ତକବିଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ ପ୍ରତିଟି ଭଦ୍ରକ ଜିଲାବାସୀ ଓ ଓଡ଼ିଶାବାସୀଙ୍କ ଭାବାବେଗ ସହ ଜଡ଼ିତ ଥିଲା। ଏଣୁ ଏହାକୁ ସମ୍ମାନ ଜଣାଇ ଜିଲାବାସୀଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଏହି ପଦକ୍ଷେପ ନେଇଛନ୍ତି। କାନ୍ତକବି ଜଣେ ଅସାଧାରଣ ପ୍ରତିଭା। ପର୍ଯ୍ୟାୟକ୍ରମେ କାନ୍ତକବିଙ୍କ ସ୍ମରଣାର୍ଥେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେବେ।
**ସଞ୍ଜୀବ କୁମାର ମଲ୍ଲିକ, ବିଧାୟକ, ଭଦ୍ରକ**



ଉତ୍କଳ ସମ୍ମିଳନୀର ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ରାଜ୍ୟର ଅଗଣିତ ଜନତାଙ୍କ ଗର୍ବର ପ୍ରତୀକ। ଓଡ଼ିଆ ଜାତିର ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏହାକୁ ରାଜ୍ୟ ସଙ୍ଗୀତର ସ୍ୱୀକୃତି ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ।
**ଝରଣା ପଟ୍ଟନାୟକ, ସଭାପତି, ଜିଲା ଉତ୍କଳ ସମ୍ମିଳନୀ**



ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଶୁଣି ବହୁତ ଖୁସି ଲାଗିଲା। ଏହା କାନ୍ତକବିଙ୍କୁ ମରଣୋତ୍ତର ସମ୍ମାନ ଭଳି। କାନ୍ତକବିଙ୍କ ନାଁରେ ଜିଲାରେ କୌଣସି ସ୍ମୃତିସ୍ତମ୍ଭ, ସଂଗ୍ରହାଳୟ, ପାଠାଗାର, କଲେଜର ନାମକରଣ କରାଗଲେ ପରବର୍ତ୍ତୀ ପିଢ଼ି ତାଙ୍କୁ ମନେରଖିବ।
**ମୀରା ଦେବୀ, କାନ୍ତକବିଙ୍କ ପୁତ୍ରବଧୂ ତଥା ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କ ଧର୍ମପତ୍ନୀ**



ଏହି ଦାବି ଦୀର୍ଘଦିନର। ବିଳମ୍ବ ହେଉ ପଛେ ଜିଲାବାସୀଙ୍କୁ ଏହା ଏକ ଉପହାର। ଜନ୍ମ ମାଟିରେ କାନ୍ତକବିଙ୍କୁ ଅବହେଳିତ କରାଯାଉଥିଲା। ଦୁଇବର୍ଷ ଧରି ତାଙ୍କ ପ୍ରତିମୂର୍ତ୍ତି ଗାଏବ କରିଦିଆଯାଇଥିଲା। ଦାବିପତ୍ର ଓ ଧାରଣା ଦେବା ପରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଅଦ୍ୟାବଧି ସ୍ଥାପନ ହୋଇ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପ୍ରତିଟି ଭଦ୍ରକବାସୀ ଖୁସିବ୍ୟକ୍ତ କରିଛନ୍ତି।
**ଅଜୟ ନାୟକ, ସଭାପତି, ତ୍ୟାଗଭୂମି ମହୋତ୍ସବ**

## କାନ୍ତସାହିତ୍ୟ ପରିଷଦ ତରଫରୁ କୃତଜ୍ଞତା

ଧାମନଗର, ୭।୬(ଡି.ଏନ.ଏ.)

ଧାମନଗର ବ୍ଲକର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଧାମନଗର କାନ୍ତସାହିତ୍ୟ ପରିଷଦ ତରଫରୁ କାନ୍ତ କବିଙ୍କ ରଚୟିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ରାଜ୍ୟସଙ୍ଗୀତ ମାନ୍ୟତା ମିଳିଥିବାରୁ ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜଣାଯାଇଛି। ଧାମନଗରରେ ୧୯୬୬ ମସିହାରେ ପ୍ରତିଷ୍ଠିତ କାନ୍ତ ସାହିତ୍ୟ ପରିଷଦ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ମାନ୍ୟତା ମିଳୁ ନ ଥିବା, ବିକୃତ ସ୍ୱରରେ ଗାନ କରାଯାଉଥିବା, ସମୟ ନିର୍ଘଣ୍ଟ ନେଇ ପୂର୍ବରୁ ପରିଷଦ ବାରମ୍ବାର ରାଜ୍ୟ ସ୍ତରରେ ଲଢାଇ ଜାରି ରଖିଥିଲା। ରବିବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିବା ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଉପଯୁକ୍ତ ସମ୍ମାନ ମିଳିଥିବା ନେଇ କାନ୍ତପରିଷଦର ସଭାପତି ରସାନନ୍ଦ ମହାପାତ୍ର , ସମ୍ପାଦକ ଶଶିକାନ୍ତ ପଣ୍ଡା, ସହସମ୍ପାଦକ ପ୍ରଦୀପ ମହାପାତ୍ର ଓ କୋଷାଧ୍ୟକ୍ଷ ହେମେନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ କୃତଜ୍ଞତା ଜଣାଇଛନ୍ତି।

## କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା




ଯୋଡ଼ା, ୭।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ କାର୍ଯ୍ୟାଳୟରେ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀର ମୁକାବିଲା କରୁଥିବା ସଫେଇ କର୍ମଚାରୀଙ୍କୁ ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ପକ୍ଷରୁ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୋଡା ପୌରପାଳିକା ଅଧୀନରେ କାର୍ଯ୍ୟରତ ପ୍ରାୟ ୪୫ ଜଣ ସଫେଇ କର୍ମଚାରୀ ଓ ୧୩ଜଣ ପୌର କର୍ମଚାରୀଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଯୋଡା ଫେରୋ ଆଲଏଜ ପ୍ଲାଣ୍ଟର ମୁଖ୍ୟ ଗଣେଶ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୋଡା ପୌରନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ ଉପସ୍ଥିତ ଥିଲେ।



ଭଦ୍ରକରେ ଫସି ରହିଥିବା ଦିଲ୍ଲୀର ଶ୍ରମିକମାନେ।

## ଉକୁଣି ମରା ଔଷଧ ଖାଇ ଯୁବତୀଙ୍କ ଆତ୍ମହତ୍ୟା

ଧାମନଗର/ଦୋବଲ, ୭।୬(ଡି.ଏନ୍.ଏ.)

ଧାମନଗର ବ୍ଲକ ଦୋବଲ ମୁସ୍ତାଫାପୁର ଗ୍ରାମର ଜଣେ ଯୁବତୀ ଉକୁଣିମରା ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି। ୨୨ ବର୍ଷୀୟ ଏହି ଯୁବତୀ ଜଣକ ଘରୋଇ କଳିକୁ ନେଇ ଉକୁଣି ମରା ଔଷଧ ଖାଇ ନିଜ ଗୁହାଳେ ଲୁଚି ବସିଥିଲେ। ବହୁ ଖୋଜାଖୋଜି ପରେ ପରିବାର ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧାମନଗର ଏବଂ ପରେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସ୍ତ୍ରୀଙ୍କୁ ହତ୍ୟା ଘଟଣାରେ ସ୍ୱାମୀ ଗିରଫ

ଯୋଡ଼ା, ୭।୬(ଡି.ଏନ.ଏ.)

ଯୋଡାରେ ହୋଇଥିବା ବଧୂହତ୍ୟା ଘଟଣାରେ ପୋଲିସ ମୃତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ମାନସ ରଞ୍ଜନ ସାହୁ। ସୂଚନାନୁଯାୟୀ, ମାନସଙ୍କ ସ୍ତ୍ରୀ ଶୀବାନୀଙ୍କର ମୃତଦେହ ଯୋଡା ପୋଲିସ ମେ’ ୨୯ ତାରିଖ ସକାଳେ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲା। ଶୀବାନୀଙ୍କ ବାପ ଘର ପକ୍ଷରୁ ଏନେଇ ଯୌତୁକ ଜନିତ ହତ୍ୟା ଅଭିଯୋଗ କରାଯାଇଥିଲା। ପୋଲିସ ଏତାଲାକୁ ଭିତ୍ତି କରି ତଦନ୍ତ ଜାରି ରଖିଥିଲା। ଶନିବାର ଏହି ଘଟଣାରେ ସମ୍ପୃକ୍ତି ଥିବା ପ୍ରମାଣ ପାଇବା ପରେ ପୋଲିସ ମାନସ ରଞ୍ଜନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।

## ବାହାର ରାଜ୍ୟର ଶ୍ରମିକଙ୍କୁ ପଠାଇଲେ ବିଧାୟକ

ଭଦ୍ରକ ଅଫିସ, ୭।୬

ଭଦ୍ରକରେ ଫସିରହିଥିବା ବାହାର ରାଜ୍ୟର ଶ୍ରମିକଙ୍କ ମୁହଁରେ ହସ ଫୁଟାଇଲେ ଭଦ୍ରକ ବିଧାୟକ ତଥା ମୋ ପରିବାରର ସଦସ୍ୟ ସଞ୍ଜୀବ କୁମାର ମଲ୍ଲିକ। କରୋନା ପାଇଁ ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ହେବ ସାରା ଦେଶରେ ଜାରି ଲକ୍‌ଡାଉନ କଟକଣା ହୋଇଛି। ଏହି କଟକଣା ଯୋଗୁ ଜିଲାରେ କାମ କରୁଥିବା ବାହାର ରାଜ୍ୟର ଶ୍ରମିକମାନେ ଭଦ୍ରକରେ ଫସି ରହିଥିଲେ। ଦିଲ୍ଲୀର ୯୨ଶ୍ରମିକ ପରିବାର ନିଜ ରାଜ୍ୟକୁ ଯାଇ ନ ପାରି ଚରମ୍ପାରେ ରହିଯାଇଥିଲେ। ଦୋକାନ ବଜାର ବନ୍ଦ ହେବା ଯୋଗୁ ଖାଇବାକୁ ନ ପାଇ ନିଜ ପରିବାର ସହ ବହୁ ଦୁଃଖରେ ରହୁଥିଲେ। ଏପରିସ୍ଥଳେ ଭଦ୍ରକ ବିଧାୟକ ସେମାନଙ୍କ ଖାଇବା, ପିଇବା ସହ ଚରମ୍ପା ବାଳିକା ଉଚ୍ଚ ବିଦ୍ୟାଳୟରେ ରହିବା ବ୍ୟବସ୍ଥା କରିଥିଲେ। କିନ୍ତୁ ଏମାନେ ନିଜ ରାଜ୍ୟକୁ କିପରି ଫେରିବେ ସେନେଇ ଭଦ୍ରକ ବିଧାୟକ ମଲ୍ଲିକ ମୋ ପରିବାର ତରଫରୁ ସେମାନଙ୍କ ଟ୍ରେନ ଟିକେଟ କାଟିବା ସହ ରବିବାର ନିଜ ରାଜ୍ୟକୁ ଫେରିବା ପାଇଁ ବନ୍ଦୋବସ୍ତ କରାଇଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିବା ସହ ଖୁସିରେ ଭାବବିହ୍ୱଳ ହୋଇ ନିଜ ରାଜ୍ୟକୁ ଫେରିଥିଲେ।

## ଜୟରାମ ସଭାପତି, ମନୋଜ ସମ୍ପାଦକ

ବାଲେଶ୍ୱର ଅଫିସ, ୭।୬

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଚିଠି (ନଂ. ୪୧୭୭/୨୦) ଅନୁଯାୟୀ ବାଲେଶ୍ୱର ଓକିଲ ସଂଘର ମଧ୍ୟବର୍ତ୍ତିକାଳୀନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସାରା ରାଜ୍ୟରେ ଓକିଲ ସଂଘର ନିର୍ବାଚନ ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ପୂର୍ବରୁ ଗତ ମାର୍ଚ୍ଚ ୨୮ ଓ ଏପ୍ରିଲ ୨୫ ଦୁଇଟି ତାରିଖ ଧାର୍ଯ୍ୟ କରିଥିଲେ। ମହାମାରୀ କରୋନା ଲାଗି ଲକ୍‌ଡାଉନ ଯୋଗୁ ନିର୍ଦ୍ଧାରିତ ତାରିଖରେ ନିର୍ବାଚନ କରିବା ସମ୍ଭବ ହୋଇ ନ ଥିଲା। ଏଣୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତାଙ୍କର ଚିଠିରେ ବାଲେଶ୍ୱର ଓକିଲ ସଂଘରେ ଥିବା ପୂର୍ବକମିଟିକୁ ଅଚଳ ଓ ଖାରଜ କରିଦେବା ସହ ୯ଜଣିଆ ସଦସ୍ୟବିଶିଷ୍ଟ ଏକ ମଧ୍ୟବର୍ତ୍ତିକାଳୀନ କମିଟି ଗଠନ କରି ପ୍ରଥମ ବୈଠକରେ ଏହାର ସମ୍ପାଦକ ଚୟନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

ଏହି ମଧ୍ୟବର୍ତ୍ତିକାଳୀନ କମିଟିରେ ବରିଷ୍ଠ ଆଇନଜୀବୀ ଜୟରାମ ଜେନା ସଭାପତି ଥିବା ବେଳେ ବିପ୍ଳବକେଶରୀ ଦେଓ, ପ୍ରଦୀପ କୁମାର କର, ରବୀନ ଚନ୍ଦ୍ର ଦାସ, କିଶୋର ଦାସ ମହାପାତ୍ର, ହରେକୃଷ୍ଣ ଦାଶ, ରାଧାକାନ୍ତ ମହାପାତ୍ର, ମନୋଜ ନାୟକ, ଦେବୀ ପ୍ରସାଦ ମହାପାତ୍ର ପ୍ରମୁଖ ୯ଜଣ ସଦସ୍ୟ ରହିଥିଲେ। ନିର୍ଦ୍ଦେଶନାମା ଅନୁଯାୟୀ ବୈଠକରେ ଆଇନଜୀବୀ ମନୋଜ ନାୟକଙ୍କୁ ସର୍ବସମ୍ମତିକ୍ରମେ ସମ୍ପାଦକ ଭାବେ ଚୟନ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ଆଇନଜୀବୀ ପରିଷଦ, ସିଭିଲ କୋର୍ଟ ରେଜିଷ୍ଟ୍ରାର, ବାଲେଶ୍ୱର ଜିଲା ଦୌରାଜଜ୍, ନିର୍ବାଚନ ଅଧିକାରୀ ଆଇନଜୀବୀ ସଂଘ ପ୍ରମୁଖଙ୍କୁ ଜଣାଇ ଦିଆଯାଇଛି। ନବନିଯୁକ୍ତ କର୍ମକର୍ତ୍ତାମାନେ ବାଲେଶ୍ୱର ଓକିଲ ସଂଘର ବିକାଶ ପାଇଁ କାମ କରିବେ ବୋଲି ପ୍ରକାଶ କରିଥିଲେ। ଆଇନଜୀବୀ ନିରଞ୍ଜନ ପ୍ରଧାନ, ଅଭିଜିତ୍ ପଣ୍ଡା, ଦୀପ୍ତିକାନ୍ତ ମିଶ୍ର, କେଶବ ଆଚାର୍ଯ୍ୟ, ଦୁର୍ଗା ଦାଶ, ନିର୍ମଳ ନାୟକ, ଗୋପାଳ ଶତପଥୀ, ଜୟନାରାୟଣ ପଣ୍ଡା, ଜିତେନ୍ଦ୍ର ରାଉତ, ଶିବ ପାଣ୍ଡେ, ଗୌତମ ଦାସ, ସୁଧାରଞ୍ଜନ ବିଶ୍ୱାଳ, ଚନ୍ଦ୍ରକାନ୍ତ ଜେନା, ମାନଗୋବିନ୍ଦ ସେଠୀ, ସୁବ୍ରତ ବେହେରା, ହରିନାରାୟଣ ନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ମଧ୍ୟବର୍ତ୍ତିକାଳୀନ କମିଟିର ବୈଠକରେ କର୍ମକର୍ତ୍ତା।

**ବାଲେଶ୍ୱର ଓକିଲ ସଂଘ**

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ସଜନାଗଡ଼, ୭।୬(ଡି.ଏନ.ଏ.)

ନୀଳଗିରି ଅଞ୍ଚଳରେ ରବିବାର ପୁଣି ଏକ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ଅଧୀନ ପ୍ରତାପପୁର ଗ୍ରାମର ମଙ୍ଗୁଳିଆ ସିଂଙ୍କ ସ୍ତ୍ରୀ ସମ୍ବାରି (୪୫) ରବିବାର ପୂର୍ବାହ୍ନରେ ନିଜ ବାଡ଼ିକୁ ଶୌଚ ପାଇଁ ଯାଇଥିଲେ। ଶୌଚ ସାରି ଘରକୁ ଫେରୁଥିବା ବେଳେ ସାମ୍ନା ପଟୁ ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ସମ୍ବାରି ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଓ ପଡ଼ୋଶୀ ପହଞ୍ଚିଥିଲେ। ଫଳରେ ଭାଲୁଟି ଜଙ୍ଗଲ ଆଡକୁ ପଳାଇଯାଇଥିଲା। ଭାଲୁ ଆକ୍ରମଣରେ ସମ୍ବାରିଙ୍କ ଜଙ୍ଘରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହେଉଥିଲା। ସମ୍ବାରିଙ୍କୁ ପରିବାର ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆଣି ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଶୁକ୍ରବାର ନୀଳଗିରି ଥାନା ଅଧୀନ ବାଉଁଶବଣିଆ ଓ ଟଣକା ଗ୍ରାମରେ ଦୁଇଟି ଭାଲୁ ଆକ୍ରମଣରେ ୬ଜଣ ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ।

## ଦୁର୍ଘଟଣା: ଚାଳକ ଗୁରୁତର

ସିମୁଳିଆ, ୭।୬(ଡି.ଏନ.ଏ.)

ସିମୁଳିଆ ଥାନାଠାରୁ ଶହେ ମିଟର ଦୂର ୧୬ନଂ. ଏନ୍‌ଏଚ୍‌ର ମାର୍କୋଣା ବଜାରସାହି ନିକଟରେ ରବିବାର ଅପରାହ୍ନରେ ଦୁଇ ଟ୍ରକ ମଧ୍ୟରେ ଧକ୍କା ହୋଇ ଜଣେ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଉକ୍ତ ଚାଳକଙ୍କୁ ଉଦ୍ଧାର କରାଯାଇ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କଲିକତାରୁ ଛତିଆ ଅଭିମୁଖେ ଯାଉଥିବା ଏକ ଟ୍ରକ ତେଲେଙ୍ଗାନା ଅଭିମୁଖେ ଯାଉଥିବା ମକା ବୋଝେଇ ଅନ୍ୟ ଏକ ଟ୍ରକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମକା ବୋଝେଇ ଟ୍ରକର ଚାଳକ ଚାପି ହୋଇଯାଇଥିଲେ।

# ଖରାଦିନରେ ବି ଆଣ୍ଠୁଏ ପାଣି

ଆରଡି, ୭।୬(ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ମହାଳିକସାହି ଗାଁ ଦାଣ୍ଡରେ ଏବେ ଆଣ୍ଠୁଏ ପାଣି ଜମି ରହିଛି। ଦାଣ୍ଡ ଚାରିପଟେ ଥିବା ସ୍ଥାନକୁ ଲୋକେ ପୋତିଦେବାରୁ ଏପରି ଅବସ୍ଥା ଉପୁଜିଛି। ମାସମାସ ଧରି ପାଣି ଜମି ରହିବା ଗ୍ରାମବାସୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏ ସଂକ୍ରାନ୍ତରେ ସେମାନେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଅବଗତ କରିଥିଲେ ବି କୌଣସି ସୁଫଳ ମିଳିନି। ଫଳରେ ଗ୍ରାମବାସୀ ଏବେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ସୂଚନାନୁସାରେ ସୁନ୍ଦରପୁର ମହାଳିକସାହିରେ ପ୍ରାୟ ୬୦ ପରିବାର ବାସ କରନ୍ତି। ତନ୍ମଧ୍ୟରୁ ୪୦ ପରିବାର ଏହି ଗାଁ ଦାଣ୍ଡଦେଇ ଯିବା ଆସିବା କରିଥାନ୍ତି। ସେହି ଦାଣ୍ଡର ଦକ୍ଷିଣ ପାର୍ଶ୍ୱରେ ସରକାରୀ ଜାଗା ରହିଛି। ସେହି ଜାଗା ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଚଳିତ ବର୍ଷ ସେଠାରେ କେତେଜଣ ବ୍ୟକ୍ତି ମାଟି ପକାଇ ଦେବାରୁ ପାଣି ଜମି ରହୁଛି। ଏହି ପାଣି ନିଷ୍କାସନ ନ ହେବାରୁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖରାଦିନେ ମଧ୍ୟ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ଜମି ରହିଛି। ଆଗକୁ ବର୍ଷାଦିନ ଆସୁଛି। ଯଦି ଏଠାରୁ ଜଳ ନିଷ୍କାସନ ନ ହୁଏ ତେବେ ଗ୍ରାମବାସୀ ମ୍ୟାଲେରିଆ ଭଳି ସଂକ୍ରାମକ ରୋଗର ସମ୍ମୁଖୀନ ହେବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ଭଦ୍ରକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହୁଏ ତେବେ ସେମାନେ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଚାନ୍ଦବାଲି ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ପଚାରିବାରୁ ଜଳ ନିଷ୍କାସନ ପାଇଁ ସରକାରୀ ଜମି ଥିଲେ ତାହାକୁ ବ୍ୟବହାର କରି ସମସ୍ୟାର ସମାଧାନ କରାଯିବ। ଏନେଇ ଆରଡି ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି ବୋଲି ସେ କହିଛନ୍ତି।



ଗାଁ ଦାଣ୍ଡରେ ଜମି ରହିଥିବା ପାଣି।

**ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ**

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ, ୪ଲକ୍ଷ କ୍ଷତିପୂରଣ ଦାବି

ହାଟଡିହୀ/ଆନନ୍ଦପୁର, ୭।୬(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ଗହଳଡାହି ଅଞ୍ଚଳରେ ଜଣେ ନବବିବାହିତା ଆଦିବାସୀ ମହିଳାଙ୍କୁ ସୋସୋ ଥାନା ଭାରପ୍ରାପ୍ତ ଅଧିକାରୀ ଗଗନ ନାୟକ ଓ ବଉଳା ଫାଣ୍ଡି ଅଧିକାରୀ କୀର୍ତ୍ତନ ବିହାରୀ ମହାନ୍ତ ଦୁର୍ବ୍ୟବହାର କରିଥିବା ନେଇ ଗତ ଶୁକ୍ରବାର ଆନନ୍ଦପୁର ଡିଏସ୍‌ପି ବିଦ୍ୟୁତ୍ ପଣ୍ଡାଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ୪୮ ଘଣ୍ଟା ପୂରିସାରିଛି। କିନ୍ତୁ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନାହିଁ। ଶେଷରେ ଏହି ମାମଲା ଏବେ ଏନ୍‌ଏଚ୍‌ଆର୍‌ସିରେ ପହଞ୍ଚିଛି। ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ୭୪୭୨/ଆଇଏନ /୨୦୨୦ ନମ୍ବରରେ ଡାଏରୀ କରି ଗ୍ରହଣ କରିଛନ୍ତି। ଫାଣ୍ଡି ଓ ଥାନା ଅଧିକାରୀଙ୍କ ଦରମାରୁ କାଟି କ୍ଷତିପୂରଣ ବାବଦରେ ସମ୍ପୃକ୍ତ ମହିଳାଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ ସହ ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ଡିଜିପିଙ୍କୁ ନିର୍ଦ୍ଦେଶ ଦିଆଯାଉ ଏବଂ ବଉଳା ଫାଣ୍ଡିର ଜୁନ୍ ୨ ତାରିଖର ସିସିଟିଭି ଫୁଟେଜ ପ୍ରଦାନ ପାଇଁ କେନ୍ଦୁଝର ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ହିମାଂଶୁ ଅଭିଯୋଗରେ ନିବେଦନ କରିଛନ୍ତି।

**ଆଦିବାସୀ ମହିଳାଙ୍କୁ ପୋଲିସର ଦୁର୍ବ୍ୟବହାର ଘଟଣା**

## ସଂକ୍ଷେପରେ

### ଜଣେ ଅନ୍ତେବାସୀଙ୍କ ଆକ୍ରମଣରେ ୨ ଆହତ

#### ଆସିକା ସବ୍‌ଜେଲରେ ଗଣ୍ଡଗୋଳ

ଆସିକା,୭।୬(ଡି.ଏନ୍.ଏ.)- ଆସିକା ସବ୍‌ଜେଲରେ ରବିବାର ଜଣେ ଅନ୍ତେବାସୀଙ୍କ ଆକ୍ରମଣରେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଅନନ୍ତ ପଟ୍ଟନାୟକ ଓ ଏସ୍. ବଳରାମ ରେଡ୍ଡି। ଆହତ ଅନ୍ତେବାସୀଙ୍କ ପକ୍ଷରୁ ଜେଲ ଅଧୀକ୍ଷକଙ୍କ ଜରିଆରେ ଆସିକା ଥାନାରେ ରବିବାର ରାତିରେ ଅଭିଯୋଗ ହୋଇଛି। ପୋଲିସ ନଂ.୩୧୭/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏନେଇ ଜେଲ ଅଧୀକ୍ଷକ ଚିତ୍ତରଞ୍ଜନ ସାହୁ କହିଛନ୍ତି, ଅପରାହ୍ଣ ସାଢେ ୩ଟା ବେଳେ ଅନନ୍ତ ଶୌଚାଳୟକୁ ଯାଉଥିବା ବେଳେ ଅନ୍ୟଜଣେ ଅନ୍ତେବାସୀ ସୁଶିଲ୍ ବେହେରା ତାଙ୍କୁ ଆକ୍ରମଣ କରିଥିଲେ। ବଳରାମ ସେମାନଙ୍କୁ ଛଡାଇବାକୁ ଯାଇ ମଧ ଆହତ ହୋଇଛନ୍ତି। ଉଭୟଙ୍କୁ ଜେଲ୍‌ରେ ଚିକିତ୍ସା କରାଯାଇଛି। ଆସିକା ସବ୍‌ଜେଲର ୫ଟି ସେଲରେ ୧୪୬ ଜଣ ଅନ୍ତେବାସୀ ରହିବା ଲାଗି ବ୍ୟବସ୍ଥା ରହିଥିବାବେଳେ ରବିବାର ଦିନ ଏଠାରେ ୧୬୮ ଜଣ ଥିବା ଅଧୀକ୍ଷକ ସାହୁ ସୂଚନା ଦେଇଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

ଭଞ୍ଜନଗର,୭।୬(ଡି.ଏନ୍.ଏ.)- ଭଞ୍ଜନଗର ପୋଲିସ ଶନିବାର ରାତିରେ ଭେଜିପୁଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୮ ହଜାର ୯୪୦ ଟଙ୍କା ଜବତ କରାଯାଇଛି । ଶଟ୍‌ଡାଉନ ଯୋଗୁ ଲୋକେ ବାହାରକୁ ବାହାରୁନାହାନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ଏକ ଘରେ ଜୁଆ ଆଡ୍ଡା ଚଳାଇଥିଲେ। ଥାନା ଅଧିକାରୀ ସୁଦୀପ୍ତ ସାହୁ ଖବରପାଇ ଚଢାଉ କରିଥିଲେ।

### ଟ୍ରେଲର- କଣ୍ଟେନର ଧକ୍କା, ଚାଳକ ଗୁରୁତର



ଗୋପାଳପୁର,୭।୬- ଗୋଳନ୍ଥରା ଚଟି ନିକଟରେ ରବିବାର ସନ୍ଧ୍ୟାରେ ଏକ ଟ୍ରେଲର ପଛରେ କଣ୍ଟେନର ଧକ୍କା ହେବାରୁ କଣ୍ଟେନରର ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର ଏନ୍. ଆପଲ ନାଇଡୁ। ୧୬ନଂ. ଜାତୀୟ ରାଜପଥରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଟ୍ରେଲର ଗୋଳନ୍ଥରାଚଟି ଏସ୍‌ବିଆଇ ନିକଟରେ ଏକ ଗାଈ ରାସ୍ତା ଉପରକୁ ଚାଲି ଆସିବାରୁ ଚାଳକ ବ୍ରେକ୍ ମାରିଥିଲେ। ପଛପଟୁ ଆସୁଥିବା କଣ୍ଟେନରଟି ଟ୍ରେଲର ପଛରେ ପିଟି ହୋଇଯାଇଥିଲା। ଚାଳକ ଆପଲ ଗାଡ଼ି ଭିତରେ ଚାପି ହୋଇ ରହିଥିବାବେଳେ ଗୋଳନ୍ଥରା ପୋଲିସ ପହଞ୍ଚି ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା।

### ଆଜିଠୁ ସ୍ୱାଭାବିକ ହେବ ଓଏସ୍‌ଆର୍‌ଟିସି ବସ୍ ସେବା

#### ବ୍ରହ୍ମପୁର ରୁଟ ଦେଇ ଚାଲିବ ୨ ବସ୍

ବ୍ରହ୍ମପୁର ଅଫିସ,୭।୬- ରାଜ୍ୟରେ ସୋମବାରରୁ ଓଏସ୍‌ଆରଟିସି ବସ୍ ସେବା ସ୍ୱାଭାବିକ ହେବ। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ରୁଟ ଦେଇ ଦୁଇଟି ବସ୍ ଚଳାଚଳ କରିବାକୁ ଥିବା ଜଣାପଡିଛି। ସେଥିମଧ୍ୟରୁ ଗୋଟିଏ ବ୍ରହ୍ମପୁରରୁ ଭୁବନେଶ୍ୱର ଦେଇ କଟକ ଚଳାଚଳ କରିବାକୁ ଥିବା ବେଳେ ଅନ୍ୟଟି ଭଞ୍ଜନଗରରୁ ବ୍ରହ୍ମପୁର ଭାୟା ରାୟଗଡା ଦେଇ ସୁନାବେଢ଼ାକୁ ଚଳାଚଳ କରିବ। ସେହିପରି ଭଞ୍ଜନଗରରୁ ମଧ ଗୋଟିଏ ବସ୍ ଭୁବନେଶ୍ୱର ଦେଇ କଟକ ଚଳାଚଳ କରିବାକୁ ଥିବା ଓଏସ୍‌ଆରଟିସି ଜିଲା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ଅମାନିଆ ଗଣିଲେ ୪ହଜାର ଡଣ୍ଡ

ବୁଗୁଡ଼ା,୭।୬(ଡି.ଏନ୍.ଏ.)- ବୁଗୁଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳ ୨ ଦିନ ହେଲା ଶଟ୍‌ଡାଉନ ଯୋଗୁ ଜନଶୂନ୍ୟ ହୋଇପଡିଛି। ତଥାପି ବହୁ ଅମାନିଆ ନିୟମ ଭାଙ୍ଗି ଜରିମାନା ଗଣିଛନ୍ତି। ବୁଗୁଡ଼ା ଏନ୍‌ଏସି ପକ୍ଷରୁ ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ କର୍ମଚାରୀ ଏବଂ ପୋଲିସ ପ୍ରଶାସନ ମିଳିତ ଭାବେ ଯାଞ୍ଚ ଅମାନିଆଙ୍କ ଠାରୁ ୧୫୦୦ ଟଙ୍କା ଜରିମାନା ଆଦାୟ କରିଥିବାବେଳେ ତହସିଲଦାର ସଂଗ୍ରାମ କେଶରୀ ଜେନା ମାଣିତରା ଅଞ୍ଚଳରୁ ୨୫୦୦ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡିଛି।

# ପ୍ରଶାସନ ଶୁଣିଲାନି: ପୋଲ ନିର୍ମାଣ କଲେ ଗ୍ରାମବାସୀ

- ନାଳ ପାରି ହୋଇ ଯାଉଥିଲେ ସ୍କୁଲ, ମେଡିକାଲ
- ବର୍ଷାଦିନ ପୂର୍ବରୁ ନିର୍ମାଣ କଲେ କାଠପୋଲ

ବାଲିଗୁଡା,୭।୬.(ଡି.ଏନ.ଏ.)

ନାଳର ଆରପଟେ ରହିଛି ସ୍କୁଲ, ଅଙ୍ଗନୱାଡି, ପଞ୍ଚାୟତ ଗୃହ। ନାଳ ଏପଟେ ରହିଯାଇଛନ୍ତି ଲୋକେ। ଯାତାୟାତ ପାଇଁ ନାଳ ଉପରେ ପୋଲଟିଏ ନାହିଁ। ଖରାଦିନେ ଅଳ୍ପ ପାଣି ଥିବାରୁ ନାଳରେ ପଶି ପାରି ହୋଇଯାଆନ୍ତି ଲୋକେ। ମାତ୍ର ବର୍ଷାଦିନ ଆସିଲେ ଦୁର୍ଦ୍ଦଶା ବଢିଯାଏ। ପୋଲଟିଏ ପାଇଁ ବାରମ୍ବାର ପ୍ରଶାସନଙ୍କୁ ଜଣାଇଲେ ମଧ କେହି ଶୁଣିଲେ ନାହିଁ। ତେଣୁ ଅଞ୍ଚଳବାସୀ ଶ୍ରମଦାନ କରି ନିଜେ ତିଆରି କରିଛନ୍ତି କାଠପୋଲ।

ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ ଲାଞ୍ଜିରମାହା ୱାର୍ଡରେ। ଲେଡିଙ୍ଗିଆ ପଞ୍ଚାୟତ ଲାଞ୍ଜିରମାହା ୱାର୍ଡରେ ବାସକରନ୍ତି ୩୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର। ଯୁଗାମୁଣ୍ଡା ନାଳ ପାରି ହୋଇ ସ୍କୁଲ, ପଞ୍ଚାୟତ, ତହସିଲ ଓ ମେଡିକାଲ ଆଦିକୁ ଯାଇଥାନ୍ତି। ନାଳ ଉପରେ ପୋଲଟିଏ ପାଇଁ ପ୍ରଶାସନକୁ ବାରମ୍ବାର ଅନୁରୋଧ କରି ମଧ କେହି ଶୁଣିଲେ ନାହିଁ। ଆଗକୁ ବର୍ଷାଦିନ ଆସୁଥିବାରୁ ସମସ୍ତ ଗ୍ରାମବାସୀ ଏକଜୁଟ ହୋଇ ଜଙ୍ଗଲରୁ କାଠ ସଂଗ୍ରହ କରି ନାଳ ଉପରେ କାଠପୋଲ ନିର୍ମାଣ କରିଛନ୍ତି। ଗାଁର ପିଲାଠୁ ବଡ଼ ସମସ୍ତେ ଲାଗି ପୋଲ ତିଆରି କରିଛନ୍ତି। ଏନେଇ ବାଲିଗୁଡା ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ଯୋଗାଯୋଗ କରିବାର ଖୁବ୍‌ଶୀଘ୍ର ଏନେଇ ସ୍ଥାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଗ୍ରାମବାସୀ ପୋଲ ନିର୍ମାଣ କରୁଛନ୍ତି।

# ଜାତୀୟସ୍ତରୀୟ ଫିଲ୍ମ ଫେଷ୍ଟିଭାଲରେ 'ଅଭିଳାଷ'

ବ୍ରହ୍ମପୁର ଅଫିସ,୭।୬

ହିଞ୍ଜିଳିକାଟୁର କଳା ଓ ନୃତ୍ୟ ଅନୁଷ୍ଠାନ ନୃତ୍ୟମ୍‌ର ମୁଖ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର 'ଅଭିଳାଷ' ଜାତୀୟସ୍ତରର ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି। କରୋନା ମୁକାବିଲା ନେଇ ଘୋଷିତ ଲାକ୍‌ଡାଉନ୍‌ର ସଚେତନତା ବାର୍ତ୍ତା ଉପରେ ଆଧାରିତ ଏହି କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରଟି ବେଙ୍ଗଲ ଲକ୍‌ଡାଉନ୍ ଅନ୍‌ଲାଇନ୍ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିଲା। ଫେଷ୍ଟିଭାଲରେ ଚଳଚ୍ଚିତ୍ରଟି ଅନ୍‌ଲାଇନ୍ ସ୍କ୍ରିନିଂ ହୋଇଥିଲା। ସେଥିରେ ଏହି ଚଳଚ୍ଚିତ୍ରଟି ଜାତୀୟସ୍ତରୀୟ ଫିଲ୍ମ ଫେଷ୍ଟିଭାଲକୁ ମନୋନୀତ ହୋଇଛି। ଏଥିରେ ନୃତ୍ୟମ୍ ଅନୁଷ୍ଠାନର ଛାତ୍ର ଶିବାଜୀ ଦାସ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ରଞ୍ଜନ କୁମାର ସାହୁ ସହକାରୀ ନିର୍ଦ୍ଦେଶନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ୟାମେରାମ୍ୟାନ ଭାବେ ଟି.ଶ୍ରୀନିବାସ ଦାସଙ୍କ ସମେତ ରବି ସାହୁ, ଗୋପାଳ ମହାନ୍ତି, ସୋମନାଥ ବେହେରା, ପ୍ରଭାତ କୁମାର ମହାରଣା, ଚିମନ ସାହୁ ଓ କେଶବ ମହାରଣା ପ୍ରମୁଖ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଛନ୍ତି। ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ଭାବେ ହିଞ୍ଜିଳିକାଟୁ ଅଞ୍ଚଳରେ ନିର୍ମାଣ କରାଯାଇଥିବା ବେଳେ ଏହା ଜାତୀୟସ୍ତରୀୟ ପୁରସ୍କାର ପାଇବା ନେଇ ନିର୍ଦ୍ଦେଶକ ସାହୁ ଆଶା ପୋଷଣ କରିଛନ୍ତି।




ଫିଲ୍ମର ପୋଷ୍ଟର।

### କରୋନାରେ ଜଣେ ମୃତ, ୧୮୪ଙ୍କ ଚାଲିଛି ଚିକିତ୍ସା

ଛତ୍ରପୁର, ୭।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଅପରପକ୍ଷରେ ଶିତଳାପଲ୍ଲୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ୫୫ ବର୍ଷୀୟ ଜଣେ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ରବିବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେ ଅନ୍ୟାନ୍ୟ ରୋଗରେ ମଧ ପୀଡିତ ଥିଲେ ବୋଲି କୁହାଯାଇଛି। ତାଙ୍କୁ ମିଶାଇ ଗଞ୍ଜାମ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ରବିବାର ଜିଲାରେ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି ଓ କୋଭିଡ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଉଛି। ଅପରପକ୍ଷରେ ୧୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ମଧ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ସୁଦ୍ଧା ୫୯୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୪୧୦ ଜଣ ସୁସ୍ଥ ହୋଇଥିବା ବେଳେ ଏବେ ୧୮୪ ଜଣ କରୋନା ଆକ୍ଟିଭ ଥିବା ସୂଚନା ମିଳିଛି।

### ଅମାନିଆ ଗଣିଲେ ୭,୫୦୦ଟଙ୍କା ଜରିମାନା

ଶେରଗଡ,୭।୬(ଡି.ଏନ.ଏ)

ଶେରଗଡ଼ ବିଡ଼ିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ଼.ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ଥାନାଅଧିକାରୀ ରମେଶ ଚନ୍ଦ୍ର ଦାସ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଅମାନିଆଙ୍କ ଠାରୁ ୭୫୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଅମାନିଆ ଗାଡିଚାଳକ, ବିନା ମାକ୍ସ ଓ ଦୁଇଜଣ ବାଇକରେ ଯାଉଥିବା ବ୍ୟକ୍ତି ମାନଙ୍କ ଠାରୁ ଏହି ଜରିମାନା ଆଦାୟ କରାଯାଇଛି।

### କୋଭିଡ୍ ନିୟମ ଉଲ୍ଲଂଘନ, ଜରିମାନା ଆଦାୟ

ଆସିକା,୭।୬(ଡି.ଏନ୍.ଏ.)

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ରବିବାର ପୋଲିସ ବିଭିନ୍ନ ଛକରେ ଯାଞ୍ଚବେଳେ ଗୋଟିଏ ବାଇକ୍ ଜବତ କରିଛି। ଏହାଛଡା ନିୟମ ଉଲ୍ଲଂଘନ ଅଭିଯୋଗରେ ୨୫ ଶହ ଟଙ୍କା ଜରିମାନା ଆଦାୟ କରଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଗାଁରେ ସ୍ଥିତି ଅନୁଧ୍ୟାନ କଲା ପ୍ରଶାସନ

**ମଣ୍ଡଳ କାରାଗାରରେ ୨ କରୋନା ପଜିଟିଭ୍ ଘଟଣା**

ପାତ୍ରପୁର,୭।୬(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତ ପୋଲରାଜପୁର ଓ ଗୁଣ୍ଡ୍ରା ପଞ୍ଚାୟତ ସାରଥିଚରଣପୁର ଗ୍ରାମରେ ରବିବାର ବ୍ଲକ ପ୍ରଶାସନିକ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ଜିଲାପାଳଙ୍କୁ ରିପୋର୍ଟ ଦେଇଥିବାବେଳେ ତାଙ୍କ ନିର୍ଦ୍ଦେଶ ଆସିଲେ ଗ୍ରାମକୁ ସିଲ୍ କରାଯିବବୋଲି ତହସିଲଦାର ଡା. ଶ୍ରୀନିବାସ ବେହେରା ପ୍ରକାଶ କରିଛନ୍ତି ।ଜରଡ଼ା ଥାନା ପୋଲରାଜପୁର ଗ୍ରାମରେ ଗତ ୨ ତାରିଖରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଥାନାରେ ଏତଲା ପରେ ପୋଲିସ ୨ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। କୋର୍ଟ ଚାଲାଣ ପୂର୍ବରୁ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଥିଲା। ଶନିବାର ରିପୋର୍ଟ ପଜିଟିଭ ଆସିଥିଲା। ରବିବାର ବିଡିଓ ପ୍ରକାଶ ଦାସ, ତହସିଲଦାର ଡ. ଶ୍ରୀନିବାସ ବେହେରା, ବିଇଓ କୁରେଶୁ ସେଠୀ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମ୍ବିଦ ବେଗରାୟ ପ୍ରମୁଖ ପୋଲାରାଜପୁରରେ ପହଞ୍ଚି ସମ୍ପୃକ୍ତ କରୋନା ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କର ରିପୋର୍ଟ ସଂଗ୍ରହ କରି ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଗ୍ରାମକୁ ସିଲ କରାଯିବ ବୋଲି ତହସିଲଦାର ବେହେରା କହିଛନ୍ତି। ସେହିଭଳି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବାବେଳେ ଗୁଣ୍ଡ୍ରା ପଞ୍ଚାୟତ ସାରଥି ଚରଣପୁର ଗ୍ରାମର ଜଣେବ୍ୟକ୍ତି ଅସୁସ୍ଥ ହୋଇ ଚିକିତ୍ସା ପରେ ଘରକୁ ଫେରିଥିଲେ। ସେମାନେ ହୋମ କ୍ୱାରାଣ୍ଟାଇନ୍‌ରେ ଠିକ୍ ଭାବେ ରହୁଛନ୍ତି କି ନାହିଁ ତାର ତଦନ୍ତ କରି ଫେରିଛନ୍ତି।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ସ୍ମାରକପତ୍ର

ଆର.ଉଦୟଗିରି,୭।୬(ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ୧୦ ଜୁଲାଇ ୨୦୧୯ରୁ ଯାଜପୁର ବଡଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିବା ସତ୍ୟବ୍ରତ ଦାସ ଶନିବାର ଆର୍.ଉଦୟଗିରିରେ ବ୍ଲକରେ ପହଞ୍ଚିଥିଲେ। ଅଞ୍ଚଳର ଯୁବକ ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକଙ୍କୁ ଭେଟି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା, ପୋଲାଭରମ୍ ପ୍ରକଳ୍ପ ବନ୍ଦ ଓ ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରବିବାର ନୂଆଗଡ ବିଡିଓଙ୍କୁ ଅନୁପସ୍ଥିତିରେ ଡବ୍ଲ୍ୟୁଇଓ ମନୋଜ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସତ୍ୟବ୍ରତ ୩୩୧ ଦିନ ପଦଯାତ୍ରାରେ ୧୮୭ ବ୍ଲକ ଗସ୍ତ କରିସାରିଲେଣି।



ସ୍ଥାନୀୟ ଯୁବକଙ୍କ ସହ ସତ୍ୟବ୍ରତ ।

# ବନ୍ଦହେଲା ରାଇକିଆ ହାଟ

**ରହୁନି ସାମାଜିକ ଦୂରତ୍ୱ**

ରାଇକିଆ, ୭।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ସାପ୍ତାହିକ ହାଟ ସୋମବାର ବନ୍ଦ ରହିବ। ଏଥିପାଇଁ ପଞ୍ଚାୟତ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ରବିବାର ପ୍ରଚାର କରାଯାଇଛି। ରାଇକିଆ ସାପ୍ତାହିକ ହାଟରେ ପ୍ରବଳ ଭିଡ ହେଉଥିବା ବେଳେ, ଲୋକେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ନିୟମ ମାନୁନାହାନ୍ତି। ଗତ ୧ ତାରିଖରେ ହାଟରେ ପ୍ରବଳ ଭିଡ଼ ଯୋଗୁ ଜିଲା ପ୍ରଶାସନ ତରଫରୁ ଦିନ ଗୋଟାଏ ସୁଦ୍ଧା ଦୋକାନ ବଜାର ବନ୍ଦ ନିର୍ଦ୍ଦେଶ ଥାଇ ମଧ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସୋମବାର ହାଟ ବନ୍ଦ ପାଇଁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ହାଟ ଖୋଲିବ ନାହିଁ। ଏଥିସହ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବା ଓ ବାହାରେ ଛେପ ନ ପକାଇବାକୁ ଅଞ୍ଚଳରେ ପ୍ରଚାର କରାଯାଇଥିଲା।



ହାଟରେ ଲୋକଙ୍କ ଭିଡ ।

### ତାଲା ଭାଙ୍ଗି ଲୁଟ୍ ଉଦ୍ୟମ

ଆସିକା,୭।୬(ଡି.ଏନ୍.ଏ.)

ଆସିକା ସହରରେ ଶନିବାର ରାତିରେ ଏକାଧିକ ସ୍ଥାନରେ ଲୁଟେରା ତାଲା ଭାଙ୍ଗି ଲୁଟ୍ ଉଦ୍ୟମ କରିଛନ୍ତି। କୌଣସି ସ୍ଥାନରେ ସଫଳ ହୋଇ ନ ଥିବାବେଳେ ବାହାରେ ଥିବା ୨ଟି ସାଇକେଲ୍ ଓ କେତେକ ଗ୍ୟାରେଜ ଯନ୍ତ୍ରାଂଶ ଚୋରି କରିଛନ୍ତି। କଳିଙ୍ଗା ରୋଡରେ ୩ଟି ୱାର୍କସପ୍ ଓ ଗ୍ୟାରେଜରୁ ଲୁଟ୍ ଉଦ୍ୟମ ହୋଇଥିବାବେଳେ ଏନ୍‌ଏସି ମାର୍ଗରେ ଲୁଟେରା ଗୋଟିଏ ତେଜରାତି ଦୋକାନର ସିସି ଟିଭି କ୍ୟାମେରା ଭାଙ୍ଗି ନେଇଯାଇଛନ୍ତି। ଦୋକାନ ନିକଟରେ ଥିବା ଏକ ଘର ବାରଣ୍ଡାରୁ ସାଇକେଲ୍ ନେଇ ଯାଇଛନ୍ତି। ଶୁକ୍ରବାର ରାତିରେ ମଧ ଅଶୋକା ସିନେମା ଛକରେ ଥିବା ଏକ ମୋବାଇଲ୍ ଦୋକାନ ତାଲା ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ। ଆସିକା ପୋଲିସକୁ ରବିବାର ବସଷ୍ଟାଣ୍ଡ ନିକଟରୁ ଗୋଟିଏ ସାଇକେଲ୍ ଉଦ୍ଧାର କରି ସନ୍ଦେହରେ ଜଣକୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି।

# ଆଶ୍ରୟସ୍ଥଳୀରୁ ଅନ୍ତେବାସୀ ଫେରାର

**ଆସିଥିଲେ ସଙ୍ଗରୋଧ କକ୍ଷରୁ**

ବ୍ରହ୍ମପୁର ଅଫିସ,୭।୬

ଦିବ୍ୟଜ୍ୟୋତି ମୁକ୍ତ ଆଶ୍ରୟସ୍ଥଳୀରେ ଥିବା ଜଣେ ଅନ୍ତେବାସୀ ଶନିବାର ଅପରାହ୍ଣରେ ଫେରାର ହୋଇ ଯାଇଛନ୍ତି। ଏନେଇ ରବିବାର ବୈଦ୍ୟନାଥପୁର ଥାନାରେ ଦିବ୍ୟ ଜ୍ୟୋତି ମୁକ୍ତ ଆଶ୍ରୟସ୍ଥଳୀରେ ହାଉସ୍ ଫାଦର ଭାବେ ଥିବା ଉମାକାନ୍ତ ପଣ୍ଡା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଅନୁଷ୍ଠାନରେ ଖଞ୍ଜାଯାଇଥିବା ସିସିଟିଭି ଫୁଟେଜ ପୋଲିସ ସଂଗ୍ରହ କରିଛି। ଫେରାର ନାବାଳକ ଜଣଙ୍କ ଢେଙ୍କାନାଳ ଅଞ୍ଚଳର ହୋଇଥିବା ପୋଲିସ ସ୍ପଷ୍ଟ କରିଛି। ସେ କେଉଁ ପରିସ୍ଥିତିରେ ଓ କାହିଁକି ଉକ୍ତ ଅନୁଷ୍ଠାନର ପାଚେରି ଡେଇଁ ଚମ୍ପଟ ମାରିଥିଲେ ପୋଲିସ ସେ ନେଇ ତଦନ୍ତ ଚଳାଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ମେ ମାସରେ ରମ୍ଭା ଅଞ୍ଚଳରୁ ଜଣେ ନାବାଳକଙ୍କୁ ପୋଲିସ ଉଦ୍ଧାର କରି ଗୋଳନ୍ଥରାର ଏକ ସଙ୍ଗରୋଧ କକ୍ଷରେ ରଖିଥିଲା। ସେଠାରୁ ତାଙ୍କୁ ଆଙ୍କୁଲି ଉମାନଗରରେ ଥିବା ଦିବ୍ୟଜ୍ୟୋତି ମୁକ୍ତ ଆଶ୍ରୟସ୍ଥଳୀରେ ରଖାଗଲା। ସେଠାରୁ ପୁଣି ତାଙ୍କୁ ସଙ୍ଗରୋଧରେ ରଖାଯାଇଥିଲା। ତେବେ ଗତ ମାସ ୩୦ରେ ନାବାଳକ ଜଣଙ୍କ ନିଜ ଘରକୁ ଯିବାକୁ ଜିଦ୍ କରିଥିଲେ। ପରେ ତାଙ୍କୁ ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ନିକଟରେ ହାଜର କରାଯାଇଥିଲା ବୋଲି ଉକ୍ତ ସଂସ୍ଥା ମୁଖ୍ୟ ଡ଼. ମିନାକ୍ଷୀ ଦେବୀ ସୂଚନା ଦେଇଛନ୍ତି। ଉକ୍ତ ନାବାଳକଙ୍କୁ ଢେଙ୍କାନାଳ ସିଡବ୍ଲ୍ୟୁସିରେ ହାଜର କରାଇବା ପାଇଁ ବ୍ରହ୍ମପୁର ଚାଇଲ୍ଡ ଲାଇନକୁ ଗତ ୨ ତାରିଖରେ ସିଡବ୍ଲ୍ୟୁସି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି କାରଣରୁ ତାଙ୍କୁ ନିଆଯାଇ ପାରି ନ ଥିଲା। ଫଳରେ ସେ ଫେରାର ହୋଇଯାଇଥିଲେ।

# ଗଞ୍ଜାମର ୩.୫ ଲକ୍ଷ ପରିବାରଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଆଜିଠୁ

ଛତ୍ରପୁର,୭।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟରେ କରୋନା ପଜିଟିଭ ତାଲିକାରେ ଗଞ୍ଜାମ ପ୍ରଥମରେ ରହିଛି। ୪ ଜଣଙ୍କ ମୃତ୍ୟୁ ମଧ ହେଲାଣି । ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଫେରି କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି । ଏଥିପାଇଁ ଜିଲାରେ ପଜିଟିଭ ଅଧିକ ହୋଇଛି । ପୂର୍ବରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ କେତେ ପଜିଟିଭ ଚିହ୍ନଟ ହେଉଥିଲେ ଏବେ ଏମାନଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ସଂକ୍ରମିତ ହେବାରେ ଲାଗିଛନ୍ତି। ଏଥିଲାଗି ସୋମବାରରୁ ଜିଲାର ସମସ୍ତ ଘରକୁ ଯାଇ ପରିବାର ସଦସ୍ୟଙ୍କ କରୋନା ଲକ୍ଷଣ ଯାଞ୍ଚ କରାଯିବ ଏଥିପାଇଁ ମେଗା ସ୍ୱାସ୍ଥ୍ୟ ଯାଞ୍ଚ ଆରମ୍ଭ ହେବ। ୩.୫ ଲକ୍ଷରୁ ଉର୍ଦ୍ଧ୍ୱ ଘରକୁ ଯାଇ ଟିମ୍ ଏହି ଯାଞ୍ଚ କରିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପ୍ରତି ଟିମ୍‌ରେ ଅଙ୍ଗନୱାଡି, ଆଶାକର୍ମୀ ଓ ଶିକ୍ଷକଙ୍କ ସମେତ ୪ ସଦସ୍ୟ ରହିବେ। ଏହି ପରିପ୍ରେକ୍ଷୀରେ ଜିଲାର ସମସ୍ତ ବ୍ଲକ ସହ ଭିଡିଓ କନ୍‌ଫରେନ୍ସରେ ଜିଲାପାଳ ବୈଠକ କରି ଏହା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ ଜିଲାର ସମସ୍ତ ଘରକୁ ଯାଇ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ହୋଇଥିଲା ।

# ବାର୍‌ହା ମାଂସ ଜବତ, ୨ ଗିରଫ



ଜବତ ମାଂସ ଓ ବାଇକ ସହ ଗିରଫ ୨ ଶିକାରୀ।

ବୁଗୁଡ଼ା,୭।୬(ଡି.ଏନ୍.ଏ.)

ବୁଗୁଡ଼ା ସହର ମଦନମୋହନ ଛକଠାରେ ରବିବାର ବୁଗୁଡ଼ା ବନବିଭାଗ ତରଫରୁ ଚଢ଼ାଉ କରାଯାଇ ଏକ ବାଇକ ସହ ୫ କେଜି ବାର୍‌ହା ମାଂସ ଜବତ ହୋଇଛି। ଏଥିରେ ୨ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗାଙ୍ଗପୁର ଥାନା ମହାନିମପଲ୍ଲୀ ଗ୍ରାମର ରାମ ନାୟକ ଓ ଦିବାନା ନାୟକ। ଏନେଇ ବନ ବିଭାଗ ପକ୍ଷରୁ କେସ୍ ନଂ.୧୦୭/୨୦-୨୧ରେ ଏକ ମାମଲା ରୁଜୁ ହୋଇଛି।

ଚାରିଆଡେ ଶଟ୍‌ଡାଉନ ଚାଲିଥିବାବେଳେ ଏହାର ସୁଯୋଗ ନେଇ ଠଣାପଲ୍ଲୀ ଜଙ୍ଗଲରୁ ବାର୍‌ହା ଶିକାର କରିଥିଲେ ରାମ ଓ ଦିବାନା। ବାଇକରେ ମାଂସ ଧରି ବିକିବାକୁ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବୁଗୁଡ଼ା ମଦନମୋହନ ଛକଠାରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ବନପାଳ ଅଭିରାମ ଖିଲ, ବନରକ୍ଷୀ ଶିବରାମ ପାତ୍ର, ରତନ ମଲିକ ପ୍ରମୁଖ ଚଢାଉ କରିଥିଲେ।

# ଲକ୍‌ଡାଉନ୍‌ରେ ରୋଜଗାର ଦେଉଛି ପଣସ

ଖଜୁରିପଡ଼ା,୭।୬(ଡି.ଏନ.ଏ.)

କରୋନା ମହାମାରୀ ପାଇଁ ସାରା ଭାରତରେ ଲକ୍‌ଡାଉନ୍ କଟକଣା ଜାରି ହୋଇଛି। ପ୍ରବାସୀ କାମଧନ୍ଦା ବନ୍ଦ ଯୋଗୁ ଘରକୁ ଫେରୁଛନ୍ତି। ବହୁ ଲୋକ ଜୀବିକା ହରାଇଲେଣି। ଖଟିଖିଆ ଗରିବଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ଏଭଳି ସମୟରେ ଦୁର୍ଗମ ଅଞ୍ଚଳର ଆଦିବାସୀଙ୍କ ପାଇଁ ଆହାର ପାଲଟିଛି ପଣସ। ଚାଷୀ ମଧ ରାସ୍ତା କଡ଼ରେ ବସି ଏହାକୁ ବିକ୍ରି କରି ବେଶ୍ ଦି ପଇସା ରୋଜଗାର କରୁଛି। ଗୋଟେ କଞ୍ଚା ପଣସର ମୂଲ୍ୟ ବର୍ତ୍ତମାନ ୪୦ରୁ ୫୦ଟଙ୍କା ରହିଥିବାବେଳେ ପାଚିଲା ପଣସ ୬୦ରୁ ୭୦ଟଙ୍କାରେ ବିକ୍ରି ହେଉଛି। ଗୋଟିଏ ଗଛରେ ପ୍ରାୟ ୧୦୦ରୁ ଅଧିକ ପଣସ ଧରିଥାଏ। ଲକ୍‌ଡାଉନ୍‌ରେ ପଣସ ଆମକୁ ଦାନା ଯୋଗାଉଛି ବୋଲି ସୁଡ୍ରେଙ୍ଗୁ ପଞ୍ଚାୟତ କ୍ରାଣ୍ତିମାସ୍କା ନିକଟ ରାଜପଥ କଡ଼ରେ ବସି ବିକୁଥିବା ଚାଷୀମାନେ କହିଛନ୍ତି। ରଜ, ସାବିତ୍ରୀରେ ଏହାର ବେଶ୍ ଚାହିଦା ଥାଏ। ତେଣୁ ଜିଲା ବାହାରକୁ ବିକ୍ରି ପାଇଁ ନେବା ବ୍ୟବସ୍ଥା କଲେ ଭଏ ଦି ପଇସା ରୋଜଗାର ହୁଅନ୍ତା ବୋଲି ଚାଷୀମାନେ କହିଛନ୍ତି। ଅନ୍ୟପଟେ ପଣସ ଚାଷ ପାଇଁ କୌଣସି ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ମଧ ସେମାନେ ଅଭିଯୋଗ କରିଛନ୍ତି।



ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଛି ପଣସ।

**ସଂକ୍ଷେପରେ**

## ଅଙ୍ଗନଦୀରୁ ବେଆଇନ ବାଲି ଚାଲାଣ ଅଭିଯୋଗ

**ଲୋଇସିଂହା, ୭।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଞ୍ଚଳରେ ଚାଲିଛି ବାଲି ଚୋରାଚାଲାଣ। ଆଗଲପୁର ତହସିଲ ଅନ୍ତର୍ଗତ ଅଙ୍ଗନଦୀରୁ ଦୈନିକ ଶହଶହ ଟ୍ରିପ ବାଲି ହାଇୱା ଓ ଟ୍ରାକ୍ଟର ଯୋଗେ ପରିବହନ କରାଯାଉଛି। ଗତମାର୍ଚ୍ଚ ମାସରୁ ବାଲିଘାଟ ନିଲାମ କରାଯାଇନାହିଁ। ତଥାପି ବାଲି ମାଫିଆମାନେ ବିଭାଗୀୟ କର୍ମଚାରୀଙ୍କୁ ହାତେଇ ବାଲି ଚାଲାଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତହସିଲଦାର ସନ୍ତୋଷ ଦାସ କହିଛନ୍ତି ଯେ, ଖୁବଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସୁବର୍ଣ୍ଣପୁର ଜିଲା: ୨୯କୁ ବଢ଼ିଲା ସଂକ୍ରମିତଙ୍କ ସଂଖ୍ୟା

**ସୋନପୁର,୭।୬(ନି.ପ୍ର.):** ସୁବର୍ଣ୍ଣପୁର ଜିଲାରେ ଆଉ ୩ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମିଶାଇ ଜିଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ପୂର୍ବରୁ ଜିଲାର ୩ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ବେଳେ ଶନିବାର ପୁଣି ୪ ଜଣ ସୁସ୍ଥ ହୋଇଛନ୍ତି। ଏବେ ଜିଲାରେ ୨୨ କରୋନା ସଂକ୍ରମିତଙ୍କ ଦେହରେ ଭୂତାଣୁ ସକ୍ରିୟ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଡୁଙ୍ଗୁରିପାଲି ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ୩ ନୂଆ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ଡୁଙ୍ଗୁରିପାଲି ବ୍ଲକ ଲିଙ୍ଗମାର୍ଣ୍ଣି ପଞ୍ଚାୟତ ଲିଙ୍ଗମାର୍ଣ୍ଣି ଗ୍ରାମର ବୋଲି ଜଣାପଡିଛି। ସେମାନଙ୍କ ମଧ୍ୟରେ ଜଣେ ୨୫ ବର୍ଷୀୟ ଯୁବକ ଓ ଅନ୍ୟ ଜଣେ ୪୨ ବର୍ଷୀୟ ବ୍ୟକ୍ତି ଅଟନ୍ତି। ତୃତୀୟ ବ୍ୟକ୍ତି ଜଣକ ଚିଟକେଲବନ୍ଧଲି ଗ୍ରାମର ୪୩ ବର୍ଷୀୟ ବ୍ୟକ୍ତି। ଏହି ୩ ଜଣ ପ୍ରବାସୀ ଗତ ମାସ ୨୪ ତାରିଖରୁ ତାମିଲନାଡୁରୁ ଫେରି ଲିଙ୍ଗମାର୍ଣ୍ଣି ହାଇସ୍କୁଲ(ଟିଏମ୍‌ସି)ରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଗତ ୨୭ ତାରିଖରେ ପଜିଟିଭ୍ ରିପୋର୍ଟ ଆସିଥିବା ଜଣେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ସମସ୍ତେ ଆସିଥିଲେ। ଲକ୍ଷଣ ଦେଖାଯିବା ପରେ ୩ ଜଣଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଥିଲା। ୭ ଦିନିଆ କ୍ୱାରାଣ୍ଟାଇନ୍ ଅବଧି ସରିବା ପରେ ଗତ ୧ ତାରିଖରେ ସେମାନେ ଘରକୁ ଫେରି ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ସଂକ୍ରମିତଙ୍କୁ ଜିଲା କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରା ଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଶଟ୍‌ଡାଉନ୍‌କୁ ମାନିଲେ ବଲାଙ୍ଗୀରବାସୀ

**ବଲାଙ୍ଗୀର ଅଫିସ, ୭।୬:** ରବିବାର ମଧ ବଲାଙ୍ଗୀର ଜିଲା ଶଟ୍‌ଡାଉନ୍ ରହିବା ଫଳରେ ଜନଜୀବନ ବ୍ୟାହତ ହୋଇଥିଲା। ପୋଲିସ ଓ ଜିଲା ପ୍ରଶାସନ ଶଟ୍‌ଡାଉନ୍ ନିୟମକୁ କଡାକଡି ପାଳନ କରିଥିଲେ। ଜିଲାର ବିଭିନ୍ନ ଭାଗରେ ଦୋକାନ ବଜାର ବନ୍ଦ ରହିଥିବାବେଳେ ଯାନବାହନ ଚଳାଚଳ କରି ନ ଥିଲା। ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା।

# ସାଇକେଲରେ ତାମିଲନାଡୁରୁ ସୁବର୍ଣ୍ଣପୁର

- ୧୪ ଦିନରେ ୧୭୦୦ କି.ମି. ଆସିଲେ ୫ ଯୁବକ
- ଗ୍ୟାସ୍ ସିଲିଣ୍ଡର, ଚୁଲା ବିକି ସାଇକେଲ କିଣିଥିଲେ
- ଜୀବନକୁ ବାଜି ଲଗାଇ ଭୋକ ଉପାସରେ ଫେରିଲେ

**ସୋନପୁର,୭।୬(ନି.ପ୍ର.)**

ତାମିଲନାଡୁର ଶ୍ରବଣପଲିରୁ ସୁବର୍ଣ୍ଣପୁର ଜିଲାର ନାରାୟଣପୁର ଦୀର୍ଘ ୧୭୦୦ କି.ମି. ସାଇକେଲ ଯାତ୍ରା। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ନାରାୟଣପୁରର କରୁଣା ଧରୁଆ(୨୭), ଗିରିଗୋବର୍ଦ୍ଧନ ଧରୁଆ(୨୯), କୃଷ୍ଣଚନ୍ଦ୍ର ବର୍ଗର୍ତ୍ତି(୨୬), ଭଗବାନ ମାଝି(୩୦) ଓ ତରଭା ବ୍ଲକ କଟାପାଲି ପଞ୍ଚାୟତ ଶତ୍ରୁପାଲି ଗାଁର ପୃଥ୍ୱୀରାଜ ଭୋଇ(୨୮) ସାଇକେଲ ଚଳାଇ ୧୪ ଦିନରେ ନିଜ ଗାଁ ନିକଟରେ ପହଞ୍ଚିଛନ୍ତି। ଏତେ ଲମ୍ବା ପଥ ଆସିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିଜ ଲକ୍ଷ୍ୟସ୍ଥଳରୁ ସେମାନେ ବିଚ୍ୟୁତ ହୋଇ ନ ଥିଲେ। ଜୀବନକୁ ବାଜି ଲଗାଇ ଗାଁରେ ଗତ ୫ ତାରିଖ ସନ୍ଧ୍ୟାରେ ପହଞ୍ଚିବା ପରେ ସେମାନେ ଆଶ୍ୱସ୍ତ ହୋଇଛନ୍ତି। ପୋଲିସ ଓ ସରପଞ୍ଚ ନାରାୟଣପୁରର ୪ ପ୍ରବାସୀ ଶ୍ରମିକଙ୍କୁ ସ୍ଥାନୀୟ ହାଇସ୍କୁଲ ଟିଏମ୍‌ସିରେ କ୍ୱାରାଣ୍ଟାଇନ୍‌ରେ ରଖିବାର ବ୍ୟବସ୍ଥା କରିଛନ୍ତି। ସେହିଭଳି ପୃଥ୍ୱୀରାଜଙ୍କୁ ତରଭା ବ୍ଲକ କଣ୍ଟାପାଲି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ସମସ୍ତେ ଏବେ ସୁସ୍ଥ ଅଛନ୍ତି।

ମହାମାରୀ କରୋନା ମୁକାବିଲା ପାଇଁ ମାର୍ଚ୍ଚ ୨୫ ତାରିଖରେ କେନ୍ଦ୍ର ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏପଟେ କର୍ମସଂସ୍ଥାନ ହରାଇ ବାହାର ରାଜ୍ୟରେ କାମ କରୁଥିବା ଓଡିଆ ଲୋକେ ଘରକୁ ଫେରିବାକୁ ବ୍ୟଗ୍ର ହୋଇପଡିଲେ। କିଏ ଚାଲି ଚାଲି ତ ପୁଣି କିଏ ଲୁଚିଛପି ପଳାଇ ଆସିଲେ। ହେଲେ ସୁବର୍ଣ୍ଣପୁରର ଏହି ୫ ଯୁବକ ସାଇକେଲରେ ଗାଁକୁ ଫେରିବାକୁ ମନସ୍ଥ କରିଥିଲେ। ସେମାନେ କିଛିବର୍ଷ ହେଲା କୋଏମ୍ବାଟୁର ନିକଟସ୍ଥ ଶ୍ରବଣପଲିରେ ଏକ ଅଟୋ ମୋବାଇଲସ୍ ପାର୍ଟ୍ସ କାରଖାନାରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ କାରଖାନା ବନ୍ଦ ହୋଇ ଯିବାରୁ ସେଠାରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖାଇବାକୁ ନ ପାଇ ଭୋକରେ ରହିବାକୁ ପଡିଥିଲା। ଶେଷରେ ସମସ୍ତେ ଗ୍ୟାସ୍ ଚୁଲା ଓ ସିଲିଣ୍ଡର ବିକ୍ରି କରି ଗୋଟିଏ ଲେଖାଏ ସାଇକେଲ କଣିଥିଲେ। ସେହି ସାଇକେଲରେ ଘରକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେମାନେ ମେ ୨୨ ତାରିଖରେ ଶ୍ରବଣପଲିରୁ ବାହାରିଥିଲେ। ବହୁ ସ୍ଥାନରେ ପୋଲିସ ଅଟକାଇ ଥିଲା। ମାତ୍ର ସେମାନେ ନିଜ ସମସ୍ୟା ଜଣାଇ ଖସି ଆସିଥିଲେ। କେତେକ ସ୍ଥାନରେ ସ୍ଥାନୀୟ ଲୋକେ ଖାଇବାକୁ ଦେଇଥିଲେ। ଅଧିକାଂଶ ଦିନ ଭୋକ ଉପାସରେ ସାଇକେଲ ଚଳାଇବାକୁ ପଡୁଥିଲା ବୋଲି ସେମାନେ କହିଛନ୍ତି। କ୍ୱାରାଣ୍ଟାଇନ୍ ଅବଧି ପରେ ସେମାନେ ଆଉ ତାମିଲନାଡୁ ଫେରିବେ ନାହିଁ। ସରକାର ଆମକୁ କାମ ଯୋଗାଇ ଦେଲେ ଆମେ ଏଇଠି କାମ କରିବୁ ବୋଲି ପ୍ରବାସୀ ଶ୍ରମିକମାନେ କହିଛନ୍ତି।



ସାଇକେଲରେ ଘରକୁ ଫେରିଥିବା ସୁବର୍ଣ୍ଣପୁର ଜିଲାର ପ୍ରବାସୀ ଶ୍ରମିକ।

# ବିହନ ଦୋକାନରେ କୃଷି ବିଭାଗର ଚଢ଼ାଉ



ସହରାଡିଗ୍ରାର ଏକ ଦୋକାନରେ କୃଷିବିଭାଗର ଚଢ଼ାଉ ଚାଲିଛି।

**ବରଗଡ଼ ଅଫିସ,୭।୬**

ବରଗଡ଼ ଜିଲା କୃଷିବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ରବିବାର ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଡିଗ୍ରାରେ ରହିଥିବା କୃଷି ବିକାଶ ଷ୍ଟୋର ଏବଂ ମେହେର ପେଷ୍ଟିସାଇଡ୍ସ ନାମକ ଦୁଇଟି ବିହନ ଦୋକାନ ଉପରେ ଚଢ଼ାଉ କରିଛି। ଚଢ଼ାଉବେଳେ କାଗଜପତ୍ର ନ ଥାଇ ବିଭିନ୍ନ ପ୍ରକାରର ବିହନ ବିକ୍ରି ହେଉଥିବା ଜଣାପଡ଼ିଛି। ବିହନ କିଣିବାବେଳେ କୌଣସି ଚାଷୀଙ୍କୁ ରସିଦ ଦିଆଯାଉ ନ ଥିବା ମଧ୍ୟ ଏହି ସ୍କ୍ୱାଡ୍ ସ୍ପଷ୍ଟ ହୋଇଛି। କୃଷି ବିକାଶ ଷ୍ଟୋର ଅଧିକୃତ ବିକ୍ରେତା ନ ହୋଇ ବିଭିନ୍ନ କମ୍ପାନୀର ବିହନ ମହଜୁଦ୍ ରଖିଥିବା ନଜରକୁ ଆସିଛି। ଏଣୁ ନକଲି ବିହନ ସନ୍ଦେହରେ ଉଭୟ ଦୋକାନୀଙ୍କଠାରୁ ବିହନର ୬ଟି ନମୁନା ସଂଗ୍ରହ କରି ରାଜ୍ୟ ପରୀକ୍ଷାଗାରକୁ ପଠାଯାଇଛି। ଏହା ନକଲି ବୋଲି ଜଣାପଡ଼ିଲେ ସମ୍ପୃକ୍ତ ଦୋକାନୀ ଏବଂ କମ୍ପାନୀ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କହିଛନ୍ତି। ଉଭୟ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବା ସହିତ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିହନ କ୍ରୟ କରିବା ସମୟରେ ବିକ୍ରେତାଙ୍କଠାରୁ ରସିଦ ନେବା ପାଇଁ ଚାଷୀଙ୍କୁ କୃଷିବିଭାଗ ପରାମର୍ଶ ଦେଇଛି। ଏହି ଚଢ଼ାଉ ସମୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀଙ୍କ ସମେତ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଭେଡ଼େନ ବ୍ଲକ କୃଷି ଅଧିକାରୀ ପୁରୁଷୋତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାଷ୍ଟରଟିକ୍ରାରୁ କଣ୍ଟେନମେଣ୍ଟ ଜୋନ୍ କଟକଣା ହଟିଲା

**ବରଗଡ଼ ଅଫିସ,୭।୬**

ବରଗଡ଼ ଜିଲାର ପ୍ରଥମ କରୋନା(କୋଭିଡ୍-୧୯) ପଜିଟିଭ୍ ଆକ୍ରାନ୍ତ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୪ ସୁବାସନଗର(ମାଷ୍ଟରଟିକ୍ରା)ରୁ ଚିହ୍ନଟ ହୋଇଥିଲେ। ଗତମାସ ୨୩ ତାରିଖରୁ ସଂକ୍ରମିତ ଚିହ୍ନଟ ହେବାପରେ ସେହିଦିନଠାରୁ ମାଷ୍ଟରଟିକ୍ରା ଏବଂ ସ୍ଥାନୀୟ ଶ୍ରୀରାମ ମନ୍ଦିର ସମ୍ମୁଖ ରାସ୍ତାରୁ ମାଷ୍ଟରଟିକ୍ରା ଛକ ପର୍ଯ୍ୟନ୍ତ ରାସ୍ତାକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା। ଏହା ସହିତ ସୁବାସ ନଗର ଏବଂ ବ୍ରହ୍ମବିହାରରେ ବଫର୍ ଜୋନ କଟକଣା ଲାଗୁ ହୋଇଥିଲା। ତେବେ ଆକ୍ରାନ୍ତ ଜଣକ ସୁସ୍ଥ ହୋଇଛନ୍ତି। ଉପରୋକ୍ତ ଅଞ୍ଚଳରୁ ସଂଗୃହିତ ସ୍ୱାବ୍ ନମୁନାଗୁଡ଼ିକର ରିପୋର୍ଟ ନେଗେଟିଭ୍ ଆସିଛି। ଏଣୁ ରବିବାରଠାରୁ ଏହି ଅଞ୍ଚଳରୁ କଣ୍ଟେନମେଣ୍ଟ ଓ ବଫର ଜୋନ କଟକଣାକୁ ହଟାଇ ଦିଆଯାଇଥିବା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏକ ବିଜ୍ଞପ୍ତିରେ ଜଣାଇଛନ୍ତି। ହେଲେ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଲକ୍‌ଡାଉନ୍ କଟକଣା ବଳବତ୍ତର ରହିବ ବୋଲି ଜିଲାପାଳ ପ୍ରଧାନ ସୂଚନା ଦେଇଛନ୍ତି।

# ଭଡା ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କୁଚିଣ୍ଡା, ୭।୬ (ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ପୋଲିସ କଲୋନୀ ପଛପଟ ଏକ ଭଡା ଘରୁ ରବିବାର ସକାଳେ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଏହି ମହିଳା ଜଣକ ହେଲେ ଦ୍ରୌପଦୀ ମିଞ୍ଜ (୫୦)। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ତେବେ ମହିଳା ଜଣକ ଏହି ଭଡା ଘରେ ନିଜ ଭିଣୋଇ ସହ ରହୁଥିଲେ, ଯାହାଙ୍କ ଘର ନିକ୍ତିମାଲ ଗ୍ରାମରେ। ଏଣୁ ସକାଳୁ ସକାଳୁ ଫେରାର ମାରିଥିବା ଭିଣୋଇଙ୍କୁ ପୋଲିସ ଗାଁରୁ ଆଣି ଅଧିକ ତଥ୍ୟ ହାସଲ ପାଇଁ ପଚରା ଉଚୁରା କରୁଛି। ଏ ନେଇ କୁଚିଣ୍ଡା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ( ନଂ. ୨୧/୨୦) ରୁଜୁ କରିଛି।

# ଭାଜପାରେ ମିଶିଲେ ବିଜେଡି କର୍ମୀ

**ଦେବଗଡ଼,୭।୬(ଡ଼ିଏନ.ଏ.):** ଦେବଗଡ ଜିଲା ତିଳେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ ଅଧିନ ସୁନାମୁଣ୍ଡା ଗ୍ରାମର ଶତାଧିକ ବିଜେଡ଼ି କର୍ମୀ ରବିବାର ଭାଜପାରେ ଯୋଗଦାନ କରିଛନ୍ତି। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳରେ ଯୋଗଦେଇଥିବା ବ୍ୟକ୍ତିଙ୍କୁ ଭାଜପା ଟୋପି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ବିଧାୟକ ପାଣିଗ୍ରାହୀ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ପୂର୍ବତନ ନଗର ସଭାପତି ରମଣୀକାନ୍ତ ଦାଶ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ ଭୁତିଆ, ଯୁବମୋର୍ଚ୍ଚା ନଗର ସଭାପତି ସୂରଜ ଘଡ଼େଇ, ଶାନ୍ତନୁ ନାଏକ, ସରୋଜ ପାଢ଼ୀ, ସୁଧିର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୧ ଛୁଇଁଲା

**ବଲାଙ୍ଗୀର ଅଫିସ, ୭।୬**

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୧କୁ ବୃଦ୍ଧି ପାଇଛି। ଶନିବାର ସୁଦ୍ଧା ଜିଲାରେ ଆଉ ନୂଆ ୫ଜଣ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୧୨୧କୁ ବୃଦ୍ଧି ପାଇଛି। ସଂକ୍ରମିତଙ୍କ ମଧ୍ୟରୁ ୬୭ଜଣ ସକ୍ରିୟ ରହିଥିବା ବେଳେ ୫୪ସୁସ୍ଥ ହୋଇଥିବା ଜଣାପଡିଛି। ନୂଆ ଚିହ୍ନଟ ୫ ଜଣଙ୍କ ମଧ୍ୟରୁ ଟିଟିଲାଗଡ ବ୍ଲକ୍‌ର ସୁର୍ଡା ପଞ୍ଚାୟତର ତିନିଜଣ ଓ ଭୁସଲାଡ ପଞ୍ଚାୟତର ଜଣେ ଏଭଳି ୪ଜଣ ଏବଂ ବଙ୍ଗୋମୁଣ୍ଡା ଡୁରେକେଲାର ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁର୍ଡା ପଞ୍ଚାୟତର ୩ ସଂକ୍ରମିତଙ୍କ ମଧ୍ୟରୁ ଦୁଇଜଣ ମହାରାଷ୍ଟ୍ରରୁ ଓ ଜଣେ ଚେନ୍ନାଇରୁ ଫେରିଥିଲେ। ତିନିଜଣଯାକ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ଅବଧି ପୂରଣ କରିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଭୁସଲାଡର ସଂକ୍ରମିତ ଜଣକ ତାମିଲନାଡୁରୁ ଫେରିଥିଲେ ଓ ସେ ମଧ୍ୟ ଆନୁଷ୍ଠାନିକ ଅବଧି ପୂରଣ କରିବା ପରେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ବଙ୍ଗୋମୁଣ୍ଡା ବ୍ଲକ ଡୁରେକେଲାର ସଂକ୍ରମିତ ଜଣକ ମୁମ୍ବାଇରୁ ଫେରିଥିଲେ ଓ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ଅବଧି ପୂରଣ କରିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏହି ୫ ସଂକ୍ରମିତଙ୍କଠାରୁ ସ୍ୱାବ୍ ସଂଗ୍ରହ କରି ପଠାଯାଇଥିଲା। ଜିଲାରେ ୫୪ ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ଓ ୬୭ଜଣ ସକ୍ରିୟ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ହୋମ୍ କ୍ୱାରାଣ୍ଟାଇନରେ ଥିବା ପ୍ରବାସୀଙ୍କ ମୃତ୍ୟୁ

**ଅତାବିରା,୭।୬(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ତଳିଟାମ୍ପରସରା ସ୍କୁଲପଡ଼ାସ୍ଥିତ ନିଜ ଘରେ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ରବିବାର ଜଣେ ପ୍ରବାସୀ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ପ୍ରେମାନନ୍ଦ ମାଝି। ସେ ତାମିଲନାଡୁକୁ କାମ କରିବାକୁ ଯାଇ ଗତ କିଛିଦିନ ତଳେ ଘରକୁ ଫେରିଥିଲେ। ପ୍ରଥମେ ଗାଁ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ସେଠାରେ କ୍ୱାରାଣ୍ଟାଇନ ଅବଧି ସରିବା ପରେ ସେ ଘରକୁ ଆସିଥିଲେ। ହେଲେ ପ୍ରାୟ ୫୦୦ ମିଟର ଦୂରରେ ରହିଥିବା ନିଜର ଅନ୍ୟ ଏକ ଘରେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ତେବେ ଘରକୁ ଆସିବା ପରେ ତାଙ୍କୁ ଅଣ୍ଡାଜ୍ୱର ଏବଂ କାଶ ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଶନିବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଘରକୁ ପହଞ୍ଚି ତାଙ୍କ ସ୍ୱାବ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲେ। ମାତ୍ର ପରୀକ୍ଷା ରିପୋର୍ଟ ନ ଆସୁଣୁ ରବିବାର ସକାଳେ ପ୍ରେମାନନ୍ଦଙ୍କ ଦଉଡ଼ିରେ ବନ୍ଧା ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର ହୋଇଛି। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି ତାହା ସ୍ପଷ୍ଟ ହୋଇ ନାହିଁ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ ହୋଇଛି। ଏହାର ଅଧିକ ତଦନ୍ତ ଚାଲିଥିବା ଗୋଡ଼ଭଗା ଫାଣ୍ଡି ଅଧିକାରୀ ଏ.କେ. ନାଏକ କହିଛନ୍ତି।

## ତଲାବିରା କୋଇଲା ଖଣି ଆଗରେ ଗ୍ରାମବାସୀଙ୍କ ଧାରଣା

**ରେଙ୍ଗାଲି,୭।୬(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାମ କରୁଥିବା ଏନ୍‌ଏଲ୍‌ସି କମ୍ପାନୀର ମନମୁଖି କାର୍ଯ୍ୟ ଏବଂ ବିଭିନ୍ନ ଦାବି ନେଇ ତଲାବିରା ଗ୍ରାମବାସୀ ଖଣି ସମ୍ମୁଖରେ ଧାରଣାରେ ବସିଥିଲେ। କମ୍ପାନୀ କର୍ତ୍ତୃପକ୍ଷ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରି ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତହସିଲଦାର ସୁନୀଲ ମେହେର, ଏସ୍‌ଡିପିଓ ହିମାଂଶୁ ବେହେରା, ଠେଲକଲୋଇ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଏନ୍‌ଏଲ୍‌ସି ପ୍ରୋଜେକ୍ଟ ମୁଖ୍ୟ ସୁରେଶ ସୁମନ, ଆଦାନୀ ମୁଖ୍ୟ ପ୍ରସନ୍ନ ପଣ୍ଡା ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।

# କର୍ତ୍ତବ୍ୟ ଭୁଲାଇ ଦେଇଛି ଯନ୍ତ୍ରଣା

**ସବ୍‌ଡେଗା, ୭।୬(ଡି.ଏନ୍.ଏ.)**



ସୁନ୍ଦରଗଡ଼ ଜିଲା ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକ ଅଞ୍ଚଳର ଶତାଧିକ ଶ୍ରମିକ ନିଜ ଭିଟାମାଟିକୁ ଫେରିବା ଆରମ୍ଭ କରିଛନ୍ତି। ସେମାନେ କିଭଳି କ୍ୱାରାଣ୍ଟାଇନ ସେଣ୍ଟରରେ ଅଭାବ ଅସୁବିଧାର ସମ୍ମୁଖୀନ ନ ହେବେ, କ୍ୱାରାଣ୍ଟାଇନ ଅବଧି ସରିବା ପରେ ଭଲରେ ଘରକୁ ଫେରିବେ ସେ ନେଇ ଅହରହ ସଜାଗ ରହିଛନ୍ତି ସବ୍‌ଡେଗା ବିଡିଓ ଲମ୍ବୋଦର ଧରୁଆ। ଏଥିପାଇଁ ସେ ଦିନରାତି ଏକ କରିଦେଇଛନ୍ତି। ଜୁନ୍ ୧ରେ ସେ ସୁନ୍ଦରଗଡ଼ରୁ ସବ୍‌ଡେଗା ଫେରୁଥିବା ବେଳେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସବ୍‌ଡେଗା ନିକଟରେ ତାଙ୍କ ବୋଲେରୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା। ତାଙ୍କ ମୁଣ୍ଡ ଓ ବାମହାତରେ ଗଭୀର ଆଘାତ ଲାଗିଥିଲା। ତଥାପି ସେ ଯନ୍ତ୍ରଣା ଭୁଲିଯାଇ ନିଜ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇଛନ୍ତି। ପ୍ରବାସୀ ଶ୍ରମିକଙ୍କ ସେବାରେ ପୁଣି ଲାଗିପଡିଛନ୍ତି। ଡାକ୍ତର ତାଙ୍କୁ ବିଶ୍ରାମ ନେବା ପାଇଁ ପରାମର୍ଶ ଦେଇଥିଲେ ହେଁ ପ୍ରତିଦିନ କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରି ପ୍ରବାସୀ ଶ୍ରମିକଙ୍କ ଦେଖାଶୁଣା କରୁଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରେ ଅବଧି ଶେଷ କରି ଘରକୁ ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ଫୁଲତୋଡା ଓ ଗାମୁଛା ଦେଇ ସେମାନଙ୍କ ପ୍ରତି ତାଙ୍କର ଭଲପାଇବା ଓ ମାନବିକତାର ପରିଚୟ ଦେବାକୁ ଭୁଲିନାହାନ୍ତି। ଏଭଳି ପରିସ୍ଥିତିରେ ସେ ପରିବାରକୁ ମଧ୍ୟ ଭୁଲିଯାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି।

## ଚାକିରି ଆଳରେ ୨ ଯୁବତୀଙ୍କୁ ଦିଲ୍ଲୀ ଚାଲାଣ

**ସୁନ୍ଦରଗଡ଼,୭।୬(ଡି.ଏନ.ଏ.):** ଗତ ଫେବୃୟାରୀ ମାସରେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅଲାପକା ପଞ୍ଚାୟତ ହାଣ୍ଡିପାନି ଗ୍ରାମର ୨ ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀ ଚାଲାଣ କରାଯାଇଥିବା ଅଭିଯୋଗ ହୋଇଛି। ରାଉରକେଲାରେ ଚାକିରୀ କରାଇ ଦେବା ଆଳରେ ସେମାନଙ୍କୁ ଦିଲ୍ଲୀ ପଠାଯାଇଥିବା ଯୁବତୀଙ୍କ ବାପା କିଞ୍ଜିରକେଲା ଥାନାରେ ଅଭିଯୋଗ କରିଛନ୍ତି। ସଂପୃକ୍ତ ବ୍ୟକ୍ତିଙ୍କ ୨ ଝିଅ (ଜଣେ ବିବାହିତା)କୁ ସେହି ଗ୍ରାମର ଜଣେ ମହିଳା ଦଲାଲ ଗତ ଫେବୃୟାରୀ ୮ ରେ ରାଉରକେଲାରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଦଲ୍ଲୀ ନେଇଯାଇଥିଲେ। ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ ତାଙ୍କ ବଡଝିଅ(୨୦)କୁ ୧ ଲକ୍ଷ ଟଙ୍କା ଏବଂ ସାନ ଝିଅ(୧୯)କୁ ୨ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଛି। ସଂପୃକ୍ତ ଦଲାଲ ଗତ ୩ ବର୍ଷ ହେବ ଦିଲ୍ଲୀରେ ରହି ଏହି କାମ କରୁଛନ୍ତି। ସେ ୨ରୁ ୩ ମାସରେ ଥରେ ଗାଁକୁ ଆସି ଯୁବତୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଇ ନେଇ ଯାଉଛନ୍ତି। ସଂପୃକ୍ତ ଯୁବତୀଙ୍କ ମଧ୍ୟରୁ ଜଣେ ଦଲାଲଙ୍କ ମୋବାଇଲରେ ଘରକୁ ଫୋନ୍ କରିଥିଲେ। ତୁମେ କେଉଁଠି ଅଛ ବୋଲି ପରିବାର ଲୋକେ ପଚାରିବାରୁ ସେ କୌଣସି ସୂଚନା ଦେଇ ନ ଥିଲେ। ଏବେ ବିଭିନ୍ନ ଅଞ୍ଚଳରେ ରହିଥିବା ପ୍ରବାସୀ ଓଡ଼ିଆଙ୍କୁ ସରକାର ଫେରାଇ ଆଣିବାର ବ୍ୟବସ୍ଥା କରିଛନ୍ତି। ଏପରି ସମୟରେ ପୋଲିସ ଦିଲ୍ଲୀରେ ଥିବା ତାଙ୍କ ୨ ଝିଅଙ୍କୁ ଫେରାଇ ଆଣିବାକୁ ଅଭିଯୋଗକାରୀ ବାପା ଗୁହାରୀ କରିଛନ୍ତି।

# ଜନ୍ମ ଦିନରେ ମୃତ୍ୟୁ ଆସିଲା

**ଖଡିଆଳ, ୭।୬ (ଡି.ଏନ.ଏ.):** ରବିବାର ନୂଆପଡା ଜିଲା ଖଡିଆଳ ବୋଡେନ ଛକ ନିକଟ ୩୫୩ ନମ୍ବର ଜାତୀୟ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ୯ବର୍ଷ ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଡିଆଳ ୱାର୍ଡ ନଂ. ୩ର ଦିବ୍ୟା ଖମାରିଆଙ୍କ ଝିଅ ବୈଷ୍ଣବୀ। ଆଜି ବୈଷ୍ଣବୀଙ୍କ ଜନ୍ମଦିନ ଥିଲା। ସେଥିପାଇଁ ଘରେ ପୂଜାର୍ଚ୍ଚନା ସରିଥିଲା। ମା’ ରୀତା ଝିଅକୁ ସ୍କୁଟିରେ ବସାଇ ସ୍ଥାନୀୟ ମନ୍ଦିରକୁ ଯାଇଥିଲେ। ଦର୍ଶନ ଫେରୁଥିବା ବେଳେ ଏକ ଟ୍ରକ ସହିତ ତାଙ୍କ ସ୍କୁଟିର ଧକ୍କା ହୋଇଥିଲା। ବୈଷ୍ଣବୀ ଗାଡ଼ିରୁ ଛିଟିକି ଟ୍ରକ ସମ୍ମୁଖରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତହସିଲଦାର ସିନ୍ଧୁସୁତା ପାତ୍ର ଓ ଅତିରିକ୍ତ ତହସିଲଦାର ତପନ ନାଏକ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନା ବାବଦରେ ୨ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ପୋଲିସ ଟ୍ରକକୁ ଜବତ କରି ଚାଳକଙ୍କୁ ଅଟକି ରଖିଛି।

# କ୍ୟାନସର ପୀଡ଼ିତଙ୍କୁ ସଞ୍ଚିତ ରାଶି ଦାନ

**ବରଗଡ଼ ଅଫିସ୍,୭।୬**



କ୍ୟାନ୍‌ସର ପୀଡ଼ିତଙ୍କ ପାଇଁ ଛାତ୍ର ଆୟୁଷ୍ମାନ ଦର୍ଜୀ ନିଜ ସଞ୍ଚିତ ରାଶି ଦାନ କରୁଛନ୍ତି।

ବରଗଡ଼ ସାମ୍ବାଦିକ ସଂଘ ପରିସରରେ ରବିବାର ନ୍ୟାଶନାଲ କ୍ୟାନସର ସର୍ଭାଇଭର୍ସ ଡେ ପାଳିତ ହୋଇଛି। କ୍ୟାନସର ପୀଡ଼ିତଙ୍କୁ ନେଇ ଗଠିତ ବରଗଡ଼ର ଫାଇଟର୍ସ ଗ୍ରୁପ୍ ପକ୍ଷରୁ ଏହା ପାଳିତ ହୋଇଥିଲା। ତେବେ ସ୍ଥାନୀୟ ମିନି ଷ୍ଟାଡିୟମ ପଛପଟେ ରହୁଥିବା ଅନୁପ କୁମାର ଦର୍ଜୀଙ୍କ ପୁଅ ଆୟୁଷ୍ମାନଙ୍କ ବଦାନ୍ୟତା ଏହିକାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି। ସ୍ଥାନୀୟ ବିକାଶ ରେସିଡେନ୍ସିଆଲ ସ୍କୁଲରେ ଅଷ୍ଟମ ଶ୍ରେଣୀ ପଢୁଥିବା ଆୟୁଷ୍ମାନ ବାପା ଅନୁପ ଏବଂ ଭଉଣୀ ଅଦ୍ୱେତାଙ୍କ ସହିତ ଏହି କାର୍ଯ୍ୟକ୍ରମକୁ ଆସିଥିଲେ। ନିଜ ସଞ୍ଚିତ ରାଶିକୁ ସେ କ୍ୟାନସର ପୀଡ଼ିତଙ୍କ ପାଇଁ ଫାଇଟର୍ସ ଗ୍ରୁପକୁ ଦାନ କରିଛନ୍ତି। ଆୟୁଷ୍ମାନ କହିଛନ୍ତି ଯେ, କ୍ୟାନସର ଯୋଗୁ ତାଙ୍କ ଅଜାଙ୍କ ମୃତ୍ୟୁ ଘଟିଛି। ବଡ଼ବାପା ଅଶ୍ୱିନୀ କ୍ୟାନସର ଆକ୍ରାନ୍ତ। ଏହି ରୋଗର ଚିକିତ୍ସା ବ୍ୟୟ ବହୁଳ। ଅର୍ଥାଭାବରୁ ବହୁ କ୍ୟାନସର ରୋଗୀ ଆବଶ୍ୟକ ଚିକିତ୍ସାରୁ ବଞ୍ଚିତ ହେଉଥିବା ସେ ବଡ଼ବାପାଙ୍କଠାରୁ ଶୁଣିବାକୁ ପାଇଛନ୍ତି। ଫଳରେ କ୍ୟାନସର ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇବା ପାଇଁ ଏହା ତାଙ୍କର ଏକ ଛୋଟ ପ୍ରୟାସ। ପ୍ରତିବର୍ଷ ସେ ଏଭଳି ସଞ୍ଚିତ ରାଶି ଦାନ କରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଫାଇଟର୍ସ ଗ୍ରୁପ୍‌ର ପ୍ରସନ୍ନ ମିଶ୍ର, ରାଜଗୋପାଳ ଦାଶ, ମିନତି ପତି, ବିଜନକାନ୍ତୀ ମିଶ୍ର, ଅର୍ଜୁନ ସେଠ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୨୮ ଶହ ହେକ୍ଟର ଜମିରେ ହେବ ମାଣ୍ଡିଆ ଚାଷ

**ନୂଆପଡ଼ା ଅଫିସ,୭।୬**

ନୂଆପଡ଼ା ଭଳି ବଣଜଙ୍ଗଲ ପରିବେଷ୍ଟିତ ଜିଲାରେ ମାଣ୍ଡିଆ, ଗୁର୍ଜି ଭଳି କ୍ଷୁଦ୍ର ଧାନ

**୩ଟି ବ୍ଲକ୍‌କୁ ଗଡ଼ିଲା ସଚେତନତା ରଥ**

ଜାତୀୟ ପୁଷ୍ଟିକର ଶସ୍ୟର ଉତ୍ପାଦନକୁ ଦୃଷ୍ଟିରେ ରଖି ଏହାର ଚାଷ, ବ୍ୟବସାୟ ଏବଂ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଜରୁରୀ ରହିଛି। ଏଥିପାଇଁ ସ୍ୱତନ୍ତ୍ର ମଣ୍ଡି ସହ ଉନ୍ନତ ଚାଷ ପ୍ରଣାଳୀ ଉପରେ ସରକାର ଧ୍ୟାନ ଦେଇଛନ୍ତି। ଏଥର ଜିଲାରେ ମୋଟ ୨୮ଶହ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯିବାକୁ ଲକ୍ଷ୍ୟ ରହିଛି। ରବିବାର ଏ ନେଇ ବାହାରିଥିବା ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବା ଅବସରରେ ଜିଲାପାଳ ମଧୁସ୍ମିତା ସାହୁ କହିଛନ୍ତି। ପୂର୍ବାହ୍ନ ୯ଟା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସାହୁ ମୁଖ୍ୟ ଅତିଥି, ସହକାରୀ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର, ଟିଡିସିସି ଅଧକ୍ଷ ରଞ୍ଜନ ପଣ୍ଡା, ନରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂଜାର୍ଚ୍ଚନା ପରେ ରଥ ଗଡ଼ିଥିଲା। ଏହି ରଥ ଜିଲାର ୩ଟି ଯାକ ବ୍ଲକ୍ କୋମନା, ବୋଡେନ୍ ଓ ସିନାପାଲିର ସମସ୍ତ ଗ୍ରାମାଞ୍ଚଳ ବୁଲିବ। ଆସନ୍ତା ୧୦ତାରିଖ ମଧ୍ୟରେ ପ୍ରତ୍ୟେକ ଗାଁକୁ ୩ଥର ଲେଖାଏ ବୁଲିବ। ଏଥିରେ ଚାଷୀଙ୍କୁ ଏହି ଚାଷ ପଦ୍ଧତି, ମଣ୍ଡି ବ୍ୟବସ୍ଥା ସହ ଦର ଉପରେ ସଚେତନ କରାଯିବ। ସୂଚନାଯୋଗ୍ୟ, ଏଥି ସକାଶେ ମଣ୍ଡି ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ଏହାର ଦର କୁଇଣ୍ଟାଲ ପିଛା ୩୨୯୫ଟଙ୍କା ରଖାଯାଇଥିବା ସହକାରୀ କୃଷି ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି।




ସଚେତନତା ରଥକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ଟିଏମ୍‌ସିରେ ଯୁବତୀଙ୍କୁ ଅସଦାଚରଣ

**ସୋନପୁର,୭।୬(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରିବାଞ୍ଜି ୟୁପି ସ୍କୁଲ(ଟିଏମ୍‌ସି-୨)ରେ ଜଣେ ଦଳିତ ଯୁବତୀଙ୍କୁ ସ୍ଥାନୀୟ ସରପଞ୍ଚ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅନ୍ଧାରିବାଞ୍ଜି ସରପଞ୍ଚ ବନମାଳୀ ସାଙ୍କ ନାମରେ ଏହି ଅଭିଯୋଗ ଆସିଛି। ସରପଞ୍ଚ ଅଭିଯୋଗକୁ ଅସ୍ୱୀକାର କରିବା ସହ ଏହା ଏକ ଷଡଯନ୍ତ୍ର ବୋଲି କହିଛନ୍ତି। ଏ ନେଇ ପୀଡିତାଙ୍କ ବାପା ରବିବାର ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି। ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ପୀଡିତା କହିଛନ୍ତି। ଘଟଣା ସମ୍ପର୍କରେ ପୀଡିତାଙ୍କ ଭିଡିଓ ବାର୍ତ୍ତା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରାମପୁର ଆଇଆଇସି ଭାନୁ ଶଙ୍କର ଯାଦବ ଅନ୍ଧାରିବାଞ୍ଜି ଟିଏମ୍‌ସିରେ ପହଞ୍ଚିଛନ୍ତି। ଅନ୍ଧାରିବାଞ୍ଜି ପଞ୍ଚାୟତ କୁଲଥୁପାଲିର ୧୮ ବର୍ଷୀୟ ଯୁବତୀ ତାମିଲନାଡୁର ଏକ ସୂତା କାରଖାନାରେ କାମ କରୁଥିଲେ। ଗତ ୧ ତାରିଖରେ ଫେରି ଟିଏମ୍‌ସିରେ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି। ଟିଏମ୍‌ସିରେ ସମସ୍ତେ ପୁରୁଷ ଥିବା ବେଳେ ପୀଡିତା ଏକମାତ୍ର ମହିଳା ଅନ୍ତେବାସୀ ଥିଲେ। ଏହି ସୁଯୋଗରେ ଗତ ୩ ତାରିଖରେ ସରପଞ୍ଚ ଟିଏମ୍‌ସିକୁ ଆସି ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ସରପଞ୍ଚଙ୍କ ବ୍ୟବହାରରେ ଅତିଷ୍ଠ ଯୁବତୀ କ୍ୱାରାଣ୍ଟାଇନ୍‌ରେ ରହି ନ୍ୟାୟ ପାଇଁ ଭିଡିଓ ବାର୍ତ୍ତାରେ ସହାୟତା ଲୋଡିଛନ୍ତି।

### ନୂଆଗାଁକୁ ବ୍ୟାପିଲା କରୋନା ସଂକ୍ରମଣ

**ନୂଆଗାଁ, ୭।୬ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬ଜଣ ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୨ ଜଣ ସ୍ଥାନୀୟ ଅଞ୍ଚଳର ବାସିନ୍ଦା। ସେମାନଙ୍କ ମଧ୍ୟରୁ ଜଣେ ନୂଆଗାଁ ବ୍ଲକର ବୋଲି ଜଣାପଡିଛି। ନୂଆଗାଁରେ ପ୍ରଥମ ଥର ପାଇଁ କରୋନା ରୋଗୀ ଚିହ୍ନଟ ହେବା ପରେ ସାଧାରଣରେ ଆତଙ୍କ ଖେଳିଯାଇଛି। ଉକ୍ତ ରୋଗୀ ଅନ୍ୟ ରାଜ୍ୟରୁ ଆସି ହୋମ୍ କ୍ୱାରାଣ୍ଟାଇନରେ ଥିଲେ । ପ୍ରଶାସନ ପକ୍ଷରୁ ନୂଆଗାଁ ଅଞ୍ଚଳକୁ ସାନିଟାଇଜ କରାଯିବା ସହ ସୋମବାର ବସିବାକୁ ଥିବା ସାପ୍ତାହିକ ହାଟକୁ ବନ୍ଦ କରାଯିବାକୁ ଘୋଷଣା କରାଯାଇଛି । ସେହିଭଳି ନୂଆଗାଁ ସଦର ମାର୍କେଟକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି । ସମ୍ପୃକ୍ତ କରୋନା ସଂକ୍ରମିତ ରୋଗୀ କାହା ସଂସ୍ପର୍ଶରେ ଆସିଛନ୍ତି ସେ ନେଇ ପ୍ରଶାସନ ତରଫରୁ ଯାଞ୍ଚ କରାଯାଉଛି । କରୋନା ସଂକ୍ରମିତ ରୋଗୀ ଜଣକ ଏବେ ରାଉରକେଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ।

# ମହିଳାଙ୍କ ପିତ୍ତକୋଷ କାଟି ଦେଲେ

**ସମ୍ବଲପୁର,୭।୬(ବ୍ୟୁରୋ)**



ଉମାକାନ୍ତି ପ୍ରଧାନ ଏବଂ ସୁମତୀ ବରର୍ତ୍ତି ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି।

- ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ
- ଗୁରୁତର ଅବସ୍ଥାରେ ରୋଗୀଙ୍କୁ ଏମ୍ସରେ ଭର୍ତ୍ତି କରାଗଲା

ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅପରେଶନ ହୋଇଥିବା ଅଭିଯୋଗ ହେଉଛି। ପିତ୍ତକୋଷରେ ଷ୍ଟୋନ ଅପରେଶନ କରିବା ସମୟରେ ଡାକ୍ତର ଜଣେ ମହିଳାଙ୍କ ପିତ୍ତକୋଷକୁ କାଟି ଦେଇଛନ୍ତି। ବୁଢାରଜାର ସୁଶାନ୍ତ କୁଅଁର ଓ ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ମହାଦେବ ପ୍ରଧାନ ଏଭଳି ଗୁରୁତର ଅଭିଯୋଗ କରିଛନ୍ତି। ମହାଦେବଙ୍କ ସ୍ତ୍ରୀ ଉମାକାନ୍ତି ଓ ସୁଶାନ୍ତଙ୍କ ଭଉଣୀ ସୁମତୀ ବରର୍ତ୍ତି ଏଭଳି ତ୍ରୁଟିପୂର୍ଣ୍ଣ ଅପରେଶନର ଶିକାର ହୋଇ ଏବେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ତ୍ରୁଟିପୂର୍ଣ୍ଣ ଅପରେଶନ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଏମ୍ସ ଡାକ୍ତରମାନେ ସୂଚନା ଦେଇଥିବା ସେମାନେ କହିଛନ୍ତି। ଏହା ଜାଣିବା ପରେ ଅପରେଶନ କରିଥିବା ଡାକ୍ତର ସୁରେନ୍ଦ୍ର ଡୁଙ୍ଗୁରୀଙ୍କୁ ସେମାନେ ଯୋଗଯୋଗ କରିଥିଲେ। ଡାକ୍ତର ଡୁଙ୍ଗୁରୀ କହିଥିଲେ, ପ୍ରତିଦିନ ଅପରେଶନ ହେଉଛି। କେଉଁଠି କ'ଣ ଭୁଲ୍ ହୋଇଯାଉଥିବ। ଯଦି ତମର ବୀମା ଅଛି ତାହା ହେଲେ ଚିକିତ୍ସା କରାଅ।

ମହାଦେବଙ୍କ ସ୍ତ୍ରୀ ଉମାକାନ୍ତି ଫେବୃଆରୀ ୧୬ରେ ନର୍ସିଂହୋମରେ ଭର୍ତ୍ତି ହୋଇଥିଲେ। ଡାକ୍ତର ଡୁଙ୍ଗୁରୀ ପିତକୋଷରେ ଷ୍ଟୋନ ଥିବା କହିବା ପରେ ଅପରେଶନ କରାଯାଇଥିଲା। କିଛି ଦିନ ପରେ ସେ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥିଲେ। ହେଲେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପୁଣିଥରେ ଡାକ୍ତର ଡୁଙ୍ଗୁରୀଙ୍କ ପାଖକୁ ଆସିଥିଲେ। ହେଲେ ଆଉ ଚିକିତ୍ସା କରିବାକୁ ଡାକ୍ତର ଡୁଙ୍ଗୁରି ତାଙ୍କୁ ମନା କରିଦେଇଥିଲେ। ଜଣେ ସର୍ଜରୀ ଡାକ୍ତରଙ୍କୁ ଦେଖା କରିବାକୁ ସେ ପରାମର୍ଶ ଦେଇଥିଲେ। ଉମାକାନ୍ତିଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ନିଆଯାଇଥିଲା। ହେଲେ ଏକ ବଡ ଅପରେଶନ କରିବାକୁ ପଡିବ ବୋଲି ଭିମସାର ଡାକ୍ତରମାନେ କହିଥିଲେ। ଟଙ୍କା ଅଭାବରୁ ଅପରେଶନ ହୋଇ ପାରି ନ ଥିଲା। ମହାଦେବ ଚିନ୍ତାରେ ପଡିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଭାଜପା ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆଙ୍କ ସହଯୋଗରେ ଏବେ ସେ ସ୍ତ୍ରୀ ଉମାକାନ୍ତିଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଛନ୍ତି। ବୁଧବାର ତାଙ୍କ ଅପରେଶନ କରାଯିବ ବୋଲି ମହାଦେବ କହିଛନ୍ତି।

ସେହିପରି ବୁଢାରଜାର ସୁଶାନ୍ତ ଅଭିଯୋଗ କରିଛନ୍ତି, ତାଙ୍କ ଭଉଣୀ ସୁମତିଙ୍କ ଏପ୍ରିଲ ୨୫ରେ ଉକ୍ତ ନର୍ସିଂହୋମରେ ଅପରେଶନ ହୋଇଥିଲା। ୨୭ ତାରିଖ ଡିସ୍‌ଚାର୍ଜ ହୋଇ ସେ ଘରକୁ ଫେରିଥିଲେ। ହେଲେ ମେ ୨ ତାରିଖ ପେଟବ୍ୟଥା ହେବାରୁ ପୁଣି ନର୍ସିଂହୋମକୁ ଯାଇଥିଲେ। ଡାକ୍ତର କିନ୍ତୁ ପେନକିଲର ଇଞ୍ଜେକସନ ଦେଇ ଛାଡି ଦେଇଥିଲେ। ସ୍ଥାନୀୟ ଆଉ ଏକ ଘରୋଇ ନର୍ସିଂହୋମରେ ଦେଖାଇବା ପରେ ସେମାନ ଭୁବନେଶ୍ୱର ନେବାକୁ ପରାମର୍ଶ ଦେଇଥିଲେ। ଏଣୁ ଏବେ ଏମ୍ସରେ ସୁମତିଙ୍କ ଚିକିତ୍ସା ଚାଲିଛି। ଏ ସମ୍ପର୍କରେ ଡାକ୍ତର ଡୁଙ୍ଗୁରୀ କହିଛନ୍ତି, ରୋଗୀ ଜୀବନ ପ୍ରତି କୌଣସି ବିପଦ ନାହିଁ। ସେମାନେ ସୁସ୍ଥ ହୋଇଯିବେ। ଏଠାରେ ଚିକିତ୍ସା ସୁବିଧା ନ ଥିବାରୁ ତାଙ୍କୁ ଏମ୍ସ ଯିବାକୁ ପରାମର୍ଶ ଦିଆଯାଇଥିଲା। ତାଙ୍କର ଯାହା ଖର୍ଚ୍ଚ ହେବ ବୀମା କମ୍ପାନୀ ବହନ କରିବ ବୋଲି ସେ କହିଛନ୍ତି।

## 'ବନ୍ଦେ ଉତ୍କଳ ଜନନୀକୁ ବିରୋଧ କରାଯିବ'

**ବଲାଙ୍ଗୀର ଅଫିସ, ୭।୬**

### କୋସଲ ରାଜ୍ୟ ସମନ୍ୱୟ ସମିତିର ଆନ୍ଦୋଳନ ଚେତାବନୀ

ସାରା ରାଜ୍ୟରେ କରୋନା ସଂକ୍ରମଣକୁ ନେଇ ରାଜ୍ୟବାସୀ ଭୟଭୀତ ଅଛନ୍ତି। ଏହି ସମୟରେ ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ବନ୍ଦେ ଉତ୍କଳ ଜନନୀ ଭଳି ବିବାଦୀୟ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରି ନିଜର କରୋନା ବିଫଳତାକୁ ଘୋଡାଇବାର ପ୍ରୟାସ କରୁଛନ୍ତି ବୋଲି କୋସଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ୧୯୩୬ ମସିହା ପୂର୍ବରୁ ଉତ୍କଳ ଅଞ୍ଚଳ ଇଂରେଜ ଶାସନାଧୀନ ବଙ୍ଗାଳ ପ୍ରେସିଡେନ୍ସିର ଅନ୍ତର୍ଭୁକ୍ତ ଥିଲା। ସେ ସମୟରେ ଉତ୍କଳବାସୀଙ୍କୁ ସଙ୍ଗଠିତ କରିବା ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ବନ୍ଦେ ଉତ୍କଳ ଜନନୀ ଗୀତ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ଇଂରେଜ ଶାସନାଧୀନ କଳିଙ୍ଗ ଅଞ୍ଚଳ ଓ ସ୍ୱାଧୀନତା ପରବର୍ତ୍ତୀ ସମୟରେ ରଜାରାଜୁଡା ଶାସନାଧିନ ଗଡଜାତ ଅଞ୍ଚଳ ଓଡିଶାରେ ମିଶ୍ରଣ ହୋଇଥିଲା। ଆଧୁନିକ ଓଡିଶାରେ ଉତ୍କଳ ଜନନୀ ବଦଳରେ ଓଡିଶା ଜନନୀର ବନ୍ଦନା ଗାନ ହେବା ହିଁ ଯୁକ୍ତିଯୁକ୍ତ। ଏହି ଗୀତକୁ କୋଶଳାଞ୍ଚଳର ଜନତା ବିରୋଧ କରିଆସୁଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ସରକାର ଏହି ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେବାକୁ ଚେଷ୍ଟା କରି ଉପନିବେଶ ମାନସିକତା ଜାରି କରୁଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଦୃଢ଼ ବିରୋଧ କରାଯିବ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହା ବିରୋଧରେ ଆଇନଗତ ଓ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।


ରବିବାର ସମ୍ବଲପୁର ଅଇଁଠାପାଲି ପ୍ରବାସୀ ଶ୍ରମିକ ସହାୟତା ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

## ପ୍ରବାସୀ ଶ୍ରମିକଙ୍କୁ ସାହା ହେଲା ସହାୟତା ଶିବିର

**ସମ୍ବଲପୁର, ୭।୬ (ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲ ଛକରେ ଓଡିଶା ମୋ ପରିବାର ପକ୍ଷରୁ ଚାଲିଥିବା ପ୍ରବାସୀ ଶ୍ରମିକ ସହାୟତା ଶିବିର ରବିବାର ଶେଷ ହୋଇଛି। ଗୋଆରୁ ଝାଡ଼ଖଣ୍ଡର ସିମଡେଗା ଯାଉଥିବା ୩୯ ଜଣ ଓ ମୁମ୍ବାଇରୁ କଲିକତା ଯାଉଥିବା ୪୧ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଅତିଥି ଭାବେ ଯୋଗଦେଇ ଏହି ସହାୟତା ଶିବିର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିଜୁ ଜନତା ଦଳ ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ମୋତିଲାଲ ତନ୍ତି, ମହମ୍ମଦ ଅଜିମ୍ ଅଞ୍ଜୁ, ରାଜଲକ୍ଷ୍ମୀ ପ୍ରଧାନ, ଉଷା ପ୍ରଧାନ, କବିତା ପୁରୋହିତ, ମହମ୍ମଦ ସନାଉଲ୍ଲା, କୁମାର ଚାନ୍ଦ ରାଉତ, ନିହାଲ ସିଂ, ଲିଙ୍ଗରାଜ ତ୍ରିପାଠୀ, ଦିଲୀପ ଦାସ, ଅମିତ ନାଥ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଏହି ରାସ୍ତାରେ ଟ୍ରକ୍ ଓ ବସରେ ନିଜ ରାଜ୍ୟକୁ ଯାଉଥିବା ୨ହଜାର ୮୨୦ ଜଣ ପ୍ରବାସୀ ଶ୍ରମିକ, ୩୦୨ ଜଣ ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ ଜିଲାର ଶ୍ରମିକଙ୍କୁ ଓଡିଶା ମୋ ପରିବାର ପକ୍ଷରୁ ଶୃଙ୍ଖଳା ଖାଦ୍ୟ, ପାନୀୟ ଜଳ ପ୍ରଭୃତି ଦିଆଯାଇଛି।

## ସେକ୍ସ ର୍ୟାକେଟ୍ ଠାବ

**ସମ୍ବଲପୁର,୭।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଭତରା ଅଞ୍ଚଳର ଏକ ଘରେ ରବିବାର ଅପରାହ୍ନରେ ପୋଲିସ ଚଢାଉ କରି ସେଠାରେ ଅନୈତିକ କାରବାର ହେଉଥିବା ଠାବ କରିଛି। ଘର ଭିତରୁ ୩ ଯୁବତୀ ୫ ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି। ସେମାନେ ଝାରସୁଗୁଡା, ବଲାଙ୍ଗୀରର ବୋଲି ଜଣାପଡିଛି। ଘର ମାଲିକ (ଦମ୍ପତ୍ତି) ଓ ୫ଜଣ ଯୁବକଙ୍କୁ ଅଟକ ରଖାଯାଉଛି। ଉଦ୍ଧାର ଯୁବତୀ ଯୁବକଙ୍କ ଡାକ୍ତରୀମାଇନା କରାଯାଇଛି। ତେବେ ଏହି ଘରେ ପ୍ରାୟ ୨ ବର୍ଷ ହେଲା ସେକ୍ସ ର୍ୟାକେଟ ଚାଲିଥିଲା। ଜିଲା ଓ ଜିଲା ବାହାରୁ ଯୁବକମାନେ ଝିଅ ନେଇ ଏହି ଘରକୁ ଆସୁଥିଲେ। ଆସୁଥିବା ଯୁବତୀ ଯୁବକଙ୍କୁ ଦମ୍ପତ୍ତି ସବୁ ସୁବିଧା ସୁଯୋଗ ଯୋଗାଇ ଦେଉଥିଲେ। ହେଲେ ପ୍ରତିଦିନ ନୂଆ ନୂଆ ଲୋକ ଯିବା ଆସିବା ଦେଖି ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି ଯେ, ପ୍ରାୟ ବର୍ଷେ ହେବ ଘର ମାଲିକ ଘରକୁ ଭଡାରେ ଦେଉଥିଲେ। ସେଠାରେ ଅନୈତିକ କାର୍ଯ୍ୟ ଚାଲୁଥିବା ନେଇ ପୋଲିସ ପାଖରେ ପୂର୍ବରୁ ଥିବା ସୂଚନା ଆଧାରରେ ଚଢାଉ କରାଯାଇଛି।

## 'ପୋତାଧନ' ନାଁରେ ଠକେଇ, ୩ ଗିରଫ



ଗିରଫ ତିନି ଅଭିଯୁକ୍ତ ଏବଂ ଜବତ ହୋଇଥିବା ସାମଗ୍ରୀ।

**ବଲାଙ୍ଗୀର ଅଫିସ, ୭।୬**

- ଦେଢ଼ କେଜି ଓଜନର ନକଲି ସୁନା କଳସ ଜବତ
- ଡ୍ରିଲ ମେଶିନ୍, ୩ ମୋବାଇଲ, ବାଇକ ଜବତ

ମାଟି ତଳେ ପୋତାଯାଇଥିବା ଏକ ହଣ୍ଡା ଭିତରୁ ଅସଲି ସୁନା (ପୋତାଧନ)ମିଳିଛି। ସେଥିପାଇଁ କମ୍‌ଦାମରେ ବିକ୍ରି ହେବ କହି ଜଣେ ବେପାରୀଙ୍କୁ ଠକେଇ କରିଥିବା ଏକ ର୍ୟାକେଟ୍‌ର ୩ ସଦସ୍ୟଙ୍କୁ ବଲାଙ୍ଗୀର ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୋଗ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ପୋଲିସ ଏକ ମାମଲା (ନଂ.୧୮୩/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୌଦ୍ଧ ଜିଲା ମନମୁଣ୍ଡାର ରଞ୍ଜନ କୁମାର ମେହେର ଏହି ଠକେଇର ଶିକାର ହୋଇଛନ୍ତି। ନକଲି ସୁନା ନେଇ ଉକ୍ତ ର୍ୟାକେଟ୍‌ର ସଦସ୍ୟମାନେ ତାଙ୍କଠାରୁ ୨ଲକ୍ଷ ଟଙ୍କା ଠକି ନେଇଛନ୍ତି।

ରଞ୍ଜନଙ୍କ ଅଭିଯୋଗ ମୁତାବକ ଗତ ୪ ତାରିଖ ଦିନ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ କହିଥିଲେ, କୂଅ ଖୋଳିବା ବେଳେ ଜଣେ ବ୍ୟକ୍ତି ପୋତାଧନ ପାଇଛନ୍ତି। ଏହା ଖାଣ୍ଟି ସୁନା ଓ ସେ ଯଦି ନେବାକୁ ଚାହୁଁଛନ୍ତି କମ୍ ଦାମରେ କରାଇ ଦେବେ। ସେହି କଥାକୁ ବିଶ୍ୱାସ କରି ୫ ତାରିଖ ଦିନ ରଞ୍ଜନ ସୁନା କିଣିବା ପାଇଁ ବଲାଙ୍ଗୀର ସଦର ଥାନା ଅଧୀନ ଚୁଡାପାଲି ନିକଟ ବଗିଚା ଢ଼ାବା ପାଖରେ ପହଞ୍ଚି ଥିଲେ। ସେଠାରେ ଠକ ର୍ୟାକେଟ୍ ସଦସ୍ୟମାନେ ଏକ ପୁରୁଣା କଳସ ଦେଖାଇଥିଲେ। ରଞ୍ଜନଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ସେମାନେ ଏକ ମେଶିନରେ କଳସର କିଛି ଅଂଶ ଡ୍ରିଲ୍ କରି ସେହି ଗୁଣ୍ଡ ରଞ୍ଜନଙ୍କୁ ଦେଇଥିଲେ। ଡ୍ରିଲ ଗୁଣ୍ଡ ଅସଲି ଜାଣିବା ପରେ ରଞ୍ଜନ ସେମାନଙ୍କୁ ୨ ଲକ୍ଷ ଟଙ୍କା ଦେଇ ଦେଢ଼କେଜି ଓଜନର ସୁନାକଳସ ଧରି ଘରକୁ ଫେରିଥିଲେ। ଘରେ ପହଞ୍ଚି ସେ ଆଣିଥିବା କଳସ ଯାଞ୍ଚ କରିଥିଲେ। ହେଲେ ତାହା ନକଲି ବୋଲି ଜଣାପଡିଥିଲା। ଏ ନେଇ ୬ ତାରିଖ ଦିନ ସେ ସଦର ଥାନାରେ ଅଭିଯୋଗ କରିଥିଲେ।

ଏସ୍‌ପି ସନ୍ଦୀପ ମାଡକର ଏକ ଟିମ୍ ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଟିମ୍ ଡୁଲୁସର ଗ୍ରାମରେ ଚଢ଼ାଉ କରି ସେଠାରୁ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟଣାଗଡ ମେହେରପଡାର ଦୀପକ ମେହେର (୨୮), କଳାକାହ୍ନୁ ମେହେର(୫୦) ଓ ଲାଠୋର ଥାନା ଝଲିଆଲିଟିର ରାମଦାସ ମାଝି(୬୫)। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ସଦର ଥାନା ଆଇଆଇସି ତୋଫାନ ବାଗ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ନକଲି ସୁନା କଳସ, ଡ୍ରିଲ ମେଶିନ୍, ୩ ମୋବାଇଲ ଫୋନ୍, ଏକ ବାଇକ(ନଂ.ସିଜି୦୬ଜିଏଫ୍୦୧୫୧) ଏବଂ ନଗଦ ୯ହଜାର ଟଙ୍କା ଜବତ କରାଯାଇଛି। ର୍ୟାକେଟ୍‌ରେ ଆଉ ୩ ସଦସ୍ୟ ରହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାଁରେ ବଲାଙ୍ଗୀର ଟାଉନ ଥାନା, ସଦର ଥାନା, ପାଟଣାଗଡ, ଲରମ୍ଭା, ଖପ୍ରାଖୋଲ ଓ ବରଗଡ ଜିଲା ପଦ୍ମପୁର ଥାନାରେ ମାମଲା ରହିଛି।

## ଆର୍ଥିକ ଅନିୟମିତତା ନେଇ ଥାନାରେ ଅଭିଯୋଗ

**ବୌଦ୍ଧ,୭।୬(ସ୍ୱ.ପ୍ର.)**

### ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ବିବାଦ

ବୌଦ୍ଧ ଜିଲା କ୍ରିକେଟ ଆସୋସିଏସନରେ ବିବାଦ ଦେଖାଦେଇଛି। ଆସୋସିଏସନର ବିଦାୟୀ କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସିଂହ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ କରି ସଭାପତି ଓ ସମ୍ପାଦକଙ୍କ ନାମରେ ବୌଦ୍ଧ ଥାନାରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି । ଏନେଇ କେସ ନମ୍ବର ୧୪୬/୨୦୨୦ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି ।

ବୌଦ୍ଧ କ୍ରିକେଟ ଆସୋସିଏସନର ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ମେ ମାସରେ ଶେଷ ହୋଇଥିବା ବେଳେ ନୂତନ କର୍ମକର୍ତ୍ତା ନିର୍ବାଚନ ନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କୋଷାଧ୍ୟକ୍ଷ ସିଂହ ବିଦାୟୀ ସଭାପତି ଓ ସଂପାଦକଙ୍କ ନାମରେ ଆର୍ଥିକ ଅନିୟମିତତା କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କୁ ଚାପ ପକାଯାଇ ୨ ଲକ୍ଷ ୧୦ ହଜାର ଟଙ୍କା ଉଠାଯାଇଥିବା କୋଷାଧକ୍ଷ ସିଂହ ଅଭିଯୋଗରେ ଦର୍ଶାଇଛନ୍ତି । ଫୋନରେ ଯୋଗାଯୋଗ ସମ୍ଭବ ନ ହେବାରୁ ଏ ସଂପର୍କରେ କର୍ମକର୍ତ୍ତାଙ୍କ ପ୍ରତିକ୍ରିୟା ଜଣାଯାଇନାହିଁ ।

## ବିଦ୍ୟୁତ୍ ଆଘାତରେ ଗାଈ ମୃତ

**ମନମୁଣ୍ଡା,୭।୬(ଡି.ଏନ.ଏ.):** ମନମୁଣ୍ଡା ଥାନା ଅଧୀନ ଗୋହିପିଟାରେ ରବିବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଛି । ଗାଈଟି ସକାଳ ୯ଟା ସମୟରେ ନିକଟସ୍ଥ ବିଲକୁ ଚରିବାକୁ ଯାଇଥିଲା। ଫେରିବା ବିଳମ୍ବ ହେବା ଦେଖି ମାଲିକ ଗୋହିପିଟାର ରତନ ପ୍ରଧାନ ଖୋଜିବାକୁ ଯାଇଥିଲେ । ପ୍ରଧାନ ଗାଈଟି ମରି ପଡିଥିବାର ଦେଖିବାକୁ ପାଇଥିଲେ । ବିଦ୍ୟୁତ୍ ତାରଟି କାଳବୈଶାଖୀରେ ଛିଣ୍ଡି ପଡିଥିଲା । ଏ ନେଇ ସ୍ଥାନୀୟ ବିଦ୍ୟୁତ୍ ଅଫିସରେ ଜଣା ଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

## ରାଉରକେଲାରେ ବେଆଇନ ମଦ ତିଆରି କାରଖାନା ଠାବ



- ଜଣେ ମହିଳାଙ୍କ ସମେତ ୩ ଗିରଫ
- ମଦ ତିଆରି ସରଞ୍ଜାମ ଜବତ

**ରାଉରକେଲା ଅଫିସ,୭।୬**

ରବିବାର ରାଉରକେଲା ଅବକାରୀ ବିଭାଗ କର୍ମଚାରୀମାନେ ଷ୍ଟିଲସିଟିରେ ଚାଲିଥିବା ଏକ ବେଆଇନ ମଦ ତିଆରି କାରଖାନା ଠାବ କରିଛନ୍ତି । ଘଟଣାସ୍ଥଳରୁ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ରୁବେନ ମାଝି, ପାହାଲ ସିଂ ଓ ପାମୁନା ଭୂମିଜ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅନିଲ ସାହୁ ଫେରାର ଅଛନ୍ତି। ଉକ୍ତ କାରଖାନାରୁ ୫ଶହରୁ ଊର୍ଦ୍ଧ୍ୱ ଖାଲି ମଦ ବୋତଲ, ବହୁ ପରିମାଣର ଠିପି, ନକଲି ସ୍ପିରିଟ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଘଟଣାସ୍ଥଳରୁ ଏକ ବାଇକ୍‌କୁ ମଧ୍ୟ ଅବକାରୀ କର୍ମଚାରୀମାନେ ଜବତ କରିଛନ୍ତି ।

## ଟାର୍ଗେଟ୍ ଆସିନି, ଉଠିପାରୁନି ଧାନ


ଗୌରଗୋଠ ପ୍ୟାକ୍ସରେ ଖୋଲା ଆକାଶତଳେ ଧାନବସ୍ତା ପଡ଼ିରହିଛି।

**ଦେଓଗାଁ, ୭।୬(ଡି.ଏନ.ଏ.)**

### ଗୌରଗୋଠ ପ୍ୟାକ୍ସ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ରବି ଧାନକିଣାକୁ ନେଇ ଚଳିତବର୍ଷ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ଆବଶ୍ୟକ ଟାର୍ଗେଟ୍ ନ ଥିବାରୁ ଟୋକନ ପାଇ ବି ଚାଷୀ ପ୍ୟାକ୍ସରେ ଧାନ ବିକିବାରେ ସମସ୍ୟାର ସମ୍ମୁଖୀନ ହେଉଛି। କିଛିଦିନ ମଧ୍ୟରେ ଓଡ଼ିଶାରେ ମୌସୁମୀ ପ୍ରବେଶ କରିବ। ଏପରିସ୍ଥିତିରେ ଅମଳ ଧାନକୁ କେଉଁଠି ରଖିବ ସେହି ଚିନ୍ତାରେ ଥିବା ଚାଷୀ କମ୍ ଦରରେ ଉତ୍ପାଦିତ ଧାନକୁ ବେପାରୀଙ୍କ ହାତରେ ବିକ୍ରି କରିବାକୁ ବାଧ ହେଉଛି। ଏହାର ନଜିର ବ୍ଲକ ଅନ୍ତର୍ଗତ ଗୌରଗୋଠ ପ୍ୟାକ୍ସ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ପ୍ୟାକ୍ସ ଅଧୀନରେ ପଞ୍ଜୀକୃତ ୨୩୭ଚାଷୀ ୮ଟି ଉଠାଜଳସେଚନ ପଏଣ୍ଟଦ୍ୱାରା ୩୨୦ଏକର ଜମିରେ ରବିଧାନ ଚାଷ କରିଥିଲେ । ପ୍ରାୟ ଏକମାସ ହେଲା ଧାନ ଅମଳ ସରିଛି। ହେଲେ ସ୍ଥାନୀୟ କୃଷିସେବା ସମବାୟ ସମିତି ମାଧ୍ୟମରେ ଧାନକୁ ବିକ୍ରି କରିପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସମସ୍ତ ଚାଷୀଙ୍କ ଧାନକ୍ରୟ ପାଇଁ ୧୫ରୁ ୧୬ହଜାର କୁଇଣ୍ଟାଲ ଟାର୍ଗେଟ୍ ଆବଶ୍ୟକ ହେଉଥିବା ବେଳେ ମାତ୍ର ୨୩ଶହ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ୍ ଆସିଛି। ଶନିବାର ସୁଦ୍ଧା ୩୨ଜଣ ଚାଷୀଙ୍କ ୧୯ଶହ କୁଇଣ୍ଟାଲ ଧାନ ଉଠି ସାରିଛି। ଆଉ ୫ରୁ ୬ଜଣ ଚାଷୀଙ୍କ ପ୍ରାୟ ୪ଶହ କୁଇଣ୍ଟାଲ ଧାନ ମଧ କ୍ରୟ ହୋଇଛି। ହେଲେ ଉକ୍ତ ଧାନକୁ ମିଲର୍ସ କୌଣସି କାରଣରୁ ଉଠାଇ ନାହାନ୍ତି। ଏବେ ଟାର୍ଗେଟ୍ ନ ଥିବାରୁ ଚାଷୀ କ'ଣ କରିବ ବୁଦ୍ଧିବାଟ ପାଉନାହିଁ। ଅପେକ୍ଷା ପୁଣି କେବେ ନୂଆ ଟାର୍ଗେଟ୍ ଆସିବ। ଧାନକ୍ରୟ ବିଳମ୍ବ ହେବାରୁ ଦଲାଲ ଓ ସ୍ଥାନୀୟ ବେପାରୀ କୁଇଣ୍ଟାଲ ପ୍ରତି ୧୨ରୁ ୧୩ଶହ ଟଙ୍କାରେ ଧାନକିଣି ନେଉଛନ୍ତି ବୋଲି କହିଛନ୍ତି ଗୌରଗୋଠର ଚାଷୀ ମଣ୍ଟୁ ରଣା। ଧାନକ୍ରୟ ସମୟ ଆସିଲେ ବିଭାଗୀୟ ଅଧିକାରୀ, ମିଲର୍ସ ଓ ବେପାରୀଙ୍କ ମଧ୍ୟରେ ସଲାସୁତୁରା ହୋଇଯାଏ। ଟାର୍ଗେଟ୍ ଅଭାବ ଦର୍ଶାଇ ଅଭାବୀ ଦରରେ ଧାନ ବିକିବାକୁ ବାଧ କରାଇବା ଏକ ରୀତିମତ ଷଡ଼ଯନ୍ତ୍ର ବୋଲି ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ଦେଓଗାଁ ବ୍ଲକ ସଭାପତି ପୁରନ୍ଦର ଭୋଇ କହିଛନ୍ତି। ସମସ୍ୟାକୁ ନେଇ ପ୍ୟାକ୍ସ ସମ୍ପାଦକ ଦୁର୍ଯ୍ୟୋଧନ ରଣାଙ୍କୁ ପଚାରିବାରୁ ୨୩ଶହ କୁଇଣ୍ଟାଲ ଧାନକ୍ରୟର ଟାର୍ଗେଟ୍ ଅନୁଯାୟୀ ଚାଷୀଙ୍କଠାରୁ କ୍ରୟ କରାଯାଇଛି। ସାନି ଟାର୍ଗେଟ୍ ପାଇଁ ଆବେଦନ କରିଛୁ, ଆସିଲେ ଧାନକ୍ରୟ ହୋଇପାରିବ ବୋଲି କହିଥିଲେ।

### ନିଖିଳ ଉତ୍କଳ ଚାଷୀ ମୂଲିଆ ସଂଘର ରାଜ୍ୟପାଳଙ୍କୁ ଦାବିପତ୍ର

ଗୌରଗୋଠ ପ୍ୟାକ୍ସରେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୫ରୁ ୬ କେଜି କଟନି କରାଯାଉଛି। ବସ୍ତା ଓ ପରିବହନ ଖର୍ଚ୍ଚ ମଧ କଟାଯାଉଛି। ଏହାକୁ ନେଇ ନିଖିଳ ଉତ୍କଳ ଚାଷୀ ମୂଲିଆ ସଂଘ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଇ-ମେଲ୍ ଯୋଗେ ଦାବିପତ୍ର ପ୍ରେରଣ କରାଯାଇଛି। ଅନଲାଇନରେ ଟୋକନ ଅବ୍ୟବସ୍ଥା ଓ ଆବଶ୍ୟକରୁ ଯଥେଷ୍ଟ କମ୍ ଟାର୍ଗେଟ୍ ପ୍ରଦାନ ଯୋଗୁ ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ଏହାର ତ୍ୱରିତ ସମାଧାନ କରା ନ ଗଲେ ଚାଷୀ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ବୋଲି ସଂଘ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଜିଲା ସଭାପତି ପ୍ରେମାନନ୍ଦ ଭୋଇ, ବ୍ଲକ ସଭାପତି ପୁରନ୍ଦର ଭୋଇ ପ୍ରମୁଖ ଅଭିଯୋଗ କରଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୮ ଜୁନ୍, ୨୦୨୦

## ଦୋକାନ ଖୋଲିବା ସମୟ କୋହଳ

**ଢେଙ୍କାନାଳ ଅଫିସ, ୭।୬:** ରଜ ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଜୁନ୍ ୮ରୁ ୧୫ ତାରିଖ ଯାଏ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ସମୟରେ କୋହଳ କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ ଦୋକାନଗୁଡ଼ିକ ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲାରହିବ। ଲକ୍‌ଡାଉନ୍ ନିୟମ ମାନି ବ୍ୟବସାୟ କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବ୍ୟବସାୟୀଙ୍କୁ ନିବେଦନ କରିଛନ୍ତି।



## ସଂକ୍ଷେପରେ

### ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

**ଛେଣ୍ଡିପଦା, ୭।୬(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଛେଣ୍ଡିପଦାରୁ ଜରପଡା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ତେଣ୍ଟୁଲୋଇ ଜଙ୍ଗଲ ନିକଟରେ ଏକ ଗଛରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ତେଣ୍ଟୁଲୋଇ ଗ୍ରାମର ନିରଞ୍ଜନ ପ୍ରଧାନ(୩୦)। ସେ ଛେଣ୍ଡିପଦାରୁ ବାଇକ୍ (ନଂ. ଓଆର ୧୯ଇ ୦୧୬୪) ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଗଛରେ ପିଟି ହୋଇଯାଇଥିଲେ। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

### ସାପ କାମୁଡ଼ାରେ ମହିଳା ମୃତ

**ରାସୋଳ, ୭।୬(ଡି.ଏନ.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା କଳିଙ୍ଗା ଗ୍ରାମର ସଂଯୁକ୍ତା ପାଳ (୫୪)ଙ୍କ ରବିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଅପରାହ୍ନରେ କାଠ ଆଣିବାକୁ ବାଡ଼ିପଟକୁ ଯାଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରାଜପଥରେ ଟ୍ରକ ଜଳିଗଲା

**ବଇଣ୍ଡା, ୭।୬(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ଶୁଶବଠାରେ ରବିବାର ସକାଳେ ଏକ ଆଇରନ ବୋଝେଇ ଟ୍ରକ ଜଳିଯାଇଛି। ଏହାର ଚାଳକ ଓ ହେଲପର ସୁରକ୍ଷିତ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ, ଟ୍ରକ୍(ନଂ. ଓଡି ୦୫ ଏଡବ୍ଲ୍ୟୁ ୪୯୭୫)ଟି ପାରାଦୀପରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ସକାଳ ପ୍ରାୟ ସାଢେ ୧୦ଟାରେ ଶୁଶବଠାରେ ଏକ ଗଛ ତଳେ ଗାଡ଼ି ରଖି ଚାଳକ ଓ ହେଲପର ଗ୍ୟାସ ଚୁଲାରେ ରୋଷେଇ କରୁଥିଲେ। ସେହିସମୟରେ ଗଛରେ ଥିବା ମହୁମାଛି ହଠାତ୍ ଆକ୍ରମଣ କରିଥିଲେ। ସେଠାରୁ ଉଭୟେ ଦୌଡି ପଳାଇବାବେଳେ ଗ୍ୟାସ୍‌ଟି ପଡିଯିବାରୁ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ଖବରପାଇ ବାମୁର ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ବିଜେଡିରେ ମିଶିଲେ ଡେରେଙ୍ଗ ସରପଞ୍ଚ

**କଣିହାଁ, ୭।୬(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡ଼ା ବିଧାନସଭା କ୍ଷେତ୍ର ଅଧୀନ କଣିହାଁବ୍ଲକ ଡେରେଙ୍ଗ ସରପଞ୍ଚ ମୁକେଶ ସାହୁ ରବିବାର ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ସରପଞ୍ଚଙ୍କ ସମେତ ୧୦ ଭାଜପା ସଦସ୍ୟ ପାଲଲହଡ଼ା ବିଧାୟକଙ୍କ ପାର୍ଟି ଅଫିସ୍‌କୁ ଆସି ବିଜେଡିରେ ମିଶିଥିବା ବ୍ଲକ ବିଜେଡି ସଭାପତି କୈଳାସ ସାହୁ, ପଞ୍ଚାୟତ ବିଜେଡି ସଭାପତି ପୁରୁଷୋତ୍ତମ ସାହୁ ସୂଚନା ଦେଇଛନ୍ତି।

### ପୂର୍ବତନ ଉପ ନଗରପାଳଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୭।୬:** ଢେଙ୍କାନାଳ ପୌର ପରିଷଦର ପୂର୍ବତନ ଉପନଗରପାଳ ସାରଙ୍ଗଧର ମହାପାତ୍ର (୯୦)ଙ୍କ ରବିବାର ମୀନାବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି।



ଏହି ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶେଷଦର୍ଶନ କରିଥିଲେ। ସେ ୧୯୭୦ରୁ ୧୯୮୦ ଯାଏ ଉପନଗରପାଳ ପଦବୀରେ ଥିଲେ। ଏଥିସହ ମିନାବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନର ସମ୍ପାଦକ ଭାବେ ୩୦ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ସୁଆଗୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ମୀନାବଜାର ପୂଜା ପ୍ରତିଷ୍ଠାନର ସଭାପତି ପ୍ରଦୀପ ଚୌଧୁରୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତାଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

# ଗଡୁନି ଗାଡ଼ି, ଚିନ୍ତାରେ ଚାଳକ

**ବଇଣ୍ଡା, ୭।୬(ଡି.ଏନ.ଏ.)**



ବଞ୍ଚିବା ପାଇଁ ବାଛିଥିବା ବାଟରୁ ରୋଜଗାର ମିଳୁନି। କରୋନା କଟକଣା ଯୋଗୁ ବୃତ୍ତିରେ ତାଲା ପଡିଛି। ଏବେ ସଂକ୍ରମଣ ଭୟଠାରୁ ବଳିଯାଇଛି ପେଟପାଟଣା ଚିନ୍ତା। ଅନ୍ୟ ପନ୍ଥାରେ ଜୀବିକା ନିର୍ବାହ ପାଇଁ ରାସ୍ତା ଦେଖାଯାଉ ନ ଥିବାରୁ ଦୁର୍ଦ୍ଦଶାରେ ଦିନ ବିତାଉଛନ୍ତି ଗାଡ଼ି ଚାଳକଙ୍କ ପରିବାର। କେବେ କରୋନା ଭୟ ଦୂର ହେବ ଆଉ ଗାଡ଼ି ସହ ଜୀବନ ଗଡ଼ିବ ସେ ଚିନ୍ତାରେ ପଡିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ୨୨୦ ଗାଡ଼ି ଡ୍ରାଇଭର।

ପାଇକସାହି ଗାଡ଼ି ଚାଳକ ସଂଘ ସଭାପତି ଭୁବନ କୁମାର ଜେନାଙ୍କ କହିବା ମୁତାବକ, ବିଭିନ୍ନ ଗାଡ଼ି ଚଳାଇ ଘର ଚଳାଉଥିବା ଚାଳକମାନେ କରୋନା କଟକଣା ଯୋଗୁ ଦୀର୍ଘ ୨ ମାସ ହେବ ଘରେ ହାତ ବାନ୍ଧି ବସିଛନ୍ତି। ରୋଜଗାର ହେଉ ନ ଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଛି। ପାଇକସାହିର ୨୨୦ ଚାଳକ ପରିବାର ପ୍ରତିପୋଷଣ ପାଇଁ ଡ୍ରାଇଭର ବୃତ୍ତିକୁ ବାଛି ନେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଅନ୍ତଃରାଜ୍ୟ ଟ୍ରକ୍ ଡ୍ରାଇଭର ଅଛନ୍ତି। ଅନ୍ୟମାନେ ରାଜ୍ୟ ତଥା ବିଭିନ୍ନ ଅଞ୍ଚଳକୁ ଘରୋଇ ବସ୍ ଚଳାଇଥାନ୍ତି। ଅନ୍ୟ କେତେଜଣ ଘରୋଇ କାର୍ ଚଳାଇ ମଧ୍ୟ ଦୁଇ ପଇସା ରୋଜଗାର କରୁଥିଲେ। ହେଲେ ମାର୍ଚ୍ଚରେ କରୋନା କଟକଣା ଜାରିହେବା ପରେ ସେମାନେ ଘରେ ବସି ରହିଛନ୍ତି। ଅନେକଙ୍କୁ ସେମାନଙ୍କ ପୂର୍ବମାସର ଦରମା ମଧ୍ୟ ମିଳିନାହିଁ। କିଛି ଚାଳକ ବାଧ୍ୟ ହୋଇ ମଜୁରି ଲାଗୁଛନ୍ତି। ସେହିପରି ସେମାନଙ୍କ ପାଇଁ କୌଣସି ବୀମା ଯୋଜନା ନ ଥିବାରୁ ଭୟରେ ଅନେକେ ଗାଡ଼ି ଚଳାଇବାକୁ ମଧ୍ୟ ମଙ୍ଗୁନାହାନ୍ତି। ତେଣୁ ପରିବହନରେ ନିୟୋଜିତ ସମସ୍ତ ଗାଡ଼ିଚାଳକଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ବୀମା କରାଯିବା ସହ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ପାଇଁ ସଂଘ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, କୋଷାଧ୍ୟକ୍ଷ ପବନା ପ୍ରଧାନ ଦାବି କରିଛନ୍ତି। ଏଥିସହ ସଂଘ ପକ୍ଷରୁ ଏ ନେଇ ଜିଲାପାଳ, ଆଠମଲ୍ଲିକ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚାଳକଙ୍କ ସମସ୍ୟା ବାବଦରେ ସରକାରଙ୍କୁ ଅବଗତ କରାଯିବ ବୋଲି ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ କହିଛନ୍ତି।

- ରୋଜଗାର ବନ୍ଦ କରିଛି କରୋନା
- ସଂକ୍ରମଣ ଭୟକୁ ବଳିଛି ପେଟପାଟଣା ଚିନ୍ତା
- ଦୁର୍ଦ୍ଦଶା ବଢୁଛି, ସରକାରଙ୍କ ସହାୟତାକୁ ଆଶା

# କଟର ମେଶିନ ଛଡ଼ାଇନେଲେ

**ଢେଙ୍କାନାଳ ଅଫିସ, ୭।୬**



- ଚୋରା ପଥର ବ୍ୟବସାୟୀଙ୍କ ଦାଦାଗିରି
- ଅଧିକାରୀଙ୍କୁ ଦେଖାଇଲେ ନାଲିଆଖି

ଢେଙ୍କାନାଳ ଜିଲାରେ ପଥର ମାଫିଆଙ୍କ ଦାଦାଗିରି ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥା ପାଲଟିଛି। ବେଆଇନ ଖାଦାନରେ ଚଢ଼ାଉବେଳେ କେତେବେଳେ ସେମାନେ ଆକ୍ରମଣ କରୁଛନ୍ତି ତ ଆଉ କେବେ ଅଧିକାରୀଙ୍କୁ ଅଟକ ରଖୁଛନ୍ତି। ରବିବାର ଏହାର ପୁନରାବୃତ୍ତି ହୋଇଛି। ନିହାଲପ୍ରସାଦ ଥାନା ଛୋଟତେନ୍ତୁଳି ଗ୍ରାମ ନିକଟରେ ଥିବା ବେଆଇନ ପଥର ଖାଦାନରେ ଚଢ଼ାଉ ବେଳେ ଜବତ କରାଯାଇଥିବା କଟର ମେଶିନକୁ ବ୍ୟବସାୟୀମାନେ ଛଡ଼ାଇ ନେଇଛନ୍ତି। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଛୋଟତେନ୍ତୁଳି ଗ୍ରାମ ନିକଟରେ ବେଆଇନ ଭାବେ ପଥର କଟା ଚାଲିଥିବା ସୂଚନା ପାଇ ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ (ରାଜସ୍ୱ)ଙ୍କ ନେତୃତ୍ୱରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ଓଡ଼ାପଡା ଆର୍‌ଆଇ ଚିନ୍ମୟ ଦାସ ପୋଲିସ ଫୋର୍ସ ସହ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଏକ ନମ୍ବର ବିହୀନ ପଥର ବୋଝେଇ ଟ୍ରାକ୍ଟର ଏବଂ କଟର ମେଶିନ ଜବତ କରାଯାଇଥିଲା। ଅଧିକାରୀମାନେ ଫେରୁଥିବାବେଳେ ରାସ୍ତାରେ ପଥର ବ୍ୟବସାୟୀମାନେ ଠେଙ୍ଗାବାଡ଼ି ଧରି ଅଟକାଇବା ସହ କଟର ମେଶିନ ନେଇଯାଇଥିଲେ। ଜବତ ଟ୍ରାକ୍ଟରକୁ ନିହାଲପ୍ରସାଦ ଥାନା ପୋଲିସ ଜିମା ଦିଆଯାଇଛି। ଜିଲା ପ୍ରଶାସନ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏଭଳି ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଉପଜିଲାପାଳ କୁହନ୍ତି, ଘଟଣା ସତ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କ୍ୱାରାଣ୍ଟାଇନ୍ ଫେରନ୍ତା ପଜିଟିଭ୍

**ଭୁବନ, ୭।୬(ଡି.ଏନ.ଏ.)**

- ଭୁବନକୁ ଛୁଇଁଲା କରୋନା, ୨ ଆକ୍ରାନ୍ତ ଚିହ୍ନଟ
- ଚାରିଆଡ଼େ ବୁଲିଛନ୍ତି, ପୋଖରୀରେ ଗାଧୋଇଛନ୍ତି
- ପଞ୍ଚାୟତକୁ ଶଟ୍‌ଡାଉନ୍ କରିବାକୁ ଦାବି କଲେ ସରପଞ୍ଚ

ଢେଙ୍କାନାଳ ଜିଲାର ଭୁବନ ବ୍ଲକକୁ କରୋନା ଛୁଇଁଛି। ରବିବାର ଗୋଟିଏ ଦିନରେ ଏଠାରୁ ୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉଭୟଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁହେଁ ଦିଲ୍ଲୀରୁ ମେ ୨୬ରେ ଫେରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବେଡ଼ାପାଳ ଏବଂ ଅନ୍ୟଜଣେ ଜିରାଳ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ତେବେ ଜିରାଳ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ପ୍ରବାସୀ ଜଣକ ୭ଦିନିଆ କ୍ୱାରାଣ୍ଟାଇନ୍ ଅବଧି ସାରି ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିଲେ। ଏହି ସମୟ ମଧ୍ୟରେ ସେ ନିୟମ ଭାଙ୍ଗି ଗାଁ ସାରା ବୁଲିଛନ୍ତି। ଅନେକ ଲୋକଙ୍କ ସହ ମିଳାମିଶା କରିଛନ୍ତି। ପୋଖରୀରେ ଗାଧୋଇଛନ୍ତି। ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପଞ୍ଚାୟତକୁ ୪ ଦିନପାଇଁ ଶଟଡାଉନ୍ ଘୋଷଣା କରିବାକୁ ସରପଞ୍ଚ ପ୍ରଜ୍ଞା ପରମିତା ପ୍ରଧାନ ବିଡିଓଙ୍କୁ ନିବେଦନ କରିଛନ୍ତି। ଏ ନେଇ ବିଡିଓ ଆଶୀର୍ବାଦ ପରିଡ଼ା କୁହନ୍ତି, ଜିରାଳରୁ ଚିହ୍ନଟ ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂ କରିବାକୁ ଅଙ୍ଗନୱାଡି ଏବଂ ଆଶାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ଉପରେ ନଜର ରଖାଯାଇଥିବା ସେ ସୂଚନା ଦେଇଛନ୍ତି।



ସୂଚନାଯୋଗ୍ୟ, ଭୁବନ ବ୍ଲକ ଏବଂ ଏନ୍‌ଏସିରେ ୪୫ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ବ୍ଲକକୁ ଫେରିବାକୁ ୬୭୮ ପ୍ରବାସୀ ପଞ୍ଜୀକରଣ କରିଥିଲେ। ଆସିଥିବା ପ୍ରବାସୀଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ୍ ସାରି ଘରକୁ ଫେରିଛନ୍ତି। ୩୯୬ ଜଣ ସଙ୍ଗରୋଧରେ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସରିଲାଣି ୩୬୭୭ ସ୍ୱାବ୍ ପରୀକ୍ଷା

**ଢେଙ୍କାନାଳ ଅଫିସ, ୭।୬:** ଢେଙ୍କାନାଳ ଜିଲାରେ ୩୬୭୭ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କ ରିପୋର୍ଟରୁ କୋଭିଡ୍-୧୯ ଭୂତାଣୁ ଚିହ୍ନଟ କରାଯାଇଛି। ପୂର୍ବରୁ ୭ଜଣ ସୁସ୍ଥ ହୋଇଥିବାବେଳେ ରବିବାର ଅନ୍ୟ ୯ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ମୋଟ ୧୬ ଜଣ ସୁସ୍ଥ ହେବାପରେ ଆକ୍ଟିଭ୍ କେସ୍ ସଂଖ୍ୟା ୧୯କୁ ହ୍ରାସ ପାଇଥିବା ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

# ଅନୁଗୋଳରେ ଆଉ ୨ ଆକ୍ରାନ୍ତ

**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ଜିଲାରେ ରବିବାର ଆଉ ଦୁଇ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସୂଚନା ମୁତାବକ, ଆକ୍ରାନ୍ତ ଯୁବକଙ୍କ ବୟସ ଯଥାକ୍ରମେ ୨୩ ଓ ୨୪ ବର୍ଷ। ଉଭୟେ ଗତ ୨୬ ତାରିଖରେ ମୁମ୍ବାଇରୁ ଫେରି ଅନୁଗୋଳ ବ୍ଲକର ଏକ ସରକାରୀ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ଉଭୟଙ୍କ ନମୁନା ପଜିଟିଭ୍ ଆସିବା ପରେ ସେମାନଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ସମୁଦାୟ ୨୫ ଜଣ ସୁସ୍ଥ ହୋଇ ଅନୁଗୋଳସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ନିରୀକ୍ଷଣ ପାଇଁ ରହିଛନ୍ତି। ଗତ ୫ ତାରିଖରେ ତାଳଚେରସ୍ଥିତ କୋଭିଡ ମେଡିକାଲର ଜଣେ ଡାକ୍ତରଙ୍କ ନମୁନା କରୋନା ପଜିଟିଭ୍ ବାହାରିବା ପରେ ଚିକିତ୍ସାଳୟ କର୍ମଚାରୀଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏଥିସହ ସମ୍ପୃକ୍ତ ଡାକ୍ତର ବସୁଥିବା ସ୍ଥାନ ସାନିଟାଇଜ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।



ଅନୁଗୋଳ ଡେରଜାଙ୍ଗ ପ୍ରକଳ୍ପରେ ରବିବାର ସୂର୍ଯ୍ୟାସ୍ତ ସମୟରେ ଦୃଶ୍ୟମାନ ଲାଲ୍‌ରଙ୍ଗର ଆକାଶ। **(ଫଟୋ–ବୁଲୁ)**

# ଲକ୍ଷେ ଚାରା ଲଗାଇବ ଟାଟା ଷ୍ଟିଲ୍ ବିଏସ୍‌ଏଲ୍

**ଓଡ଼ାପଡ଼ା, ୭।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ୍ ବିଏସ୍‌ଏଲ୍ ପକ୍ଷରୁ ଚଳିତବର୍ଷ ୧ ଲକ୍ଷ ଚାରା ରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ ଏ ନେଇ କମ୍ପାନୀ ପକ୍ଷରୁ ସଂକଳ୍ପ କରାଯାଇଛି। ଅନୁଗୋଳସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ କୁମାର ମଲ୍ଲିକ ଉପସ୍ଥିତ ରହି ଚାରାରୋପଣ କରି ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। କମ୍ପାନୀର ଆଇରନ୍ ମେକିଂ ମୁଖ୍ୟ ଜି. ଭେଙ୍କଟନାରାୟଣ, କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ, ପରିବେଶ ବିଭାଗ ମୁଖ୍ୟ ସରୋଜ ବାନାର୍ଜୀ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ପରିବେଶ ଦିବସରେ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ୧୩୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଜାପାନୀ ବୈଜ୍ଞାନିକ ପ୍ରଣାଳୀ 'ମିଆୱାକି' ପଦ୍ଧତିରେ ୧ଲକ୍ଷ ଚାରାରୋପଣ କରିବାକୁ ଯୋଜନା ରଖାଯାଇଛି। ଏହି ଉପଲକ୍ଷେ କମ୍ପାନୀ କର୍ମଚାରୀ ଓ ସେମାନଙ୍କ ପିଲାମାନଙ୍କ ମଧ୍ୟରେ ଅନ୍‌ଲାଇନ୍‌ରେ ସପ୍ତାହବ୍ୟାପୀ ପ୍ରତିଯୋଗିତା କରାଯାଇ ଇ–ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ ଦୂରତ୍ୱ ବଜାୟ ରଖି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୁସୁପଙ୍ଗା, ମଙ୍ଗଳପୁର, ଶିବପୁର, ନୂଆଗାଁ, ପାଇକ ପୁରୁଣାକୋଟ, ନୂଆହାଟ ପଞ୍ଚାୟତର ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।



ଚାରା ରୋପଣ କାର୍ଯ୍ୟକ୍ରମରେ ଅଧିକାରୀମାନେ।

# ବିନା ତଦାରଖରେ ରାସ୍ତା କାମ



ଅନୁଗୋଳ କାଞ୍ଚନ ଟକିଜ୍‌ଠାରେ ବର୍ଷାରେ ରାସ୍ତା ପିଚୁ କାମ ଚାଲିଛି।

**ଅନୁଗୋଳ ଅଫିସ, ୭।୬**

- ନିମ୍ନମାନର ନିର୍ମାଣ ଅଭିଯୋଗ
- କାମ ଠିକ୍ ନ ହେଲେ ଦିଆଯିବନି ବିଲ୍: ଯନ୍ତ୍ରୀ

ଅନୁଗୋଳ ସହରର ବିଭିନ୍ନ ସ୍ଥାନରେ ରାସ୍ତା କାମ ଚାଲିଥିବାବେଳେ ଏଥିରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ବିନା ତଦାରଖରେ ଯନ୍ତ୍ରୀ କିମ୍ବା କର୍ମଚାରୀଙ୍କ ଅନୁପସ୍ଥିତିରେ ରାସ୍ତା ମରାମତି, ପିଚୁ ଢଳେଇ କରାଯାଉଥିବାରୁ ନିମ୍ନମାନର ନିର୍ମାଣ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଉଠାଇଛନ୍ତି।

ସୂଚନା ମୁତାବକ, ରବିବାର କାଞ୍ଚନ ଟକିଜଠାରୁ ଅନୁଗୋଳ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମରାମତି ହେଉଥିଲା। ଏହି କାର୍ଯ୍ୟ ରାତି ପର୍ଯ୍ୟନ୍ତ ଚାଲିଥିବା ଦେଖାଯାଇଥିଲା। କିଛି ସମୟ ପାଇଁ ବର୍ଷା ହୋଇଥିଲେ ମଧ୍ୟ ପିଚୁ ଜାରି ରଖାଯାଇଥିଲା। ସେହିପରି କିଛି ଦିନ ପୂର୍ବରୁ ହେମସୁରପଡ଼ା ଛକରୁ ଗାନ୍ଧୀ ମାର୍ଗ ଛକ ପର୍ଯ୍ୟନ୍ତ ଜଣେ ଠିକାଦାର ରାସ୍ତା ମରାମତି କରିବାର ମାତ୍ର ଦୁଇ ଦିନ ପରେ ପିଚୁ ଉଠିଯାଇଥିବା ନେଇ ମଧ୍ୟ ଅସନ୍ତୋଷ ଦେଖାଦେଇଛି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାୟକ କହିଛନ୍ତି, ଉକ୍ତ ରାସ୍ତା କାମ ଦିନରେ ଆରମ୍ଭ ହୋଇଥିଲେ ହେଁ ଏହା ସନ୍ଧ୍ୟା ପର୍ଯ୍ୟନ୍ତ ଗଡିଯାଇଥିଲା। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସବୁ କାମ ତଦାରଖ କରାଯାଇପାରୁନାହିଁ। ସୋମବାର ସକାଳେ ଉକ୍ତ ସ୍ଥାନକୁ ଯାଇ କାର୍ଯ୍ୟର ମାନ ଯାଞ୍ଚ କରାଯିବ। ସମ୍ପୃକ୍ତ ଠିକାଦାର ଠିକ୍‌ଭାବେ ରାସ୍ତା ନିର୍ମାଣ କରି ନ ଥିଲେ ତାଙ୍କୁ ବିଲ୍ ଦିଆଯିବ ନାହିଁ। ଏଥିସହ ଖରାପ ହୋଇଥିବା ରାସ୍ତାର ପୁନଃ ମରାମତି କରାଯିବ।

# ଜମି ବିବାଦରୁ ମାରପିଟ୍, ଜଣେ ଗିରଫ

**କଣିହାଁ, ୭।୬(ଡି.ଏନ.ଏ.)**

ଜମି ବିବାଦକୁ କେନ୍ଦ୍ରକରି ମାରପିଟ୍ ଅଭିଯୋଗରେ କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଆଇଆଇସି ଦୀପିକା ଦେବୀରାୟଙ୍କ ସୂଚନା ଅନୁଯାୟୀ, ବିଜିଗୋଳ ଗ୍ରାମର ଏକ ଚାଷ ଜମି ପଟ୍ଟା ଓ ଜବରଦଖଲକୁ ନେଇ ସୁବାସ ଚନ୍ଦ୍ର ଜେନା ଓ ଗଗନ ନନ୍ଦଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁବାସଙ୍କ ମାଡ଼ରେ ଗଗନଙ୍କ ମୁଣ୍ଡ ଫାଟିଥିଲା। ଏ ନେଇ ଗଗନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୫/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁବାସଙ୍କୁ ଗିରଫ କରିଛି।

# ୧୦୦ ଲିଟର ମଦ ଜବତ

**ପରଜଙ୍ଗ, ୭।୬(ଡି.ଏନ.ଏ.)**

ପରଜଙ୍ଗ ପୋଲିସ ରବିବାର କଙ୍କଡାସୋଡ଼ା ଗ୍ରାମରେ ଚଢ଼ାଉ କରି ୧୦୦ ଲିଟର ଦେଶୀ ମଦ, ମଦ ତିଆରି ସରଞ୍ଜାମ ଏବଂ ବାଇକ୍ ଜବତ କରିଛି। ଦୀର୍ଘଦିନ ଧରି ଅଞ୍ଚଳରେ ବେଆଇନ ଭାବେ ମଦ ପ୍ରସ୍ତୁତ କରାଯାଉଥିବା ସୂଚନା ପାଇ ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ଅଧାପନ୍ତରିଆ ଆଶ୍ରୟସ୍ଥଳ

**ଅନୁଗୋଳ ଅଫିସ, ୭।୬**



- ଅବଧି ପୂରିବାକୁ ବର୍ଷେ ବିତିଲା
- ଆନୁଷଙ୍ଗିକ ବ୍ୟବସ୍ଥାରେ ଟଙ୍କା ବାଧକ
- ଉପରିସ୍ଥ ଅଧିକାରୀଙ୍କ ନିକଟକୁ ଗଲା ଫାଇଲ

କେହି ରହିବେନି ଖୋଲା ଆକାଶ ତଳେ। ବର୍ଷା, ଶୀତ କାକର ଭିଜା ରାତିରୁ ବାସହରାଙ୍କୁ ତ୍ରାହି ମିଳିବ। ଏପରି ମହତ୍ ଉଦ୍ଦେଶ୍ୟ ନେଇ ସରକାର ଆରମ୍ଭ କରିଥିଲେ ସେଲ୍ଟର ଫର ଅର୍ବାନ ହୋମଲେସ୍ (ଏସ୍‌ୟୁଏଚ୍) ଯୋଜନା। ଏଥିପାଇଁ ଟଙ୍କା ବରାଦ ହୋଇ ଆଶ୍ରୟସ୍ଥଳ ନିର୍ମାଣ ଶେଷ ହେବାକୁ ସମୟ ମଧ୍ୟ ଧାର୍ଯ୍ୟ କରାଗଲା। ହେଲେ ଧାର୍ଯ୍ୟ ସମୟକୁ ବର୍ଷେ ପୂରଣ ହୋଇସାରିଲେ ବି ଟଙ୍କା ଅଭାବରୁ ସାଧିତ ହୋଇପାରିନି ସରକାରଙ୍କ ଉଦ୍ଦେଶ୍ୟ। ଫଳରେ ଅନୁଗୋଳ ପୌରପାଳିକାରେ ଆଶ୍ରୟସ୍ଥଳ ନିର୍ମାଣ କାମ ପୂର୍ଣ୍ଣାଙ୍ଗ ରୂପ ନେଇପାରୁନି।

ସୂଚନାଯୋଗ୍ୟ, ୨୦୧୮ ଶେଷ ଆଡକୁ ସରକାର ଅନୁଗୋଳ ସହରରେ ଏସ୍‌ୟୁଏଚ୍ କାର୍ଯ୍ୟ ଆରମ୍ଭ ପାଇଁ ବ୍ୟବସ୍ଥା କରିଥିଲେ। ଏଥିପାଇଁ ବ୍ୟୟବରାଦ ହୋଇଥିଲା ୪୨ ଲକ୍ଷ ଟଙ୍କା। ୫୦ ବାସହରା ଲୋକଙ୍କ ରହିବା ଲକ୍ଷ୍ୟ ନେଇ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୧୯ ମେ ସୁଦ୍ଧା କୋଠା କାମ ସମ୍ପୂର୍ଣ୍ଣ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ଏହି ଅବଧି ପୂରିବାକୁ ବର୍ଷେ ବିତିଥିଲେ ବି ଆଶ୍ରୟସ୍ଥଳକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇପାରିନାହିଁ। ଏସ୍‌ୟୁଏଚ୍ ଗୃହ ନିର୍ମାଣ ସରିଛି, କିନ୍ତୁ ଶେଷ ସ୍ପର୍ଶ ଦେବାକୁ ପୌରପାଳିକା ପକ୍ଷରୁ ଟଙ୍କା ଯୋଗାଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଟଙ୍କା ଅନୁମୋଦନ ପାଇଁ ଏ ସଂକ୍ରାନ୍ତ ଫାଇଲ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯାଇଥିବା ପୌରପାଳିକା ପକ୍ଷରୁ କୁହାଯାଇଛି। ସହରର ଖାଲୁଆ ଅଞ୍ଚଳରେ ଗୃହ ନିର୍ମାଣ ଓ ଏଥିପାଇଁ ଯୋଜନାରେ ପରିବର୍ତ୍ତନ ହେବା ଯୋଗୁ ଅନୁମୋଦିତ ଅର୍ଥ ଶେଷ ହୋଇଛି। ଏ ବାବଦରେ ଉପରିସ୍ଥ ଅଧିକାରୀ ରିଭାଇଜ କରି ବୈଷୟିକ ମଞ୍ଜୁରି ଦେବା ପରେ ସରକାର ଟଙ୍କା ଯୋଗାଇବେ। ଏହା ପରେ ନିର୍ମାଣ ହୋଇଥିବା ଗୃହକୁ ଶେଷ ସ୍ପର୍ଶ ଦିଆଯିବା ସହ ବିଜୁଳି, ପାଣି, ବେଡ୍ ଆଦିର ବ୍ୟବସ୍ଥା କରାଯିବ। ରକ୍ଷଣାବେକ୍ଷଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୁକ୍ତି ଭିତ୍ତିରେ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି।

ଏ ନେଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଏସ୍‌ୟୁଏଚ୍ ଗୃହ ନିର୍ମାଣକୁ ନେଇ ପ୍ରଥମେ ବିବାଦ ଉପୁଜିଥିଲା। ଫଳରେ ବିଳମ୍ବ ହୋଇଛି। ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବା ସହ ଅନୁମୋଦନ ମଗାଯାଇଛି। ସେଠାରୁ ଅନୁମୋଦନ ମିଳିବା ପରେ ତୁରନ୍ତ କାର୍ଯ୍ୟ ଶେଷ ହେବ। ଶୀତ ଦିନ ପୂର୍ବରୁ ନିର୍ମାଣ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରହିଛି। ୨ ମାସ ମଧ୍ୟରେ ଘର ପ୍ରସ୍ତୁତ କରାଯାଇ ଲୋକଙ୍କୁ ରଖାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଗ୍ରାମରେ ପାଇପ ଯୋଗାଇ ପାଣି ଦେଇନି ପ୍ରଶାସନ

ଜୟପୁର,୭।୬ (ନି.ପ୍ର.)-ରାତି ପାହିଲେ ଗ୍ରାମବାସୀଙ୍କୁ ଘାରେ ପାଣି ଚିନ୍ତା। ଜଳ ଯନ୍ତ୍ରଣା ଭୋଗୁଛନ୍ତି ଜୟପୁର ବ୍ଲକ ବାରିଣୀପୁଟ ପଞ୍ଚାୟତର ନାଡୁଗୁଡା ଗ୍ରାମବାସୀ। ଜୟପୁରରୁ ୭ କିମି ଦୂରରେ ରହିଥିବା ୨୦ ପରିବାରଙ୍କ ଏଯାଏ ପାନୀୟ ଜଳ ସମସ୍ୟା ଦୂର ହୋଇପାରିନି। ଗ୍ରାମରେ ନଳକୂପଟିଏ କିମ୍ବା କୂଅଟିଏ ମଧ୍ୟ ନାହିଁ। ପ୍ରଶାସନ ଗ୍ରାମକୁ ପାଇପ ବିଛାଇଛି ସତ, ମାତ୍ର ପାଣି ଦେଇପାରିନି। ପାନୀୟ ଜଳ ପାଇଁ କେବଳ ଝରଣା ହିଁ ଭରସା। ତୁଆ ଶୁଖିଗଲେ ହଇରାଣ ହେବାକୁ ହୁଏ। ବର୍ଷା ଦିନେ ଗୋଳିଆ ପାଣି ସଂଗ୍ରହ କରି ଆଣିବାକୁ ପଡେ। ତୁରନ୍ତ ଗ୍ରାମକୁ ପାଇପ୍ ଜଳ ଯୋଗାଣ ଲାଗି ଦାବି ହେଉଛି।

**ସଂକ୍ଷେପରେ**

## ପଟେରୁ ଲ୍ୟାମ୍ପସ୍ : କମ୍ପ୍ୟୁଟରରୁ ରେକର୍ଡ, ସିସିଟିଭିରୁ ତଥ୍ୟ ଗାଏବ

ମାଲକାନଗିରି,୭।୬ (ଡି.ଏନ୍.ଏ.)- ସରକାରୀ ବସ୍ତାରେ ଚିନାବାଦାମ ଚୋରା ଚାଲାଣ ଘଟଣାରେ ମାଲକାନଗିରି ଜିଲା ପୋଟେରୁ ଲ୍ୟାମ୍ପସ୍ ଏମ୍.ଡି.ଙ୍କୁ ନିଲମ୍ବିତ ହୋଇଥିଲେ। ପରେ ତାଙ୍କୁ ଗିରଫ କରାଯାଇଥିଲା। ଲ୍ୟାମ୍ପସ୍‌ର ଡାଟା ଏଣ୍ଟ୍ରି ଅପରେଟର ସଂଗ୍ରାମ କେଶରୀ ସ୍ୱାଇଁଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା। ଏହି ଦୁର୍ନୀତି ଘଟଣାର ତଥ୍ୟ ଲୁଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଗତ ୫ ତାରିଖ ରାତିରେ ଡାଟା ଏଣ୍ଟ୍ରି ଅପରେଟର ସ୍ୱାଇଁ କାର୍ଯ୍ୟାଳୟରେ ରହି ଯାଇଥିବା ଲୁଗାପଟା ନେବି ବୋଲି କହି କୋଷାଧ୍ୟକ୍ଷ ବିଶାଖା ମଣ୍ଡଳଙ୍କଠାରୁ ଚାବି ମାଗି ନେଇଥିଲେ। ମାତ୍ର ସେ ସମୟରେ ସିସିଟିଭିରୁ ଆବଶ୍ୟକ ରହିଥିବା ତଥ୍ୟ ଗାଏବ କରିଦେବା ସହ କମ୍ପ୍ୟୁଟରରୁ ମଧ୍ୟ ସମସ୍ତ ରେକର୍ଡ ଗାଏବ କରି ଦେଇଛନ୍ତି। ଏହି ଖବର ଜାଣିବା ପରେ ଲ୍ୟାମ୍ପସର ନୂଆ ଦାୟିତ୍ୱ ନେଇଥିବା ଶ୍ରୀନିବାସ ଜେନା ପୋଟେରୁ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛି। କେସ୍ ନଂ. ୭୬/୨୦।

## ହେଲ୍ପ ଡେସ୍କର ଶୁଭାରମ୍ଭ

ପାରଳାଖେମୁଣ୍ଡି,୭।୬(ସ୍ୱ.ପ୍ର.)- ପାରଳାଖେମୁଣ୍ଡିସ୍ଥିତ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରବାସୀ ଶ୍ରମିକ ଓ ଅସହାୟଙ୍କ ପାଇଁ ଏକ ହେଲ୍ପ ଡେସ୍କର ଶୁଭାରମ୍ଭ ହୋଇଛି । ଜିଲା ଦୌରାଜଜ ବିଶ୍ୱଜିତ ଦାସ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟତଃ ପ୍ରବାସୀ ଶ୍ରମିକ ଏବଂ ଓଡିଶା ରାଜ୍ୟ ବାହାରେ କାମ କରୁଥିବା ଗରିବ ଲୋକମାନଙ୍କ ଆଇନଗତ ସମସ୍ୟା ପାଇଁ ଏହି ହେଲ୍ପ ଡେସ୍କ କାର୍ଯ୍ୟ କରିବ ବୋଲି ଜିଲା ଆଇନସେବା ପ୍ରାଧିକରଣର ସଚିବ ବ୍ୟୋମକେଶ ନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ଜେଏମ୍ଏଫ୍‌ସି. ଅନିଲ କୁମାର ଖଟେଇ, ଅଙ୍କିତା ଗୁରୁ, ପ୍ରୋବେଶନାରୀ ମାଜିଷ୍ଟ୍ରେଟ ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀ, ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣର ରଘୁନନ୍ଦନ ଦାସ ଓ କାହ୍ନୁଚରଣ ପଣ୍ଡା ସହଯୋଗ କରିଥିଲେ ।

## ପ୍ରେସ୍ କ୍ଲବ ବୈଠକ

ଜୟପୁର, ୭।୬ (ନି.ପ୍ର.)-ଜୟପୁର ପ୍ରେସ୍ କ୍ଲବର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଲେକପ୍ଲାସିଡ ଠାରେ କ୍ଲବ ସାଧାରଣ ସମ୍ପାଦକ ସୁରେଶ ନାଇଡୁଙ୍କ ଆହ୍ୱାନରେ ହୋଇଥିବା ବୈଠକରେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସହରର କେତେକ ଅଞ୍ଚଳରେ ଟଏଲେଟ୍ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। କ୍ଲବ ପକ୍ଷରୁ ଏନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ କ୍ଲବ ସଦସ୍ୟମାନେ ଆଗାମୀ ଦିନରେ ବୃକ୍ଷରୋପଣଠାରୁ ଆରମ୍ଭ କରି ଗରିବ ଛାତ୍ରୀଛାତ୍ରଙ୍କୁ ଖାତା, ପେନ ବଣ୍ଟନ କରିବା ଲାଗି ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ଆଇନଜୀବୀ କେ.ଭି.ଏସ୍ ନାନାଜି ଆଚାରୀଙ୍କୁ କ୍ଲବର ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା। ବୈଠକରେ ସଭାପତି ସତ୍ୟ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରବି ନାୟକ, ଉପ ସଭାପତି ପଦ୍ମନାଭ ହୋତା, ବରିଷ୍ଠ ଆଇନଜୀବୀ ଆଚାରୀ, ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ସୁବାସ ଦାସ, ଯୁଗ୍ମ ସମ୍ପାଦକ ପବନ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ତରୁଣ ମହାପାତ୍ର, କେ. ଶ୍ରୀନିବାସ ରାଓ, ରଶ୍ମିକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗରୋଧରୁ ଫେରିଲେ ୯୭ ପ୍ରବାସୀ

ଗୋଷାଣୀ, ୭।୬(ଡି.ଏନ୍.ଏ.): ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିବା ୯୭ ପ୍ରବାସୀଙ୍କ ଅବଧି ଶେଷ ହେବାପରେ ରବିବାର ଘରକୁ ଫେରିଛନ୍ତି। ରମ୍ଭା ପଞ୍ଚାୟତର ଏସ୍. ଓରଡ଼ା ସଙ୍ଗରୋଧ କେନ୍ଦ୍ରରୁ ୨୬ଜଣ, ବୋମିକା କେନ୍ଦ୍ରରୁ ୩୫ ଏବଂ ଅଗରଖଣ୍ଡି ପଞ୍ଚାୟତ ବାବୁଜୀ ପେଣ୍ଠ କେନ୍ଦ୍ରରୁ ୩୬ ପ୍ରବାସୀ ଫେରିଛନ୍ତି। ଏହି ସମୟରେ ବିଡିଓ କିଶୋର ଚନ୍ଦ୍ର ଦାସ ଏବଂ ସମସ୍ତ ସରପଞ୍ଚ ଉପସ୍ଥିତ ରହି ସରକାରଙ୍କ ନିୟମ ଅନୁଯାୟୀ ପ୍ରବାସୀମାନଙ୍କୁ ୨ହଜାର ଟଙ୍କା ଲେଖାଏ ଦେଇ ଘରକୁ ପଠାଇଥିଲେ। ସେହିପରି ଏଠାରୁ ଯିବାପରେ ୭ ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଇଛି।

# ବାଲଟି, ମାଠିଆ ରଖି ରାସ୍ତା ଅବରୋଧ କଲେ ମହିଳା

ମାଲକାନଗିରି,୭।୬ (ଡି.ଏନ୍.ଏ.)


ମହିଳାମାନେ ରାସ୍ତାରେ ହାଣ୍ଡି, ବାଲ୍‌ଟି ରଖି ଅବରୋଧ କରିଛନ୍ତି ।

**ତଳସାହିରେ ଜଳକଷ୍ଟ**
- ଗାଡିମୋଟର ଚଳାଚଳ ହେଲା ବାଧାପ୍ରାପ୍ତ
- ପାଇପରୁ ବିଦ୍ୟୁତ୍ ମୋଟର ଲଗାଇ ହେଉଛି ପାଣି ଚୋରି
- ଖୁବ୍ ଶୀଘ୍ର ହେବ ସମସ୍ୟାର ସମାଧାନ

ମାଲକାନଗିରି ସହରବାସୀ ଜଳକଷ୍ଟ ଭୋଗୁଛନ୍ତି। ଏନେଇ ରବିବାର ମାଲକାନଗିରି ପୌର ପରିଷଦର ୧ ନମ୍ବର ୱାର୍ଡ ତଳସାହିର ଶତାଧିକ ମହିଳା ପୁରୁଷ ଖାଲି ହାଣ୍ଡି ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଫଳରେ ଏହି ରାସ୍ତାରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରତିବର୍ଷ ଆମ ୱାର୍ଡରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲେ ମଧ୍ୟ ଜନ ସ୍ୱାସ୍ଥ୍ୟ ବିଭାଗ ଓ ପୌର ପରିଷଦ କୌଣସି ସ୍ଥାୟୀ ପ୍ରତିକାର କରୁନାହାନ୍ତି। ଫଳରେ ସାହିରେ ବସବାସ କରୁଥିବା ଶତାଧିକ ପରିବାର ଜଳକଷ୍ଟ ଭୋଗୁଛନ୍ତି ବୋଲି ମହିଳାମାନେ କହିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ବିଛା ଯାଇଥିଲେ ମଧ୍ୟ ଠିକ୍ ସମୟରେ ପାଣି ଆସୁନାହିଁ। ସହରର ଅନେକ ସ୍ଥାନରେ ରାସ୍ତା କଡରେ ବିଛା ଯାଇଥିବା ପାଇପରୁ ବିଦ୍ୟୁତ୍ ମୋଟର ଲଗାଇ କେତେକ ବ୍ୟକ୍ତି ପାଣି ଚୋରି କରିନେଉଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଗୌରବ କୁଲୁଙ୍କୁ ପଚାରିବାରୁ ସେ କହିଲେ ଯେ, ୧ ନମ୍ବର ୱାର୍ଡର ଜଳ ସମସ୍ୟା ଖୁବ୍ ଶୀଘ୍ର ଦୂର କରାଯିବ। ଏଥିସହ ଅନ୍ୟାନ୍ୟ ଅଞ୍ଚଳରେ ରହିଥିବା ଜଳ ସମସ୍ୟା ଦୂର କରାଯିବ। ଏନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁଙ୍କୁ ପଚାରିବାରୁ ସେ କହିଲେ ଯେ, ଟ୍ୟାଙ୍କର ଯୋଗେ ସହରରେ ବୁଲି ବୁଲି ଜଳ ଯୋଗାଣ ହେଉଛି। ଅଗାମୀ ଦିନରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ।

# କାଜୁ ବଗିଚାରେ ଝିଣ୍ଟିକା ପ୍ରଜାତିର କୀଟ

ପାରଳାଖେମୁଣ୍ଡି, ୭।୬(ସ୍ୱ.ପ୍ର.):

**ଆସନ୍ନ ପଙ୍ଗପାଳ ଦମନ ପାଇଁ ଆଲୋକଯନ୍ତା**


ପଙ୍ଗପାଳ ଦମନ ପାଇଁ ରଖାଯାଇଥିବା ଆଲୋକଯନ୍ତା ।

ଗଜପତି ଜିଲାର ଆର. ଉଦୟଗିରି ବ୍ଲକ୍‌ରେ ଝିଣ୍ଟିକା ପ୍ରଜାତିର କୀଟ ଦେଖିବାକୁ ମିଳିଛନ୍ତି। ମହେନ୍ଦ୍ରଗଡ଼ ପଞ୍ଚାୟତର ପିତାପଣସ ପାହାଡ଼ ନିକଟବର୍ତ୍ତୀ ଅଞ୍ଚଳର କାଜୁ ବଗିଚାରେ ଏହି କୀଟ ଦଳ ପଶିଛନ୍ତି। କାଜୁ ଗଛର ସବୁଜ ପତ୍ରଗୁଡ଼ିକୁ ଏମାନେ ନଷ୍ଟ କରୁଥିବା ଦେଖାଯାଇଛି। ଏହାକୁ ନେଇ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ପଙ୍ଗପାଳ ଭୟ ସୃଷ୍ଟି ହୋଇଛି। ଏହି ଝିଣ୍ଟିକା ଦ୍ୱାରା ଅଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତେଣୁ ଏହି କୀଟଙ୍କ କବଳରୁ କାଜୁ ଓ ଅନ୍ୟ ଫସଲର ସୁରକ୍ଷା ପାଇଁ କୃଷି ବିଭାଗ ଓ ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଏହି କୀଟ ପଙ୍ଗପାଳ ବୋଲି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଆସନ୍ନ ପଙ୍ଗପାଳ ଦମନ ପାଇଁ ସହକାରୀ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ କୀଟନାଶକ ସିଞ୍ଚନ ପାଇଁ ପ୍ରାକ୍ ପ୍ରସ୍ତୁତି ଚଳାଇଛନ୍ତି। ଏଥିସହ ୪୮ଟି ଆଲୋକଯନ୍ତାର ବ୍ୟବସ୍ଥା ମଧ୍ୟ କରାଯାଇଥିବା ଜଣାପଡ଼ିଛି। ସେହିପରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ପରମାନନ୍ଦ ପରମଗୁରୁ ସ୍ଥିତିର ଅନୁଧ୍ୟାନ କରିଥିବା ସୂଚନା ମିଳିଛି।

# ବଜ୍ରପାତ କ୍ଷତିପୂରଣ ଟଙ୍କା ହଡପ

ରାଇଘର,୭।୬ (ଡି.ଏନ.ଏ)


ରାଇଘର ଥାନାରେ ଅଭିଯୋଗ କରିବାକୁ ଆସିଥିବା ବିଜେଡି ନେତାମାନଙ୍କ ସହ କେଶୁ ଗଣ୍ଡ ।

**ସରପଞ୍ଚଙ୍କ ବିରୋଧରେ ଏତଲା**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତ ଜୁନାନୀ ଗ୍ରାମର କେଶୁରାମ ଗଣ୍ଡଙ୍କୁ ମିଳିଥିବା ବଜ୍ରପାତ କ୍ଷତିପୂରଣ ଟଙ୍କା ସରପଞ୍ଚ ହଡପ କରିଥିବା ନେଇ ସେ ରାଇଘର ଥାନାରେ ଶନିବାର ଏତଲା ଦେଇଛନ୍ତି। କେଶୁରାମଙ୍କ ଅଭିଯୋଗ ଅନୁଯାୟୀ ୨୦୧୭ ଜୁନରେ ତାଙ୍କ ସ୍ତ୍ରୀ ରାମବାଇଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ପାଇଁ ସ୍ଥାନୀୟ ସରପଞ୍ଚ ପାଖକୁ ସେ ଯାଇଥିଲେ। ୪ଲକ୍ଷ ଟଙ୍କା ସହାୟତା ମିଳିବ ବୋଲି ସରପଞ୍ଚ ଶ୍ରୀରାମ ଗଣ୍ଡ କହିଥିଲେ। ଟଙ୍କା କିପରି ମିଳିବ ସେଥିପାଇଁ ସହଯୋଗ କରିବାକୁ ସରପଞ୍ଚଙ୍କୁ କେଶୁ କହିଥିଲେ। ତହସିଲ, ବ୍ଲକ ଓ ଥାନାକୁ ସାଥୀରେ ନେଇ ସମସ୍ତ କାଗଜପତ୍ର ସରପଞ୍ଚ କରାଇଥିଲେ। ଏପରିକି ସରପଞ୍ଚ ବ୍ୟାଙ୍କକୁ ନେଇ ଖାତା ଖୋଲି କେଶୁ ଆକାଉଣ୍ଟରେ ୬ ହଜାର ଟଙ୍କା ଜମା କରିଥିଲେ । ଦୁଇ ତିନି ମାସ ଭିତରେ ଟଙ୍କା ଆସିବ କହି ସମସ୍ତ କାଗଜ ପତ୍ର ଓ ବ୍ୟାଙ୍କ ଖାତା ନିଜେ ସରପଞ୍ଚ ରଖିଥିଲେ ବୋଲି କେଶୁ ଅଭିଯୋଗ କରିଛନ୍ତି। ବଜ୍ରପାତରେ ମୃତ୍ୟୁ ଘଟିଥିବା ଲୋକଙ୍କ ଟଙ୍କା ମିଳିବା ଜାଣିପାରି କେଶୁ ରାଇଘର ତହସିଲ କାର୍ଯ୍ୟାଳୟକୁ ଯାଇ ବୁଝିଥିଲେ । ତୁମ ଟଙ୍କା କେବେ ଠାରୁ ଆସିଛି ବ୍ୟାଙ୍କରେ ଯାଇ ବୁଝିବାକୁ ତହସିଲଦାର କହିଥିଲେ । କେଶୁ ବ୍ୟାଙ୍କ ଯାଇ ବୁଝିଥିଲେ। ୧୩।୧୧।୧୭ ରେ ରାଇଘର ତହସିଲଦାର ୪ ଲକ୍ଷ ଟଙ୍କା ଜମା କରିଥିବା ଷ୍ଟେଟମେଣ୍ଟରୁ ଜାଣିବାକୁ ପାଇଥିଲେ। ତେବେ ୧୬।୧୧।୧୭ରେ ଆକାଉଣ୍ଟ ନଂ. ୩୭୨୮୩୪୧୩୭୨୭ ରେ ୧ ଲକ୍ଷ ୫ ହଜାର ଓ ୧୮।୧୧।୧୭ରେ ପୁଣି ୨ଲକ୍ଷ ୯୫ ହଜାର ଟ୍ରାନ୍ସଫର ହୋଇଥିବା ଜାଣିପାରି ସରପଞ୍ଚଙ୍କୁ ପଚାରିଥିଲେ। ଟଙ୍କା ସରପଞ୍ଚ ଦେବେ ବୋଲି କିଛି ଦିନ ଧରି କହିଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ନ ଦେବାରୁ କେଶୁ ରାଇଘର ଥାନାରେ ଅଭିଯୋଗ କରିଥିଲେ। ୨୩।୩।୨୦ରେ ରାଇଘର ଥାନାରେ ଲିଖିତ ଭାବେ ୪ ମାସରେ ୪ଟି କିସ୍ତିରେ ଟଙ୍କା ଦେବେ ବୋଲି ସରପଞ୍ଚ ରାଜିନାମା କରିଥିଲେ । ଦୁଇ ମାସ ବିତିବା ପରେ ଟଙ୍କା ନଦେଇ ଧମକ ଦେବାରୁ କେଶୁ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ .୭୮/୨୦ରେ ମାମଲା ରୁଜୁ ହୋଇଛି। ଏ ନେଇ ରାଇଘର ଥାନା ଅଧିକାରୀ ଗଗନେଶ୍ୱର ମାଝିଙ୍କୁ ପଚାରିବାରୁ ମାମଲା ରୁଜୁକରି ତଦନ୍ତ କରାଯାଉଥିବା କହିଛନ୍ତି। ଏହାକୁ ନେଇ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ପ୍ରମୋଦ ପାଢୀ, ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ଗଣ୍ଡ, ସୁକଦେବ ଗଣ୍ଡ , ରାଇଘର ବିଜେଡି ସଭାପତି ରାଇସିଂ ଗଣ୍ଡ ଖବରଦାତା ସମ୍ମିଳନୀ କରିଥିଲେ। ପରେ ରାଇଘର ଥାନାକୁ ଯାଇ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ ।

## ଗଜପତିରେ ଆଉ ୨୩ ସୁସ୍ଥ

ପାରଳାଖେମୁଣ୍ଡି,୭।୬(ସ୍ୱ.ପ୍ର.): ଗଜପତି ଜିଲାରେ ଏପର୍ଯ୍ୟନ୍ତ ୬୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨୩ ସଂକ୍ରମିତ ସୁସ୍ଥ ହୋଇ ରବିବାର ଘରକୁ ଫେରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିପୂର୍ବରୁ ମଧ୍ୟ ୧୦ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ତେଣୁ ଜିଲାରେ ମୋଟ ୩୩ଜଣ ସୁସ୍ଥ ହୋଇଥିବାବେଳେ ୨୮ ଆକ୍ଟିଭ୍ କେସ୍ ରହିଥିବା ଜଣାପଡ଼ିଛି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସ୍ଥାନୀୟ ରାଜସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ସଂକ୍ରମିତମାନେ ଚିକିତ୍ସିତ ଥିଲେ। ଜିଲାରେ ଚିହ୍ନଟ ହୋଇଥିବା ସମସ୍ତ ପଜିଟିଭ୍ ବାହାର ରାଜ୍ୟ ଫେରନ୍ତା ବୋଲି ଜଣାପଡ଼ିଛି।

## ନବରଙ୍ଗପୁରର ୨ୟ କରୋନା ଆକ୍ରାନ୍ତ ସୁସ୍ଥ

ନବରଙ୍ଗପୁର,୭।୬(ବି.ପ୍ର) ନବରଙ୍ଗପୁର ଜିଲାର ୨ୟ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେ କରୋନାରେ ଆକ୍ରାନ୍ତ ହୋଇ ସମ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି।

## ରାୟଗଡ଼ାରେ ପହଞ୍ଚିଲେ ଆଉ ୧୦୭୪ ପ୍ରବାସୀ

ରାୟଗଡ଼ା ଅଫିସ, ୭।୬: କେରଳର ଆଲେପ୍ପିଠାରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ରବିବାର ସକାଳେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଛି। ଏଥିରେ ରବିବାର ସର୍ବାଧିକ ୧୦୭୪ ଓଡ଼ିଆ ଆସି ପହଞ୍ଚିଛନ୍ତି। ଏମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲାର ସର୍ବାଧିକ ୨୯୭ଜଣ, କୋରାପୁଟର ୨୯୨, ରାୟଗଡ଼ାର ୭୬, କନ୍ଧମାଳର ୧୨୧, ଗଜପତିର ୨୫, କଳାହାଣ୍ଡିର ୭୯ ଏବଂ ଗଞ୍ଜାମ ଜିଲାର ୧୮୪ ଶ୍ରମିକ ରହିଛନ୍ତି। ଏତେ ସଂଖ୍ୟାରେ ପ୍ରବାସୀ ପହଞ୍ଚିବା ଯୋଗୁ ରାୟଗଡ଼ା ଷ୍ଟେଶନରେ ପ୍ରବଳ ଭିଡ଼ ସୃଷ୍ଟି ହୋଇଥିଲା। ଶ୍ରମିକମାନଙ୍କ ଆସିବା ସମ୍ପର୍କରେ ପୂର୍ବରୁ ସୂଚନା ପାଇ ପ୍ରଶାସନ ପକ୍ଷରୁ ଶନିବାରଠାରୁ ଗଜପତି ଛକରୁ ସାଇ ଇଣ୍ଟରନ୍ୟାଶନାଲ ଛକ ଏବଂ ଷ୍ଟେଶନ ଅଞ୍ଚଳରେ ୧୪୪ଧାରା ଜାରିକରାଯାଇଥିଲା। ଏ ପର୍ଯ୍ୟନ୍ତ ରାୟଗଡ଼ା ଷ୍ଟେଶନରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାର ପ୍ରାୟ ୩୫୮୭ ଜଣ ପ୍ରବାସୀ ଓହ୍ଲାଇଥିବା ଜଣାପଡ଼ିଛି। ଷ୍ଟେଶନରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଡିଡିଆର୍‌ଡିଏ ଅମ୍ରିତ ଋତୁରାଜ, ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କୋଭିଡ୍ ହସ୍ପିଟାଲରେ ହୋଇପାରୁନି ଚିକିତ୍ସା

ରାୟଗଡ଼ା ଅଫିସ,୭।୬:

**ଜିଲା ବାହାରକୁ ଯାଉଛନ୍ତି କରୋନା ସଂକ୍ରମିତ**

କରୋନା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ଜିଲାରେ ପ୍ରତିଷ୍ଠା ହୋଇଛି କୋଭିଡ୍ ହସପିଟାଲ। ସେହିପରି ରାୟଗଡ଼ା ଜିଲାର ଜେକେପୁର ଇଏସ୍ଆଇ ହସ୍ପିଟାଲଠାରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସପିଟାଲ ପ୍ରସ୍ତୁତ ହୋଇଛି। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ୫୦ ଶଯ୍ୟା ପ୍ରସ୍ତୁତ ରହିଛି। ତଥାପି ଜିଲାରେ ଚିହ୍ନଟ ହେଉଥିବା କରୋନା ସଂକ୍ରମିତମାନଙ୍କ ଚିକିତ୍ସା ପାଇଁ ଅନ୍ୟ ଜିଲା ଉପରେ ନିର୍ଭର କରିବାକୁ ପଡୁଛି। ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଭେଣ୍ଟିଲେଟର ଓ ଆଇସିୟୁ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତେବେ କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନି। ଇତିମଧ୍ୟରେ ଜିଲାରେ ୨ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଜଣଙ୍କୁ ଭୁବନେଶ୍ୱର ଏବଂ ଅନ୍ୟ ଜଣଙ୍କୁ ଗଜପତି ଜିଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଜିଲାକୁ ଲଗାତାର ପ୍ରବାସୀ ଶ୍ରମିକଙ୍କ ଆଗମନ ହେଉଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ତେଣୁ ଜିଲାରେ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟବସ୍ଥା ଶୀଘ୍ର କରିବା ପାଇଁ ଦାବି ହେଉଛି। ଏ ନେଇ ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଶୀଘ୍ର ଜିଲାର ସଂକ୍ରମିତ ଏଠାରେ ଚିକିତ୍ସା ସୁବିଧା ପାଇବେ।

# କେନ୍ଦୁଗୁଡା ହତ୍ୟା ଘଟଣା: ୬ ଗିରଫ

ମାଲକାନଗିରି,୭।୬ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ପେଡାକୋଣ୍ଡା ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରିବା ଘଟଣାରେ ରବିବାର ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଦେବା ମାଡକାମି, ଶୁକ୍ରା କବାସୀ, ଆଡମା ମାଡି, ବୁଦ୍ରା ମୁଚାକି, ଆଇତା କବାସୀ ଓ ରାମ ମାଡି । ଗତ ୩ମାସ ମଧ୍ୟରେ ଅଜଣା ରୋଗରେ ୧୭ ଜଣଙ୍କ ମୃତ୍ୟୁ ଘଟିବା ଯୋଗୁ ଏହା ଏକ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ଦ୍ୱାରା ହେଉଥିବା ସନ୍ଦେହ କରି ସେହି ଗ୍ରାମର ଜଣେ ଯୁବକ ସମାରୁ ମାଡକାମିଙ୍କୁ କେତେକ ବ୍ୟକ୍ତି ହତ୍ୟା କରି ମାଟିରେ ପୋତି ଦେଇଥିଲେ। ଏନେଇ ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରି ୬ ଅଭିଯୁକ୍ତଙ୍କୁ ଗିରଫ କରଛି। ସୂଚନାଯୋଗ୍ୟ ଯେ, ଗତ ୪ ତାରିଖ ରାତି ୧୧ଟାରେ ସମାରୁଙ୍କୁ ଗ୍ରାମରେ ବୈଠକ ଅଛି କହି ଡାକି ନେଇଥିଲେ। ପରେ ତାଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଭାଇ ଉଙ୍ଗା ମାଡକାମିଙ୍କ ଅଭିଯୋଗକ୍ରମେ ମାଲକାନଗିରି ଆଇଆଇସି ରାମପ୍ରସାଦ ନାଗ କେସ୍ ନଂ. ୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ ସମାରୁଙ୍କୁ ହତ୍ୟା କରି ପୋତି ଦେଇଥିବା ଜାଣିବାକୁ ପାଇଥିଲେ। ପରେ ମାଟି ଖୋଳି ମୃତଦେହ ଉଦ୍ଧାର କରିଥିଲେ। ଏହି ଘଟଣାରେ ଦେବା ମାଡକାମି, ବୁଦ୍ରା ମୁଚାକି, ଆଇତା କବାସୀ, ରାମ ମାଡିଙ୍କୁ ଅଟକ ରଖି ପଚରାଉଚରା କରୁଥିଲେ। ଅଟକ ବ୍ୟକ୍ତିମାନେ ଘଟଣାକୁ ସ୍ୱୀକାର କରିବା ସହ ଏଥିରେ ସମ୍ପୃକ୍ତ ଅନ୍ୟ ୨ ଜଣଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଫଳରେ ପୋଲିସ ସେହି ୨ଜଣ ଶୁକ୍ରା କବାସୀ, ଆଡମା ମାଡିଙ୍କୁ ମଧ୍ୟ ଧରି ଆଣିଥିଲା। ରବିବାର ସମସ୍ତ ୬ଜଣଯାକଙ୍କୁ ଏହି ମାମଲାରେ ଗିରଫ କରି କୋର୍ଟଚାଲାଣ କରିଛି।

# ସେମିଳିଗୁଡ଼ାରୁ ୨ ପଜିଟିଭ୍


ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିବା କଣ୍ଟେନମେଣ୍ଟ ଅଞ୍ଚଳ ।

ଜୟପୁର/ସେମିଳିଗୁଡ଼ା/ସୁନାବେଡ଼ା, ୭।୬(ନି.ପ୍ର./ସ୍ୱ.ପ୍ର.)

**ଜିଲାରେ ୧୬ ଛୁଇଁଲା ଆକ୍ରାନ୍ତଙ୍କ ସଂଖ୍ୟା**
- ମହାରାଷ୍ଟ୍ରରୁ ଫେରିଥିଲେ ଦମ୍ପତି
- ଜୁନ୍ ୨ରୁ ଥିଲେ ହୋମ୍ କ୍ୱାରାଣ୍ଟାଇନରେ
- କଣ୍ଟେନମେଣ୍ଟ ଜୋନ୍ ହେଲା ନେହେରୁ ନଗର,ଚର୍ଚ୍ଚ ଅଞ୍ଚଳ

କୋରାପୁଟ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଜିଲାର ସେମିଳିଗୁଡ଼ାରୁ ୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ସେମିଳିଗୁଡାର ନେହେରୁ ନଗର ଅଞ୍ଚଳର ଏକ ଦମ୍ପତି କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଉଭୟେ ମହାରାଷ୍ଟ୍ର ଫେରନ୍ତା। ସେମିଳିଗୁଡ଼ା ଫେରିବା ପରେ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀଙ୍କ ଅନୁମତିକ୍ରମେ ଜୁନ୍ ୨ରୁ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ୩ରେ ସେମାନଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ଉଭୟଙ୍କୁ ଜୟପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ନେହେରୁ ନଗର ଏବଂ ଚର୍ଚ୍ଚ ଅଞ୍ଚଳର ୧୦୦ ମିଟର ପରିଧିକୁ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଥିବା କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳର ସମସ୍ତ ରାସ୍ତାକୁ ସିଲ୍ କରାଯାଇଛି। ସେମିଳିଗୁଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି। ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲାରେ ମୋଟ ୪୪୨୬ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଏଥିରୁ ୪୧୩୩ ଜଣଙ୍କ ରିପୋର୍ଟ ଆସିଛି। ଏମାନଙ୍କ ଭିତରୁ ୧୬ ଜଣଙ୍କ ରିପୋର୍ଟ ପିଜିଟିଭ ଥିବା ବେଳେ ବାକି ସବୁ ରିପୋର୍ଟ ନେଗେଟିଭ ରହିଛି । କରୋନା ସଂକ୍ରମିତ ୧୬ ଜଣଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟମାନେ ଜୟପୁର ଜିଲା କୋଭିଡ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି ।

# ଆର୍‌ଟିଆଇରେ ଥାନାରୁ ମିଳୁନି ତଥ୍ୟ

ଜୟପୁର ,୭।୬(ଡି.ଏନ.ଏ )

ଜୟପୁର ଟାଉନ ଥାନାରେ ସୂଚନା ଅଧିକାର ଆଇନ (ଆରଟିଆଇ)ରେ ତଥ୍ୟ ମାଗିଲେ ଜାଣିଶୁଣି ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଟ୍ୱିଟର ମାଧ୍ୟମରେ ରବିବାର ରାଜ୍ୟ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏଆଇସିସି ସଦସ୍ୟ ରବିନ୍ଦ୍ର ମହାପାତ୍ର । ଗତ ମେ ୧୯ରେ ଏକ କୋଭିଡ-୧୯ ସମ୍ପର୍କିତ ଏକ ବିଷୟ ନେଇ ସୋସିଆଲ ମିଡିଆରେ ପ୍ରଚାର ଯୋଗୁ ମହାପାତ୍ରଙ୍କୁ ପୋଲିସ ଗିରଫ କରିଥିଲା। ଥାନାରେ ତାଙ୍କୁ ପୋଲିସ ରଖିଥିବା ବେଳେ କେତେକ ଭାଜପା ଏବଂ କଂଗ୍ରେସ ସଦସ୍ୟ ଥାନା ଭିତରେ ପଶି ମହାପାତ୍ରଙ୍କୁ ଧମକଚମକ ଦେଇଥିଲେ। ଏ ସମ୍ପର୍କରେ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ଏହାର ଥାନାରେ ଲାଗିଥିବା ସିସିଟିଭି ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ଉଲ୍ଲେଖ କରିଥିଲେ। ପରେ ସେ ସୂଚନା ଅଧିକାର ଆଇନରେ ଭିଡିଓ ଫୁଟେଜର ତଥ୍ୟ ମାଗିଥିଲେ। ତେବେ ଥାନା ସିସି କ୍ୟାମେରା ରେକର୍ଡିଂ ହେଉଥିବା ହାର୍ଡ ଡିସ୍କ ଉକ୍ତ ଦିନ ବୈଷୟିକ ସମସ୍ୟା ଦେଖାଦେବାରୁ ଏହି ଦିନର ଦୃଶ୍ୟ ଦେବା ସମ୍ଭବପର ନୁହେଁ ବୋଲି ଉତ୍ତରରେ ଥାନା ଅଧିକାରୀ ବାଲେଶ୍ୱର ଗିଧି ତାଙ୍କୁ ଜଣାଇଛନ୍ତି। ହାର୍ଡ ଡିସ୍କ ଏବଂ କ୍ୟାମେରା ଫରେନସିକ୍ ପରୀକ୍ଷା କରି ତଦନ୍ତ କରିବାକୁ ମହାପାତ୍ର ଦାବି କରିଛନ୍ତି । ଏସମ୍ପର୍କରେ ଗିଧିଙ୍କୁ ପଚାରିବାରୁ ହାର୍ଡଡିସ୍କ ଖରାପ ହୋଇଥିବା ଯୋଗୁ ଆବେଦନକାରୀଙ୍କୁ ଉକ୍ତ ଦିନର ତଥ୍ୟ ପ୍ରଦାନ କରିବା ସମ୍ଭବ ହୋଇନାହିଁ ବୋଲି କହିଛନ୍ତି।

# ଜୀବିକା ଯୋଗାଉଛି ସରଗୀ ଫୁଲ

ଡାବୁଗାଁ,୭।୬(ଡି.ଏନ୍.ଏ.)


ମହିଳାମାନେ ସରଗୀଫୁଲ ସଂଗ୍ରହ କରୁଛନ୍ତି।

ନବରଙ୍ଗପୁର ଜିଲାର ବିଭିନ୍ନ ଜଙ୍ଗଲରେ ଭରି ରହିଛି ବିଭିନ୍ନ କିସମର ଗଛ । ସେଥିମଧ୍ୟରୁ ଶାଳଗଛ ଅନ୍ୟତମ । ଏହି ଗଛରେ ଖରାଦିନେ ଫୁଲ ଧରେ। ଉକ୍ତ ଫୁଲକୁ ଆଦିବାସୀଙ୍କ ଭାଷାରେ ସରଗୀଫୁଲ କୁହନ୍ତି । ଏହି ଫୁଲଗୁଡ଼ିକ ଶୁଖିଲା ପରେ ଝଡ଼ି ତଳକୁ ପଡ଼େ। ଏହାକୁ ଗୋଟାଇବା ପାଇଁ ସକାଳୁ ଆଦିବାସୀ ମହିଳା ଓ ଯୁବତୀମାନେ ପ୍ରତିଦିନ ଯାଇଥାନ୍ତି । ଏହି ଫୁଲଗୁଡ଼ିକ ଆଣିଲା ପରେ ନିଆଁରେ ପୋଡ଼ିଥାନ୍ତି। ନିଆଁରେ ଫୁଲର ପତ୍ର ସବୁ ପୋଡ଼ିଗଲା ପରେ ସରଗୀଫୁଲର ଫଳକୁ ଖରାରେ ୩/୪ ଦିନ ପର୍ଯ୍ୟନ୍ତ ଶୁଖାଇଥାନ୍ତି । ପରେ ଏହି ଫଳକୁ ଦୋକାନ ବଜାରରେ କିଲୋ ପ୍ରତି ୧୨ ରୁ ୧୫ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଥାନ୍ତି । ଖରାଦିନେ ଆଦିବାସୀ ମହିଳା ଓ ଯୁବତୀଙ୍କ ପାଇଁ ଏହି ଫୁଲ ଏକ ରୋଜଗାରର ମାଧ୍ୟମ । ଲକ୍‌ଡାଉନ୍ ପ୍ରଭାବରେ ଆର୍ଥିକ ପରିସ୍ଥିତି ପ୍ରାୟତଃ ଖରାପ ଥିବା ସମୟରେ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳର ଆଦିବାସୀ ମହିଳାଙ୍କୁ ଜୀବିକା ଯୋଗାଉଛି ଏହି ସରଗୀ ଫୁଲ । ନବରଙ୍ଗପୁର ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଆଦିବାସୀଙ୍କ ପାଇଁ ପ୍ରକୃତିର ବରଦାନ ଏହି ଫୁଲ। କିନ୍ତୁ ବେଳେ ବେଳେ ସରଗୀଫୁଲ ପାଇଁ ଆଦିବାସୀମାନେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି । ସଚେତନତାର ଅଭାବ ଯୋଗୁ ଏଭଳି ଘଟଣା ଦେଖାଯାଇଥାଏ। ଆଦିବାସୀମାନଙ୍କ ପାଇଁ ସରଗୀଫୁଲ ପ୍ରକୃତିର ବରଦାନ ସଦୃଶ ହୋଇଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁନ୍ ୮/୨୦୨୦ Monday, June 8/2020

## ଗାଙ୍ଗୁଲି ଆଇସିସି ଚେୟାରମ୍ୟାନ ହେବା ଚାହାନ୍ତି କନେରିଆ

**ନୂଆଦିଲ୍ଲୀ,୭।୬:** ଭାରତୀୟ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ନୂଆ ଅଧକ୍ଷ ହେବା ଚାହାନ୍ତି ପାକିସ୍ତାନର ହିନ୍ଦୁ କ୍ରିକେଟର ତଥା ପୂର୍ବତନ ସ୍ପିନର ଡାନିସ୍ କନେରିଆ। ଏହି ହାଇପ୍ରୋଫାଇଲ ପଦ ପାଇଁ ଗାଙ୍ଗୁଲି ହିଁ ଉପଯୁକ୍ତ ବ୍ୟକ୍ତି। ଯଦି ସେ ଏହି ପଦକୁ ନିର୍ବାଚତ ହୁଅନ୍ତି ତା'ହେଲେ ମୋତେ ନ୍ୟାୟ ମିଳିବ। ମୋ ଉପରେ ଲାଗୁ କରାଯାଇଥିବା ବାସନ୍ଦାଦେଶ ବିରୋଧରେ ଅପିଲ କରିବି ଓ ଗାଙ୍ଗୁଲି ଏ ନେଇ ମୋତେ ନ୍ୟାୟ ଦେବାରେ ସଫଳ ହେବେ ବୋଲି କନେରିଆ କହିଛନ୍ତି। ଗାଙ୍ଗୁଲି ହେଉଛନ୍ତି ଜଣେ ଉଚ୍ଚକୋଟୀର କ୍ରିକେଟର। ତାଙ୍କର କ୍ରିକେଟିଂ ସେନ୍ସ ରହିଛି। କ୍ରିକେଟକୁ ଭଲଭାବେ ବୁଝିବାରେ ସେ ବେଶ୍ ସିଦ୍ଧହସ୍ତ। ଆଇସିସି ଅଧକ୍ଷ ପାଇଁ ସେ ସବୁଠାରୁ ଯୋଗ୍ୟ ବ୍ୟକ୍ତି। ଏହି ପଦ ପାଇଁ ତାଙ୍କଠାରୁ ଆଉ କୌଣସି ବ୍ୟକ୍ତି ଏବେ ଅଧିକ ଯୋଗ୍ୟ ନୁହନ୍ତି ବୋଲି ସେ କହିଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ଏକ ନୂଆ



ଯୁଗରେ ପ୍ରବେଶ କରିଥିଲା। ସେ ଜଣେ ଉଚ୍ଚକୋଟୀର ଅଧିନାୟକ। ତାଙ୍କଠାରୁ ପ୍ରେରଣା ପାଇ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି ନେତୃତ୍ୱ ନେଇ ଭାରତୀୟ କ୍ରିକେଟକୁ ଆଗକୁ ବଢାଇବାରେ ସକ୍ଷମ ହୋଇଛନ୍ତି। ସେ ମଧ ସଫଳତା ସହ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧକ୍ଷ ଦାୟିତ୍ୱ ତୁଲାଉଛନ୍ତି। ତେଣୁ ସେ ଆଇସିସିର ମଧ ନେତୃତ୍ୱ ନେବାରେ ସଫଳ ହେବେ। ଆଇସିସି ଅଧକ୍ଷ ପଦ ନିର୍ବାଚନରେ ସେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସହାୟତା ବିନା ନିର୍ବାଚିତ ହୋଇପାରିବେ ବୋଲି କନେରିଆ କହିଛନ୍ତି। ଉଲ୍ଲେଖଥାଉ କି, କନେରିଆ ଇଂଲିଶ କାଉଣ୍ଟି ଦଳ ଏସେକ୍ସ ପାଇଁ ଖେଳୁଥିବା ବେଳେ ସ୍ପଟ୍ ଫିକ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବାସନ୍ଦ ହୋଇଥିଲେ। ପ୍ରଥମେ ସେ ଏହାକୁ ମନା କରୁଥିଲେ ମଧ ପରେ ୨୦୧୮ରେ ନିଜ ଦୋଷ ସ୍ୱୀକାର କରିଥିଲେ। ଗାଙ୍ଗଲି ବିସିସିଆଇ ଅଧକ୍ଷ ହେବା ପୂର୍ବରୁ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ନେତୃତ୍ୱ ନେଇ ସଫଳତାର ସହ ଦାୟିତ୍ୱ ସମ୍ପାଦନା କରିଥିଲେ।

# ଫିଦରୱେଟ ବେଲ୍ଟ ବଜାୟ ରଖିଲେ ନନ୍ସ



ଲଢ଼େଇ ଅବସରରେ ଫେଲିସିଆ ସ୍ପେନ୍ସରଙ୍କୁ ପଞ୍ଚ୍ ମାରୁଛନ୍ତି ଆମଣ୍ଡା ନନ୍ସ (ବାମ)।

**ଲାସ ଭେଗାସ, ୭।୬**

ବ୍ରାଜିଲର ମହିଳା ମିକ୍ସଡ ମାର୍ଶାଲ ଆର୍ଟ୍ସ ଫାଇଟର ଆମଣ୍ଡା ନନ୍ସ ପ୍ରଥମ ୟୁଏଫସି (ଅଲ୍ଟିମେଟ ଫାଇଟିଂ ଚାମ୍ପିୟନଶିପ୍) ଫାଇଟର ଭାବେ ଫିଦରୱେଟ ଚାମ୍ପିୟନଶିପ୍ ବେଲ୍ଟ ବଜାୟ ରଖିଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ୟୁଏଫସି ୨୫୦ ଲଢ଼େଇରେ ପ୍ରତିଦ୍ୱନ୍ଦ୍ୱୀ କାନାଡ଼ାର ଫେଲିସିଆ ସ୍ପେନ୍ସରଙ୍କୁ ହରାଇ ସେ ନିର୍ବିବାଦରେ ଟାଇଟଲ ହାସଲ କରିଛନ୍ତି। ସେହିପରି ପୂର୍ବତନ ବାଣ୍ଟମୱେଟ ଚାମ୍ପିୟନ କୋଡି ଗାର୍‌ବ୍ରାଣ୍ଡ ଦ୍ୱିତୀୟ ରାଉଣ୍ଡ ବେଲ୍ ବାଜିବା ପୂର୍ବରୁ ପ୍ରତିପକ୍ଷ ରାଫାଲ ଆସୁନକାଓଙ୍କୁ ନକ୍ଆଉଟ କରିଛନ୍ତି। ଲାସ ଭେଗାସର ୟୁଏଫସି କର୍ପୋରେଟ କ୍ୟାମ୍ପସରେ ଥିବା ଦର୍ଶକ ବିହୀନ ଜିମ୍‌ରେ ଏହି ଦୁଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା।

କରୋନା ଭାଇରସ ସଂକ୍ରମଣଜନିତ ପ୍ରଭାବ ଯୋଗୁ ୟୁଏଫସି ଆପେକ୍ସ ଜିମ୍‌ରେ ପ୍ରତିଯୋଗିତା ଆରମ୍ଭ ପରେ ୟୁଏଫସି ୨୫୦ ହେଉଛି ଦ୍ୱିତୀୟ ଇଭେଣ୍ଟ। ମିକ୍ସଡ ମାର୍ଶାଲ ଆର୍ଟ୍ସ ଇତିହାସରେ ଜଣେ ସର୍ବଶ୍ରେଷ୍ଠ ମହିଳା ଫାଇଟରଭାବେ ପରିଚିତ ହେଉଥିବା ନନ୍ସ ବାଣ୍ଟମୱେଟ ଏବଂ ଫିଦରୱେଟ ଡିଭିଜନରେ ୟୁଏଫସି ଚାମ୍ପିୟନ ଅଛନ୍ତି। ଗତ ଡିସେମ୍ବରରେ ଅନୁଷ୍ଠିତ ବାଣ୍ଟମୱେଟ ଫାଇଟରେ ନେଦରଲାଣ୍ଡ୍‌ସର ଜର୍ମେନ ଡି ରାନ୍ଦାମିଙ୍କୁ ସହଜରେ ହରାଇଥିବା ନନ୍ସ ଏଠାରେ ସ୍ପେନ୍ସରଙ୍କ ନିକଟରୁ କିଛିଟା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ତେବେ ବାରମ୍ବାର ଆଘାତ କରି ସେ ସ୍ପେନ୍ସରଙ୍କ ମୁହଁକୁ ରକ୍ତାକ୍ତ କରି ଦେବାପରେ ବିଜୟୀ ଘୋଷିତ ହୋଇଥିଲେ। ନନ୍ସ ୨୦୧୮ ଡିସେମ୍ବରରେ ସାଇବର୍ଗ ନାମରେ ପରିଚିତ ଆମେରିକା/ବ୍ରାଜିଲିଆନ ଫାଇଟର କ୍ରିସ ଜଷ୍ଟିନୋଙ୍କୁ ହରାଇ ପ୍ରଥମଥରପାଇଁ ଫିଦରୱେଟ ବେଲ୍ଟ ହାସଲ କରିଥିଲେ। ଏବେ ସେ ତାହାକୁ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ସେହିପରି ୨୦୧୬ରୁ ଏପର୍ଯ୍ୟନ୍ତ ସେ ୫ ଥର ବାଣ୍ଟମୱେଟ ବେଲ୍ଟ ବଜାୟ ରଖିଛନ୍ତି।

ସେହିପରି ଆମେରିକାର

**ୟୁଏଫ୍‌ସି ୨୫୦**

ପ୍ରଫେଶନାଲ ମିକ୍ସଡ ମାର୍ଶାଲ ଆର୍ଟ ଫାଇଟର ଗାର୍‌ବ୍ରାଣ୍ଡ କ୍ରମାଗତ ୩ଟି ଫାଇଟ୍ ହାରିବା ପରେ ଏଥର ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲେ। ଏଠାରେ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରି ସେ ବ୍ରାଜିଲର ଆସୁନକାଓଙ୍କୁ ଦ୍ୱିତୀୟ ରାଉଣ୍ଡ ଶେଷରେ ଧରାଶାୟୀ କରିଥିଲେ। ଏକ ରାଇଟ୍ କ୍ରସ ମାଧ୍ୟମରେ ମୁହଁକୁ ପରଫେକ୍ଟ ଶୁଟ୍ କରି ସେ ଲଢ଼େଇର ଅନ୍ତ ଘଟାଇଥିଲେ। ୨୦୧୬ ଡିସେମ୍ବର ପରେ ଗାର୍‌ବ୍ରାଣ୍ଡଙ୍କର ଏହାଥିଲା ପ୍ରଥମ ବିଜୟ। ସେତେବେଳେ ସେ ୧୩୫-ପାଉଣ୍ଡ ଟାଇଟଲ ଲଢ଼େଇରେ ଆମେରିକାର ଡୋମିନିକ୍ କ୍ରୁଜ୍‌ଙ୍କୁ ପରାସ୍ତ କରିଥିଲେ।

## ତୃତୀୟଥର ମ୍ୟାକ୍ ଗ୍ରେଗରଙ୍କ ଅବସର ଘୋଷଣା




**ଡବଲିନ୍,୭।୬:** ଆୟର୍ଲାଣ୍ଡର ମିକ୍ସଡ୍ ମାର୍ଶାଲ ଆର୍ଟ୍ସ (ଏମ୍ଏମ୍ଏ) ଖେଳାଳି କନୋର ମ୍ୟାକ୍ ଗ୍ରେଗର ପୁଣି ଥରେ ଅବସର ଘୋଷଣା କରିଛନ୍ତି। ଗତ ୪ ବର୍ଷ ମଧ୍ୟରେ ସେ ତୃତୀୟଥର ପାଇଁ ଅବସର ଘୋଷଣା କରିଛନ୍ତି। ସେ ଏନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି। ମା'ଙ୍କ ସହିତ ଏକ ପୁରୁଣା ଫଟୋ ଟୁଇଟ୍ କରି ଫାଇଟିଂରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ଏମ୍ଏମ୍ଏରେ ସେ ସବୁଠାରୁ ଲୋକପ୍ରିୟ ଖେଳାଳି ବିବେଚିତ ହୋଇଛନ୍ତି। ସେ ୟୁଏଫ୍‌ସିର ଭିନ୍ନ ଭିନ୍ନ ବର୍ଗରେ (ଲାଇଟ୍ ଓ ଫିଦରୱେଟ)ରେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଗତବର୍ଷ ମାର୍ଚ୍ଚରେ ସେ ଅବସର ଘୋଷଣା କରିଥିଲେ। ତେବେ ସେ ଗତ ଜାନୁୟାରୀରେ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରି ସମସ୍ତଙ୍କୁ ଚକିତ କରିଥିଲେ ଓ ଲସ୍ ଭେଗାସ୍‌ରେ ସେ ଆମେରିକୀୟ ଫାଇଟର ଡୋନାଲ୍ଡ ସେରୋନଙ୍କୁ ମାତ୍ର ୪୦ ସେକେଣ୍ଡରେ ନକ୍ଆଉଟ୍ କରିଥିଲେ।

୨୦୧୬ରେ ସେ ପ୍ରଥମଥର ପାଇଁ

**ମିକ୍ସଡ ମାର୍ଶାଲ ଆର୍ଟ୍ସ**

ଅବସର ଘୋଷଣା କରି ସବୁ ପ୍ରଶଂସକଙ୍କୁ ଚକିତ କରିଥିଲେ। ଅବସରରୁ କେବଳ ମ୍ୟାକ୍‌ଗ୍ରେଗର ପ୍ରତ୍ୟାବର୍ତ୍ତନ କରିନାହାନ୍ତି। ପୂର୍ବରୁ ମହମ୍ମଦ ଅଲି, ଫ୍ଲଏଡ ମେୱେଦର, ଟିଟୋ ଓରଟିଜ୍ ଓ ଚକ୍ ଲିଡେଲଙ୍କ ଭଳି ତାରକା ବକ୍ସର ଓ ଏମ୍ଏମ୍ଏ ଚାମ୍ପିୟନ ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ସାମିଙ୍କ ବର୍ଣ୍ଣବୈଷମ୍ୟ ଆକ୍ଷେପ ଅଭିଯୋଗ

**କିଙ୍ଗଷ୍ଟନ,୭।୬(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ ବର୍ଣ୍ଣବୈଷମ୍ୟ ଆକ୍ଷେପ ଭଳି କଳଙ୍କ ରହିଛି। ଏକଥା ବିଶ୍ୱାସ ନ ହେଲେ ବି ସତ ବୋଲି ୱେଷ୍ଟଇଣ୍ଡିଜ ପୂର୍ବତନ ଅଧିନାୟକ ଡାରେନ୍ ସାମିଙ୍କ ଅଭିଯୋଗରୁ ସ୍ପଷ୍ଟ ହୋଇଛି। ଆଇପିଏଲ୍ ଖେଳିବା ବେଳେ ବର୍ଣ୍ଣବୈଷମ୍ୟ ଆକ୍ଷେପର ଶିକାର ହୋଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସନ୍ ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଆଇପିଏଲ୍ ଖେଳିବା ବେଳେ ଏହାର ଶିକାର ହୋଇଛି ବୋଲି ସେ କହିଛନ୍ତି।

କିଛିଦିନ ତଳେ ଆମେରିକାରେ ୪୬ ବର୍ଷୀୟ ଜର୍ଜ ଫ୍ଲଏଡ୍ ନାମକ ଜଣେ କୃଷ୍ଣକାୟ ବ୍ୟକ୍ତିଙ୍କୁ ଜଣେ ଗୋରା ପୋଲିସ ନିର୍ମମ ଭାବେ ହତ୍ୟା କରିଥିଲେ। ଏହାପରେ ଅମେରିକା ତଥା ସାରା ବିଶ୍ୱରେ ବର୍ଣ୍ଣବୈଷମ୍ୟ ନେଇ ପ୍ରତିବାଦ, ବିକ୍ଷୋଭ ତଥା ଆନ୍ଦୋଳନ ଦେଖାଦେଇଥିଲା। 'ବ୍ଲାକ ଲାଇଭ୍ସ ମ୍ୟାଟର' ନାମକ ଏକ ଅଭିଯାନ




**ଆଇପିଏଲ୍**

ଆରମ୍ଭ ହୋଇଥିଲା। ଏହି ଅଭିଯାନ ସମର୍ଥନ କରିସାମିବର୍ଣ୍ଣବୈଷମ୍ୟ ଆକ୍ଷେପ କଥା କହିଛନ୍ତି। ଆଇପିଏଲ୍ ଖେଳିବା ବେଳେ ସେମାନେ ମୋତେ ଓ ଶ୍ରୀଲଙ୍କାର ଥିସାରା ପେରେରାଙ୍କୁ 'କାଲୁ' ବୋଲି ସମ୍ବୋଧନ କରୁଥିଲେ। ଏହାର ଅର୍ଥ ଦୃଢ଼ ବା ଶକ୍ତିମାନ ଘୋଡ଼ା ବୋଲି ଭାବିଥିଲି। କିନ୍ତୁ ଯେତେବେଳେ ଏହି ଶବ୍ଦର ଅର୍ଥ ଜାଣିବାକୁ ପାଇଥିଲି ସେତେବେଳେ ରାଗିଯାଇଥିଲି ବୋଲି ସାମି କହିଛନ୍ତି। ଏ ନେଇ ଏକ ସ୍କ୍ରିନ୍ ଶଟ୍ ଭାଇରାଲ ହୋଇଛି ଓ ଏହା ସାମିଙ୍କ ମୋବାଇଲର ବୋଲି କୁହାଯାଉଛି।

ଏହାପୂର୍ବରୁ କ୍ରିସ୍ ଗେଲ, ଆନ୍ଦ୍ରେ ରସେଲଙ୍କ ଭଳି ଖେଳାଳି ମଧ ବର୍ଣ୍ଣବୈଷମ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତେବେ କେବେ ସେ ଏଭଳି ସ୍ଥିତିର ସମ୍ମୁଖୀନ ହୋଇଥିଲେ ସେ ନେଇ ସାମି କିଛି କହିନାହାନ୍ତି। ବର୍ଣ୍ଣବୈଷମ୍ୟ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)କୁ ନିବେଦନ କରିଛନ୍ତି। ଆଇସିସି ସମେତ ଅନ୍ୟ ଦେଶର ବୋର୍ଡଗୁଡିକ ସାମାଜିକ ନ୍ୟାୟ ପ୍ରଦାନ ନେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟପନ୍ଥା ଗ୍ରହଣ କିରବାର ଆବଶ୍ୟକତା ରହିଛି ବୋଲି ସାମି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ୱେଷ୍ଟଇଣ୍ଡିଜ ତରଫରୁ ସାମି ୩୮ ଟେଷ୍ଟ, ୧୨୬ ଦିନିକିଆ ଓ ୬୮ ଟି୨୦ ମ୍ୟାଚ୍ ଖେଳିଛନ୍ତି।

## ଟ୍ରେନିଂ ଆରମ୍ଭ କଲେ ଆଫଗାନ୍ କ୍ରିକେଟର

**କାବୁଲ,୭।୬(ପି.ଟି.):** ଆଫ୍‌ଗାନିସ୍ତାନର କେତେଜଣ ତାରକା କ୍ରିକେଟର ଟ୍ରେନିଂ ତଥା ଅଭ୍ୟାସ ଆରମ୍ଭ କରିଛନ୍ତି। ସ୍ଥାନୀୟ କାବୁଲ କ୍ରିକେଟ ଷ୍ଟାଡିୟମରେ ରସିଦ ଖାନ୍, ମହମ୍ମଦ ନବିଙ୍କ ସମେତ ଆଉ କେତେଜଣ କ୍ରିକେଟର ଅଭ୍ୟାସ କରିଛନ୍ତି ବୋଲି ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ସୂଚନା ଦେଇଛି। ଖେଳାଳିମାନେ ଏକମାସ ଧରି ଏହି ଟ୍ରେନିଂ କ୍ୟାମ୍ପରେ ଅଭ୍ୟାସ କରିବେ। ଏହି କ୍ୟାମ୍ପ୍‌ରେ ବ୍ୟାଟିଂ, ବୋଲିଂ ଓ ଦଳର ମୋଟାମୋଟି ପ୍ରଦର୍ଶନ ଉପରେ ଫୋକସ୍ କରାଯିବ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି), ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଓ ଆଫଗାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଓ ସହଯୋଗରେ ଏହି ଟ୍ରେନିଂ କ୍ୟାମ୍ପ ଆୟୋଜନ ହୋଇଛି।

ଶନିବାର ଏସିବି ମୁଖ୍ୟାଳୟରେ କୋଭିଡ-୧୯ ଖେଳାଳିମାନଙ୍କ ସଚେତନତା ନେଇ ଏକ ବୈଠକ ବସିଥିଲା। କ୍ୟାମ୍ପ ଚାଲୁଥିବା ବେଳେ କିପରି ଖେଳାଳିମାନେ କୋଭିଡ-୧୯ ସଂକ୍ରମଣଠାରୁ ଦୂରେଇ ରହିବେ ସେ ନେଇ ସତର୍କ କରାଇଦିଆଯାଇଥିଲା। ଆଗକୁ ଆୟୋଜନ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ



ଆଫଗାନିସ୍ତାନ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ନଭେମ୍ବର ୨୧ ତାରିଖରେ ପର୍ଥରେ ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷରେ ଆଫଗାନିସ୍ତାନ ଏକମାତ୍ର ଟେଷ୍ଟ ମଧ ଖେଳିବାର କାର୍ଯ୍ୟକ୍ରମ ରହିଛି। ଅଭ୍ୟାସ ଶିବିରରେ ସାମିଲଥିବା ଅନ୍ୟ ତାରକା କ୍ରିକେଟରମାନେ ହେଲେ ଅଧିନାୟକ ଅସଗର ଆଫଗାନ, ନାଜିବୁଲ୍ଲା ଜଦ୍ରାନ, ଗୁଲବଦିନ ନାଇବ, ଶପୁର ଜଦ୍ରାନ, ସମ୍ପିଲଲ୍ଲା ସେନୱାରୀ, ମହମ୍ମଦ ସାହଜାଦ।

# 'କୋହଲିଙ୍କ ସହ ଖେଳିଥିବାରୁ ମୁଁ ଭାଗ୍ୟବାନ'

**ମୁମ୍ବାଇ,୭।୬(ପି.ଟି.)**

ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ। କୋହଲିଙ୍କ ସହିତ ଖେଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି ବୋଲି ସେ କହିଛନ୍ତି। ଜଣେ ଯୁବରୁ ପରିପକ୍ୱ କ୍ରିକେଟର ହୋଇଥିବା କୋହଲିଙ୍କୁ ଆରମ୍ଭରୁ ଅତି ନିକଟରୁ ଲକ୍ଷ୍ୟ କରିଆସିଛି ବୋଲି ସେ କୁହନ୍ତି।



କୋହଲି ଓ ୱିଲିୟମସନ ମାଲେସିଆରେ ଅନୁଷ୍ଠିତ ୨୦୦୮ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ୧୯ ବର୍ଷରୁ କମ୍‌ରେ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ଏହାପରେ ଏହି ଦୁଇ କ୍ରିକେଟର ବିଶ୍ୱର ମହାନ୍ ବ୍ୟାଟ୍ସମ୍ୟାନରେ ପରିଣତ ହୋଇଛନ୍ତି। ପରସ୍ପର ବିପକ୍ଷରେ ଖେଳୁଥିବାରୁ ଆମେ ନିଜକୁ ଭାଗ୍ୟବାନ ମନେ କରୁଛୁ। କୋହଲି ଇତିମଧ୍ୟରେ ବହୁତ ଉନ୍ନତି କରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବୋଲି ଷ୍ଟାର ସ୍ପୋର୍ଟ୍ସ ଶୋ 'କ୍ରିକେଟ କନେକ୍ଟେଡ'ରେ ଅଂଶଗ୍ରହଣ କରି ସେ କହିଛନ୍ତି। ୨୦୦୮ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଥିଲେ। ରବୀନ୍ଦ୍ର ଜାଡେଜା, ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦିଙ୍କ ଭଳି ଖେଳାଳି ମଧ ଏହି ମ୍ୟାଚ୍ ଖେଳିଥିଲେ।

ୱିଲିୟମସନଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ୨୦୧୯ ଆଇସିସି ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। କ୍ରିକେଟ ସମ୍ପର୍କରେ କୋହଲିଙ୍କ ସହିତ ମୋର ଏକାଧିକବାର ଆଲୋଚନା ହୋଇଛି। ଦୀର୍ଘଦିନ ଧରି ଆମେ ପରସ୍ପର ବିପକ୍ଷରେ ଖେଳି ଆସିଛୁ। ତାଙ୍କ ସହିତ ଖେଳି ବହୁତ କିଛି ଜାଣିବାକୁ ସକ୍ଷମ ହୋଇଛି ଓ ଏଥିପାଇଁ ନିଜକୁ ଭାଗ୍ୟବାନ ମନେ କରୁଛି।

## ଭାଇରସ୍ କର୍ଫ୍ୟୁ ଉଲ୍ଲଂଘନ: ଖେଳାଳିଙ୍କୁ ୬ମାସ ସସ୍‌ପେଣ୍ଡ

**ବେଜିଂ, ୭।୬ (ଏପି.):** କରୋନାଭାଇରସ୍ କର୍ଫ୍ୟୁ ନିୟମ ଉଲ୍ଲଂଘନ ଅଭିଯୋଗରେ ଚାଇନିଜ୍ ଫୁଟ୍‌ବଲ ଆସୋସିଏଶନ (ସିଏଫ୍ଏ) ୧୯ବର୍ଷରୁ କମ୍ ଜାତୀୟ ଦଳର ୬ ଖେଳାଳିଙ୍କୁ ୬ ମାସ ପାଇଁ ସସ୍‌ପେଣ୍ଡ କରିଛି। ଖେଳାଳିମାନେ ମଧ୍ୟରାତ୍ରରେ ମଦ୍ୟପାନ କରିବା ଲାଗି ଟ୍ରେନିଂ କ୍ୟାମ୍ପ ଛାଡ଼ି ଚାଲିଯାଇଥିଲେ। ସାଂଘାଇଠାରେ ୩୫ ଖେଳାଳିଙ୍କୁ ନେଇ ଏହି ଟ୍ରେନିଂ କ୍ୟାମ୍ପ ମେ ୧୭ରେ ଆରମ୍ଭ ହୋଇ ଶନିବାର ଶେଷ ହୋଇଛି। ମହାମାରୀ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ ସମଗ୍ର ଟିମ୍ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ସିଏଫ୍ଏ ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସିକୁ କହିଛି। ଏହି ୬ଜଣ ଖେଳାଳି ନଭେମ୍ବର ୩୦ ପର୍ଯ୍ୟନ୍ତ କୌଣସି ମ୍ୟାଚ ଖେଳି ପାରିବେ ନାହିଁ। ସେମାନେ ଆହୁରି ମଧ ସେମାନଙ୍କ କ୍ଲବ ତରଫରୁ ଦଣ୍ଡିତ ହୋଇପାରନ୍ତି। ବାସନ୍ଦ ଦଣ୍ଡ ବିରୋଧରେ ଏହି ଖେଳାଳିମାନେ ଅପିଲ କରିପାରିବେ କି ନା ତାହା ଜଣାନାହିଁ।

# ମୁମ୍ବାଇ ବିମାନବନ୍ଦରରେ ୭୪ ଦିନ ରହିଲେ ଘାନା ଫୁଟବଲର

**ମୁମ୍ବାଇ, ୭।୬**

ଘାନାର ଜାତୀୟ ଫୁଟବଲ ଖେଳାଳି ର୍‍ୟାଣ୍ଡି ଜୁଆନ ମୁଲେର ଲକ୍‌ଡାଉନ୍ କାରଣରୁ ୭୪ ଦିନ ମୁମ୍ବାଇ ବିମାନବନ୍ଦରରେ ଫସି ରହିଥିବା ଘଟଣା ପଦାକୁ ଆସିଛି। ତାଙ୍କୁ ଏବେ ଏକ ହୋଟେଲକୁ ନିଆଯାଇଛି। କେରଳର ଏକ କ୍ଲବରୁ ଖେଳୁଥିବା ମୁଲେର କେନିୟା ଏୟାରୱେଜ୍ ଫ୍ଲାଇଟ୍‌ରେ ଘରକୁ ଯିବାପାଇଁ ମୁମ୍ବାଇ ବିମାନବନ୍ଦରରେ ପହଞ୍ଚିଥିଲେ। ମାତ୍ର ବିମାନ ଆସିବା ପୂର୍ବରୁ କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ଘୋଷଣା ହୋଇଥିଲା। ଫଳରେ ବିମାନ ବାତିଲ ହୋଇଥିଲା। ସେହି ଦିନଠାରୁ ମୁମ୍ବାଇ ବିମାନବନ୍ଦର ଏହି ୨୩ ବର୍ଷୀୟ ଘାନା ଜାତୀୟ ଫୁଟବଲ ଖେଳାଳିଙ୍କର ଘର



ହୋଇଯାଇଥିଲା। ଏହି ଅବସରରେ ମୁଲେର କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥିବାରୁ ହଲିଉଡ୍ ଚଳଚ୍ଚିତ୍ର 'ଦି ଟର୍ମିନାଲ'ର ଟମ୍ ହ୍ୟାଙ୍କ୍ସଙ୍କ ଚରିତ୍ରକୁ ମନେ ପକାଇଥିଲେ। ଶେଷରେ ଶିବସେନାର ଯୁଥ୍ ୱିଙ୍ଗ୍ ଯୁବ ସେନାର କର୍ମୀମାନେ ପହଞ୍ଚି ତାଙ୍କୁ ସାହାଯ୍ୟ କରିଥିଲେ। ମୁଲେର ଏବେ ଏକ ସ୍ଥାନୀୟ ହୋଟେଲରେ ଅବସ୍ଥାନ କରୁଛନ୍ତି ଏବଂ ବିମାନ ଚଳାଚଳ ସ୍ୱାଭାବିକ ହେବା ସ୍ଥିତିକୁ ଅପେକ୍ଷା କରିଛନ୍ତି।

୭୪ ଦିନ ରହଣି ଅବସରରେ ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ପକ୍ଷରୁ ତାଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା। ତାଙ୍କୁ ଖାଦ୍ୟ ଦିଆଯିବା ସହ ଫୋନ୍ କଲ୍ ପାଇଁ ବିମାନବନ୍ଦରର ୱାଇଫାଇ ନେଟୱର୍କ ବ୍ୟବହାର ପାଇଁ ଅନୁମତି ଦିଆ ଯାଇଥିଲା ବୋଲି ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ମୁଲେର ବିମାନବନ୍ଦରର କୃତ୍ରିମ ଉଦ୍ୟାନରେ ବୁଲିବା ସହ ବିମାନ ବନ୍ଦରର କର୍ମକର୍ତ୍ତାଙ୍କ ସହ ସମୟ ଅତିବାହିତ କରୁଥିଲେ। ରହଣି ସମୟରେ ବିମାନବନ୍ଦରର କର୍ମକର୍ତ୍ତାମାନେ ତାଙ୍କୁ ବହୁତ ସାହାଯ୍ୟ କରିଥିବା ମୁଲେର କହିଛନ୍ତି ବୋଲି ଯୁବସେନା କର୍ମକର୍ତ୍ତା ରାହୁଲ କନଲ ପ୍ରକାଶ କରିଛନ୍ତି। ଘର ପରିବାର ସହିତ କଥା ହେବାପାଇଁ ଜଣେ ସିକ୍ୟୁରିଟି ଅଫିସର ତାଙ୍କୁ ମୋବାଇଲ ଦେଉଥିଲେ। ଜଣେ ଟୁଇଟର ବ୍ୟବହାରକାରୀ ମୁଲେରଙ୍କ ସମ୍ପର୍କରେ ମହାରାଷ୍ଟ୍ର ପର୍ଯ୍ୟଟନ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଯୁବସେନାର ରାହୁଲ କନଲ ଏହି ଫୁଟବଲରଙ୍କ ନିକଟରେ ପହଞ୍ଚିଥିଲେ ଏବଂ ତାଙ୍କୁ ହୋଟେଲକୁ ଆଣିବାରେ ସାହାଯ୍ୟ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ